ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୧/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 21/2024 Page 18 ₹ 7.00

୫୦ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 59 ମୂଲ୍ୟ ₹୭/-

# ଏକସଙ୍ଗେ ନିର୍ବାଚନ ବ୍ୟୟବହୁଳ: ଇସି

## ଇଭିଏମ୍ ପାଇଁ ପ୍ରତି ୧୫ ବର୍ଷରେ ଖର୍ଚ୍ଚ ହେବ ୧୦ ହଜାର କୋଟି

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ୱାନ୍ ନେଶନ ୱାନ୍ ଇଲେକ୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ନୂଆ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) କିଣିବାକୁ ପଡ଼ିବ। ଏଥିପାଇଁ ପ୍ରତି ୧୫ ବର୍ଷରେ ୧୦,୦୦୦ କୋଟି ଟଙ୍କା ବ୍ୟୟ କରିବାକୁ ହେବ ବୋଲି ନିର୍ବାଚନ କମିଶନ (ଇସି) ଆକଳନ କରିଛି। କେନ୍ଦ୍ର ସରକାରଙ୍କୁ ଲେଖିଥିବା ପତ୍ରରେ ନିର୍ବାଚନ କମିଶନ ଉଲ୍ଲେଖ କରିଛନ୍ତି, ଇଭିଏମ୍‌ଗୁଡ଼ିକର ଜୀବନକାଳ ୧୫ ବର୍ଷ। ଯଦି ଏକସଙ୍ଗେ ନିର୍ବାଚନ ହୁଏ ତେବେ ଗୋଟିଏ ସେଟ୍ ମେଶିନ୍‌କୁ ତା'ର ଜୀବନକାଳ ମଧ୍ୟରେ ୩ ଥର ବ୍ୟବହାର କରାଯାଇପାରିବ। ଚଳିତ ବର୍ଷର ଲୋକ ସଭା ନିର୍ବାଚନ ପାଇଁ ସାରା ଦେଶରେ ମୋଟ ୧୧.୮୦ ଲକ୍ଷ ଭୋଟ କେନ୍ଦ୍ର ଆବଶ୍ୟକ ପଡୁଛି। ଏକସଙ୍ଗେ ନିର୍ବାଚନ ହେଲେ ପ୍ରତି ଭୋଟକେନ୍ଦ୍ର ପାଇଁ ଦୁଇ ସେଟ୍ ଇଭିଏମ୍




ଜରୁରୀ, ଗୋଟିଏ ଲୋକ ସଭା ଏବଂ ଅନ୍ୟଟି ବିଧାନସଭା ନିର୍ବାଚନ ପାଇଁ। ସେହିପରି ନିର୍ବାଚନ ଦିନ କୌଣସି ଭୋଟ କେନ୍ଦ୍ରରେ ଇଭିଏମ୍ କାମ ନ କଲେ ବା ଖରାପ ହେଲେ, ସେଥିପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ କଣ୍ଟ୍ରୋଲ ୟୁନିଟ୍ (ସିୟୁ), ବାଲଟ୍ ୟୁନିଟ୍ (ବିୟୁ) ଏବଂ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ମେଶିନ୍‌କୁ ଜରୁରୀ ଆବଶ୍ୟକତା ପାଇଁ ସଂରକ୍ଷିତ ରଖିବାକୁ ହେବ। ଗୋଟିଏ ଇଭିଏମ୍ ପାଇଁ ଅନ୍ୟୂନ ଗୋଟିଏ ବିୟୁ, ଗୋଟିଏ ସିୟୁ ଏବଂ ଗୋଟିଏ ଭିଭିପିଏଟି ମେଶିନ ଆବଶ୍ୟକ। ସବୁ ଦିଗକୁ ଦୃଷ୍ଟି ଦେଇ ଏକସଙ୍ଗେ ନିର୍ବାଚନ କରିବାକୁ ହେଲେ ୪୬,୭୫,୧୦୦ ବିୟୁ, ୩୩,୬୩,୩୦୦ ସିୟୁ ଏବଂ ୩୬,୬୨,୬୦୦ ଭିଭିପିଏଟି ଆବଶ୍ୟକ ବୋଲି ନିର୍ବାଚନ କମିଶନ ଗତବର୍ଷ ଫେବୃଆରୀରେ ଆଇନ ମନ୍ତ୍ରଣାଳୟକୁ ଚିଠି ଲେଖି ଜଣାଇଥିଲେ। ୨୦୨୩ ଆରମ୍ଭରେ ଇଭିଏମ୍ ପାଇଁ ଆବଶ୍ୟକ ବିୟୁ ଦାମ୍ ୭,୯୦୦ ଟଙ୍କା, ସିୟୁ ୯,୮୦୦ ଟଙ୍କା ଏବଂ ଭିଭିପିଏଟି ଦାମ୍ ୧୬,୦୦୦ ଟଙ୍କା ରହିଥିଲା।

ଏକସଙ୍ଗେ ନିର୍ବାଚନ ପାଇଁ କେବଳ ଅଧିକ ଇଭିଏମ୍ ଆବଶ୍ୟକ ପଡ଼ିବ, ତାହା ନୁହେଁ, ଅଧିକ ପୋଲିଂ କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରିବାକୁ ହେବ। ☞ପୃଷ୍ଠା–୨

# ବିନା ଚିଠାରେ ଆଣ୍ଟିବାୟୋଟିକ୍ ବିକିଲେ ଲାଇସେନ୍ସ ରଦ୍ଦ

କରୋନା ମହମାରୀ ସମୟରୁ ମନଇଚ୍ଛା ଆଣ୍ଟିବାୟୋଟିକ୍ ସେବନ ବଢ଼ିଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରୁଥିବାବେଳେ ମନ୍ତ୍ରଣାଳୟ ପକ୍ଷରୁ ଡାକ୍ତରମାନଙ୍କୁ ଆଣ୍ଟିବାୟୋଟିକ୍ ପ୍ରେସ୍କ୍ରାଇବ୍ ସମୟରେ କାରଣ ଉଲ୍ଲେଖ କରିବାକୁ ପରାମର୍ଶ ଦିଆଯାଇଛି। ଏଭଳି ସ୍ଥଳେ ବିନା ପ୍ରେସ୍କ୍ରିପ୍‌ଶନ୍ (ଚିଠା)ରେ ଆଣ୍ଟିବାୟୋଟିକ୍ ବିକ୍ରି ରୋକିବା ପାଇଁ ଥିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି। ଏପରି କି ଉଲ୍ଲଂଘନକାରୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ ପାତ୍ର ଚେତାବନୀ ଦେଇଛନ୍ତି।

**ଭୁବନେଶ୍ୱର, ୨୦।୧(ଅସମାପିକା ସାହୁ)**

ବିନା ପ୍ରେସ୍କ୍ରିପ୍‌ଶନରେ ଆଣ୍ଟିବାୟୋଟିକ ଔଷଧ ବିକ୍ରିକରି ଧରା ପଡ଼ିଲେ ମେଡିସିନ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ ହେବ। ଆଣ୍ଟିବାୟୋଟିକର ଅତ୍ୟଧିକ ବ୍ୟବହାର ରୋକିବାକୁ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ୍ ଆଣିବା ପରେ ରାଜ୍ୟ ସରକାର ଏନେଇ ତତ୍ପରତା ଦେଖାଇବା ସହ ଏଭଳି କଡ଼ା ଚେତାବନୀ ଦେଇଛନ୍ତି। କେବଳ ସେତିକି ନୁହେଁ, ଏଣିକି ଡାକ୍ତରମାନେ ଔଷଧ ଲେଖିବାବେଳେ ଆଣ୍ଟିବାୟୋଟିକ୍ ଦେଲେ, କେଉଁ କାରଣ ପାଇଁ ସେମାନେ ଆଣ୍ଟିବାୟୋଟିକ୍ ଲେଖୁଛନ୍ତି, ତାହା ପ୍ରେସ୍କ୍ରିପ୍‌ଶନରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର କହିଛନ୍ତି, ବିନା ପ୍ରେସକ୍ରିପ୍‌ଶନରେ କେହି ଆଣ୍ଟିବାୟୋଟିକ୍ ବିକ୍ରି କରିପାରିବେ ନାହିଁ।ଯଦି ବିକୁଥିବାର ଧରାପଡ଼ନ୍ତି, ସେମାନଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ ପଠାଯିବ। ସେମାନଙ୍କ ବିରୋଧରେ ଡ୍ରଗ୍ସ ଆଣ୍ଡ୍ କସମେଟିକ୍ସ(Drugs and Cosmetics) ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦରକାର ପଡ଼ିଲେ ଲାଇସେନ୍ସ ସସ୍‌ପେଣ୍ଡ ଓ ରଦ୍ଦ ବି କରାଯିବ ବୋଲି ସେ ଚେତାଇ ଦେଇଛନ୍ତି। ସେହିଭଳି ଡାକ୍ତରମାନେ ଆଣ୍ଟିବାୟୋଟିକ୍ସ ପ୍ରେସ୍କ୍ରାଇବ କରିବାର କାରଣ ☞ପୃଷ୍ଠା–୨






ଛାତ୍ରୀଛାତ୍ରଙ୍କ ସୁନ୍ଦର ଭବିଷ୍ୟତ ଗଠନରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିପାଇଁ ଉପଯୁକ୍ତ ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆମ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସବିଶେଷ ସୂଚନା ଦେବା ଲାଗି ପ୍ରୟାସ କରାଯାଉଛି।



## ଓଏଏସ୍ ହବ୍

ଓଏଏସ୍ ହବ୍ ଓଡ଼ିଶା ଏବଂ ଭାରତ ପାଇଁ ଭବିଷ୍ୟତର ସିଭିଲ୍ ସେବାରେ ନିଯୁକ୍ତି କରିବା ଲକ୍ଷ୍ୟ ସହିତ ୨୦୧୯ରେ ପ୍ରତିଷ୍ଠିତ ହୋଇଥିଲା। ୨୦୨୩ରେ ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ଦ୍ୱାରା ସିଭିଲ୍ ସର୍ଭିସ କୋଚିଂ ପାଇଁ ଏହା ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବରେ ପୁରସ୍କୃତ ହୋଇଥିଲା। ଓଏଏସ୍ ହବ୍ ବହୁ ସଂଖ୍ୟକ ସଫଳ ପ୍ରାର୍ଥୀ ସୃଷ୍ଟି କରିଛି , ଯେଉଁମାନେ ବର୍ଷ ବର୍ଷ ଧରି ଓଡ଼ିଶା ଏବଂ ଭାରତରେ ସବୁଠାରୁ କଠିନ ପରୀକ୍ଷାରେ ସଫଳତା ହାସଲ କରିପାରିଛନ୍ତି।

ଗତ ବର୍ଷ ଓଏଏସ୍ ହବ୍‌ର ୬୦ ଜଣ ଆଶାୟୀଙ୍କ ମଧ୍ୟରୁ ୩୫ରୁ ଅଧିକ ଚୟନ ହୋଇ ଶିକ୍ଷାନୁଷ୍ଠାନର ସଫଳତା ଫଳାଫଳକୁ ପ୍ରଦର୍ଶିତ କରିପାରିଛନ୍ତି। ଓଏଏସ୍ ହବ୍ ଉତ୍କୃଷ୍ଟ ସଂରଚନା ତଥା ପରୀକ୍ଷା ଭିତ୍ତିକ ପ୍ରସ୍ତୁତି ପ୍ରଦାନ କରିଥାଏ। ଏଠାରେ ୩୦ ଜଣ ଆଶାୟୀଙ୍କ ଛୋଟ ବ୍ୟାଚ୍ ଏବଂ ଏକ ମେଣ୍ଟରଶିପ୍ ଅଛି, ଯାହା ଆଶାୟୀ ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରସ୍ତୁତି କୌଶଳ ଯୋଗାଇଥାଏ। ଓଏଏସ୍ ହବ୍‌ର ସର୍ବୋତ୍ତମ କୌଶଳ ହେଉଛି ଏହା ଉତ୍ତର ଲେଖିବା ଅଭ୍ୟାସ ସହିତ ମୌଳିକ ସ୍ତରରୁ ବିକଶିତ ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ଉପଲବ୍ଧ କରିଥାଏ।

ଓଏଏସ୍ ହବ୍‌ର ହଲ୍ ମାର୍କ ହେଉଛି ପ୍ରିଲିମ, ମେନ୍ ଏବଂ ଇଣ୍ଟରଭ୍ୟୁ ଗାଇଡାନ୍ସ ସହିତ ଜେନେରାଲ ଷ୍ଟଡିଜ, ଅପ୍ସନାଲ, ପ୍ରବନ୍ଧ ଲେଖା, ପ୍ରିଲିମସ ଟେଷ୍ଟ ସିରିଜ, ମେନ୍ସ ଟେଷ୍ଟ ସିରିଜ, ଓଡ଼ିଆ, ଇଂଲିଶ ଇତ୍ୟାଦି ପାଇଁ ସମ୍ପୂର୍ଣ୍ଣ ସମାଧାନ ପ୍ରଦାନ କରିବା। ବର୍ଷ ବର୍ଷ ଧରି ଆଶାୟୀ ପ୍ରାର୍ଥୀମାନଙ୍କ ମତାମତ ଏବଂ ସର୍ବୋତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଅଭିଜ୍ଞତା ସହିତ ଓଏଏସ୍ ହବ୍ ଆଶାୟୀ ପ୍ରାର୍ଥୀମାନଙ୍କ ପ୍ରଥମ ପସନ୍ଦ ପାଲଟିଛି।

## ଏସ୍ଏଚ୍‌ପିଆଇ ଫ୍ରେମ୍‌ୱାର୍କ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସଫଳତା ମ୍ୟାପିଂ

### ଓଡିଏମ୍ ଗ୍ଲୋବାଲ ସ୍କୁଲ

ଶିକ୍ଷା କ୍ଷେତ୍ରରେ ଗ୍ରେଡ୍ ସଫଳତାର ମାନଦଣ୍ଡ ହୋଇଥାଏ। ଓଡିଏମ୍ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର ଶିକ୍ଷାକ୍ଷେତ୍ରକୁ ପୁନଃନବୀକରଣ କରିବାରେ ଏକ ପ୍ରଗତିଶୀଳ ସଂଗଠନ। ଏହା କୃତୀ ଛାତ୍ରୀଛାତ୍ର ଶ୍ରେଷ୍ଠତ୍ୱ ପ୍ରଦର୍ଶନ(ଏସ୍ଏଚ୍‌ପିଆଇ) ଢାଞ୍ଚା ସହିତ ଏକ ପରିବର୍ତ୍ତନଶୀଳ ଯୁଗର ଆରମ୍ଭ କରିଛି। ପାରମ୍ପରିକ ଗ୍ରେଡିଂ ସିଷ୍ଟମ ବାହାରେ, ଏହି ପଦକ୍ଷେପ ବ୍ୟବସ୍ଥିତ ଭାବରେ ଛାତ୍ରୀଛାତ୍ରଙ୍କର ବ୍ୟାପକ ଅଭିବୃଦ୍ଧି ଏବଂ ସମ୍ଭାବନାକୁ ସମୀକ୍ଷା କରିଥାଏ। ଏକାଡେମିକ କ୍ଷେତ୍ରରୁ ଆରମ୍ଭ କରି ପାଠ୍ୟକ୍ରମ ବାହ୍ୟ କାର୍ଯ୍ୟ, ପାରସ୍ପରିକ କୌଶଳ ଏବଂ ସାମଗ୍ରିକ ବିକାଶ ପର୍ଯ୍ୟନ୍ତ, ଏସ୍ଏଚ୍‌ପିଆଇ ଫ୍ରେମ୍‌ୱାର୍କ ଢାଞ୍ଚା ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ପ୍ରତିପାଦିତ କରିଥାଏ। ଏହା ସ୍ୱୀକାର କରେ ପ୍ରକୃତ ସଫଳତା ପାରମ୍ପରିକ ରିପୋର୍ଟ କାର୍ଡର ସୀମା ବାହାରେ ମଧ୍ୟ ଉପଲବ୍ଧ ହୋଇପାରେ।

ଏସ୍ଏଚ୍‌ପିଆଇ ଫ୍ରେମ୍‌ୱାର୍କ ଓଡିଏମ୍ ଗ୍ଲୋବାଲ ସ୍କୁଲ ଦ୍ୱାରା ଏକ ଦୂରଦୃଷ୍ଟିସମ୍ପନ୍ନ ସୃଷ୍ଟି। ଏହା ଏକ ଅଭିନବ ମୂଲ୍ୟାଙ୍କନ ମଡେଲ, ଯାହା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥାଏ। ଏହା ଗ୍ରେଡ୍‌ର ସଂକୀର୍ଣ୍ଣ ପରିସର ବାହାରେ, ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧି ଏବଂ କାର୍ଯ୍ୟଦକ୍ଷତାର ଏକ ସାମଗ୍ରିକ ବିକାଶକୁ ଅନ୍ତର୍ଭୁକ୍ତ କରିଥାଏ। କେବଳ ଏକାଡେମିକ ସ୍କୋର ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଏହି ମଡେଲ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଅନନ୍ୟ ସମ୍ଭାବନାକୁ ଚିହ୍ନଟ କରିବା ପାଇଁ ଅତିରିକ୍ତ କାର୍ଯ୍ୟକ୍ରମ। ଏହା ସହଯୋଗୀ ମନୋଭାବ ଏବଂ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଥାଏ।

ଏସ୍ଏଚ୍‌ପିଆଇ ଫ୍ରେମ୍‌ୱାର୍କ ଏକ କମ୍ପାସ ଭାବରେ କାର୍ଯ୍ୟକରେ, ଦକ୍ଷତାର ସହିତ ଛାତ୍ରୀଛାତ୍ରଙ୍କ ସଫଳତାକୁ ଶ୍ରେଣୀଗୃହର ସୀମା ବାହାରେ ବିସ୍ତାରିତ କରିଥାଏ। ଦକ୍ଷତା, ଅଭ୍ୟାସ, ପ୍ରଗତି ଏବଂ ଛାତ୍ରୀଛାତ୍ରଙ୍କ ଏକୀକରଣ ଉପରେ ଗୁରୁତ୍ୱ ଦେଇ ଏହା ବିକାଶ ଯାତ୍ରାର ଏକ ବିସ୍ତୃତ ପ୍ରୋଫାଇଲ ସୃଷ୍ଟି କରିଥାଏ। ଏହି ଢାଞ୍ଚା ବ୍ୟକ୍ତିଗତ ଦକ୍ଷତା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡିକର ଏକ ଉତ୍ତମ ବୁଝାମଣାକୁ ସକ୍ଷମ କରିଥାଏ। ଅନୁକୂଳ ଏବଂ ପ୍ରଭାବଶାଳୀ ଶିକ୍ଷାଗତ ଅଭିଜ୍ଞତାକୁ ଏହା ବୃଦ୍ଧି କରିଥାଏ।

ଏହି କାରଣଗୁଡିକୁ ଦୃଷ୍ଟିରେ ରଖି ଓଡିଏମ୍ ଗ୍ଲୋବାଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଭୟ ଏକାଡେମିକ କ୍ଷେତ୍ରରେ ପାରଦର୍ଶୀ ଏବଂ ବିଭିନ୍ନ ପରିବେଶରେ ସଫଳତା ପାଇଁ ପାରସ୍ପରିକ ତଥା ଜୀବନ ଦକ୍ଷତା ସହିତ ଯୋଡୁଛି।

ଛାତ୍ରୀଛାତ୍ରଙ୍କ ସଫଳତାକୁ ବୁଝିବାରେ ଏସ୍ଏଚ୍‌ପିଆଇ ଫ୍ରେମ୍‌ୱାର୍କ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଏହା ଗ୍ରେଡ୍‌ର ସୀମାବଦ୍ଧତାକୁ ଅତିକ୍ରମ କରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନନ୍ୟ ଦକ୍ଷତାକୁ ଚିହ୍ନଟ କରି ଏକାଡେମିକ ଉତ୍କର୍ଷ ପାଇଁ ପ୍ରସ୍ତୁତ ସହ ବାସ୍ତବ ଦୁନିଆର ଜଟିଳତାକୁ ବୁଝିବା କୌଶଳ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଯାହାଦ୍ୱାରା ସେମାନେ ଭବିଷ୍ୟତର ସଫଳ ନେତୃତ୍ୱ ଗ୍ରହଣ କରିବାକୁ ସକ୍ଷମ ହୋଇପାରିବେ।

## ଓଡ଼ିଶା ସ୍କୁଲ ଅଫ୍ ପ୍ରଫେଶନାଲ ଷ୍ଟଡିଜ୍

ବର୍ତ୍ତମାନ ସମୟରେ ଶିକ୍ଷକ ଓ ଶିକ୍ଷାର ମାନ ବୃଦ୍ଧି ପାଇଁ ଓଡ଼ିଶା ସ୍କୁଲ ଅଫ୍ ପ୍ରଫେଶନାଲ ଷ୍ଟଡିଜ୍ ଏକ ନୂଆ ଦିଗ ଦେଖାଇଛି। ଭବିଷ୍ୟତର ଶିକ୍ଷକମାନଙ୍କ ତାଲିମ ପ୍ରତି ଏହି ଅନୁଷ୍ଠାନ ସମ୍ପୂର୍ଣ୍ଣ ଭାବରେ ସମର୍ପିତ। ବି.ଇଡି., ବି.ପି.ଇଡି., ଏମ୍.ଇଡି., ସି.ପି.ଇଡି., ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ପଞ୍ଜୀକୃତ ସିଟି, ବି.ଇଡି., ବି.ପି.ଇଡି., ଏମ୍.ପି.ଇଡି. ଭଳି ଅବଧିକୁ ଏହି ଅନୁଷ୍ଠାନ ଓଡ଼ିଶାର କୋଣ ଅନୁକୋଣରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛି। ପଞ୍ଜୀକୃତ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମୟରେ ଉନ୍ନତମାନର କୋଚିଂ, ଛାତ୍ରାବାସ ଓ ଖାଦ୍ୟର ବ୍ୟବସ୍ଥା ମଧ୍ୟ ରହିଛି। ଏହା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ, ସ୍ପୋକେନ୍ ଇଂଲିଶ, କମ୍ପ୍ୟୁଟର କୋର୍ସ ମଧ୍ୟ ପ୍ରଦାନ କରୁଛି। ଶିକ୍ଷାର ମାନ ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟା, ତାଲିମପ୍ରାପ୍ତ ଶିକ୍ଷକ, ପାଠାଗାର ଇତ୍ୟାଦିର ସୁବିଧା ଯୋଗାଉଥିବାରୁ ଏହି ଅନୁଷ୍ଠାନ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ମନ ଜିଣୁଥିବାର ଦେଖିବାକୁ ମିଳୁଛି।

## କର ଏକାଡେମୀ, ବଡ଼ମ୍ବା

କଟକ ଜିଲା ସଦରମହକୁମାଠାରୁ ପ୍ରାୟ ୯୦କି.ମି. ଦୂର ବଡ଼ମ୍ବାଠାରେ ଥିବା ଏକ ସର୍ବପୁରାତନ ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନ ହେଉଛି 'କର ଏକାଡେମୀ'। ଉକ୍ତ ଅନୁଷ୍ଠାନ ପ୍ରତିଷ୍ଠା ଦିନଠାରୁ +୨, +୩ ବିଜ୍ଞାନ ଓ ଇଞ୍ଜିନିୟରିଂ, ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରିଆସୁଅଛି। ଯାହା ଫଳରେ ବଡ଼ମ୍ବାର ଶୈକ୍ଷିକ ବାତାବରଣରେ ଢେର୍ ଉନ୍ନତି ହୋଇଅଛି। ଏଠାକାର ବିଜ୍ଞ ଏବଂ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରତିବର୍ଷ ଏହି ଶିକ୍ଷାନୁଷ୍ଠାନ ଅନେକ ମେଧା ସୃଷ୍ଟି କରିବାରେ ସହାୟକ ହେବା ସହିତ ଅନେକ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ବ୍ୟାଙ୍କିଙ୍ଗ୍ ସେବା, ଶିକ୍ଷା ଇତ୍ୟାଦି ପେସାଧାରୀଙ୍କୁ ଗଢ଼ିତୋଳିବାରେ ସକ୍ଷମ ହୋଇଛି। ବର୍ତ୍ତମାନ ଓଡ଼ିଶାର ସୁନାମଧନ୍ୟ ମେଡିକାଲ କୋଚିଂ "CNA's Gyan Classes", ଭୁବନେଶ୍ୱର ସହିତ ସହବନ୍ଧିତ ହୋଇ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିଛି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରିବା ପରେ +2 Foundation Course ଆରମ୍ଭ ହେବାକୁ ଯାଉଛି। ସମସ୍ତ ଛାତ୍ରଛାତ୍ରୀ ଏହାର ସୁଯୋଗ ନେବା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ସଚିତ୍ର ରଞ୍ଜନ କର ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ବାଛିବାରେ ନିଶ୍ଚିତ ସହାୟକ ହେବ।




## ବିଦ୍ୱାନ୍ ଷ୍ଟଡି ସର୍କଲ

୨୦୧୮ରେ ପ୍ରତିଷ୍ଠିତ ବିଦ୍ୱାନ୍ ଷ୍ଟଡି ସର୍କଲ ନିର୍ଦ୍ଦେଶକ ଦେବବ୍ରତ ସାହୁଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଶିକ୍ଷାଗତ ଯୋଗ୍ୟତାର ଏକ ଆଲୋକ ବର୍ତ୍ତିକା ପାଲଟିଛି। ଭବିଷ୍ୟତର ଶିକ୍ଷାବିତ୍ ସୃଷ୍ଟି ପାଇଁ ଏହା ପ୍ରତିଶ୍ରୁତିବଦ୍ଧ। ଏହା ବିଇଡି, ବିପିଇଡି ଏବଂ ଏମ୍‌ଇଡି ସହିତ ବିଭିନ୍ନ ପାଠ୍ୟକ୍ରମ ପ୍ରଦାନ କରିଥାଏ। ଗୁଣାତ୍ମକ ଶିକ୍ଷା ଉପରେ ଏକ ନିରନ୍ତର ଧ୍ୟାନ ଦେଇ ବିଦ୍ୱାନ୍ ଷ୍ଟଡି ସର୍କଲ ଶିକ୍ଷାଗତ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଏକାଡେମିକ ବିକାଶ, ନବୀକରଣ ଏବଂ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଥାଏ। ଅନୁଷ୍ଠାନ ବିବିଧ ପାଠ୍ୟକ୍ରମ ଉପରେ କେବଳ ତତ୍ତ୍ୱଗତ ଜ୍ଞାନ ପ୍ରଦାନ କରେ ନାହିଁ ବରଂ ବ୍ୟବହାରିକ ଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଏହା ସ୍ନାତକମାନଙ୍କୁ ଶିକ୍ଷାର ବିକଶିତ କ୍ଷେତ୍ର ପାଇଁ ଦକ୍ଷ କରିଥାଏ। ଅଭିଜ୍ଞ ଶିକ୍ଷାବିତ୍ ତଥା ଶିଳ୍ପ ବିଶେଷଜ୍ଞଙ୍କୁ ନେଇ ବିଦ୍ୱାନ୍ ଷ୍ଟଡି ସର୍କଲ ଏହାର ଫ୍ୟାକଲ୍ଟିମାନଙ୍କ ପାଇଁ ଗର୍ବ ଅନୁଭବ କରିଥାଏ। ସେମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍କର୍ଷ ଦିଗରେ ମାର୍ଗଦର୍ଶନ କରିଥାନ୍ତି। ଏହି ଅନୁଷ୍ଠାନ ନିଜର ଯାତ୍ରା ଜାରିରଖି ଶିକ୍ଷାବିତ୍ ସୃଷ୍ଟି ପାଇଁ ନିଜର ପ୍ରତିବଦ୍ଧତାକୁ ଜାରି ରଖିଛି। ଶିକ୍ଷା କ୍ଷେତ୍ରରେ ଏକ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଉତ୍ସାହ ଏବଂ ଉତ୍ସର୍ଗୀକୃତ ଯୁବବର୍ଗମାନଙ୍କୁ ଏହା ଉତ୍ସାହିତ କରିଥାଏ। ବିଦ୍ୱାନ୍ ଷ୍ଟଡି ସର୍କଲ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତିର ଏକ ଉଦାହରଣ ପାଲଟିଛି। ଶିକ୍ଷା କ୍ଷେତ୍ରରେ ଭବିଷ୍ୟତର ନେତୃତ୍ୱ ସୃଷ୍ଟିରେ ଏହା ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି।







## ମେରାଇନ ଇଞ୍ଜିନିୟରିଂର ସର୍ବୋତ୍ତମ ଶିକ୍ଷାନୁଷ୍ଠାନ ପାଲଟିଛି ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି

ମେରାଇନ ଇଞ୍ଜିନିୟରିଂ ବର୍ତ୍ତମାନର ବିଶ୍ୱବ୍ୟାପୀ ପରିସର ମଧ୍ୟରେ ସବୁଠାରୁ ଗତିଶୀଳ କ୍ୟାରିୟର ବିକଳ୍ପ ଭାବେ ଉଭାହୋଇଛି। ଶିପ୍ ଆନାଲିଟିକ୍ସ ପରି ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଚୟନ ଦ୍ୱାରା ୱାଟର ମେକାନିକ୍ସରେ ଏକ ଉତ୍ତମ କ୍ୟାରିୟର ସୃଷ୍ଟିହୋଇ ପାରିଥାଏ। ଏନେଇ ବେସରକାରୀ ଏବଂ ସାର୍ବଜନୀନ କ୍ଷେତ୍ରରେ ଉତ୍ତମ ସୁଯୋଗ ଲାଇସେନ୍ସ ସହିତ ସମ୍ଭାବ୍ୟ ସୁବିଧା ପର୍ଯ୍ୟାପ୍ତ ହେବାରେ ଲାଗିଛି। ଉଚ୍ଚ ବେତନ ପ୍ୟାକେଜ, ବିବିଧ ସଂସ୍କୃତିର ଏକ୍ସପୋଜର୍, ଅର୍ଥନୈତିକ ବିକାଶ, ଭ୍ରମଣ, ଜୀବନବ୍ୟାପୀ ଲାଭ, ପାରିବାରିକ ରିଟର୍ନ ଏବଂ ଅଧିକ ଚାକିରି ଅଫର୍ ଏହା ଦ୍ୱାରା ସୃଷ୍ଟି ହୋଇପାରିଥାଏ। ନିର୍ଦ୍ଦିଷ୍ଟ ଭାବରେ ଭାରତ ନାଭାଲ ଏବଂ ମେରାଇନ ଇଞ୍ଜିନିୟର୍ସମାନଙ୍କର ନୂତନ ହବ୍ ହୋଇପାରିଛି। ନିର୍ଦ୍ଦିଷ୍ଟ ଆଞ୍ଚଳିକ ଏବଂ ଜାତୀୟ ସ୍ତରର ଛାତ୍ରୀଛାତ୍ରମାନେ ବହୁ ବର୍ଷ ଧରି କ୍ୟାରିୟର ଷ୍ଟ୍ରିମ୍ ଭାବେ ଏହାକୁ ଗ୍ରହଣ କରୁଥିବାରୁ ଏହି ପାଠ୍ୟକ୍ରମର ଚାହିଦା ବଢ଼ିବାରେ ଲାଗିଛି। ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ମେରାଇନ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଶ୍ରେଷ୍ଠତ୍ୱ ହାସଲ କରିବା ସହିତ ଜାତୀୟ ସ୍ତରରେ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ଅଗ୍ରଣୀ ହୋଇ ପାରିଛି। ଏଠାକାର ଫ୍ୟାକଲ୍ଟି ନାଭାଲ ଆର୍କିଟେକ୍‌ଚର, ଶିପ୍ ଡିଜାଇନିଂ, ମେରାଇନ ପ୍ରୋପୁଲଶନ ଏବଂ ସାମୁଦ୍ରିକ ନିରାପତ୍ତା ଉପରେ ପାରଦର୍ଶୀ, ସର୍ବୋଚ୍ଚ ଜ୍ଞାନ, ଗୁଣାତ୍ମକ ଶିକ୍ଷା ଏବଂ ସର୍ବୋତ୍ତମ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିଥାନ୍ତି। ଅତ୍ୟାଧୁନିକ ସୁବିଧା ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମ ସହିତ 'ସିଜିୟୁ'ର ଛାତ୍ରୀଛାତ୍ରମାନେ ସମସ୍ତ କ୍ଷେତ୍ରରେ ଜଳପଥ ପାଇଁ ସର୍ବଦା ସର୍ବଶ୍ରେଷ୍ଠ ହୋଇପାରିଥାନ୍ତି।

ପ୍ଲେସ୍‌ମେଣ୍ଟରେ ଅଗ୍ରଗତି ଏବଂ ଏକ ନୌବାହିନୀ କ୍ୟାରିୟରର ବିକାଶ ପାଇଁ ଆବଶ୍ୟକ ଉତ୍ତମ କୌଶଳ ପ୍ରତି ଏକ ସାମଗ୍ରିକ ଆଭିମୁଖ୍ୟ ଶାରୀରିକ ଦକ୍ଷତାଠାରୁ ଅଧିକ ଜରୁରୀ ହୋଇଥାଏ। 'ସିଜିୟୁ'ର କାଉନସେଲିଂ ସେସନ ମାନସିକ ଶକ୍ତିକୁ ଦୃଢ଼ କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତୃତ୍ୱ ବିକାଶର ଏକ ମାଧ୍ୟମ ପାଲଟିଥାଏ।

ବେଭରୀ କମ୍ପାସ, ଭାଷାଭିତ୍ତିକ ଦକ୍ଷତା, ସ୍ୱଷ୍ଟ ଯୋଗାଯୋଗ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏହା ଛାତ୍ରୀଛାତ୍ରମାନଙ୍କୁ ସୁଦକ୍ଷ କରିଥାଏ। ସେମାନଙ୍କୁ ନିର୍ଭରଯୋଗ୍ୟ ଇଞ୍ଜିନିୟର ଭାବରେ ଉପସ୍ଥାପନ କରିବା ସହିତ ବୃତ୍ତିଗତ ସଫଳତା ପ୍ରଦାନ କରିଥାଏ। 'ସିଜିୟୁ' ଏକ ବୈଷୟିକ ଜ୍ଞାନକୌଶଳ ପରିବେଶ ସୃଷ୍ଟି କରିବା ସହ ଅନ୍ତର୍ଜାତୀୟ ସ୍ତରରେ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କ୍ଷେତ୍ରରେ ବେଶ୍ ଜଣାଶୁଣା ହୋଇପାରିଛି। କେବଳ ଖ୍ୟାତି ପାଇଁ ନୁହେଁ ବରଂ ଦେଶର ସେବା ଲାଗି ମଧ୍ୟ 'ସିଜିୟୁ' ପ୍ରତିଶ୍ରୁତିବଦ୍ଧ।









ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୧/୨୦୨୪ | Bhubaneswar, Sunday, January 21/2024 

# କ୍ରିପ୍ଟୋ ନାଁରେ ୧୫ କୋଟିର ଠକେଇ

**ନିଯୁକ୍ତି ପାଇଁ ଜାଲ୍ ସାର୍ଟିଫିକେଟ୍ ର୍‍ୟାକେଟ ଏବଂ ସୁଦପଡ଼ା ମଦଭାଟିରୁ ଅନେକ ଶହ କୋଟି ଟଙ୍କାର ନୋଟ୍ ଜବତ ହେବା ପରେ ଚର୍ଚ୍ଚାକୁ ଆସିଥିବା ବଲାଙ୍ଗିର ସହରରେ କ୍ରିପ୍ଟୋକରେନ୍ସି ନାଁରେ ଏକ ବଡ଼ଧରଣର ଠକେଇ ଗ୍ୟାଙ୍ଗ୍ ଧରାପଡ଼ିଛି। ଅଭିଯୁକ୍ତମାନେ ୱେବ୍‌ସାଇଟ୍ ଖୋଲି ସେମାନଙ୍କ ନିକଟରେ ୧,୦୦୦ କୋଟିର 'ଡାଏକନ୍ ଟୋକନ୍' କ୍ରିପ୍ଟୋକରେନ୍ସି ଉପଲବ୍ଧ ଥିବା ଦର୍ଶାଇଥିଲେ। ଏପରି କି 'ଡାଏଫିନେକ୍ସ' ନାଁରେ ଏକ ନକଲି କ୍ରିପ୍ଟୋ ଏକ୍ସଚେଞ୍ଜ ମଧ୍ୟ ବିକଶିତ କରିଥିଲେ। ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ମାଗଣାରେ ଥାଇଲାଣ୍ଡ, ଗୋଆ ଏବଂ ଦୁବାଇ ଟୁର୍ ପ୍ୟାକେଜ୍‌ର ଅଫର୍ ସମେତ ଅନେକ ଲୋଭ ଦେଖାଉଥିଲେ। ଏହାର ମାଷ୍ଟରମାଇଣ୍ଡ୍ ପ୍ରଶାନ୍ତ ମେହେରଙ୍କ ସମେତ ୭ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏହି କାରବାର ପାଇଁ ୬୦୦ ଏଜେଣ୍ଟଙ୍କୁ ନିଯୁକ୍ତ କରିଥିଲେ। ପୋଲିସ ଧରିବାବେଳକୁ ସେମାନେ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ସାରିଥିଲେ।**

## ୭ ଗିରଫ, ୫୫ ଲକ୍ଷର ଆକାଉଣ୍ଟ ଜବତ

**ବଲାଙ୍ଗୀର, ୨୦।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରରୁ ପରିଚାଳିତ ଏକ ନକଲି କ୍ରିପ୍ଟୋକରେନ୍ସି ର୍‍ୟାକେଟର ପର୍ଦ୍ଦାଫାଶ କରିଛି ସ୍ଥାନୀୟ ପୋଲିସ। ଏହି କ୍ରିପ୍ଟୋକରେନ୍ସି ଜରିଆରେ ପ୍ରାୟ ୧୫ କୋଟି ଟଙ୍କାର ଠକେଇ ବା ଲୁଟ୍ କରାଯାଇଛି। ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ମେହେରଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୮ ଲକ୍ଷ ୩୪ହଜାର ୩ଶହ ନଗଦ ଟଙ୍କା ଜବତ କରାଯାଇଛି ଓ ବିଭିନ୍ନ ବ୍ୟାଙ୍କରେ ୫୫ଲକ୍ଷରୁ ଅଧିକ ଟଙ୍କାର ଆକାଉଣ୍ଟକୁ ଫ୍ରିଜ୍‌ଡ କରାଯାଇଛି। ମର୍ସିଡିଜ୍ କାର ସମେତ ୪ଟି କାର୍, ୫ଟି ବାଇକ୍, ୭ଟି ଲାପ୍‌ଟପ୍ ଓ କମ୍ପ୍ୟୁଟର, ୨୫ଟି ମୋବାଇଲ ଫୋନ୍, ୧ଟି ଟାବଲେଟ୍, ଅନ୍ୟାନ୍ୟ ଡିଜିଟାଲ ଉପକରଣ ଜବତ କରାଯାଇଛି। ସୁଦପଡାଠାରେ ଥିବା ଅଫିସ ସିଲ୍ କରାଯାଇ ସେଠାରୁ ୪୦ ଲକ୍ଷ ଟଙ୍କାର ଜିନିଷପତ୍ର ଏବଂ ପାଟଣାଗଡ ରାସ୍ତା ପ୍ରାଣୀଧନ ଚିକିତ୍ସାଳୟ ସମ୍ମୁଖ ଏକ ଦୋକାନ ଘରକୁ ସିଲ୍ କରାଯାଇ ସେଠାରୁ ୩୫ ଲକ୍ଷ ଟଙ୍କାର ଲୁଗାପଟା ସାମଗ୍ରୀକୁ ଜବତ କରାଯାଇଛି। ଅଭିଯୁକ୍ତମାନେ ବିନା ବ୍ଲକ୍‌ଚେନ୍ ଏବଂ ବେକିଂରେ ୨୦୨୨ ଜୁଲାଇରେ ୧୦୦୦ କୋଟିର ଡାଏକନ୍ ଟୋକନ୍, ୨୦୨୨ ଅଗଷ୍ଟରେ ତାଲିକାଭୁକ୍ତ ନିଜସ୍ୱ କ୍ରିପ୍ଟୋ ଏକ୍ସଚେଞ୍ଜ ଏବଂ ୨୦୨୩ ଏପ୍ରିଲରେ ଡାଏଫିନେକ୍ସ ନାଁରେ ଏକ ନକଲି କ୍ରିପ୍ଟୋ ଏକ୍ସଚେଞ୍ଜ ବିକାଶିତ କରିଥିଲେ। ଏହି କ୍ରିପ୍ଟୋ ଟୋକନ୍‌ର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ନିଷେଧାଦେଶ ଓ ମାନବ ବିକାଶ**




# ସନାଙ୍କୁ ବାହାହେଲେ ସୋଏବ

## ସାନିଆଙ୍କ ଛାଡ଼ପତ୍ର

**କରାଚୀ, ୨୦।୧ (ପି.ଟି.)**


ସାନିଆ ମିର୍ଜା


ସୋଏବ ମଲିକ ଓ ସନା ଜାଭେଦ୍

ଭାରତୀୟ ଟେନିସ୍ ସୁପରଷ୍ଟାର ସାନିଆ ମିର୍ଜାଙ୍କ ସହ ୧୩ ବର୍ଷର ସମ୍ପର୍କ ଛିନ୍ନ କରି ତୃତୀୟ ଥର ବିବାହ କରିଛନ୍ତି ପାକିସ୍ତାନୀ କ୍ରିକେଟର ସୋଏବ ମଲିକ। ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦ୍‌ଙ୍କ ସହ ସୋଏବ ବିବାହର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିବା ସହ ସମ୍ପର୍କକୁ ସ୍ପଷ୍ଟ କରିଛନ୍ତି। ଏହି ଫଟୋରେ ସେ କ୍ୟାପ୍‌ଶନ୍ ଲେଖିଥିଲେ 'ଇଟ୍‌ସ ଅଲ୍ କ୍ରିଏଟେଡ୍ ଇନ୍ ପ୍ୟାରିସ୍'। ପାକିସ୍ତାନୀ ଚଳଚ୍ଚିତ୍ର ଓ ଡ୍ରାମାରେ ଅଭିନୟ କରୁଥିବା ସନା ସାଉଦି ଆରବର ଜେଡାରେ ଜନ୍ମିତ। ସେ ୨୫ରୁ ଅଧିକ ଡ୍ରାମା ଓ ୫ ଟେଲିଫିଲ୍ମରେ ଅଭିନୟ କରିଛନ୍ତି। ୨୦୧୦ରେ ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ ସୋଏବ। ଉଭୟଙ୍କର ଇଝାନ୍ ନାମକ ୫ ବର୍ଷର ପୁତ୍ର ସନ୍ତାନ ମଧ୍ୟ ରହିଛି। ସୋଏବ-ସାନିଆ ୨୦୨୨ରୁ ପରସ୍ପରଠାରୁ ଅଲଗା ରହୁଛନ୍ତି। ଅନ୍ୟ ଅଭିନେତ୍ରୀଙ୍କ ସହ ସୋଏବଙ୍କ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ସଫଳ ହେଉ ବୋଲି ଚାହୁଁନାହାନ୍ତି। ତେଣୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। -ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପରୁ ମସିଣା କୁଙ୍କୁମ ନାଉଚି**
**ଢିଙ୍କି ଲାଞ୍ଜଠେଇଁ ପାଣି**
**ଢିଙ୍କି ଭରା ଟାହି ଟାପରା କରୁଚି**
**ଢିଙ୍କି କୁଟୁଛନ୍ତି ରାଣୀ।**

ଆଗ କାଳରେ ଝିଅ ବୋହୂମାନେ ଢିଙ୍କିରେ ଧାନ କୁଟୁଥିଲେ। ପରସ୍ପର ମଧ୍ୟରେ ଥଟ୍ଟା ମଜା ହୋଇ ସେମାନେ ନିଜ ଶ୍ରମର ବୋଝକୁ କିଛି ପରିମାଣରେ ଲାଘବ କରୁଥିଲେ। ନାରୀଟିଏ ବେଶଭୂଷା ହୋଇ ଢିଙ୍କିରେ ଧାନ କୁଟୁଥିବା ଅବସ୍ଥାରେ ଅନ୍ୟମାନେ ଉକ୍ତ ନାରୀଟିକୁ ଏଭଳି ଟାହିଟାପରା କରୁଥିବାର ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ପଶ୍ଚିମେ ଧନୁ ନିତ୍ୟ ଖରା**
**ପୂର୍ବେ ଧନୁ ବର୍ଷେ ଝରା।**

ପଶ୍ଚିମ ଦିଗରେ ଇନ୍ଦ୍ରଧନୁ ପଡ଼ିଲେ ଅନାବୃଷ୍ଟି ଘଟେ। ସେହିପରି ପୂର୍ବ ଦିଗରେ ଇନ୍ଦ୍ରଧନୁ ପଡ଼ିଲେ ଅତିବୃଷ୍ଟି ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାମ ମନ୍ଦିରର ଗୁଜବକୁ କେନ୍ଦ୍ରର ତାଗିଦ




## ୧୯ ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ | ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ୧୩ ଜିଲାରେ ୧୯ଟି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ଏଥିପାଇଁ ୪,୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଚାଷୀମାନେ ବହୁଳ ଭାବେ ଉପକୃତ ହେବେ। ବିଶେଷକରି ପିଇବା ପାଣି ଯୋଗାଣ କ୍ଷେତ୍ରରେ ସୁବିଧା ହେବ। ଏଥିସହିତ ମାଛଚାଷ, ପ୍ରାଣୀପାଳନ ଆଦିରେ ମଧ୍ୟ ସହାୟକ ହେବ। ଏହି ପ୍ରକଳ୍ପ ସବୁ ଭୂତଳ ଜଳସ୍ତର ବୃଦ୍ଧି କରି ପରିବେଶକୁ ସନ୍ତୁଳିତ କରିବ। ବିକାଶ ପାଇଁ ଏପରି ପ୍ରକଳ୍ପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ବନ୍ୟା ନିୟନ୍ତ୍ରଣରେ ମଧ୍ୟ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ ବୋଲି ସେ କହିଛନ୍ତି। ୨୦୨୦ରେ ଆନ୍ତଃ ନଦୀ ଜଳାଶୟ ପାଇଁ ୧୧,୭୦୦ କୋଟି ଟଙ୍କାରେ ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ୭୨ଟି ପ୍ରକଳ୍ପ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୧୩ ଜିଲାରେ ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖାଯାଇଛି। ସବୁ କାର୍ଯ୍ୟକ୍ରମ ଲୋକମତ ଓ ଜନ ସହଭାଗିତା ଭିତ୍ତିରେ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ନିର୍ଦ୍ଦେଶରେ ୫-ଟି ଅଧ୍ୟକ୍ଷ ବିଭିନ୍ନ ଜିଲାକୁ ଗସ୍ତ କରିବା ସମୟରେ ଲୋକଙ୍କଠାରୁ ଏପରି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଥିଲା। ଲୋକଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ୫-ଟି ଉପକ୍ରମରେ ଏହି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବେନାହିଁ। ରାଜ୍ୟରେ ଚାଷୀମାନଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଚାଷୀର ବିକାଶ ଓ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। କାଳିଆ ଯୋଜନା, କୃଷକମାନଙ୍କ ପାଇଁ ବିନା ସୁଧରେ ଋଣ ସୁବିଧା, ଶସ୍ୟ ବୀମା ପ୍ରିମିୟମ ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମ ରାଜ୍ୟରେ ଚାଷୀମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧିକରିଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ। ସେମାନଙ୍କ ଉନ୍ନତି ପାଇଁ ଆମେ କାମ କରୁଛୁ ଓ ଆଗାମୀ ଦିନରେ କାମକରି ଚାଲିବୁ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ବଲାଙ୍ଗୀରରେ ଉପସ୍ଥିତ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଚାଷୀମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ସଙ୍କଳ୍ପ ରହିଛି। ଖରାଦିନେ ଲୋକେ ଯେପରି ପାଣି ପାଇବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଆରମ୍ଭ କରିଛନ୍ତି।

କେନ୍ଦ୍ରାପଡ଼ା ମହାକାଳପଡ଼ାଠାରେ ଉପସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ କେନ୍ଦ୍ରାପଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱଦେଇ ଆସିଛନ୍ତି। କେବଳ ଏହି ପ୍ରକଳ୍ପ ନୁହେଁ, କେନ୍ଦ୍ରାପଡ଼ାରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଆର୍ସେଲର ମିତ୍ତଲ ପ୍ରକଳ୍ପ ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ସ୍ଥାନର ଉନ୍ନତି ପାଇଁ ପ୍ରକଳ୍ପ କରୁଛନ୍ତି। କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ପ୍ରକଳ୍ପ ପାଇଁ ଜାପାନ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଖୁବ୍ ଉଦ୍ୟମ କରିଥିଲେ। ଲୋକଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଏଥିପାଇଁ ଶୁଭ ଦେବେ। ବୌଦ୍ଧ କଣ୍ଟାମାଳରେ ଉପସ୍ଥିତ ବିଧାୟକ ମହୀଧର ରଣା ମଧ୍ୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ଇଆଇସି ଧନ୍ୟବାଦ ଦେଇଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୯ଟି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭର୍ଚୁଆଲ ମୋଡ୍‌ରେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ପ୍ରଥମ ପୃଷ୍ଠାରୁ...

## ଏକସଙ୍ଗେ ନିର୍ବାଚନ ...

ଇଭିଏମ୍‌ଗୁଡ଼ିକୁ ଗଚ୍ଛିତ ରଖିବା ପାଇଁ ଷ୍ଟୋରେଜ୍ ବ୍ୟବସ୍ଥା ବଢ଼ାଇବା ସହ ଅଧିକ ଗାଡ଼ିର ବ୍ୟବସ୍ଥା କରିବାକୁ ପଡ଼ିବ। ସମସ୍ତ ବ୍ୟବସ୍ଥା ଶେଷ ହେବା ପରେ ଏକସଙ୍ଗେ ପ୍ରଥମ ନିର୍ବାଚନ କେବଳ ୨୦୨୯ ବେଳକୁ କରାଯାଇପାରିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରିବାକୁ ହେଲେ ସମ୍ବିଧାନର ୫ଟି ଅନୁଚ୍ଛେଦରେ ସଂଶୋଧନ ଆଣିବା ଜରୁରୀ। ସେଗୁଡ଼ିକ ହେଲା ଅନୁଚ୍ଛେଦ ୮୩, ୮୫, ୧୭୨, ୧୭୪ ଏବଂ ୩୫୬। ଅନୁଚ୍ଛେଦ ୮୩ ଲୋକ ସଭା କାର୍ଯ୍ୟକାଳ ସହ ଜଡ଼ିତ ହୋଇଥିବାବେଳେ ଅନୁଚ୍ଛେଦ ୮୫ ବଳରେ ରାଷ୍ଟ୍ରପତି ଲୋକ ସଭା ଭଙ୍ଗ କରିପାରିବେ। ଅନୁଚ୍ଛେଦ ୧୭୨ ରାଜ୍ୟ ବିଧାନସଭା କାର୍ଯ୍ୟକାଳ ଏବଂ ୧୭୪ରେ ଏହାକୁ ଭଙ୍ଗ କରିବା ବ୍ୟବସ୍ଥା ରହିଛି। ଅନୁଚ୍ଛେଦ ୩୫୬ ଅନୁଯାୟୀ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇପାରିବ। ସେହିପରି ଦଳବଦଳ ଆଧାରରେ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ରହିଥିବା ସମ୍ବିଧାନର ଦଶମ ଅନୁଚ୍ଛେଦରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଦେଶରେ ଏକସଙ୍ଗେ ନିର୍ବାଚନ କରାଇବା ପ୍ରସଙ୍ଗର ଅନୁଧ୍ୟାନ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି କରୁଛି।

## ବିନା ଚିଠାରେ ଆଣ୍ଟିବାୟୋଟିକ୍ ...

ସ୍ପଷ୍ଟ କରି ଲେଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ପୂର୍ବରୁ ଏ ନେଇ ନିୟମ ରହିଛି। ତେବେ ଆଣ୍ଟିବାୟୋଟିକ୍ସର ଯୁକ୍ତି ସଂଗତ ବ୍ୟବହାର ହେଉ ନ ଥିବାରୁ କେନ୍ଦ୍ର ସରକାର ଏଭଳି ଅପିଲ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ପ୍ରେସ୍କ୍ରିପଶନ ନ ଦେଖି ଦୋକାନୀ ଔଷଧ ବି ଦେବା କଥା ନୁହେଁ। ଏହା ଉପରେ ନିୟନ୍ତ୍ରଣ ଆସିବା ଦରକାର। ଯେଉଁଠି ଆବଶ୍ୟକତା ନାହିଁ, ଆଣ୍ଟିବାୟୋଟିକ୍ ଦେବା ଉଚିତ ନୁହେଁ। ଏପରି କିଛି ଡ୍ରଗ୍ସ ଅଛି, ଯାହାକୁ ବିନା ପ୍ରେସ୍କ୍ରିପ୍‌ଶନରେ ଦିଆଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

## ସନାଙ୍କୁ ବାହାହେଲେ ...

କାରଣରୁ ଅଲଗା ରହୁଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଛାଡପତ୍ରର ରିପୋର୍ଟ ମଧ୍ୟ ଆସୁଥିଲା। ତେବେ ଉଭୟ ବିଭିନ୍ନ ସମୟରେ ଏହାକୁ ଅସ୍ୱୀକାର କରି ଆସିଥିଲେ। ପରେ ଉଭୟ ଏକ ପାକିସ୍ତାନୀ ଟିଭି ପ୍ରୋଗ୍ରାମର ହୋଷ୍ଟ ଭାବେ ନଜର ଆସିଥିଲେ। ଏହାପରେ ସମ୍ପର୍କ ଠିକ୍ ହୋଇ ଯାଇଥିବା ନେଇ ଆଲୋଚନା ହୋଇଥିଲା। ତେବେ ଏକ ସପ୍ତାହ ପୂର୍ବରୁ ସାନିଆ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ସୋଏବଙ୍କ ସହ ସମସ୍ତ ଫଟୋ ଡିଲିଟ୍ କରିଥିଲେ। ପରେ ସୋଏବ ମଧ୍ୟ ସାନିଆଙ୍କୁ ଅନ୍‌ଫଲୋ କରିଥିଲେ। ସୋଏବ ଫଟୋ ପୋଷ୍ଟ କରିବା ପରେ ସାନିଆ ଖୁଲା(ଛାଡପତ୍ର) ନେଇଥିବା ନେଇ ତାଙ୍କ ପିତା ଇମ୍ରାନ ମିର୍ଜା ବୟାନ ଦେଇଛନ୍ତି। ତେବେ ସାନିଆଙ୍କୁ ବିବାହ କରିବା ପୂର୍ବରୁ ସୋଏବ ଆଗରୁ ଆୟେଶା ସିଦ୍ଦିକି ନାମ୍ନୀ ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ବିବାହ କରିଥିଲେ। ସେ ମଧ୍ୟ ହାଇଦ୍ରାବାଦର ବୋଲି ଜଣାପଡିଥିଲା। ସାନିଆଙ୍କ ବିବାହ ପୂର୍ବରୁ ସେ ନିଜକୁ ସୋଏବଙ୍କ ପତ୍ନୀ ଭାବରେ ଦର୍ଶାଇଥିଲେ ଏବଂ ବିବାହର ଭିଡିଓ ମଧ୍ୟ ଦେଖାଇଥିଲେ। ପ୍ରଥମେ ସୋଏବ ମଲିକ ଏହାକୁ ଅସ୍ୱୀକାର କରିଥିଲେ ମଧ୍ୟ ପରେ ୧୫ କୋଟି ଟଙ୍କା କ୍ଷତିପୂରଣ ଦେଇଥିଲେ। ୨୦୧୦ରେ ଆୟେଶାଙ୍କୁ ଛାଡପତ୍ର ଦେବା ପରେ ସେ ସାନିଆଙ୍କୁ ବିବାହ କରିଥିଲେ। ସାନିଆ ମିର୍ଜା ପ୍ରଥମ ଭାରତୀୟ ମହିଳା ଭାବେ ଟେନିସ୍ ଗ୍ରାଣ୍ଡସ୍ଲାମ ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦ ବର୍ଷର କ୍ୟାରିୟରରେ ସେ ୬ ଗ୍ରାଣ୍ଡସ୍ଲାମ ସହ ୪୩ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି।

ପାକିସ୍ତାନୀ କ୍ରିକେଟର ସୋଏବ ମଲିକଙ୍କ ପାଇଁ ଏହା ତୃତୀୟ ବିବାହ ହୋଇଥିବା ବେଳେ ସନା ଜାଭେଦ୍‌ଙ୍କ ପାଇଁ ଏହା ଦ୍ୱିତୀୟ ବିବାହ । ୪୧ ବର୍ଷୀୟ ସୋଏବ ୨୦୦୬ରେ ଆୟେଶା ସିଦ୍ଦିକିଙ୍କୁ ବିବାହ କରିଥିବା ବେଳେ ଏହି ସମ୍ପର୍କ ୪ ବର୍ଷ ତିଷ୍ଠିଥିଲା। ୨୦୧୦ରେ ଡିଭୋର୍ସ ନେଇ ସେ ସାନିଆ ମିର୍ଜାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରେ ୧୩ ବର୍ଷର ସମ୍ପର୍କର ପୂର୍ଣ୍ଣଚ୍ଛେଦ ପକାଇ ସେ ସନା ଜାଭେଦ୍‌ଙ୍କ ସହ ତୃତୀୟ ବିବାହ କରଛନ୍ତି । ଅନ୍ୟପକ୍ଷରେ ସନା ୨୦୨୦ରେ ଗାୟକ ଉମର ଜୟସ୍ୱାଲଙ୍କୁ ବିବାହ କରିଥିଲେ। ୨୦୨୩ରେ ଉଭୟଙ୍କ ଡିଭୋର୍ସ ହୋଇଥିବା ବେଳେ ସେ ସୋଏବ ମଲିକଙ୍କ ସହ ଦ୍ୱିତୀୟ ଇନିଂସ ଆରମ୍ଭ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କ୍ରିପ୍ଟୋ ନାଁରେ ...

୧.୫ ପ୍ରତିଶତ ବଜାରରେ ଉପଲବ୍ଧ କରି ପ୍ରାୟ ୨୦୦୦ ନିବେଶକଙ୍କଠାରୁ ୧୨ରୁ ୧୫ କୋଟି ଟଙ୍କା ଠକେଇ କରିଛନ୍ତି। ନିବେଶକଙ୍କୁ ଠକେଇ କରିବା ପାଇଁ ଅଭିଯୁକ୍ତମାନେ ଇ-ରିଚାର୍ଜ ପରି ଏକାଧିକ ୟୁଟିଲିଟି ପେମେଣ୍ଟ ସିଷ୍ଟମ ବ୍ୟବହାର କରିଛନ୍ତି। ଏଥିସହ ପେଗ୍‌ମାଷ୍ଟୋର ମାଧ୍ୟମରେ ଇ-ବାଣିଜ୍ୟ, ଡିପୋଗୋ ମାଧ୍ୟମରେ ଖେଳ, ଇ-ଲର୍ନିଂ ଜରିଆରେ ଅଭିନବ ଏବଂ ଲୋଭନୀୟ ଯୋଜନା ଏବଂ ଅଫର୍ ପ୍ରସ୍ତୁତ କରିଛନ୍ତି। ଇଣ୍ଟରନେଟ୍ ଏବଂ ୟୁଟୁବ୍‌ରେ ଡାଇକନ୍ ଟୋକନ୍‌ର ଲୋଭନୀୟ ବିଜ୍ଞାପନ କରି ନିବେଶକଙ୍କୁ ଆକୃଷ୍ଟ କରିଛନ୍ତି। ନିବେଶକଙ୍କୁ ମାଗଣାରେ ଥାଇଲାଣ୍ଡ, ଗୋଆ ଏବଂ ଦୁବାଇ ଟୁର୍ ପ୍ୟାକେଜ୍‌ର ଅଫର୍ ମଧ୍ୟ ଦେଇଛନ୍ତି। ଏଇ ନକଲି କ୍ରିପ୍ଟୋ କରେନ୍ସି ର୍ୟାକେଟର ମୁଖ୍ୟ କୁହାଯାଉଥିବା ପ୍ରଶାନ୍ତଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ବୋଲି ଜଣାପଡିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀରର ଦୁଷ୍ମନ୍ତ ମେହେର, ହେମନ୍ତ ମେହେର, ଅମିୟ ପ୍ରଧାନ, କୁମାର ପ୍ରଧାନ, କିଶୋର ଦୀପ ଓ ଯାଜପୁର ଜିଲାର ସୁବ୍ରତ ଓଝା।

ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଶନିବାର ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ନକଲି କ୍ରିପ୍ଟୋକରେନ୍ସି ର୍ୟାକେଟର ପର୍ଦ୍ଦାଫାଶ ସମ୍ପର୍କରେ ବିବରଣୀ ରଖିଥିଲେ। ସେ କହିଥିଲେ ଯେ, ଏକ ସାମାଜିକ ଗଣମାଧ୍ୟମରୁ ପ୍ରଥମେ ସେ ବଲାଙ୍ଗୀରରେ ଏକ ନକଲି କ୍ରିପ୍ଟୋ କରେନ୍ସି ର୍ୟାକେଟ ଚାଲିଥିବା ଖବର ପାଇଥିଲେ। ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ସାଇବର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ସ୍ୱତନ୍ତ୍ର ପୋଲିସ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ବଲାଙ୍ଗୀର ସୁଦପଡାଠାରେ ମୁଖ୍ୟ ଅଭିଯୁକ୍ତ ମେହେର ଏବଂ ତାଙ୍କ ସହଯୋଗୀମାନେ ପାଗ୍‌ମାଟାଇଡ୍ ଆଣ୍ଡ ସଷ୍ଟେନ୍ ପ୍ରାଇଭେଟ୍ ଲିମିଟେଡ୍ ନାଁରେ ଏକ ସଂସ୍ଥାର ଅଫିସ ଖୋଲିଥିଲେ। ଇଣ୍ଟରନେଟ୍ ଜରିଆରେ ଗୁଜରାଟର ଏକ କମ୍ପାନୀ ସହାୟତାରେ ଏବଂ ଉକ୍ତ ସଂସ୍ଥାର ଏକ ୱେବ୍ ଆପ୍ ଜରିଆରେ ଡାଏକନ୍ କଏନ୍ ନାଁରେ କ୍ରିପ୍ଟୋ କରେନ୍ସି କାରବାର ଆରମ୍ଭ କରିଥିଲେ। ଉକ୍ତ ସଂସ୍ଥାର ଡିଜିଟାଲ ୱେବ୍‌ସାଇଟ୍ ଆଡମିନ୍ ଭାବେ ପ୍ରଶାନ୍ତ ଏହାର ପରିଚାଳନା କରୁଥିଲେ। ପ୍ରଥମରୁ ନିବେଶକଙ୍କୁ ଡାଏକନ୍ କ୍ରିପ୍ଟୋ ଟୋକନ୍‌ର ମୂଲ୍ୟକୁ ୧୦ ପଇସା ରଖି ନିବେଶକଙ୍କୁ ଆକୃଷ୍ଟ କରିଥିଲେ। ନିଜେ ଏହି ୱେବ୍ ଆଡମିନ୍ ଥିବାରୁ କୃତ୍ରିମ ଉପାୟରେ ଡାଏକନ୍ ଟୋକନ୍ ମୂଲ୍ୟକୁ କମ୍ ସମୟ ମଧ୍ୟରେ ୯୦ ପଇସାକୁ ବୃଦ୍ଧି କରିଦେଇଥିଲେ। ଡାଏକନ୍ କ୍ରିପ୍ଟୋ ଟୋକନ୍‌ର ଏଭଳି ମୂଲ୍ୟବୃଦ୍ଧି ଘଟୁଥିବା ଦେଖି ଏବଂ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର କରି ସେମାନେ ପ୍ରାୟ ୨ହଜାର ନିବେଶକଙ୍କଠାରୁ ୧୨ରୁ ୧୫ କୋଟି ଟଙ୍କା ନିଜସ୍ୱ ଆକାଉଣ୍ଟକୁ ଆଣିବାରେ ସଫଳ ହୋଇଥିଲେ। ପ୍ରଥମରୁ ଅଭିଯୁକ୍ତମାନେ ନିଜ ପରିବାର ଏବଂ ସମ୍ପର୍କୀୟଙ୍କୁ ଟାର୍ଗେଟ କରି ନିବେଶ କରିଥିଲେ। ଏହି ଟଙ୍କାକୁ ନିର୍ଦ୍ଦିଷ୍ଟ ସମୟ ଧରି ବ୍ଲକ୍ ଚେନ୍ ଜରିଆରେ ବ୍ଲକ୍ କରି ରଖିବା ଏବଂ ଏହାଦ୍ୱାରା ଅର୍ଥ ବହୁଗୁଣିତ ହେବା ପ୍ଲାନ୍ ପ୍ରଚାର କରିଥିଲେ। ଫଳରେ ଗତ ପ୍ରାୟ ଦେଢ଼ ବର୍ଷ ଭିତରେ ୨୦୦୦ ନିବେଶକ ୧୫ କୋଟି ଟଙ୍କା ଆକାଉଣ୍ଟରେ ଜମା କରିଥିଲେ। ଜମା ଟଙ୍କାକୁ ତୁରନ୍ତ ଅନ୍ୟ ଆକାଉଣ୍ଟକୁ ଅଭିଯୁକ୍ତମାନେ ଟ୍ରାନ୍ସଫର କରିଦେଉଥିଲେ। ଜମା ଟଙ୍କାରୁ ବିଭିନ୍ନ ନିବେଶକଙ୍କୁ ଭାଗ୍ୟବାନ୍ ନିବେଶକ ମାନ୍ୟତା ଦେଇ ମାଗଣା ଗୋଆ, ଥାଇଲାଣ୍ଡ ଟ୍ରିପ୍ କରାଉଥିଲେ। ଫଳରେ ନିବେଶକଙ୍କ ମଧ୍ୟରେ ସନ୍ଦେହ ବୃଦ୍ଧି ନ ପାଇ ବିଶ୍ୱାସ ବୃଦ୍ଧି ପାଇବା ଯୋଜନା କରିଥିଲେ। ନିବେଶକଙ୍କ ମଧ୍ୟରେ ଆସ୍ଥା ସୃଷ୍ଟି ପାଇଁ ଆନ୍ତର୍ଜାତିକସ୍ତରରେ ଏକ ଗଣମାଧ୍ୟମ ସଂସ୍ଥାରେ ମଧ୍ୟ ଖବର ପ୍ରକାଶ କରାଇଥିଲେ। ଡାଏକନ୍ କଏନ୍ କ୍ରିପ୍ଟୋ ଟୋକନ୍ ବିଷୟରେ ଏହା ସହିତ ବିଭିନ୍ନ ନିବେଶକଙ୍କୁ ଇଜି ରିଚାର୍ଜ, ଲୁଗାପଟା ଓ ଅନ୍ୟାନ୍ୟ ଜିନିଷପତ୍ର ଶସ୍ତାରେ ଉପଲବ୍ଧ କରାଉଥିବା ମାର୍କେଟିଂ ବ୍ୟବସ୍ଥା କରିଥିଲେ। ଏହି ଲୁଟ୍ କାରବାରରେ ଅଭିଯୁକ୍ତମାନେ ୬ଶହ ଜଣ ଏଜେଣ୍ଟ ନିଯୁକ୍ତି କରିଥିବା ଜଣାପଡିଛି। ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ନିବେଶକଙ୍କଠାରୁ ଲୁଟି ଥିବା ପ୍ରାୟ ୧୨ରୁ ୧୫ କୋଟି ଟଙ୍କାରେ ଅଭିଯୁକ୍ତମାନେ ମର୍ସିଡିଜ୍ କାର ସମେତ ୪ଟି ଅନ୍ୟାନ୍ୟ କାର, ବାଇକ୍ ଓ ଅନ୍ୟ ଉପକରଣ କିଣି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ଏଭଳିକି ଏହି ଟଙ୍କାରେ ଜମି, କୋଠାଘର କିଣିଥିବା ଏବଂ ଦୋକାନ୍ ଖୋଲିଥିବା ଏସ୍‌ପି ସୂଚନା ଦେଇଛନ୍ତି। ତଦନ୍ତ ଜାରି ରହିଛି ଏବଂ ଏହି ନକଲି କ୍ରିପ୍ଟୋ ଠକେଇ ର୍ୟାକେଟରେ ରାଜ୍ୟ ତଥା ଦେଶର କେଉଁମାନେ ଜଡିତ ଅଛନ୍ତି ସେମାନଙ୍କୁ ଧରିବା ପାଇଁ ବଡଧରଣର ଅଭିଯାନ ଆରମ୍ଭ ହୋଇଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ କିଶୋର ଦୀପ ସେ ଦୋଷୀ ନୁହନ୍ତି ତାଙ୍କୁ ଫସେଇ ଦିଆଯାଇଥିବା କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ମେହେର ଏହା ଆଦୌ ଠକେଇ କି, ଲୁଟ୍ ନୁହଁ ବରଂ ଏଥିରେ ଅନେକେ ଲାଭବାନ୍ ହୋଇଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।



ନକଲି କ୍ରିପ୍ଟୋ କରେନ୍ସି ର୍ୟାକେଟର ଗିରଫ ୭ ଅଭିଯୁକ୍ତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରୋହିଣୀ ନକ୍ଷତ୍ରରେ ରହିଥିବାରୁ ମନୋବଳ ବୃଦ୍ଧି ଏବଂ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ଅବଶ୍ୟ ଘଟିବ। ଅଷ୍ଟମସ୍ଥ ଶୁକ୍ରଜନିତ ବକେୟା ଅର୍ଥପ୍ରାପ୍ତିରେ ବିବାଦ ଦେଖାଦେବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମାଧାନ କରିବେ। ମୁଖଭାବକୁ ମଙ୍ଗଳ ଦୃଷ୍ଟି ହେତୁ କାହା ସହ ଟାହିଟାପରା ନ କରିବା ଭଲ।

**ବୃଷ** ଉଚ୍ଚସ୍ଥ ଚନ୍ଦ୍ର ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ପଡ଼ୋଶୀ ଓ ସହକର୍ମୀଙ୍କ ସହାୟତାରୁ ଧନଲାଭ ଘଟିପାରେ। ଅଫିସ୍‌ରେ ବାଧ ବାଧକତାବଶତଃ କେତେକ କାମ କରିବାକୁ ପଡ଼ିପାରେ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟ ଭଲ, ଯାତ୍ରା, ପ୍ରତିଯୋଗିତାରେ ସଫଳତା ପାଇବେ।

**ମିଥୁନ** ତିନୋଟି ଗ୍ରହରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ଏବଂ ବନ୍ଧୁଙ୍କ ଆଦରଣୀୟ ହେବେ। ଦୀର୍ଘ ଦିନ ହେଲା ଅଟକି ରହିଥିବା କାମ ସକାଶେ ପ୍ରଚେଷ୍ଟା ବ୍ୟର୍ଥ ହେବ ନାହିଁ। ବ୍ୟବସାୟରେ ଶାଖା ଖୋଲିବା ସକାଶେ ନୂତନ ବ୍ୟବସାୟକୁ ଯୋଡ଼ିପାରନ୍ତି। ଅନ୍ୟମନସ୍କ ହେତୁ ଯାତ୍ରା ସମୟରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**କର୍କଟ** ପାପଗ୍ରହ ଦୃଷ୍ଟିବର୍ଜିତ ଏକାଦଶସ୍ଥ ଚନ୍ଦ୍ର ଉନ୍ନତସ୍ୱାସ୍ଥ୍ୟ, ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଲକ୍ଷ୍ୟହାସଲ କରିବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ରାଜନୀତି, ଆନୁଷ୍ଠାନିକ କାମ, ସଙ୍ଗଠନରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** କର୍ମସ୍ଥାନରେ ବ୍ୟୟାଧିପତି ଥିବା ହେତୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ମନୋବଳ ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା ପ୍ରଗତିର ପଥରୋଧ କରିପାରେ। ମନ୍ଥର ଗତିରେ କର୍ମପ୍ରବାହ ଚାଲୁଥିବାରୁ ବିଭିନ୍ନ ସ୍ତରରୁ ସମାଲୋଚିତ ହୋଇପାରନ୍ତି। ଆଜି ଯେତିକି ପାଇବେ, ତା'ଠାରୁ ଅଧିକ କିଛି ବ୍ୟୟ କରିବାକୁ ବାଧ ହେବେ।

**କନ୍ୟା** କେତୁ ପ୍ରଭାବରେ ଦୁର୍ଭାବନାଯୁକ୍ତ ରହିଲେ ମଧ୍ୟ ଅର୍ଥପ୍ରାପ୍ତି ଓ କାର୍ଯ୍ୟସିଦ୍ଧିରୁ ସାମୟିକ ଖୁସି ରହିବେ। ଆପଣଙ୍କ ସମ୍ପତ୍ତି ଉପରେ ସମ୍ପର୍କୀୟଙ୍କ ଲୋଲୁପ ଦୃଷ୍ଟି ଦୁଶ୍ଚିନ୍ତାର କାରଣ ହୋଇପାରେ। ଅବଶ୍ୟ ପାରିବାରିକ ସ୍ତରରେ ସାହାଯ୍ୟ ସହଯୋଗ ଅକ୍ଷୁଣ୍ଣ ରହିବ। ଭଲ ସମ୍ପର୍କଥିବା ବନ୍ଧୁଙ୍କ ନିକଟରୁ ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ।

**ତୁଳା** ଶନିଙ୍କ ପ୍ରଭାବରୁ ଆଜି ବନ୍ଧୁଗହଣରେ ଅଳ୍ପ କଥା କହିବାକୁ ପସନ୍ଦ କରିବେ। ଆକସ୍ମିକ ବିଭିନ୍ନ ସମସ୍ୟାଜନିତ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ନ ରହିପାରେ। ଗଠନମୂଳକ କାମ, ଲେଖାପଢ଼ା, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରୁ ଶୁଭଫଳ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।

**ବିଛା** ଆଜି ଭାଗ୍ୟାଧିପଚନ୍ଦ୍ର ରାଶିକୁ ଦେଖୁଥିବାରୁ କର୍ମାରମ୍ଭ କରି ସଫଳତା ପାଇବେ। ସକାଳୁ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପଡ଼ୋଶୀଙ୍କ ସହାୟତାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଶିଳ୍ପ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରୁ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି।

**ଧନୁ** ଅତି ନିକଟରେ ରହୁଥିବା ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ମିଳିବ। ବହୁତ ଦିନରୁ ଆଶା କରି ରହିଥିବା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ।

**ମକର** ଶନିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବା କାରଣରୁ ଖୁସି ଅନୁଭବ କରିବେ। ଭଲ ସମ୍ପର୍କ ଥିବା ସ୍ଥାନରେ ସାଧାରଣ କଥାରେ ମନାନ୍ତର ସୃଷ୍ଟି ହେବ। କୌଣସି ପାର୍ଟିର ଆୟୋଜନର ପ୍ରସ୍ତୁତି ହେତୁ ଘରେ ବନ୍ଧୁମିଳନ ତଥା ଆମୋଦ ପ୍ରମୋଦର ସୁଅ ଛୁଟିବ। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ଏକ ପ୍ରକାର ବାଧ ହୋଇ ପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ଶୁଭ ସମ୍ପର୍କରୁ କର୍ମକ୍ଷେତ୍ର ସମ୍ବନ୍ଧୀୟ ଚିନ୍ତା ଦୂର ହୋଇଯିବ। ସଭାସମିତି, ଆଲୋଚନା କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ସମୟ ସୁବିଧାକୁ ନେଇ ଉଚ୍ଚ ପଦାଧିକାରୀଙ୍କ ପାଖରେ ଅସୁବିଧା ଜଣାଇଲେ ଅବଶ୍ୟ ଉପକୃତ ହେବେ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** ତୃତୀୟସ୍ଥ ଚନ୍ଦ୍ରଜନିତ ଦୀର୍ଘଦିନରୁ ଲାଗି ରହିଥିବା ବିବାଦଟି ବନ୍ଧୁ ଓ ଆତ୍ମୀୟମାନଙ୍କ ସହାୟତାରୁ ସମାଧାନ ହେବ। ତଥାପି କର୍ମକ୍ଷେତ୍ରରେ କିଛି ବ୍ୟତିକ୍ରମ ମଧ୍ୟ ଦେଇ ଚଳିବା ସକାଶେ ବାଧ ହେବେ। ବ୍ୟବସାୟ, ପରିବହନ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସାମାନ୍ୟ ଟଣାଓଟରା ଲାଗିପାରେ।

ଆଜି ଜାନୁଆରୀ ୨୧ ତାରିଖ, ପୌଷ ଶୁକ୍ଳପକ୍ଷର ସର୍ବସମ୍ମତ ପୁତ୍ରଦା (ବୈକୁଣ୍ଠ) ଏକାଦଶୀ ରବିବାର, ରାଶି ନକ୍ଷତ୍ର- ରୋହିଣୀ/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୬।୨୭ ଗତେ ଘ.୧୦।୦୭ ମଧ୍ୟେ, ଘ. ୦୧।୨୦ ଗତେ ଘ.୦୧।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୫ମି. ଗତେ ଘ.୦୫।୨୭ ମି. ମଧ୍ୟେ ରାହୁକାଳ ।

# ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରୀ ସ୍କୁଲ ଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ

## ୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ

### ତୃତୀୟ ଦିବସରେ ୫ ଜିଲାର ୩୬୧ ସ୍କୁଲ ଲୋକାର୍ପିତ

ଭୁବନେଶ୍ୱର,୨୦।୧(ଅନିଲ ଦାସ)




୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ତୃତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ, ସମ୍ବଲପୁର, ନୂଆପଡ଼ା, ରାୟଗଡ଼ା ଓ ବଲାଙ୍ଗୀର ଆଦି ୫ଟି ଜିଲାର ୩୬୧ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲାର ୧୦୫ ହାଇସ୍କୁଲ, ସମ୍ବଲପୁରର ୬୩, ନୂଆପଡ଼ାର ୩୩, ରାୟଗଡ଼ାର ୬୦ ଓ ବଲାଙ୍ଗୀରର ୧୦୦ ହାଇସ୍କୁଲ ଅନ୍ତର୍ଭୁକ୍ତ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଲାଗି ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରିର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ସ୍କୁଲରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି। ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି।

ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କଲେ ସଫଳତା ଆଣିଦେବ। ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କର ବିଶେଷ ଭୂମିକା ରହିଛି। ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମ୍ପୃକ୍ତ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ପ୍ରଥମରୁ ସ୍କୁଲ ରୂପାନ୍ତର ଏକ ସ୍ୱପ୍ନଭଳି ଥିଲା। ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଅଭିଭାବକ ସମସ୍ତଙ୍କ ସହଯୋଗରେ, ଟିମ୍ ୱାର୍କରେ ଏହା ଅଭୂତପୂର୍ବ ସଫଳତା ପାଇଛି ବୋଲି ସେ କହିଛନ୍ତି। ରୂପାନ୍ତରିତ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସମ୍ବଲପୁରର ଦଶମ ଶ୍ରେଣୀ ଦୃଷ୍ଟିବାଧିତ ପୂର୍ଣ୍ଣିମା ଭୁଏ ହେଉଛନ୍ତି ଜିଲା ସରକାରୀ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀ। ସେ କହିଛନ୍ତି ଆମେ ପାଠପଢ଼ିବା ପାଇଁ ସ୍ମାର୍ଟ କ୍ଲାସ୍‌ରୁମ୍ ସହିତ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି, ଯାହାକି ଆମ ପାଇଁ ପାଠ ବୁଝିବାକୁ ସହଜ କରିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାୟଗଡ଼ାରେ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ବଲପୁରରେ ବିଧାୟକ ରୋହିତ ପୂଜାରୀ, ନୂଆପଡ଼ାରେ ଏମ୍‌ପି ବସନ୍ତ ପଣ୍ଡା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି ଏବଂ ବଲାଙ୍ଗୀରରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ।

# ପୂର୍ବତନ ଏମ୍‌ପି ଅନାଦି ସାହୁଙ୍କ ପରଲୋକ



କଟକ,୨୦।୧ (କାର୍ତ୍ତିକ ସାହୁ)

ପୂର୍ବତନ ଏମ୍‌ପି, ଅବସରପ୍ରାପ୍ତ ପୋଲିସ ଆଇଜି ତଥା ବିଶିଷ୍ଟ ସାହିତ୍ୟିକ ଅନାଦି ସାହୁ(୮୪)ଙ୍କର କଟକ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ଶନିବାର ସକାଳେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ଝିଅ ସୁଜାତା, ସୁଚେତା, ଶ୍ରଦ୍ଧା, ଜାମାତା ବୈକୁଣ୍ଠନାଥ ମହାପାତ୍ର, ଶକ୍ତି ପାଢ଼ୀ ଉପସ୍ଥିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ଝିଅ ସୁଜାତା ପ୍ରିୟଦର୍ଶିନୀ ମୁଖାଗ୍ନି ଦେଇଥିଲେ। ଗଞ୍ଜାମ ଜିଲା ବଡ଼ଖେମୁଣ୍ଡି ଅନ୍ତର୍ଗତ ଖଇରପଙ୍କ ଗ୍ରାମରେ ୧୯୪୦ ଜୁଲାଇ ୧ରେ ଜନ୍ମିତ ଅନାଦି ପୋଲିସ ଚାକିରିରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଓଡ଼ିଆ ସାହିତ୍ୟର ଜଣେ ସୁନାମଧନ୍ୟ ଲେଖକ ଭାବେ ମଧ୍ୟ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଛିନ୍ନନାଗ ଉପନ୍ୟାସ ପାଇଁ ୧୯୯୮ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟ ସମାଜର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। କଳାବିକାଶ କେନ୍ଦ୍ର, ହାସ୍ୟ ବିକାଶ କେନ୍ଦ୍ରର ସଭାପତି ମଧ୍ୟ ହୋଇଥିଲେ। ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ କଂଗ୍ରେସରେ ଯୋଗଦେଇଥିଲେ। ୧୯୯୬ରେ ପ୍ରଥମେ କଟକ ଲୋକ ସଭା ଆସନରୁ ଲଢ଼ି ବିଜୁ ପଟ୍ଟନାୟକଙ୍କଠାରୁ ପରାଜିତ ହୋଇଥିଲେ। ମାତ୍ର ଅନୁଷ୍ଠିତ ଉପନିର୍ବାଚନରେ ଭର୍ତ୍ତୃହରି ମହତାବଙ୍କୁ ପରାସ୍ତ କରି କଟକ ଏମ୍‌ପି ହୋଇଥିଲେ। ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇ ୧୯୯୯ରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ମହମ୍ମଦ ମୋକିମ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କଲେ ୫-ଟି ଅଧ୍ୟକ୍ଷ



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚତୁପାର୍ଶ୍ୱ ପ୍ରଦକ୍ଷିଣ କରୁଛନ୍ତି।

ପୁରୀ, ୨୦।୧(ଅଜିତ୍ ମହାନ୍ତି)

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଗତ ୧୭ ତାରିଖରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବା ପରେ ଭକ୍ତମାନଙ୍କ ନିମନ୍ତେ ପରିକ୍ରମା ମାର୍ଗକୁ ଉନ୍ମୁକ୍ତ କରାଯାଇଛି। ଫଳରେ ଭକ୍ତମାନେ ଅତି ଆନନ୍ଦରେ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ପରିକ୍ରମା ପ୍ରକଳ୍ପର ମୁଖ୍ୟ ବିଦ୍ଧାଣି କୁହାଯାଉଥିବା ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ପ୍ରତ୍ୟୁଷରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରିଛନ୍ତି।

ଶ୍ରୀମନ୍ଦିର ଚାରିପଟେ ଶ୍ରଦ୍ଧାଳୁଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ବୃହତ୍ କାର୍ଯ୍ୟ ହୋଇଥିବା ବେଳେ ଏଥିରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଶନିବାର ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ପ୍ରଥମେ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ପ୍ରଦକ୍ଷିଣ କରିଥିଲେ। ସେ ୯ଥର ଶ୍ରୀମନ୍ଦିର ଚାରିପଟେ ଚାଲି ଚାଲି ପ୍ରଦକ୍ଷିଣ କରିବା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଏହି ଅବସରରେ ତାଙ୍କ ସାଥିରେ ତାଙ୍କ ସହଧର୍ମିଣୀ ତଥା ବରିଷ୍ଠ ଆଇଏସ୍ ଅଧିକାରୀ ସୁଜାତା ପାଣ୍ଡିଆନ ଉପସ୍ଥିତ ଥିଲେ।

# ଧାମରା ମୋବିଲ ଡିପୋରେ ନିଆଁ

ଚାନ୍ଦବାଲି,୨୦।୧(କିଷାନ ପାତ୍ର)

ଭଦ୍ରକ ଜିଲା ଧାମରା ନିକଟସ୍ଥ ନରସିଂହପ୍ରସାଦଠାରେ ଏକ ମୋବିଲ ଡିପୋରେ ଶନିବାର ପୂର୍ବାହ୍ନ ୧୧ଟା ବେଳେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର ପ୍ରାୟ ୨୫ ମିନିଟ୍ ପରେ ଧାମରା ଏବଂ ଧାମରା ବନ୍ଦର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଧାମରା ବନ୍ଦରରୁ ଆଉ ଗୋଟିଏ ଗାଡ଼ି ଆସିବା ପରେ ଅଗ୍ନି ନିର୍ବାପକ କାର୍ବୋନ ଡାଇ ଅକ୍ସାଇଡ୍‌ର ପ୍ରୟୋଗ କରାଯାଇଥିଲା। ୩୦ରୁ ଅଧିକ ଅଗ୍ନିଶମ କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି ଦିନ ୧ଟା ପରେ ନିଆଁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ ସ୍ଥାନୀୟ ଲୋକେ ଭୟଭୀତ ହେବା ସହ ସେହି ଅଞ୍ଚଳକୁ ଅଗ୍ନିଶମ ବାହିନୀର କର୍ମଚାରୀ ଯିବାକୁ ଅସୁରକ୍ଷିତ ମଣିଥିଲେ। ଏଠାରେ ଏକ ଜନବସତିପୂର୍ଣ୍ଣ ସ୍ଥାନରେ ଏହି ପେଟ୍ରୋଲିୟମ ପ୍ରଡକ୍ଟ ଯଥା ଜାହାଜରୁ ବାହାରୁଥିବା ପୋଡ଼ା ମୋବିଲ ପୋଖରୀ ଖୋଳି ରଖିବାକୁ କିଏ ଅନୁମତି ଦେଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଅଗ୍ନିକାଣ୍ଡରେ ଡିପୋ ନିକଟସ୍ଥ ରବୀନ୍ଦ୍ର ଦାସ ଏବଂ ସପନ ଦାସଙ୍କ ପରିବାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଘର ପାଖରେ ଥିବା କିଛି ସାମଗ୍ରୀ ଜଳିଯାଇଛି। ତେବେ ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।



# ୩ୟ ଦିନରେ କୋଇଲା ବ୍ୟବସାୟୀଙ୍କ ପ୍ରତିଷ୍ଠାନରେ ଚଢ଼ାଉ ଜାରି

ସୁନ୍ଦରଗଡ଼,୨୦।୧
(ଜୟ ନାରାୟଣ ମେଣ୍ଟୁଲି)

କେନ୍ଦ୍ରୀୟ ଆୟକର ବିଭାଗ ପକ୍ଷରୁ ଚାଲିଥିବା ଚଢ଼ାଉ ଶନିବାର ୩ୟ ଦିନରେ ପହଞ୍ଚିଛି। ଡାଲମିଆଙ୍କ ଜଣାଶୁଣା କୋଇଲା ବ୍ୟବସାୟୀ ତଥା ଶିଳ୍ପପତି ଘନଶ୍ୟାମ ଓରଫ ବଣ୍ଟି ଡାଲମିଆଙ୍କ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କେନ୍ଦ୍ରୀୟ ଆୟକର ବିଭାଗ ପକ୍ଷରୁ ଚାଲିଥିବା ଚଢ଼ାଉ ଶନିବାର ୩ୟ ଦିନରେ ପହଞ୍ଚିଛି। ଡାଲମିଆଙ୍କ ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଗୋପିଳପୁର ବାସଭବନ, ବିଲେଇ ମୁଣ୍ଡା, ବସୁନ୍ଧରା ସ୍ଥିତ ଅଫିସ, ରାଉରକେଲାର ଉଦିତନଗର, ରାଜଗାଙ୍ଗପୁର, ଛତିଶଗଡ଼, ରାୟଗଡ, ବିଳାସପୁର, ମୁମ୍ବାଇ, ମଧ୍ୟପ୍ରଦେଶ ଆଦି ସ୍ଥାନରେ ଥିବା ତାଙ୍କର ଶିଳ୍ପାନୁଷ୍ଠାନ, ହୋଟେଲ ବ୍ୟବସାୟ ଉପରେ ଏହି ଚଢ଼ାଉ ଚାଲିଛି। ହେଲେ ସେ କେତେ ପରିମାଣର ଆୟକର ଫାଙ୍କିଛନ୍ତି ଚଢ଼ାଉ ପରେ ଆକଳନ ହେବ ବୋଲି କୁହାଯାଇଛି। ହେଲେ ଏ ନେଇ ଆୟକର ବିଭାଗର କୌଣସି ଅଧିକାରୀ ମୁହଁ ଖୋଲି ନାହାନ୍ତି। ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନା ଆଦି ବିଭାଗ ଜବତ କରିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି।

# ଡ୍ୟାମ୍ ପାଇଁ ସର୍ଭେ: ଆନ୍ଧ୍ରର ଜାଗା ଚିହ୍ନଟକୁ ବିରୋଧ

ପଟ୍ଟାଙ୍ଗି,୨୦।୧(ଶରତ ଧଳ)

ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକରେ ପଡୋଶୀ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ ମଧ୍ୟ ଏଥିରେ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବ ଦେଖିବାକୁ ମିଳୁଛି। ଫଳରେ ଆନ୍ଧ୍ର ଅଧିକାଂଶ ସମୟ ସୀମାନ୍ତ ଗ୍ରାମ ଉପରେ ନିଜ ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଥିବା ସୀମାନ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଡ୍ୟାମ୍ ନିର୍ମାଣ ଲାଗି ଆନ୍ଧ୍ର ଅଧିକାରୀମାନେ ସର୍ଭେ କରି ଜାଗା ଚିହ୍ନଟ କରୁଥିବା ନଜରକୁ ଆସିବା ପରେ ସୀମାନ୍ତବାସୀ କଡା ବିରୋଧ କରିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ପଞ୍ଚାୟତର ଟୋଟାଲପାଡୁଗ୍ରାମରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, ସୁଙ୍କି ଓ ରାଲେଗଡା ଦୁଇ ପଞ୍ଚାୟତ ଅଧୀନରେ ୧୪ ଗ୍ରାମ ସୁଙ୍କି, ରଇତାୱାଲସା, କୋପମାଉଡି, ଗନ୍ଧିୱାଲସା, ମାଦିଗୁଣ୍ଡଲାମ, ୱାଲଗାଁ, ମୁଙ୍ଗାରଗୁମି, ସାଙ୍ଗମଗୁଡେ,



ଟୋଟାଲପାଡୁଗ୍ରାମ ପରିଦର୍ଶନରେ ଯାଇଥିବା ମାଳିପର୍ବତ ସୁରକ୍ଷା ସମିତିର ପ୍ରତିନିଧିମାନେ।

ଟୋଟାଲପାଡୁ, ଅଣ୍ଡାଙ୍ଗିଗରୁଙ୍ଗଗୁଡେ ଗ୍ରାମ ଓ ରାଲେଗଡା ପଞ୍ଚାୟତର ବାଟିୱାଲସା, ଚିଟାମପାଡୁ, ଟାଙ୍ଗିଣି ଓ ମାଡାୱାଲସା ଆଦି ଗ୍ରାମ ରହିଛି। ଏହି ଗ୍ରାମଗୁଡିକ ଦେଇ ଯାଇଥିବା ପାହାଡି ନଦୀ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରି ଆସୁଛନ୍ତି। ତେବେ ଟୋଟାଲପାଡୁ ଓ ମୁଙ୍ଗାରଗୁମି ଦୁଇ ଗ୍ରାମର ମଧ୍ୟ ସ୍ଥାନରେ ଆନ୍ଧ୍ର ଜଳ ସଂରକ୍ଷଣ କରି ବନ୍ଧ ନିର୍ମାଣ କାର୍ଯ୍ୟ କରିବା ଲାଗି ସର୍ଭେ ଆରମ୍ଭ କରିଥିବା ସମ୍ପର୍କିତ ଖବର ୨୦୨୩ ଅକ୍ଟୋବର ୯ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାକୁ ନେଇ ସେତେବେଳେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲେ ମଧ୍ୟ ସେପରି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୁଣି ଆନ୍ଧ୍ର ଉପରୋକ୍ତ ଅଞ୍ଚଳରେ ଅନୁପ୍ରବେଶ କରି ବିଭିନ୍ନ ଦିଗକୁ ନେଇ ସର୍ଭେ ସହ ଫଟୋ ଉଠାଉଥିବା ଜଣାପଡିଛି। ଏହା ଜଣାପଡିବା ପରେ ଟୋଟାଲପାଡୁ ଗ୍ରାମରେ ୧୪ଟି ଗ୍ରାମର ଗ୍ରାମବାସୀ ଏକାଠି ହୋଇ ଆନ୍ଧ୍ରର ଏତାଦୃଶ୍ୟ କାର୍ଯ୍ୟର ତୀବ୍ର ବିରୋଧ କରିଥିଲେ। ଏହା ଉପରେ ଯଦି ଓଡିଶା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତା'ହେଲେ ଆଗାମୀ ଦିନରେ ଏନେଇ ଆନ୍ଦୋଳନ କରାଯିବ। ସବୁ ଗ୍ରାମର ଗ୍ରାମବାସୀ ମିଳିତଭାବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସୀମାନ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡିଶା ସରକାରଙ୍କ ପ୍ରଶାସନିକ ଅଧିକାରୀମାନଙ୍କ ଉଦାସୀନତାକୁ ନିନ୍ଦା କରି ମାଳିପର୍ବତ ସୁରକ୍ଷା ସମିତିର ଏକ ପ୍ରତିନିଧି ଦଳ ନିରନ ଖିଲ, ମାଙ୍ଗୁଡୁ ଜାନି, ସାମାଜିକ କର୍ମୀ ଦାସି ନନ୍ଦିବାଲି, ଭକ୍ତ ପଟ୍ଟନାୟକ ଏବଂ ଚୈତନ୍ୟ ନନ୍ଦିବାଲି ପ୍ରମୁଖ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସମସ୍ୟା ଅନୁଧ୍ୟାନ କରି ଫେରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଆନ୍ଧ୍ରର ଏପରି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ସହଯୋଗ କରିବୁ। ଆନ୍ଧ୍ର କରୁଥିବା ସର୍ଭେକୁ ବିରୋଧ କରାଯିବ। ଆମ ସୀମାନ୍ତ ଅଞ୍ଚଳରେ ସମ୍ପୃକ୍ତ ରାଜ୍ୟ ଯେପରି କୌଣସି ପକଳ୍ପ ନ କରିବ ସେନେଇ ପ୍ରଶାସନ ପଦକ୍ଷେପ ନେବ ବୋଲି ବିଡିଓ ପଟ୍ଟନାୟକ କହିଛନ୍ତି।



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ

-ପୁତ୍ରଦା ଏକାଦଶୀ, ରବିନାରାୟଣ ବ୍ରତ



# ନିଷେଧାଦେଶ ଓ ମାନବ ବିକାଶ



ଆକାର ପଟେଲ

ମୁଁ ଗୁଜରାଟରୁ ଏହା ଲେଖୁଛି, ଯେଉଁଠାରେ ରାଜ୍ୟର ଗୋଟିଏ ଭାଗରେ ସରକାର ମଦ୍ୟପାନ ପ୍ରତିବନ୍ଧକକୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଆକର୍ଷିତ କରିବା ପାଇଁ ଏହା କରାଯାଇଥିବା ଏକ ନ୍ୟୁଜ୍ ରିପୋର୍ଟରେ ଦର୍ଶାଯାଇଛି ଏବଂ ଏଥିପାଇଁ ରାଜ୍ୟ ରାଜଧାନୀ ଗାନ୍ଧୀନଗର ନିକଟ ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟି (ଜିଆଇଏଫ୍‌ଟି)ରେ ହୋଟେଲ / ରେଷ୍ଟୁରାଣ୍ଟ / କ୍ଲବରେ ମଦ୍ୟପାନକୁ ଅନୁମତି ଦିଆଯିବ। ଏହି ରିପୋର୍ଟରେ ମଧ୍ୟ କୁହାଯାଇଛି ଯେ ଏହା କେବଳ ଜିଆଇଏଫ୍‌ଟି ସିଟିରେ କାର୍ଯ୍ୟ କରୁଥିବା ଅଧିକାରୀ, କର୍ମଚାରୀ ଏବଂ ମାଲିକଙ୍କ ପାଇଁ ଉପଲବ୍ଧ ହେବ। ତେବେ ଯେଉଁମାନେ ସାରା ରାଜ୍ୟରେ ମଦ୍ୟପାନକୁ ବେଆଇନ କରିଛନ୍ତି, ସେମାନେ ନିଷେଧାଦେଶରୁ ମୁକ୍ତ ରହିବେ। ସାମ୍ବିଧାନିକ ଦୃଷ୍ଟିକୋଣରୁ ଭାରତରେ ଆଇନରେ ନିଷେଧାଦେଶର ଉତ୍ପତ୍ତିକୁ ଦେଖିଲେ କୌତୂହଳପ୍ରଦ ମନେହୁଏ। ସମାଜ ବିଜ୍ଞାନୀ ଏମ୍.ଏନ୍. ଶ୍ରୀନିବାସ ଲେଖିଛନ୍ତି, ହିନ୍ଦୁ ଧର୍ମୀୟ ରୀତିନୀତିରେ ମଦ୍ୟପାନ ଏବଂ ମାଦକଦ୍ରବ୍ୟର ବ୍ୟବହାର ବେଶ୍ ଜଣାଶୁଣା ଏବଂ ଆଦିବାସୀ ସଂସ୍କୃତିରେ ଏହା ଏକ ଅଂଶବିଶେଷ। ତେବେ ଆନୁଷ୍ଠାନିକ ଧର୍ମୀୟ ରୀତିନୀତିରେ କୌଣସି ମଦ୍ୟପାନ ନାହିଁ। ଏକ ରୀତିନୀତିରେ 'ସୋମ' ମାଦକଦ୍ରବ୍ୟ ଖାଇବାର ବିଚାରକୁ ବହୁ ପୂର୍ବରୁ ବାଦ୍ ଦିଆଯାଇଥିଲା ଏବଂ ଏହାକୁ ନିଷେଧ କରାଯାଇଥିଲା। ସାମ୍ବିଧାନିକ ସଭାରେ ଦାବି କରାଯାଇଥିଲା(ବି.ଜି.ଖେର୍‌ଙ୍କ ଦ୍ୱାରା) ଯେ, ୫ଟି ଗମ୍ଭୀର ପାପ ମଧ୍ୟରୁ ମଦ୍ୟପାନ ଗୋଟିଏ ବୋଲି ଶାସ୍ତ୍ରଗୁଡ଼ିକରେ ଉଲ୍ଲେଖ ରହିଛି। କେବଳ ହିନ୍ଦୁ କିମ୍ବା ମୁସଲମାନ ନୁହନ୍ତି, ଖ୍ରୀଷ୍ଟିଆନମାନେ ମଧ୍ୟ ମଦ୍ୟପାନକୁ ପାପ ବୋଲି ବିଚାର କରିଥାନ୍ତି। ଯେତେବେଳେ ଅନ୍ୟ ସଦସ୍ୟମାନେ କହିଥିଲେ ମଦ୍ୟପାନ ଆଦିବାସୀ ସଂସ୍କୃତି ଓ ରୀତିନୀତିର ଏକ ଅଂଶ, ସେତେବେଳେ ଭି.ଆଇ. ମୁନିସ୍ୱାମୀ ପିଲ୍ଲାଇ ଦାବି କରିଥିଲେ ଯେ ଆଦିବାସୀମାନଙ୍କ ସମାରୋହ ସମୟରେ ମଦ, ଟୋଡି, ବ୍ରାଣ୍ଡି କିମ୍ବା ସେପରି କିଛି ଜିନିଷ ପ୍ରଚଳନ ନାହିଁ। ସେ କହିଥିଲେ, ବ୍ରିଟିଶମାନଙ୍କଠାରୁ ଆଦିବାସୀମାନଙ୍କ ନିକଟକୁ ମଦ୍ୟପାନ ଆସିଥିଲା ଓ ସେମାନଙ୍କ ଅଭ୍ୟାସରେ ରହିଯାଇଥିଲା। କୋହ୍ଲାପୁର ସ୍ୱାଧୀନ ସାଂସଦ ବି.ଏଚ୍.ଖାର୍‌ଡେକର ହିନ୍ଦୁ ରଢ଼ିବାଦୀଙ୍କ ପ୍ରତି ଏକ ସାହସିକ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ, ନିଷେଧାଦେଶ ସପକ୍ଷରେ ରଖାଯାଇଥିବା ଯୁକ୍ତିଗୁଡ଼ିକର ସତ୍ୟତା ନାହିଁ। ପ୍ରଥମ ଯୁକ୍ତି ଥିଲା, ୧୯୨୦ରୁ ୧୯୩୩ ମଧ୍ୟରେ ଆମେରିକୀୟମାନେ ଏହାକୁ ଲାଗୁ କରିଥିଲେ ଓ ଏହା ତ୍ରୁଟିପୂର୍ଣ୍ଣ ଥିବାରୁ ସେମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଦ୍ୱିତୀୟରେ କଂଗ୍ରେସ ପାର୍ଟି ଏହା କରିବାକୁ ପ୍ରତିଶ୍ରୁତି ଦେଇଥିଲା ଏବଂ ସେଥିରେ କିଛି ଗୁରୁତ୍ୱ ନ ଥିଲା। କାରଣ ସ୍ୱାଧୀନତା ପରେ କଂଗ୍ରେସ କେବଳ ଗୋଟିଏ ରାଜନୈତିକ ଦଳ ଥିଲା ଏବଂ ଦେଶର ପ୍ରତିନିଧିତ୍ୱ କରି ନ ଥିଲା। ତୃତୀୟରେ ପାର୍ସୀ ଏବଂ ଖ୍ରୀଷ୍ଟିଆନମାନେ ମଧ୍ୟ ନିଷେଧାଦେଶ ସପକ୍ଷରେ ଅଛନ୍ତି ବୋଲି ଦାବି ହୋଇଥିଲା ଓ ତାହା ମଧ୍ୟ ମିଥ୍ୟ ଥିଲା। ଶେଷରେ ଗାନ୍ଧିଜୀ ଏହା ସପକ୍ଷରେ ଥିଲେ। ଏହାର ଗୁରୁତ୍ୱ କିଛି ରହିଲା ନାହିଁ କାରଣ ଗାନ୍ଧୀ ମଧ୍ୟ ବାଧ୍ୟବାଧକତାର ବିରୋଧୀ ଥିଲେ।

ରାଷ୍ଟ୍ର ନିର୍ମାଣରେ ବ୍ୟବହାର କରାଯାଇପାରୁଥିବା ଅବକାରୀ ରାଜସ୍ୱ ବିଷୟରେ ମଧ୍ୟ ଖାର୍‌ଡେକର କହିଥିଲେ। ସେ ଆଧୁନିକ ରାଷ୍ଟ୍ରରେ ଅର୍ଥନୀତିଜ୍ଞ ହାରୋଲ୍ଡ ଲାସ୍କିଙ୍କ ଲିଖିତ 'ଲିବର୍ଟି ଇନ୍ ଦି ମର୍ଡନ ଷ୍ଟେଟ୍' ପୁସ୍ତକର ଏକ ଉକ୍ତିକୁ ଦର୍ଶାଇଥିଲେ। ସେଥିରେ ଲାସ୍କି କହିଛନ୍ତି, ବ୍ୟକ୍ତିଗତ ସ୍ୱାଧୀନତାକୁ ନିଷେଧାଦେଶ ଉଲ୍ଲଂଘନ କରେ। ଏହା ଥିଲା ବିତର୍କରେ ତାଙ୍କର ସବୁଠାରୁ ଗଠନମୂଳକ ଏବଂ ବାସ୍ତବ ହସ୍ତକ୍ଷେପ। କିନ୍ତୁ ତାଙ୍କର ପ୍ରମୁଖ ଯୁକ୍ତିଗୁଡ଼ିକ ଖାରଜ ହୋଇଯାଇଥିଲା। ଖାର୍‌ଡେକରଙ୍କ ବ୍ୟତୀତ ଅନ୍ୟ କୌଣସି ସମର୍ଥନର ଅଭାବ ଏବଂ ନୈତିକ ଆଧାରରେ ଏହାକୁ ଆଗକୁ ବଢ଼ାଇବାକୁ କଂଗ୍ରେସର ଇଚ୍ଛା ଥିବାରୁ ସଂଶୋଧନକୁ ଗ୍ରହଣ କରାଯାଇଥିଲା। ଧାରା ୪୭ରେ ଉଲ୍ଲେଖ ଅଛି ଯେ, ପୁଷ୍ଟିକର ସ୍ତର ଏବଂ ଲୋକମାନଙ୍କର ଜୀବନଧାରଣ ମାନ ବୃଦ୍ଧି ତଥା ଜନସ୍ୱାସ୍ଥ୍ୟର ଉନ୍ନତିକୁ ପ୍ରାଥମିକ କର୍ତ୍ତବ୍ୟଗୁଡ଼ିକ ଭାବେ ଦେଶ ଗ୍ରହଣ କରିବ ଏବଂ ବିଶେଷ ଭାବରେ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ମାଦକ ପାନୀୟ ଏବଂ ଦ୍ରବ୍ୟର ଔଷଧୀୟ ଉଦ୍ଦେଶ୍ୟକୁ ବାଦ୍ ଦେଇ ନିଷେଧାଦେଶ ଆଣିବାକୁ ଚେଷ୍ଟା କରିବ। କିନ୍ତୁ ବହୁ ଦଶନ୍ଧିରେ ଦେଖାଯାଇଛି, ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଷ୍ଟିକର ସ୍ତର ଏବଂ ଜୀବନଧାରଣର ମାନ ବୃଦ୍ଧି ତଥା ସ୍ୱାସ୍ଥ୍ୟର ଉନ୍ନତି ପ୍ରକୃତରେ ଦେଶର ପ୍ରାଥମିକ କର୍ତ୍ତବ୍ୟ ହୋଇଥିଲେ ବି ପରେ ତାହାକୁ ଉଲ୍ଲଂଘନ କରାଯାଇଛି। ୨୦୧୯ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ମାନବ ବିକାଶ ସୂଚକାଙ୍କରେ ୧୮୯ଟି ଦେଶ ମଧ୍ୟରୁ ୧୨୯ ତମ ସ୍ଥାନରେ ରହିଥିଲା ଭାରତ। ଏହି ସୂଚକାଙ୍କ ଆୟୁଷ, ଶିକ୍ଷା ଏବଂ ମୁଣ୍ଡ ପିଛା ଆୟ ମୂଲ୍ୟାୟନ କରିଥାଏ। ୨୦୨୩ ରେ ଭାରତ ୧୩୨ ସ୍ଥାନରେ ରହିଥିଲା। ସ୍ୱାଧୀନତା ପରଠାରୁ ଗୁଜରାଟରେ ସର୍ବଦା ମଦ୍ୟପାନ ଉପରେ ନିଷେଧାଦେଶ ରହିଆସିଛି। କିନ୍ତୁ ୨୦୧୭ରେ ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଦେଶର ୨୫ଟି ରାଜ୍ୟ ମଧ୍ୟରେ ୧୪ ସ୍ଥାନରେ ଗୁଜରାଟ ରହିଥିଲା। ବିହାର ଯେଉଁଠି ଏବେ ମଦ୍ୟପାନକୁ ବନ୍ଦ କରାଯାଇଛି ତାହା ସବାଶେଷ ୨୫ ର୍ୟାଙ୍କ୍‌ରେ ଥିଲା। ୨୦୨୨ରେ ହାର୍ଭାର୍ଡ ସେଣ୍ଟର ଫର୍ ପପୁଲେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ପୋଷଣ ଅଭିଯାନ ଉପରେ ଭାରତର ରାଜ୍ୟ ତଥା ଜିଲାଗୁଡ଼ିକର ସଫଳତାକୁ ଆକଳନ କରିଥିଲା। ମାର୍ଚ୍ଚ ୨୦୧୮ରେ ଗର୍ଭବତୀ ମହିଳା, କିଶୋରୀ, ସ୍ତନ୍ୟପାନ କରାଉଥିବା ମା' ଏବଂ ୬ ବର୍ଷରୁ କମ୍ ପିଲାମାନଙ୍କ ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ତେବେ ଗୁଜରାଟ ଏବେ ସର୍ବଶେଷ ସ୍ଥାନ ୨୮ରେ ରହିଛି। ଏହି ତଥ୍ୟ ଦର୍ଶାଇଛି ଯେ ଭାରତରେ ମଦ୍ୟପାନ ନିଷେଧାଦେଶକୁ ପୁଷ୍ଟିକର ସ୍ତର ଏବଂ ଏହାର ଲୋକମାନଙ୍କର ଜୀବନଧାରଣ ଓ ଜନସ୍ୱାସ୍ଥ୍ୟର ଉନ୍ନତିର ସାମ୍ବିଧାନିକ ଲକ୍ଷ୍ୟ ସହ ଯୋଡ଼ିବା କଷ୍ଟକର। ସତ କହିବାକୁ ଗଲେ, ଏହା କେବେ ବି ପ୍ରକୃତ କାରଣ ନୁହେଁ। ମହିଳାମାନଙ୍କର କଲ୍ୟାଣ ଏବଂ ସାମାଜିକ ସ୍ୱଚ୍ଛତା ନୈତିକ ଦୃଷ୍ଟିକୋଣରୁ ଭାରତରେ ସଦାବେଳେ ନିଷେଧାଦେଶକୁ ଉତ୍ସାହିତ କରାଯାଉଛି। ଶ୍ରୀନିବାସ ଦର୍ଶାଇଥିଲେ, ନିଷେଧାଦେଶ ଏକ ସଂସ୍କୃତ ଶାସ୍ତ୍ର କାର୍ଯ୍ୟର ପ୍ରତିନିଧିତ୍ୱ କରିଥିଲା ଯାହା ଜାତି ସହ ଜଡ଼ିତ। ଏହା ଭାରତୀୟ ବିତର୍କରେ କେବେହେଲେ ଆଗକୁ ଆସିନାହିଁ ଏବଂ ମଦ୍ୟପାନକୁ ଅସ୍ୱୀକାର କରିବା ଉପରେ ବିତର୍କ ପ୍ରାୟତଃ ବିଶ୍ୱସ୍ତରରେ ହୋଇଛି।

Email:aakar.patel@gmail.com

# ଖଳ କବଳରେ ଖଣିର ଖଜଣାଖାନା



ମାୟାଧର ନାୟକ

ଆନ୍ତର୍ଜାତିକ ମହାଜନି ମାଫିଆର କୁଟଚକ୍ରାନ୍ତରେ ଶାସନ ପ୍ରଶାସନର ମଧ୍ୟସ୍ଥତାରେ ଶିକାର ହେଉଛି ସାଧାରଣ ଜନତା। ଖଣିଜ ପଦାର୍ଥକୁ ସାମଗ୍ରୀରେ ପରିଣତ କରିବାର କାରିଗରି କୌଶଳଠାରୁ ଆଜି ଆମେ ଅପହଞ୍ଚ ଦୂରତ୍ୱରେ। ଏଥିପାଇଁ ଆବଶ୍ୟକ ବୈଷୟିକ, ବୈଜ୍ଞାନିକ ଜ୍ଞାନ ଓ ପ୍ରୟୋଗାତ୍ମକ କାର୍ଯ୍ୟକ୍ରମ। ଏସବୁର ଅଭାବ ଅନୁଭୂତ ହେଉଥିବା ପର୍ଯ୍ୟନ୍ତ ଖଣିଜ ପଦାର୍ଥର ଭବିଷ୍ୟତ ଘୋର ଅନ୍ଧକାରରେ ରହିବ। ପାଖାପାଖି ୫୦ପ୍ରକାର ଖଣିଜସମ୍ପଦ ସଭ୍ୟତାର ବିକାଶରେ ପ୍ରୟୋଜନ। ଏହି ଖଣି ପାଇଁ ସବୁ ଦେଶର ଧନଦାନବମାନେ ପାଗଳ। ପୃଥିବୀରୁ ଚନ୍ଦ୍ରକୁ ଯାଇ ଖଣିଜସମ୍ପଦ ଖୋଜୁଛନ୍ତି। ଅର୍ଥନୈତିକ ବିକାଶ ଓ ଜାତୀୟ ସୁରକ୍ଷା ପାଇଁ ଖଣିଜପଦାର୍ଥ କେବଳ ଭାରତ ନୁହେଁ, ସାରା ବିଶ୍ୱ ପାଇଁ ଆବଶ୍ୟକ। ଲୁହାପଥର, କ୍ରୋମାଇଟ୍, କୋଇଲା, ମାଙ୍ଗାନିଜ୍, ବକ୍ସାଇଟ୍, ହୀରା, ସୁନା, ମଣି, ମାଣିକ୍ୟ ପ୍ରମୁଖ ୩୨ ପ୍ରକାର ଏବଂ ଖଣିଜସମ୍ପଦ ଲିଥିୟମ, କୋବାଲ୍ଟ, ନିକେଲ୍, ଭାଣ୍ଡାଡିୟମ୍, ନିଓବିୟମ୍, ସେରାମନିୟମ, ଫେନିୟମ, ବେରିଲିୟମ, ଟାଣ୍ଟାଲିୟମ୍, ଷ୍ଟ୍ରୋଟିଲିୟମ୍, ଆଣ୍ଟିମନି, ବିସ୍‌ମୁଥ, କପର, ଗାଲିୟମ, ଗ୍ରାଫାଇଟ୍, ହାଫନିୟମ୍, ଇଣ୍ଡୁଏମ୍, ମୋଲିବେଡନିୟମ୍, ପ୍ଲାଟିନମ୍ ଗ୍ରୁପ୍, ଫସ୍‌ଫରସ୍ ଝିଙ୍ଗସ୍, ପଟାସ୍, ରେଆର ଇରଥିଏଲିମେଣ୍ଟ୍ସ, ସିଲିକନ୍, ଟେଲିଉରିୟମ୍, ଟିନ୍, ଟାଟାନିୟମ, ଟୁଙ୍ଗଷ୍ଟେନ୍ ଜିରାକୋନିୟମ, ସିଲେନିୟମ୍, କାଡମିୟମ୍ ପ୍ରଭୃତି ୩୦ ପ୍ରକାର ପାତାଳରେ କିମ୍ବା ପାହାଡ଼ପର୍ବତରେ ରହିଛି।

ଏ ସମସ୍ତ ଖଣିଜସମ୍ପଦ ସକଳ ଭୂଭାଗରେ ବିଚ୍ଛୁରିତ। ପୃଥିବୀପୃଷ୍ଠରେ ଯିଏ ଯେଉଁଠି ଦେଶ ଗଢ଼ି ବସବାସ କରୁଛନ୍ତି, ସେ ଭୂଖଣ୍ଡଗତ ଖଣିଜ ସମ୍ପଦାବଳୀର ତ ସେଇ ସେଇ ଦେଶ ମାଲିକ। ଖଣିଜସମ୍ପଦ ଆମଦାନୀ-ରପ୍ତାନି କରାଯାଏ। ଏଇସବୁ ଖଣିଜସମ୍ପଦରୁ ଯେଉଁସବୁ ପଦାର୍ଥ ପ୍ରସ୍ତୁତ ହୁଏ, ତା' ଅମୂଲମୂଲ। ଯାହା ପାଖରେ ଅର୍ଥ ସେ ହାତେଇନେଇ ବିଭିନ୍ନ ପଦାର୍ଥ ପ୍ରସ୍ତୁତ କରି ପୁଣି ଆମଦାନୀ କରିଆଣିଥିବା ଦେଶକୁ ବି ବେଶ୍ ଚଢ଼ାଦରରେ ରପ୍ତାନି କରିବା ଦ୍ୱାରା ଆଖିବୁଜା ମୁନାଫା ଅର୍ଜିପାରେ। ସୁତରାଂ ଯିଏ ଯେତେ ବେଶି ମୁଣ୍ଡ ଖଟାଇଲା ସେଇ ଦେଶ ସେତେ ବେଶି ଲାଭ ହାତେଇପାରିଲା। ଯେଉଁମାନେ ମୁଣ୍ଡ ଖଟେଇ ପାରନ୍ତି ନାହିଁ, ସେମାନେ ଭାରତ ଭଳି ଖଣିଜ କଞ୍ଚାମାଲକୁ ବିକାବିକିକରନ୍ତି, ସେ ଦେଶର ଲୋକେ ହତଭାଗା। ଆମ ସରକାର ନିଜର ଅପହୃତ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟିହୀନତା ପାଇଁ ଦୁର୍ମୂଲ୍ୟ ଖଣିଜସମ୍ପଦକୁ ଖଣିରୁ ବାହାରକରି କଳକାରଖାନାରେ ବ୍ୟବହାର କରିବା ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟ କରିବା ଆବଶ୍ୟକ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଖଣିଜସମ୍ପଦ ଯେନତେନ ପ୍ରକାରେଣ କାଢ଼ି ବସ୍ତାବସ୍ତା ଅର୍ଥ ସାଇତିବା ହେଲା ମୂଳଲକ୍ଷ୍ୟ।

ଏସିଆ ମହାଦେଶର କେବଳ ଓଡ଼ିଶାର ସୁକିନ୍ଦାରେ ୯୮% କ୍ରୋମପଥର ଅଛି। ପୃଥିବୀରେ ଭାରତ ବ୍ୟତୀତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ, କାଜାକସ୍ତାନରେ ଗଚ୍ଛିତ କ୍ରୋମ ପଥର ଉପରେ ସମଗ୍ର ବିଶ୍ୱ ନିର୍ଭରଶୀଳ। କ୍ରୋମର ବ୍ୟବହାର ସମ୍ପର୍କରେ କେବଳ ଓଡ଼ିଶାବାସୀ ନୁହନ୍ତି ସାରା ପୃଥିବୀର ସାଧାରଣ ମଣିଷଙ୍କର ବିଶେଷ



ଜ୍ଞାନ ନାହିଁ। କ୍ରୋମ ପଥର ବିଶେଷଭାବରେ ଯୁଦ୍ଧାସ୍ତ୍ର ନିର୍ମାଣ କରିବାରେ ସହାୟକ। ଇସ୍ପାତ ସହିତ ଏହାକୁ ମିଶ୍ରଣ କରାଯାଇ ଶକ୍ତିଶାଳୀ କ୍ଷୟରୋଧକ ମିଶ୍ରଧାତୁ ପ୍ରସ୍ତୁତ ହୁଏ। ବିଶ୍ୱରେ ଯେତେ ଯନ୍ତ୍ରପାତି ବ୍ୟବହାର ହେଉଛି, ସେଥିରେ କ୍ରୋମାଇଟ ହିଁ ମୁଖ୍ୟ ଅଂଶଗ୍ରହଣ କରେ। ବଲ୍‌ବ ବେରିଙ୍ଗଠାରୁ ଆରମ୍ଭକରି କ୍ରୋମ ମିଶ୍ରିତ ଇସ୍ପାତ ସବୁଠୁ ଶକ୍ତିଶାଳୀ ଯନ୍ତ୍ରାଂଶ ପ୍ରସ୍ତୁତ ହୋଇଥାଏ।

ଦଧୀଚିର ଅସ୍ଥି- ଯାହାକୁ ନେଇ ବଜ୍ର। ଏ କ୍ରୋମାଇଟ ହେଉଛି କଳିକାଳର ଦଧୀଚି ହାଡ଼ - ଯାହାକୁ ନେଇ ଆଧୁନିକ ମାରଣାସ୍ତ୍ରର ପ୍ରସ୍ତୁତି। ୟୁରୋପରୁ ଆମେରିକା ସବୁ ଧନକୁବେର ରାଷ୍ଟ୍ରର ନଖଦର୍ପଣରେ ଏବେ ସୁକିନ୍ଦା। ଏସୀୟ ରାଷ୍ଟ୍ର ଚାଇନା ଓ ଜାପାନ ଚାଟିନେଇ ସାରିଲେଣି ସୁକିନ୍ଦା କ୍ରୋମାଇଟର ବହୁଳାଂଶ। ଲକ୍ଷ ଲକ୍ଷ ବର୍ଷ ଧରି ଆମ ମାଟି ତଳେ ଗଚ୍ଛିତ ମୂଲ୍ୟବାନ ଖଣିଜ ପଦାର୍ଥକୁ ବିଦେଶକୁ ଶାଗମାଛ ମୂଲ୍ୟରେ ବିକ୍ରି କରିଦେଉଛେ। ସୁକିନ୍ଦା ଉପତ୍ୟକାରେ ଯେତେ କ୍ରୋମାଇଟ ଅଛି ତାହାକୁ ବେପରୁଆ ଭାବେ ଉତ୍ତୋଳନ କରି ବିକ୍ରି କଲେ ଶେଷ ହୋଇଯିବ। ସେତେବେଳେ ସୁକିନ୍ଦା ଖଣି ଅଞ୍ଚଳ 'ଭୂତଳ ଅଞ୍ଚଳ'ରେ ପରିଣତ ହେବ। ବର୍ମାରେ ଗଚ୍ଛିତ ଡିଜେଲ, ପେଟ୍ରୋଲ ଶେଷ ହୋଇଗଲା ପରେ ଯାହା ଅବସ୍ଥା ହେଲା, ସୁକିନ୍ଦା କ୍ରୋମାଇଟ ସରିଗଲେ କ'ଣ ହେବ ଏବେଠୁ କହିହେବନି।

କ୍ରୋମାଇଟ ଯଦି ମାଟି ଉପରେ ବାଲିଗୋଡ଼ି ଭଳି ଥୁଆ ହୋଇଥାନ୍ତା ତା'ହେଲେ ସେ କେବେଠୁଁ ଶେଷ ହୋଇସାରନ୍ତାଣି। କ୍ରୋମାଇଟ ଅଛି ସାତତଳ ପଙ୍କ ଭିତରେ। ଉପରେ ଜଙ୍ଗଲ, ଗଛ ମାଳମାଳ, ଝରଣା, ତଳେ ୧୦୦ ମିଟରରୁ ୫ ହଜାର ମିଟର ଗଭୀରରେ ଅଛି କ୍ରୋମପଥର। କ୍ରୋମାଇଟ ବାହାର କରିବାକୁ ହେଲେ ଜଙ୍ଗଲ ଧ୍ୱଂସ କରିବାକୁ ହେବ, ଝରଣାର ଗତିପଥ ବଦଳାଇ ଦେବାକୁ ହେବ, ମାଟିକାଦୁଅ ଖୋଳିବାକୁ ହେବ, ଖଣିରେ ପାଣି ଭର୍ତ୍ତିହେଲେ ପାଣି କାଢ଼ି ନଈନାଳକୁ ଛାଡ଼ିବାକୁ ହେବ - ଏସବୁ ହେଲେ କ୍ରୋମାଇଟ ପଦାକୁ ଆସିବ। ସେହି କ୍ରୋମାଇଟକୁ ଧଳାକାଗଜ କଲମରେ ବିକିବେ, କଳାରେ ଦଶଗୁଣ ବିକିବେ। ଯାହା ଖର୍ଚ୍ଚ ହୋଇଥିବ ଲାଭ ହେବ ଶହେଗୁଣ। ସେଇ ଲାଭ ଟଙ୍କାରୁ ପାଞ୍ଚ ଦଶ ଭାଗ 'ଭୋଗ' ବଣ୍ଟାରେ ଯିବ।

କୌଳିକତାହୀନ ଏବଂ ମୌଳିକତାହୀନ ଗୁଡ଼ାଏ ଅପଦାର୍ଥ ଏହି ଖଣିଜ ପଦାର୍ଥକୁ ଆତ୍ମସାତ୍ କରି ଆସନ୍ନ ଭବିଷ୍ୟତରେ ଯେଉଁ ଅମାପ ବିତ୍ତର ଅଧିକାରୀ ହେବାକୁ ଯାଉଛନ୍ତି ତାହା ସେମାନଙ୍କୁ ଜନଗଣଙ୍କର ପିଠିରେ ଚାବୁକ ଚଳାଇବାର ରାଜନୈତିକ ସାମର୍ଥ୍ୟ ପ୍ରଦାନ କରିବ ହିଁ କରିବ। କାରଣ ଆଜିର ପୌରୁଷ ବ୍ୟକ୍ତିତ୍ୱରେ ନାହିଁ, ଅଛି ବିତ୍ତରେ। ଧନ ଧଳା କି କଳା ହେଉ, ବାପଧନ ହେଉ କି ପାପଧନ ହେଉ, ବ୍ୟକ୍ତିତ୍ୱ ବର୍ଜିତ - ଅଥଚ ବିତ୍ତ ଅର୍ଜିତ ବ୍ୟକ୍ତିମାନଙ୍କ ଦ୍ୱାରା କବଳିତ ହେଲେ ସାରା ସମାଜ ପାଇଁ ଘୋର ଅଶୁଭ କାଳକୁ ନିମନ୍ତ୍ରଣ କରିଆଣିବ। ଖଣିଜ ସମ୍ପଦ ପ୍ରକୃତରେ ଜାତୀୟ ସମ୍ପତ୍ତି। ଏହି ଜାତୀୟ ସମ୍ପତ୍ତିକୁ କେଉଁ ନ୍ୟାୟରେ ବଣ୍ଟାକୁଣ୍ଟା କରି ଲିଜ୍ ମାଧ୍ୟମରେ ହେଉ କି ସୁପାରିସ୍ ଜରିଆରେ ହେଉ, ବ୍ୟକ୍ତି ସମ୍ପତ୍ତିରେ ପରିଣତ କରିବାରେ ବୀଭତ୍ସ ପ୍ରକ୍ରିୟା ଆଜି ତାରିଖ ସୁଦ୍ଧା ଜାରି ରହିଛି କିପରି ?

ପ୍ରାକୃତିକ ପ୍ରହରୀ ପରି ଯେଉଁ ଶହଶହ ବର୍ଷର ବୃକ୍ଷ- ଆଜି ସେମାନେ ଗୋଟାଏ ଗୋଟାଏ କାକୁସ୍ଥ କବନ୍ଧ ପରି ନିରୀହ ଦେଶବାସୀଙ୍କ ଆଖି ସାମ୍ନାରେ ଛିନ୍ନ ଓ ବିଚ୍ଛିନ୍ନ। ଏହା ଜାତୀୟ ଜୀବନର ସୁରକ୍ଷା ପ୍ରତି ଏକ ଅହିତକର ଅଭିଯାନର ଆରମ୍ଭ ମାତ୍ର, ଯାହା ଦିନେ ଆମର ଉତ୍ତରପିଢ଼ିକୁ ପାଉଁଶ ପୋଖରୀରେ ଉବୁଟୁବୁ ହୋଇ ଅଣନିଃଶ୍ୱାସୀ ଅବସ୍ଥାରେ ଶେଷ ଆଡକୁ ମୁହାଁଇନେବ।

ପ୍ରକୃତରେ ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଏକ ଧନୀ ରାଜ୍ୟ, କିନ୍ତୁ ଓଡ଼ିଶାର ଖଣିଶ୍ରମିକମାନେ ସୀମାହୀନ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ। ଦେଶୀ ବିଦେଶୀ ଘରୋଇ ଶିଳ୍ପପତିମାନେ ଓଡ଼ିଶାକୁ ଚରାଭୂଇଁରେ ପରିଣତ କରିବା ପାଇଁ ସରକାରଠାରୁ ବିଭିନ୍ନ ଫନ୍ଦିଫିକର, କଳକୌଶଳ କରି ଖଣି ଲିଜ୍ ନେଇ ଖଣିଜ ସମ୍ପଦରୁ କୋଟି କୋଟି ଟଙ୍କା ଲାଭ ନେଇଯାଉଛନ୍ତି, କିନ୍ତୁ ଯେଉଁମାନେ ରକ୍ତ ନିଗାଡ଼ି ଖଣିରୁ କଞ୍ଚାମାଲ ବାହାର କଲେ ସେମାନଙ୍କ ସମସ୍ୟା ହଜାରେ ପ୍ରକାର। ଯାହାର ମାଟିତଳେ ଅଜସ୍ର ସମ୍ପଦ, ତା'ର ଝିଅପୁଅ ଦୀନଦରିଦ୍ର ଅବହେଳିତ କାହିଁକି? ମୁଁ କେବଳ ଅଦୂର ଭବିଷ୍ୟତର ଲକ୍ଷ କୋଟି ଦୁର୍ଗରେ ଆର୍ତ୍ତନାଦ ଶୁଣିପାରୁଥିବା ଦୁଃଖୀ ଦୁର୍ବାସା। କ୍ରନ୍ଦନରେ ମୋର ବିଶ୍ୱାସ ନାହିଁ। ବର୍ତ୍ତମାନର ଘନାୟମାନ ଘନଘଟାରୁ ଜାତିକୁ ରକ୍ଷାକରିବା ପାଇଁ ନୀତି ଓ ନୈତିକତାର ପୁନଃଜାଗରଣ ପ୍ରକ୍ରିୟାରେ ତୁରନ୍ତ ପଦକ୍ଷେପ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ଯେପରି ନ ଘଟେ।

ଯେଉଁମାନଙ୍କ ଲୁହଲହୁରେ ବିଦେଶ, ଦେଶ, ରାଜ୍ୟର ଅର୍ଥନୀତି ସମୃଦ୍ଧ ହୁଏ, ଶିଳ୍ପପତିମାନଙ୍କର ହିମାଳୟ ପର୍ବତ ସଦୃଶ ସମ୍ପତ୍ତି ବୃଦ୍ଧି ହୁଏ ସେହି ଶ୍ରମିକମାନଙ୍କ ବେଦନାକ୍ତ ଛବି ଦେଖୁଛି କିଏ ନା ତାଙ୍କ ଦୁଃଖ ବୁଝୁଛି କିଏ? ଦେଶକୁ ପାଉଁଶଗଦା କି ଜାତିକୁ ପାଳଭୂତ କରନାହିଁ। ମୁଷ୍ଟିମେୟ ମହାଜନର ମୁନାଫା ହୋଇପାରେ, ମାତ୍ର ଅଗଣିତ ମାମୁଲି ମଣିଷର ମୃତ୍ୟୁ ଅବଶ୍ୟମ୍ଭାବୀ। ଏ ମୃତ୍ୟୁର ସ୍ରୋତକୁ ଆଜିଠୁ ବାଧା ଦିଆ ନ ଗଲେ ଆସନ୍ତା କାଲି ହେବ ଆମ ପାଇଁ ଅକାଳ ସକାଳ ଘୋର ଦୁଃସକାଳ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଚେତିବା କେବେ



ଡ. ପ୍ରମୋଦ କୁମାର ପଣ୍ଡା

ପ୍ରତିଦିନ ଭଳି ଦୀପାବଳିରେ ଫୁଲବାଲା ମୋ' ଘର ଗେଟ୍‌ରେ ଫୁଲ ଜରିଟିଏ ଟଙ୍ଗେଇ ଚାଲିଯାଇଥିଲା। ମୁଁ ତାକୁ ଦିନରେ ଘର ଠାକୁରଙ୍କ ପୂଜାରେ ବ୍ୟବହାର କଲି। ଓଡ଼ିଆ ଘରେ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ ପରେ ବଡ଼ବଡୁଆ ଅର୍ଥାତ୍ ପୂର୍ବପୁରୁଷଙ୍କୁ ଆବାହନର ପରମ୍ପରା ରହିଛି। ସନ୍ଧ୍ୟାବେଳ ପାଇଁ ପୁଣି ଫୁଲ ଦରକାର। ମୁଁ ଫୁଲବାଲାକୁ ଦୀପାବଳି ଦିନ ପାଇଁ ୨ ପୁଟୁଳା ଫୁଲ ଦେବାପାଇଁ କହିବାକୁ ଭୁଲିଯାଇଥିଲି। ସନ୍ଧ୍ୟା ପୂର୍ବରୁ, ଫୁଲବାଲା ପାଖକୁ ଯାଇ ଆଉ କିଛି ଫୁଲ ଦେବାପାଇଁ କହିଲି। ଦୋକାନୀ ମୋତେ ସବୁ ଫୁଲ ଦେଲା ମାତ୍ର ମନ୍ଦାର ଫୁଲ ଦେଲାନାହିଁ। ମୁଁ କହିଲି, ଆଜି କାଳୀ ଓ ମା' ଲକ୍ଷ୍ମୀଙ୍କ ପୂଜା, ତେଣୁ ମନ୍ଦାର ଫୁଲ ଦିଅ। ସେ କହିଲା, ଆଜି କଲିକତାରେ କାଳୀପୂଜା ଥିବାରୁ ମନ୍ଦାର ଫୁଲ ବହୁତ କମ ଆସିଥିଲା। ସକାଳେ ସରିଗଲା।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଭାଇ! କ'ଣ ମନ୍ଦାର ଫୁଲ ବି କଲିକତାରୁ ଆସୁଛି? ସେ କହିଲା, ହଁ ଆଜ୍ଞା! ପ୍ରତିଦିନ ମୁଁ ଆପଣଙ୍କୁ ତ କଲିକତି ମନ୍ଦାର ଫୁଲ ଦେଉଛି। ଦୋକାନୀର ଉତ୍ତର ଶୁଣି କାହିଁକି କେଜାଣି ମୋ ମୁଣ୍ଡଟା ଘାବରେଇଗଲା। ସହଜେ ତ ଗାଁରେ ପିଲାଦିନୁ ମନ୍ଦାର ଫୁଲରେ ଖେଳିଆସିଛୁ। ସବୁ ଗାଁରେ ମନ୍ଦାର ଫୁଲଗଛ ଭରପୂର। ଆମ ଗ୍ରାମ ଦେବତୀଙ୍କୁ ପ୍ରତିଦିନ ମନ୍ଦାର ଫୁଲ ଚଢ଼ାଟା ମନ ଭିତରେ ନାଚି ଯାଉଥିଲା। ତା' ଛଡ଼ା ରେଭେନ୍ସା କଲେଜରେ ଯୁକ୍ତ ଦୁଇ ବିଜ୍ଞାନରେ ପଢ଼ିବା ବେଳେ ମନ୍ଦାର ଫୁଲକୁ ଭୁଲିପାରୁନଥିଲି। ମୋଟ ଉପରେ କଲିକତାରୁ ମନ୍ଦାର ଫୁଲ ଆସି ଓଡ଼ିଶାରେ ଦେବୀ ପୂଜନକୁ ମୁଁ ସହଜରେ ହଜମ କରିପାରୁନଥିଲି। ମୋ' ବିବେକ କହୁଥିଲା ଏମିତି ବାଉଳାଙ୍କ ପରି ବିଚଳିତ ହେଲେ ଚଳିବ? ଯଦି ସରୁ ଚାଉଳ, ଅଟା, ଡାଲି, ତେଲ, ମାଛ, ଅଣ୍ଡା, ପିଆଜ, ରସୁଣ, ନଡ଼ିଆ, କଦଳୀ, ଛେଳି, ଅଦା, ଗେଣ୍ଡୁଫୁଲ, ଗାଜର, ଆଳୁ, ଚିନି, ପନିର, ଘିଅ, ଖୁଆ ଆଦି ଅନ୍ୟ ରାଜ୍ୟରୁ ଆସିପାରୁଛି, ମନ୍ଦାରଫୁଲ ଆସିଗଲା ଯେ କ'ଣ ଭାସିଗଲା? ଆଗାମୀ ଦିନରେ ସବୁକିଛି ତ ପଡ଼ୋଶୀ ରାଜ୍ୟରୁ ଆସିବ ଓ ଆମେ ତାକୁ ଖାଇ ସଗର୍ବେ କହିବା ଆମେ ଆମ ଉଦ୍ୟମରେ ଓ ଏକ ନମ୍ବର ଖାଉଟି ରାଜ୍ୟରେ ପରିଗଣିତ କରିଦେଇଛୁ। ହଁ ପାଠକ ବନ୍ଧୁ! ବାସ୍ତବରେ ବଡ଼ ଲଜ୍ଜାଜନକ ସ୍ଥିତି। ଆମଠୁ ଧନୀ ରାଜ୍ୟ ପଶ୍ଚିମବଙ୍ଗର ମୁଣ୍ଡ ପିଛା ଆୟ ଓଡ଼ିଶାଠୁ ଅଧିକ। ପଶ୍ଚିମବଙ୍ଗର ଚାଷୀଙ୍କ ମାସିକ ଆୟ ୬,୭୬୨ ଟଙ୍କା ହୋଇଥିବାବେଳେ ଓଡ଼ିଶାର ମାସିକ ଚାଷୀ ଆୟ ୫,୧୧୨ ଟଙ୍କା। ସେଠାକାର ଚାଷୀଭାଇ ମନ୍ଦାର ଫୁଲ ଉତ୍ପାଦନ କରି ଆମକୁ ବିକ୍ରି କରୁଛି। ମାତ୍ର ଆମର ସବୁ ସୁବିଧା ଥିବା ସତ୍ତ୍ୱେ ଅଳସୁଆମି ଯୋଗୁ ଆମେ ଖାଉଟି ହେଉଛୁ।

ଆଜିକାର ନୂଆପିଢ଼ିକୁ ଏ ବିଷୟରେ ଗଭୀର ଚିନ୍ତା କରିବାକୁ ପଡ଼ିବ। ସର୍ବଦା ସରକାରଙ୍କୁ ସାହାଯ୍ୟ ଭିକ୍ଷା କରିବା କିମ୍ବା ସରକାରଙ୍କୁ ଦୋଷ ଦେଲେ ଚଳିବ ନାହିଁ। ପଶ୍ଚିମବଙ୍ଗ ସରକାର କ'ଣ ମନ୍ଦାର ଫୁଲ



ଚାଷ କରୁଛନ୍ତି ନା ଜନସାଧାରଣଙ୍କୁ ଟଙ୍କାପଇସା ଦେଇ ତା'ର ବିକ୍ରିବଟା କରୁଛନ୍ତି। ସେଠାକାର ଚାଷୀ ଓ ବ୍ୟବସାୟୀ ନିଜର ରୋଜଗାର ବୃଦ୍ଧି ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଏସବୁ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପୁରପଲ୍ଲୀର ହୋଟେଲରେ ତନ୍ଦୁରୀ ରୋଟି ଓ ତଡ଼କା ମିଳୁଛି। ସେ ସବୁକୁ ପଞ୍ଜାବୀ ଲୋକ ପ୍ରଚାର ପ୍ରସାର କରିଛନ୍ତି, କିନ୍ତୁ ସେଠାକାର ସରକାର ନୁହେଁ। ସେହିପରି ଓଡ଼ିଶାର ଖାଦ୍ୟ ଓଡ଼ିଶା ବାହାରକୁ ନେବା ଦାୟିତ୍ୱ ସରକାରଙ୍କୁ ଦେବା ଠିକ୍ ନୁହେଁ। ଏହା ଆମ ଜନସାଧାରଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ। ମୋଟ ଉପରେ ଆମ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଚିନ୍ତା କରିବା ଦରକାର କିପରି ଆବଶ୍ୟକତାକୁ ରାଜ୍ୟର ନିଜସ୍ୱ ଉତ୍ପାଦନରେ ପୂରଣ କରିବା।

ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ମନ୍ଦିର ଅଛି। ଭୁବନେଶ୍ୱରକୁ ସେଥିପାଇଁ ମନ୍ଦିରମାଳିନୀ ସହର କୁହାଯାଏ। କିନ୍ତୁ ମନ୍ଦାର ଫୁଲ ଆଣୁଛୁ ପଶ୍ଚିମବଙ୍ଗରୁ। ଆଳୁ ପାଇଁ କିମ୍ବା ଅଦା ପାଇଁ ଶୀତଳଭଣ୍ଡାର ଆବଶ୍ୟକ, ଯାହା ରାଜ୍ୟରେ ନାହିଁ। ତେଣୁ ଚାଷୀ ଏହାକୁ ଚାଷ କରି ପାରୁନାହାନ୍ତି। ମାତ୍ର ମନ୍ଦାରଫୁଲ ପାଇଁ ତ ଶୀତଳଭଣ୍ଡାର ଆବଶ୍ୟକ ନୁହେଁ। ପ୍ରତିଦିନ ଏହା ଗାଡ଼ିରେ ଆସୁଛି। ଏହାସହ ବର୍ତ୍ତମାନ ଓଡ଼ିଶାରେ ବିଚିତ୍ର ସ୍ଥିତି ଉତ୍ପନ୍ନ ହେଲାଣି। ସହରମାନଙ୍କରେ ଉତ୍ତରପ୍ରଦେଶରୁ ଲୋକେ ଆସି ରାସ୍ତା କଡ଼ରେ ଚିନାବାଦାମ ଭାଜି ବିକ୍ରି କରୁଛନ୍ତି। ସେମାନେ ତାଙ୍କ ରାଜ୍ୟରୁ ଚିନାବାଦାମ ଆଣୁଛନ୍ତି। ଆଉ କିଛି ଦିନପରେ ଆମର ଚିନାବାଦାମ ବିକ୍ରି ନ ହୋଇ ପଡିରହିବ। ଆମ ରାଜ୍ୟର ବଜାର ବାହାର ରାଜ୍ୟ ଉତ୍ପାଦକୁ ଗୋଟିକ ପରେ ଗୋଟିଏ ଟେକିଦେବା ଉଚିତ କି? ଆଳୁ ବଜାର ପଶ୍ଚିମବଙ୍ଗ ଓ ବିହାର ଚାଷୀଙ୍କୁ ଦେଇଦେଲୁ। ପିଆଜ ବଜାର ମହାରାଷ୍ଟ୍ର ଚାଷୀଙ୍କୁ। ରସୁଣ ବଜାର ଗୁଜରାଟ ଓ ରାଜସ୍ଥାନ ଚାଷୀଙ୍କୁ। ଏହିପରି ଅନେକ କିଛି। ମନ୍ଦାର ଫୁଲ ଚାଷରେ ଲାଭ ନ ଥିଲେ କଲିକତା ଚାଷୀ କରନ୍ତେ କାହିଁକି। ଜଳେଶ୍ୱର ଡେଇଁଲେ ମେଦିନାପୁର। ପୂର୍ବେ ତାହା ବାଲେଶ୍ୱର ଜିଲାରେ ଥିଲା। ଆମର ଓ ତାଙ୍କର ମୃତ୍ତିକା ଏବଂ ଜଳବାୟୁ ସମାନ। ସେଠାରେ ବର୍ଷତମାମ ଗେଣ୍ଡୁଫୁଲ ଚାଷ ହେବ ଆଉ ଆମେ କିଣିକି ଠାକୁର ପୂଜା କରିବା। କିନ୍ତୁ ଏସବୁ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ସମୟ ନାହିଁ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକସମାଜ ପାଖରେ ଏ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ଆଣିବାକୁ ସମୟ ମଧ୍ୟ ନାହିଁ। ଯୁବବର୍ଗଙ୍କ ମନରେ ଏ ପ୍ରଶ୍ନ ଉଠୁନାହିଁ। ଆମ ରାଜ୍ୟର ନାନାବିଧ ଆବଶ୍ୟକତାକୁ ଆଉ ରାଜ୍ୟ ଉତ୍ପାଦନରେ ପୂର୍ତ୍ତି କରିବା ପାଇଁ ପାରଦର୍ଶୀ ଯୋଜନା ନିର୍ମାଣ ଓ ତା'ର ସଠିକ କ୍ରିୟାନ୍ୱୟନର ଆବଶ୍ୟକତା ରହିଛି। ନ ହେଲେ ଆମ ରାଜ୍ୟରୁ ପ୍ରତିବର୍ଷ ୧୦ମ ଶ୍ରେଣୀ ପାସ୍ କରୁଥିବା ୬ ଲକ୍ଷ ପିଲା କରିବେ କ'ଣ? ମନ୍ଦାର ଫୁଲ ଏକ ଛୋଟ ଜିନିଷ, ମାତ୍ର ଦୁଃଖ ଲାଗୁଛି ଯେ ଓଡ଼ିଶାରେ ଉତ୍ପାଦନ ଭିତ୍ତିଭୂମି ଥାଇ ଖାଉଟି ସାଜି ଅନ୍ୟ ରାଜ୍ୟ ଉତ୍ପାଦରେ ବଞ୍ଚିବା ମାନସିକତାର ବୃଦ୍ଧି ହେଉଛି। ଓଡ଼ିଶାର ଯୁବପିଢ଼ି ଏ ସମସ୍ୟା ସମାଧାନ ପାଇଁ ଆଗେଇ ଆସନ୍ତୁ। ବୟସ୍କ ଏବଂ ଅନୁଭବୀ ସେମାନଙ୍କୁ ପ୍ରେରଣା ଓ ଜ୍ଞାନ ଦିଅନ୍ତୁ ; ଆଉ ପ୍ରଶାସକ ଉତ୍ପାଦ ବିକ୍ରି ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା କରନ୍ତୁ।

ଶ୍ୟାମଚାନ୍ଦ ପାଟଣା, ଭଦ୍ରକ
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ବୈଷୟିକ କ୍ଷେତ୍ରରେ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତିଙ୍କୁ ଏବେ ମିଲେଟ୍ ମିଶନ ଆକର୍ଷିତ କରିପାରିଛି, ଯାହାର ଉଦାହରଣ ଦେଖିବାକୁ ମିଳିଛି ସାଇ କ୍ରିଷ୍ଣ ପୋକୁରୀଙ୍କ କ୍ଷେତ୍ରରେ। ସାଇ କ୍ରିଷ୍ଣ ଦିଲ୍ଲୀ ଆଇଆଇଟିରୁ ଡିଗ୍ରୀ ହାସଲ କରିବା ପରେ ଶିକ୍ଷା କ୍ଷେତ୍ରରେ ଚାକିରି କରିଥିଲେ। କିନ୍ତୁ ତାହାକୁ ଛାଡ଼ି ଏବେ ସେ ମିଲେଟ୍ ବ୍ୟବସାୟୀ ପାଲଟିଛନ୍ତି। ବ୍ୟବସାୟରୁ ସେ ବର୍ଷକୁ ୨.୫ କୋଟି ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ସେ ବିଭିନ୍ନ ପ୍ରକାର ମିଲେଟ୍ ପ୍ରସ୍ତୁତ ଖାଦ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ 'ହେଲ୍‌ଥ ସୂତ୍ର' ଷ୍ଟାର୍ଟଅପ୍ ଗଠନ କରିଛନ୍ତି। ମୁଖ୍ୟତଃ ଯଅ, ବାର୍ଲି ଓ ମାଣ୍ଡିଆ ଫ୍ଲେକ୍ ସହିତ ଶତାଧିକ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହିସବୁ ଉତ୍ପାଦ ଏବେ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ପ୍ରାୟ ୩୦୦୦ ସୁପରମାର୍କେଟରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ଏଗୁଡ଼ିକୁ ସେ ଆମାଜନ ମାଧ୍ୟମରେ ବାହାର ଦେଶରେ ବିକ୍ରି କରୁଛନ୍ତି। ସାଇ ଏବେ ପିଲାମାନଙ୍କ ପାଇଁ ସହଜରେ ହଜମ ହେଉଥିବା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜାନୁଆରୀ ୧୯୭୫

- ଉତ୍ତର-ଭାରତରେ ହୋଇଥିବା ପ୍ରଚଣ୍ଡ ଭୂମିକମ୍ପରେ ଭାରତ -ତିବ୍ବତ ସୀମାନ୍ତବର୍ତ୍ତୀ କିନ୍ନପୁର ଜିଲ୍ଲାରେ ବହୁ ଘରଦ୍ୱାର ଭାଙ୍ଗି ରୁଜି ଯିବାସହ ୩୬ ଜଣଙ୍କ ପ୍ରାଣହାନୀ।
- ବମ୍ବେସ୍ଥିତ କେନ୍ଦ୍ରୀୟ ଫିଲ୍ମ ଡିଭିଜନର ଜଏଣ୍ଟ ଚିଫ୍ ପ୍ରଡ୍ୟୁସର ଶ୍ରୀ ପ୍ରମୋଦ ପତିଙ୍କ ୪୨ ବର୍ଷ ବୟସରେ ପରଲୋକ।
- ପୋଲିସ ବିଭାଗର ଆଧୁନିକୀକରଣରେ ଏକ ନୂତନ ପଦକ୍ଷେପ ସ୍ୱରୂପ କେରଳର କୁଟାଣ୍ଡଠାରେ ଭାରତର ପ୍ରଥମ ଭାସମାନ ପୋଲିସ ପୋଲିସ ଥାନା ଉଦ୍‌ଘାଟିତ।

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
(ତୁମେଟି ଚାଲିବା ଜାଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | 6 | 5 | |
| | | | | | | | | 2 |
| | | | | | | | 9 | |
| | 6 | | | 7 | | | 8 | |
| | 4 | | 6 | 5 | | | | |
| | | 5 | | 9 | 3 | | 1 | |
| | | 3 | 5 | 8 | | | | |
| | | | | | 1 | | 7 | 3 |
| | 8 | | 4 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 8 | 1 | 4 | 5 | 2 | 9 |
| 9 | 4 | 8 | 7 | 2 | 5 | 3 | 6 | 1 |
| 5 | 2 | 1 | 6 | 3 | 9 | 8 | 4 | 7 |
| 3 | 1 | 7 | 5 | 6 | 2 | 9 | 8 | 4 |
| 6 | 5 | 9 | 4 | 8 | 1 | 2 | 7 | 3 |
| 2 | 8 | 4 | 9 | 7 | 3 | 6 | 1 | 5 |
| 1 | 9 | 5 | 2 | 4 | 8 | 7 | 3 | 6 |
| 4 | 7 | 2 | 3 | 9 | 6 | 1 | 5 | 8 |
| 8 | 6 | 3 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବଂଶଗତ ରାଜନୀତି ବିଲୋପ ହେଉ

ମହାଶୟ,

ଦେଶ ତଥା ରାଜ୍ୟରେ ବଂଶାନୁକ୍ରମିକ ରାଜନୀତିର ବିଲୋପ ଆଜି ମଧ୍ୟ ହୋଇନାହିଁ କହିଲେ ଚଳେ। ଆମ ରାଜ୍ୟରେ ରାଜନୈତିକ ଦୃଷ୍ଟିକୋଣରୁ ବିଚାରକୁ ନିଆଗଲେ, ଏହାର ସ୍ପଷ୍ଟତା ଏବେ ମଧ୍ୟ ବାରି ହୋଇପଡୁଛି। ଯାହାକି କିଛି ଦିନର ବ୍ୟବଧାନରେ ଜନୈକ ରାଜନେତା ଓ ତାଙ୍କର ଦାୟାଦ ମାନଙ୍କର ସମ୍ମିଳିତ ରାଜନୈତିକ ପ୍ରବେଶରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ଏଇ ବ୍ୟବସ୍ଥାଟି ସୁପ୍ରିମକୋର୍ଟ ରାୟ ବିପକ୍ଷରେ କିମ୍ବା ସପକ୍ଷରେ ଯାଉଛି ତାହା କେବଳ ସେହି ରାଜନେତାମାନେ ହିଁ ବିଚାର କରିବେ। ଆଜି ଏହା ଆବଶ୍ୟକ ଯେ, ପ୍ରତ୍ୟେକ ପରିବାରରୁ କେବଳ ଜଣେ ମାତ୍ର ପ୍ରାର୍ଥୀ ପ୍ରତିନିଧିତ୍ୱ କରିବା ଅତ୍ୟନ୍ତ ଜରୁରୀ। ଏହା ମଧ୍ୟ ଆଇନ ସଙ୍ଗତ ଭାବେ ପରିଗଣିତ ହେବା ବିଧେୟ। ମୁଖ୍ୟତଃ ଏହାଦ୍ୱାରା ଏକଛତ୍ରବାଦ ଏବଂ ମନୋମୁଖୀ ଶାସନର ବିଲୋପ ହୋଇପାରିବ ଏବଂ ବଂଶାନୁକ୍ରମିକ ରାଜନୀତିର ମଧ୍ୟ ଅବସାନ ଘଟିବ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨.୬୬ ଲକ୍ଷ ହିତାଧିକାରୀଙ୍କୁ ଋଣ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର/ଢେଙ୍କାନାଳ,୨୦।୧ (ଅନିଲ ଦାସ/ରତନ ନାୟାର)






ଢେଙ୍କାନାଳର ପଲ୍ଲିଶ୍ରୀ ମେଳା ପଡ଼ିଆ ଏବଂ ସମ୍ବଲପୁରରେ ଭାରତ ସରକାରଙ୍କ ତରଫରୁ ଶନିବାର ଅନୁଷ୍ଠିତ ପୃଥକ୍ 'ଋଣ ମେଳା' ତଥା 'କ୍ରେଡିଟ୍ ଆଉଟରିଚ୍' କାର୍ଯ୍ୟକ୍ରମରେ ସମ୍ବଲପୁର, ଦେବଗଡ଼, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୨ ଲକ୍ଷ ୬୬ ହଜାର ୧୮୬ ହିତାଧିକାରୀଙ୍କୁ ପ୍ରାୟ ୫ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧାରୀ ହିତାଧିକାରୀମାନଙ୍କୁ ଏହି ଋଣ ପ୍ରଦାନ କରିଛନ୍ତି।

ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଦେବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଦାରିଦ୍ର୍ୟକୁ ହ୍ରାସ କରି ଲୋକମାନଙ୍କୁ ଆତ୍ମନିର୍ଭର କରିବା ସହ ସେମାନଙ୍କୁ ସ୍ୱାଭିମାନୀ କରିବା ପାଇଁ ବଜ୍ରପ୍ରତିଜ୍ଞା କରିଛନ୍ତି। ଆଜିର ଏହି ଋଣ ମେଳା ତାହାର ଏକ ପ୍ରତିଫଳନ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବଲପୁର ଓ ଦେବଗଡ଼ ଜିଲାର ୭୦,୬୮୯ ଜଣ ହିତାଧିକାରୀଙ୍କୁ ୨୨୮୯ କୋଟି ଟଙ୍କାର ଋଣ ସହାୟତା ଦିଆଯାଇଛି। ସେହିପରି ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧ ଲକ୍ଷ ୯୫ ହଜାର ୪୯୭ ଜଣଙ୍କୁ ୨୫୩୭ କୋଟି ଟଙ୍କାର ଋଣ ଦିଆଯାଇଛି। କ୍ଷୁଦ୍ର ବ୍ୟବସାୟୀ, ମୁଦ୍ରା, ଷ୍ଟାର୍ଟ ଅପ୍ ଇଣ୍ଡିଆ, ପିଏମ୍ ସ୍ୱନିଧି, ଏମ୍ଏସ୍ଏମ୍ଇ, କିଷାନ କ୍ରେଡିଟ୍ କାର୍ଡ, ଫସଲ, ମତ୍ସ୍ୟଚାଷ ଓ ଏସ୍ଏଚ୍ଜି ଭଳି ଯୋଜନା ପାଇଁ ଏହି ଋଣ ଦିଆଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଏବଂ ବ୍ୟାଙ୍କ ସମୂହକୁ ଧର୍ମେନ୍ଦ୍ର ଧନ୍ୟବାଦ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଓଡ଼ିଶାରେ ଋଣ ସହାୟତା ୬୭ ହଜାର କୋଟି ଟଙ୍କା ଥିବାବେଳେ ମୋଦି ସରକାରରେ ଏହା ୩ଗୁଣା ବୃଦ୍ଧି ପାଇ ୨ ଲକ୍ଷ ୧୪ କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାରେ ୨୦୧୪ ପର୍ଯ୍ୟନ୍ତ ୪୩୩୮ଟି ବ୍ୟାଙ୍କ ଥିଲା। ଗତ ୧୦ ବର୍ଷ ଭିତରେ ୧୫୦୦ରୁ ଅଧିକ ବ୍ୟାଙ୍କ ସୃଷ୍ଟି ହୋଇଛି। ମୋଦି ସରକାରଙ୍କ ସଫଳ ନୀତି ଓ କଲ୍ୟାଣକାରୀ ଯୋଜନା କାରଣରୁ ଦେଶର ୨୪.୮ କୋଟି ଏବଂ ଓଡ଼ିଶାର ପ୍ରାୟ ୧ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇ ବିକାଶ ସହ ଯୋଡ଼ି ହୋଇଛନ୍ତି। ଆଜି ଓଡ଼ିଶାରେ ବହୁତ ମନଗଢ଼ା ଗପ ଚାଲିଛି। ମୋଦି ସରକାରଙ୍କ ପକ୍ଷରୁ ସେ ଦୃଢ଼ ଭାବେ ହିସାବ ଦେବାକୁ ଆସିଛନ୍ତି। ରାଜ୍ୟ ସରକାର ପରଘର ତିଅଣରେ ଅତିଥି ଚର୍ଚ୍ଚା କରୁଛନ୍ତି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ମୋଦି ମହିଳାମାନଙ୍କ ପାଇଁ 'ନମୋ ଡ୍ରୋନ ଦିଦି' ଯୋଜନାର ଶୁଭାରମ୍ଭ କରିବେ। ଏହି ଡ୍ରୋନ୍ ସାହାଯ୍ୟରେ ମହିଳାମାନେ ଚାଷ କାର୍ଯ୍ୟକୁ ସହଜରେ କରିପାରିବେ। ସେହିପରି ଗରିବ ଲୋକଙ୍କ ବ୍ୟାଙ୍କ ଖାତା ଖୋଲାଯାଇ ସେମାନଙ୍କୁ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଆର୍ଥିକ ସହାୟତା ସହ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ମୋଦି ସରକାର ଗ୍ୟାରେଣ୍ଟି ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଆଇଆଇଏମ୍ ସମ୍ବଲପୁରରେ ଭାରତର ସର୍ବପ୍ରଥମ 'କ୍ରାଫ୍ଟ ଇନ୍‌କ୍ୟୁବେଶନ ସେଣ୍ଟର'ର ଲୋକାର୍ପଣ କରିଥିଲେ। ବୟନଶିଳ୍ପରେ କାମ କରୁଥିବା ମାତୃଶକ୍ତିମାନଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବା ସହ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଋଣ ମେଳାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧାରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦକ୍ଷ ନେତୃତ୍ୱ ଯୋଗୁ ଗରିବ, ମହିଳା, କୃଷକ ଓ ଯୁବକମାନଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦିଆଯାଉଛି। ଏହା ଆତ୍ମନିର୍ଭର କରିବା ସହିତ ସେମାନଙ୍କୁ ଆର୍ଥିକ ଶକ୍ତି ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

ଏହି ଅବସରରେ ଢେଙ୍କାନାଳରେ ୟୁକୋ ଏମ୍ପାୱାର ଅନ୍‌ଲାଇନ କାର୍ଯ୍ୟକ୍ରମ ଏବଂ ଏ ସଂକ୍ରାନ୍ତରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଥିରେ ୟୁକୋ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏସ୍ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ଅଶ୍ୱିନୀ କୁମାର, ଏସ୍ଏଲ୍‌ବିସି ଆବାହକ ଗୌତମ ପାତ୍ର ଓ ରାଜ୍ୟରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ଗୁଡ଼ିକର ମୁଖ୍ୟମାନେ ଯୋଗ ଦେଇଥିଲେ।

### 'କ୍ରେଡିଟ୍ ଆଉଟରିଚ୍' କାର୍ଯ୍ୟକ୍ରମ

- ସମ୍ବଲପୁର, ଦେବଗଡ଼ ଜିଲାର ୭୦,୬୮୯ ଜଣଙ୍କୁ ୨୨୮୯ କୋଟି
- ଢେଙ୍କାନାଳ, ଅନୁଗୋଳର ୧ ଲକ୍ଷ ୯୫ ହଜାର ୪୯୭ ଲାଭାର୍ଥୀଙ୍କୁ ୨୫୩୭ କୋଟି
- ଆଇଆଇଏମ୍ ସମ୍ବଲପୁରରେ 'କ୍ରାଫ୍ଟ ଇନ୍‌କ୍ୟୁବେଶନ ସେଣ୍ଟର' ଲୋକାର୍ପିତ

# କ୍ରିକେଟ ବ୍ୟାଟ୍‌ରେ ପିଟି ହତ୍ୟା

ସୋନପୁର/ତରଭା,୨୦।୧ (ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)

କ୍ରିକେଟ ବ୍ୟାଟ୍‌ରେ ପିଟି ସୁବର୍ଣ୍ଣପୁର ଜିଲା ତରଭା ଥାନା ମେଣ୍ଡା ଗାଁର ଜଣେ ଯୁବକଙ୍କୁ ଶନିବାର ଅପରାହ୍ନରେ ହତ୍ୟା କରାଯାଇଛି। ମୃତକ ହେଲେ ସନ୍ତୋଷ ହାତୀ(୪୦)। ତରଭା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ତରଭା ରଣାପଡ଼ାର ୬ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସନ୍ତୋଷ ମେଣ୍ଡା ଘାସିପଡ଼ାର ରାଧାକାନ୍ତଙ୍କ ପୁଅ। ଘାସିପଡ଼ାର ଲୋକେ ମେଣ୍ଡା ଫାଣ୍ଡିକୁ ଘେରାଉ କରିଛନ୍ତି। ସୋନପୁର ଏସ୍‌ଡିପିଓ ପ୍ରତାପ କୁମାର ତ୍ରିପାଠୀ ଓ ତରଭା ଆଇଆଇସି ଅନିତା କିଡୋ ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ବେଳେ ସନ୍ତୋଷ ଜଣେ ସାଙ୍ଗଙ୍କ ସହ ମେଣ୍ଡାର ଖାରିବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ସେମାନେ ରଣାପଡ଼ାର ରାଜେଶ ରଣାଙ୍କୁ ଗାଳିଗୁଲଜ କରିଥିଲେ। କାରଣ ସନ୍ତୋଷ ଓ ରାଜେଶଙ୍କ ମଧ୍ୟରେ ପୂର୍ବରୁ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହା ଜାଣିବା ପରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ହୋଇ ଅପରଗୋଷ୍ଠୀ ଏକ କ୍ରିକେଟ ବ୍ୟାଟ୍‌ରେ ସନ୍ତୋଷଙ୍କ ମୁଣ୍ଡକୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସନ୍ତୋଷଙ୍କ ସାଙ୍ଗ ସାମାନ୍ୟ ଆହତ ହୋଇ ସେଠାରୁ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ଫାଣ୍ଡି ଘେରାଉ କରିଥିଲେ। ମୃତକଙ୍କ ପୁଅ କାରନ(୨୦)ଙ୍କ ଅଭିଯୋଗକ୍ରମେ ତରଭା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ତେବେ ହତ୍ୟାକାଣ୍ଡ ପରେ ରାଜେଶ ରଣା ଆତ୍ମସମର୍ପଣ କରିଥିଲେ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପରଲୋକ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୦।୧



ଜଳେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ଜନିତ ରୋଗରେ ପୀଡିତ ଥିଲେ। ଅଳ୍ପଦିନ ପୂର୍ବରୁ ସେ ଗୁରୁତର ଅସୁସ୍ଥ ହୋଇ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ହାସିମପୁର ଗ୍ରାମରେ ଜନ୍ମିତ ଜୟନାରାୟଣ ବାଲିଆପାଳ ଅଞ୍ଚଳର ବିକାଶ ପୁରୁଷ ଭାବେ ପରିଚିତ। ଯେତେବେଳେ ବାଲିଆପାଳ ବ୍ଲକ ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ଥିଲା ସେହି ସମୟରେ ୧୯୯୫ରୁ ୨୦୦୦ ଏବଂ ୨୦୦୦ରୁ ୨୦୦୪ ଦୁଇ ଥର ବିଧାୟକ ହୋଇଥିଲେ। ବିଧାୟକ ପୂର୍ବରୁ ବାଲିଆପାଳ ବିଏଡ୍ କଲେଜ ପରେ ବାଲିଆପାଳ ଫିଜିକାଲ କଲେଜ, ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟ, ସୁବର୍ଣ୍ଣରେଖାରେ ପୋଲ, ବାଲିଆପାଳ ଅଞ୍ଚଳର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, ରଥଯାତ୍ରା ଆରମ୍ଭ ସହିତ କେତେକ ଅନୁଷ୍ଠାନ, ମନ୍ଦିର ଗଢ଼ିଛନ୍ତି। ତାଙ୍କ ବିକାଶଧାରାକୁ ବାଲିଆପାଳ ଅଞ୍ଚଳର ଜନସାଧାରଣ କେବେବି ଭୁଲିପାରିବେ ନାହିଁ ବୋଲି ତାଙ୍କ ବନ୍ଧୁ ପ୍ରିୟନାଥ ସେଠୀ, କାଳିଚରଣ ଦେ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ପୂର୍ବତନ ସରପଞ୍ଚ ମୁରଲୀମୋହନ ସାହୁ, ପ୍ରଫୁଲ୍ଲ ସାହୁ ପ୍ରମୁଖ କହିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ମହିଳା ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ, ଭାଜପା ନେତା ଶ୍ୟାମାପ୍ରସାଦ ବେହେରା, ମହେଶ୍ୱର ଜେନା, ଅରବିନ୍ଦ ବେହେରା, ନିଶାକର ସେଠୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଶେଷଶଯ୍ୟା ନିକଟରେ ଦୁଇପୁଅ ସତ୍ୟକାମ ଓ ଦିବ୍ୟକାମ ଥିଲେ। ସ୍ୱର୍ଗତ ଜୟନାରାୟଣ ଦୀର୍ଘଦିନ ଧରି କଂଗ୍ରେସରେ ଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନର କିଛିଦିନ ପୂର୍ବରୁ ଭାଜପାରେ ସାମିଲ ହୋଇଥିଲେ।


**ପୂର୍ବତଟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ନଂ.: 48-SBP-TRD-OT-2023-24

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର SSP ଠାରୁ ଅତିରିକ୍ତ ଫିଡର ଲାଇନ୍ ଦ୍ୱାରା ଟ୍ରାକ୍ସନ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧିର ଉନ୍ନତି ଆଣିବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.70,87,554.61

EMD: ଟ. 1,41,800/-

କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.05.02.2024 ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (TRD)
PR-1005/O/23-24 ସମ୍ବଲପୁର


# ଯୁବକଙ୍କୁ ହତ୍ୟା ପରେ ଟ୍ରାକ୍ଟର ଚଢ଼ାଇଦେଲେ

ବାଲେଶ୍ୱର, ୨୦।୧ (ମାନସ ବିଶ୍ୱାଳ)

### ୫ ଅଟକ

ବାଲେଶ୍ୱର ଜିଲା ରେମୁଣା ଥାନା ଗାଙ୍ଗପୁରାରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତମାନେ ଟ୍ରାକ୍ଟର ଚଢ଼ାଇ ଦେଇଛନ୍ତି। ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ପୋଲିସ ପର୍ଦ୍ଦାଫାସ କରିଛି। ମୃତ ଯୁବକଙ୍କ ପରିବାର ପକ୍ଷରୁ ରେମୁଣା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମାମଲା (ନଂ. ୧୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ଜଣଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ରେମୁଣା ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ ସୂଚନା ଦେଇଛନ୍ତି। ରେମୁଣା ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମର ଭଗବାନ ପ୍ରଧାନ(୩୫) ଓ ଭାଗବତ ପ୍ରଧାନ (୪୫) ଉଭୟ ଟ୍ରାକ୍ଟର ଯୋଗେ ବାଲି, ଚିପ୍ସ, ମାଟି ଓ ଅନ୍ୟାନ୍ୟ ସାମଗ୍ରୀର ପରିବହନ ବ୍ୟବସାୟ କରନ୍ତି। ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ହେଉଥିଲା। ଏପରିକି ବାଲି ବ୍ୟବସାୟକୁ ନେଇ ମଧ୍ୟ ଉଭୟ ସହଯୋଗୀଙ୍କ ସହ ମୁହାଁମୁହିଁ ହେଉଥିଲେ। ଭଗବାନ କିଛିଦିନ ପୂର୍ବରୁ ଭାଗବତଙ୍କୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଏଥିପାଇଁ ସେ ଜେଲ ମଧ୍ୟ ଯାଇଥିଲେ। ଏହି ଶତ୍ରୁତା ଲାଗି ରହିଥିବା ବେଳେ ଶୁକ୍ରବାର ମଧ୍ୟରାତ୍ରରେ ଭଗବାନଙ୍କୁ ଗାଙ୍ଗପୁରା ଗାଁ ମୁଣ୍ଡରେ ଏକାକୀ ପାଇ ଭାଗବତ ଏବଂ ସାଥୀମାନେ ହତ୍ୟା କରିଥିଲେ। ପରେ ତା' ଉପରେ ଟ୍ରାକ୍ଟର ଚପାଇ ଦେଇ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ନୀଳଗିରିରେ ପକ୍ଷୀ ମଡ଼କ, କାରଣ ଅସ୍ପଷ୍ଟ

ନୀଳଗିରି,୨୦।୧(ପ୍ରଶାନ୍ତ ବିଶ୍ୱାଳ)



ମରିପଡ଼ିଥିବା ପକ୍ଷୀ।

ବାଲେଶ୍ୱର ଜିଲା ନୀଳଗିରି ଜାମୁଡ଼ିହା ଗାଁରେ ଶନିବାର ବିଭିନ୍ନ ପ୍ରଜାତିର ପକ୍ଷୀ ମଡ଼କ ଦେଖିବାକୁ ମିଳିଛି। ୪ ପ୍ରଜାତିର ୧୮ରୁ ଅଧିକ ପକ୍ଷୀଙ୍କ ମୃତ୍ୟୁ ହୋଇଛି। ଏହି ପକ୍ଷୀଗୁଡ଼ିକ ମଧ୍ୟରେ କୁମ୍ଭାଟୁଆ, ବଣି, ଗୁହକାଳିକା, ଘରଚଟିଆ ପ୍ରଜାତିର ପକ୍ଷୀ ଥିବା ଜଣାପଡ଼ିଛି। ପକ୍ଷୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଏକାକାଳୀନ ଏତେ ସଂଖ୍ୟକ ପକ୍ଷୀଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି।

ସକାଳେ ଏକ ସିମୁଳି ଗଛ ଉପରୁ ପକ୍ଷୀମାନେ ଅସୁସ୍ଥ ହୋଇ ଗୋଟେ ପରେ ଗୋଟିଏ ମରି ତଳକୁ ଖସିଥିଲେ। ସ୍ଥାନୀୟ ପିଲାମାନେ କୋଳି ଖାଇବାକୁ ଯାଇଥିବା ବେଳେ ପକ୍ଷୀମାନେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଲୋକେ ପ୍ରଥମେ କିଛି ବୁଝି ନ ପାରି ଭୟଭୀତ ହୋଇପଡ଼ିଥିଲେ। ଅତ୍ୟଧିକ ଥଣ୍ଡା ଓ ବାର୍ଡ ଫ୍ଲୁ ଯୋଗୁ ପକ୍ଷୀଙ୍କ ମୃତ୍ୟୁ ହେଉଥିବା ଗାଁ ଲୋକେ ଆଶଙ୍କା କରିଛନ୍ତି। ଖବର ପାଇ ନୀଳଗିରି ବନ ବିଭାଗର କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ପହଞ୍ଚି ପକ୍ଷୀଗୁଡ଼ିକ ପରୀକ୍ଷା ନିମନ୍ତେ ନେଇଛନ୍ତି।

# ୧୩ ନଥିପତ୍ର ଉଭାନ, ୮୬.୫ କୋଟିର ହିସାବ ମିଳୁନି

ଯାଜପୁର,୨୦।୧ (ହର୍ଷବର୍ଦ୍ଧନ ବେହେରା)

### ସୁକିନ୍ଦା ବ୍ଲକ୍‌ରେ ଆର୍ଥିକ ଅନିୟମିତତା

- ଲୋକାଲ ଫଣ୍ଡ ଅଡିଟ୍‌ରେ ପର୍ଦ୍ଦାଫାଶ
- ବ୍ଲକ ପ୍ରଶାସନର କାର୍ଯ୍ୟଧାରା ଏକଚାଟିଆ

ଯାଜପୁର ଜିଲାର ଖଣି ଓ ଶିଳ୍ପ ସମୃଦ୍ଧ ତଥା ସର୍ବାଧିକ ରାଜସ୍ୱ ଆଦାୟ ହେଉଥିବା ସୁକିନ୍ଦା ବ୍ଲକରେ ବ୍ୟାପକ ଦୁର୍ନୀତିର ଗନ୍ଧ ବାରି ହୋଇପଡ଼ିଛି। ୨୦୨୧-୨୨ ବର୍ଷର ଲୋକାଲ ଫଣ୍ଡ ଅଡିଟ ରିପୋର୍ଟରେ ସୁକିନ୍ଦା ବ୍ଲକ ପ୍ରଶାସନର କାର୍ଯ୍ୟାଧାରାକୁ ଏକଚାଟିଆ ଓ ଅଗଣତାନ୍ତ୍ରିକ ବୋଲି ଅଭିହିତ କରାଯାଇଛି। ଏହାବାଦ୍ ବିଭିନ୍ନ ଟିକସ ବାବଦରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିବାରେ ବିଫଳ ହୋଇଥିବା ବ୍ଲକ ପ୍ରଶାସନ ୧୩ଟି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଅଡିଟ୍ ଟିମ୍ ନିକଟରେ ଦାଖଲ କରିପାରିନାହିଁ। ବିଶେଷକରି ୩୧।୩।୨୦୨୨ ସୁଦ୍ଧା ୮୬.୫ କୋଟି ଟଙ୍କାର ହିସାବ ଦେଇ ପାରିନାହିଁ। ଅଡିଟ୍ ଟିମ୍ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଖର୍ଚ୍ଚ ଉପରେ ପ୍ରଶ୍ନ କରିଥିବାବେଳେ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧି ନିରବ ରହି ଏଭଳି ଅନିୟମିତତାକୁ ପରୋକ୍ଷରେ ସ୍ୱୀକାର କରିଥିବା ମନେହୋଇଛି।

ଏହି ବ୍ଲକରେ ନଗଡ଼ା, ଗୁହିଆଶାଳ, ତୁମୁଣି ଭଳି ଆଦିବାସୀ ଅଧ୍ୟୁଷିତ ଏବଂ ଅବହେଳିତ ଅଞ୍ଚଳ ରହିଛି। ଏହାର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ବ୍ଲକ ପ୍ରଶାସନର କାର୍ଯ୍ୟ ବିକାଶ ବଦଳରେ ବିନାଶ ଆଡକୁ ଗତି କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ୫୪୯.୮୯ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଗଠିତ ସୁକିନ୍ଦା ବ୍ଲକରେ ୧,୪୩,୭୯୦ ଜଣ ବସବାସ କରନ୍ତି। ସେଥିମଧ୍ୟରୁ ଏସ୍‌ସି ୧୬୦୬୫, ଏସ୍‌ଟି ୫୩୫୭୧ ଓ ସାଧାରଣ ବର୍ଗର ୭୪୧୫୪ ଜଣ ରହିଛନ୍ତି। ୨୦୨୧-୨୨ ବର୍ଷର ଅଡିଟ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ ପାଇବା ପରେ ଜଣାପଡ଼ିଛି ଯେ, ପୂର୍ବବର୍ଷର ବଳକାକୁ ମିଶାଇ ସମୁଦାୟ ୧୨୫.୫୬ କୋଟି ଟଙ୍କା ବ୍ଲକ୍ ପ୍ରଶାସନ ନିକଟରେ ମହଜୁଦ ରହିଥିଲା। ଅଡିଟ୍ ସମୟ ପର୍ଯ୍ୟନ୍ତ ୪୩.୩୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ବ୍ଲକର ଖଣି ଅଞ୍ଚଳକୁ ନେଇ ଗଠିତ ଡିଏମ୍ଏଫ୍ (ଜିଲା ଖଣିଜ ପ୍ରତିଷ୍ଠାନ)ରେ ସର୍ବାଧିକ ପାଣ୍ଠି ରହିଛି। କିନ୍ତୁ ଏହି ପାଣ୍ଠିର ଠିକ୍ ବିନିଯୋଗ ହୋଇ ନଥିବାରୁ ବ୍ଲକ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଏଯାଏ ବହୁ ଦୂରରେ ରହିଥିବା ଅଭିଯୋଗ ହୋଇଆସୁଛି। ବିଶେଷକରି ବ୍ଲକ ପ୍ରଶାସନର କାର୍ଯ୍ୟଧାରା ବିଭିନ୍ନ ଅନିୟମିତତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଠିକାସଂସ୍ଥା ସହିତ ହୋଇଥିବା ଚୁକ୍ତି ରେଜିଷ୍ଟର, ଟେଣ୍ଡର ନିର୍ଦ୍ଦେଶ ରେଜିଷ୍ଟର, ଟେଣ୍ଡର ଦାଖଲ, ରେଭିନ୍ୟୁ, ଲୋନ୍, ସୁରକ୍ଷା, ଟ୍ୟାକ୍ସ ରିସିପ୍ଟ ଇତ୍ୟାଦି ରେଜିଷ୍ଟର କିମ୍ବା ରେକର୍ଡ ଅଡିଟ୍ ଟିମ୍ ନିକଟରେ ଦାଖଲ ହୋଇପାରିନାହିଁ। ଏହାବାଦ୍ ବ୍ଲକ ପ୍ରଶାସନ ପକ୍ଷରୁ ଡବଲ ଷ୍ଟାଣ୍ଡାର୍ଡ କ୍ୟାଶ୍‌ବୁକ୍ ପରିଚାଳନଂା କରାଯାଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ମାନୁଏଲ କ୍ୟାଶ୍‌ବୁକ ବ୍ୟବହାର ହେଉ ନ ଥିବାବେଳେ ଏପ୍ରକାର ବ୍ୟକ୍ତିଗତ କ୍ୟାଶ୍‌ବୁକ୍ ବ୍ୟବହାର କରାଯାଉଛି, ଯାହାକି ଅତି ଅନିୟମିତତା ବୋଲି କୁହାଯାଇଛି। ଏହାକୁ ସମ୍ପୃକ୍ତ ଅଧିକାରୀ ସ୍ୱୀକାର କରିବା ସହ ଭବିଷ୍ୟତରେ ଉକ୍ତ ନିୟମାବଳୀର ପାଳନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ବ୍ଲକ ପ୍ରଶାସନ ଦ୍ୱାରା ପରିଚାଳିତ କରେଣ୍ଟ ଆକାଉଣ୍ଟରେ ୩୯.୧୪ ଲକ୍ଷ ଟଙ୍କା ପଡ଼ିରହିଛି। ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନଙ୍କ ପାଖରେ ବର୍ଷକୁ ବର୍ଷ ମିଶାଇ ୧.୨୫ କୋଟି ଟଙ୍କା ଅଗ୍ରିମ ରହିଥିବାବେଳେ ବ୍ଲକ ପ୍ରଶାସନ ଆଡ୍‌ଜେଷ୍ଟମେଣ୍ଟ କରିବାରେ ବିଫଳ ରହିଛି। ସେହିପରି ୨୦୧୬-୧୭ ରୁ ୨୦୨୧-୨୨ ପର୍ଯ୍ୟନ୍ତ ୮୬.୦୫ କୋଟି ଟଙ୍କା ବିନିଯୋଗ ପତ୍ର ଦାଖଲ ବାକି ରହିଛି। ଫଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟପାଇଁ ପରବର୍ତ୍ତୀ ଅନୁଦାନ ପାଇବାରେ ବାଧା ସୃଷ୍ଟି ହୋଇପାରେ ବୋଲି ଅଡିଟ୍ ରିପୋର୍ଟରେ ଆଶଙ୍କା ପ୍ରକାଶ କରାଯାଇଛି। ତେଣୁ ବିଡିଓଙ୍କୁ ତୁରନ୍ତ ୟୁସି ଦାଖଲ ପ୍ରକ୍ରିୟା ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଛି। ଏହାବାଦ୍ ୫୫.୪୫ ଲକ୍ଷ ଟଙ୍କାର ପିଭିସି ପାଇପ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ଅନ୍ୟପକ୍ଷରେ ଆବଶ୍ୟକତାଠାରୁ ବହୁ ଗୁଣ ଅଧିକ ପେମେଣ୍ଟ କରାଯାଇଥିବା ଅଡିଟ ରିପୋର୍ଟରେ ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ, ସୁକିନ୍ଦା ବ୍ଲକରେ ୨୦ରୁ ଊର୍ଦ୍ଧ୍ୱ ବୃହତ୍ କ୍ରୋମାଇଟ ଖଣି ରହିଛି। ତଥାପି ଏହି ଅଞ୍ଚଳର ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଭଳି ଅନେକ ମୌଳିକ ସମସ୍ୟା ଏଯାଏ ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇପାରିନାହିଁ। ଅନ୍ୟପକ୍ଷରେ ବିପୁଳ କୋଟି ଅର୍ଥ ବିନିଯୋଗ କରୁଥିବା ବ୍ଲକ ପ୍ରଶାସନର ଖାମଖିଆଲି ମନୋଭାବ ଏବଂ ଆନ୍ତରିକତାର ଅଭାବ ଯୋଗୁ ଏବେ ବି ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବିକାଶ ଉପଯୁକ୍ତ ଭାବେ ପହଞ୍ଚିପାରି ନ ଥିବା ମତପ୍ରକାଶ ପାଇଛି।


**IDBI BANK** ଚନ୍ଦ୍ରଶେଖରପୁର ଶାଖା (୧୧୬୦), ଭୁବନେଶ୍ୱର, ପିନ୍-୭୫୧୦୧୬

**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ଆଇଡିବିଆଇ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା (୧୧୬୦) ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୨୫.୦୧.୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଆରମ୍ଭ କରାଯିବ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାଗୁଡିକର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧୧୬୦୬୭୧୧୦୦୦୧୨୨୪୫/ ଯଯାତି କେଶରୀ ସାହୁ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ | କ) ଚେନ୍-୦୧ | କ) ୯.୫୧ | ଟ.୪୭,୧୭୫/- | ଟ.୪,୭୧୭/- |
| ୧୧୬୦୬୭୧୧୦୦୦୧୨୮୮୩/ ମାଧବାନନ୍ଦ ପ୍ରଧାନ, ପିତା: କାର୍ତ୍ତିକ ପ୍ରଧାନ, ସା/ଗ୍ରାମ: ବନ୍ଧହୁଡା, ଜିଲ୍ଲା: କଟକ-୭୫୪୦୩୨ | କ) ଚେନ୍-୦୧ | କ) ୮.୯୪ | ଟ.୪୪,୪୦୦/- | ଟ.୪,୪୪୦/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) ଚନ୍ଦ୍ରଶେଖରପୁର ଶାଖା (୧୧୬୦) କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୨୨.୦୧.୨୦୨୪ ରିଖ ରୁ ତା.୨୪.୦୧.୨୦୨୪ ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୪.୦୧.୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୦.୦୧.୨୦୨୪ ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.



**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, खूँटी**

ई–अल्पकालीन निविदा आमंत्रण सूचना

ई–अल्पकालीन निविदा संख्या:– 23/2023-24/RWD/KHUNTI, दिनांक– 19.01.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

1.योजना का नाम:–

| क्र० सं० | आई०डी० सं०/पैकेज सं० | प्रखण्ड का नाम | पथ का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD-KHU-STPKG-16/2023-24 | मुरहू | 1. T013 खूँटी तोरपा मुख्य पथ से कुंजला तक पथ का सुदृढ़ीकरण कार्य (लं०– 1.150 कि०मी०)। | 11,28,92,100.00 | ग्यारह करोड़ अठाईस लाख बानबे हजार एक सौ रू० मात्र। | 9 माह। |
| | | मुरहू | 2. घाघरा से दारला तक पथ का सुदृढ़ीकरण कार्य (लं०–1.600 कि०मी०)। | | | |
| | | मुरहू | 3. L049 दारला से बिरमकेल तक पथ का सुदृढ़ीकरण कार्य (लं०– 1.300 कि०मी०)। | | | |
| | | मुरहू | 4. L024 अनीडीह से उदबुरू तक पथ का सुदृढ़ीकरण कार्य (लं०– 1.390 कि०मी०)। | | | |
| | | मुरहू | 5. L021 अनीडीह से रोंगो तक पथ का सुदृढ़ीकरण कार्य (लं०–3.300 कि०मी०)। | | | |
| | | मुरहू | 6. बिचना गम्हरिया मेन रोड जलटण्डा से खूँटी तोरपा मुख्य पथ तक भाया पाण्डु पथ का सुदृढ़ीकरण कार्य (लं०–3.500 कि०मी०)। | | | |
| | | मुरहू | 7. खूँटी तोरपा मुख्य पथ से खूँटी चाईबासा मुख्य पथ तक भाया कुंजला, दुलवा टोंगरी, इट्ठे, बरटोली पथ का सुदृढ़ीकरण कार्य (लं०– 9.600 कि०मी०)। | | | |

2 वेबसाईट में निविदा प्रकाशन की तिथि:– 29.01.2024।
3 ई–निविदा प्राप्ति की अंतिम तिथि एवं समय:– 07.02.2024 अपराह्न 5.00 बजे।
4 निविदा खोलने की तिथि एवं समय:– 09.02.2024 अपराह्न 3.30 बजे
5 निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, खूँटी, पिन–835210।
6 ई– निविदा प्रकोष्ट का दूरभाष सं०:– 9431170803
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, खूँटी

PR 316637 (Rural Work Department)23-24*D

## ସଂକ୍ଷେପରେ

### ୪ ଗରୁଡ଼ ପକ୍ଷୀ ଉଦ୍ଧାର ଚର୍ଚ୍ଚା



ନିରାକାରପୁର,୨୦।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ପୋଖରୀ ହୁଡାରେ ଥିବା ଏକ ଆମ୍ବ ଗଛ କୋରଡ଼ରୁ ୪ଟି ଗରୁଡ଼ ପକ୍ଷୀଙ୍କୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ସେମାନଙ୍କୁ ଉଦ୍ଧାର ପରେ ଯତ୍ନର ସହିତ ରଖାଯାଇଥିବା ସରପଞ୍ଚ ବିରେଶ ରାଜଗୁରୁ କହିଛନ୍ତି। ତେବେ ଏହି ଗରୁଡ଼ ପକ୍ଷୀ ଏଠାକୁ କିପରି ଆସିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ଏହା ଗରୁଡ଼ ପକ୍ଷୀ କିମ୍ବା ପେଚା ଜାଣିନାହୁଁ। ରବିବାର ଘଟଣାସ୍ଥଳରେ ପହଞ୍ଚିବା ପରେ ଏହା ଗରୁଡ଼ ପକ୍ଷୀ ନା' ଅନ୍ୟ କେଉଁ ପକ୍ଷୀ ଜଣାପଡ଼ିବ ବୋଲି ସେ କହିଛନ୍ତି।

### ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ବୋଲଗଡ଼,୨୦।୧(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀଙ୍କ ଅବାହକତ୍ୱରେ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ସଂପୁରରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ୭ମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରମେଶ ଚନ୍ଦ୍ର ସେଠୀ, ଶେଖ ଉମର ଫାରୁକ, ପ୍ରକାଶ ଚନ୍ଦ୍ର ସେଠୀ, ମଞ୍ଜୁବାଳା ବଳୟାରସିଂହ, ଗୌରଚନ୍ଦ୍ର ସୁବୁଦ୍ଧି, ଚିତ୍ତରଞ୍ଜନ ସାହୁ, ହୃଦାନନ୍ଦ ସାହୁ, କୁମୁଦିନୀ ସାହୁ ଓ ସୌଦାମିନୀ ପରିଡ଼ା ଯୋଗଦେଇ ବିଦ୍ୟାଭ୍ୟାସ ନିମିତ୍ତ ଆବଶ୍ୟକ ମୁଖ୍ୟ ପଦ୍ଧତି ଲିଖନର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ସଂଯୋଜକ ସେଠୀ ଲିଖନର ସଜ୍ଞା, ଆବଶ୍ୟକତା, ଲିଖନ ଦକ୍ଷତା ବିକାଶର ବିଭିନ୍ନ ସୋପାନ, ବିରାମ ଚିହ୍ନର ପ୍ରକାରଭେଦ ଓ ପ୍ରୟୋଗ, ବିଦ୍ୟାର୍ଥୀମାନଙ୍କର ମୌଳିକ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନର ବିକାଶପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ।

### ଡା. ଭୁବନାନନ୍ଦ ମହାରଣା ଗୁରୁତର

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ଜରୁରୀକାଳିନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଗୁରୁତର ହୋଇଛନ୍ତି। ସେ ପୁର୍ନବାର ମସ୍ତିଷ୍କାଘାତର ଶିକାର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରୀ ଆଇସିୟୁରେ ଶନିବାର ଭର୍ତ୍ତି କରାଯାଇଛି। ଏସ୍‌ସିବି ଅଧୀକ୍ଷକ ତଥା ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ୟୁନିଟ୍‌ରେ ତାଙ୍କୁ ରଖାଯାଇଛି। ଡା. ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାରଣାଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବିଶେଷ ଦୃଷ୍ଟି ଦିଆଯାଇଛି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଫେବୃଆରୀରେ ଡା. ମହାରଣା ମସ୍ତିଷ୍କାଘାତର ଶିକାର ହୋଇଥିଲେ।

# ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ଖୋର୍ଦ୍ଧାଗଡ଼ ଜରାଜୀର୍ଣ୍ଣ

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ପାଇକ ବିଦ୍ରୋହର ଐତିହାସିକ ସଂଗ୍ରାମ, ଗାରିମାମୟ ଐତିହ୍ୟକୁ ନିଜ ବକ୍ଷରେ ଜାବୁଡ଼ି ଧରି ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ଼। ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଏହି ଗଡ଼ ଏବେ ବିଲୁପ୍ତ ଓ ଭଗ୍ନ ଅବସ୍ଥାରେ ରହିଛି। ଯେଉଁଠାରୁ ଦିନେ ପାଇକ ବୀରମାନେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ, ସେହି ଗଡ଼ ଏବେ ନିଜ ପରିଚୟ ଖୋଜୁଛି। ତେବେ ପାଇକମାନଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଜରୁରି ହୋଇପଡ଼ିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ଏହି ଗଡ଼ର ପୁନରଦ୍ଧାର କରାଗଲେ, ସାରା ଦେଶରେ ଏହାର ଗୌରବ ବଢ଼ିବ। ପାଇକ ବୀର ଏବଂ ଏହି ଗଡର ଐତିହ୍ୟ ସମ୍ପର୍କରେ ସାରା ସମାଜ ଜାଣିପାରିବ।

ସେହିପରି ଗବେଷକ ପ୍ରଫେସର ନାରାୟଣ ରାଓ କହିଛନ୍ତି, ଖୋର୍ଦ୍ଧାଗଡର ଏକ ଗାରିମାମୟ ଐତହ୍ୟ ରହିଛି। ଏହି ଗଡରେ ବହୁ ଐତିହ୍ୟ କୀର୍ତ୍ତିରାଜୀ କାଳଖଣ୍ଡରେ ବିଲୁପ୍ତ ଅବସ୍ଥାରେ ରହିଛି। ଗଡ଼ ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜୀ ସଂରକ୍ଷଣ ହୋଇପାରିବ। ଏହା ଓଡ଼ିଆ ଜାତିର ଗୌରବକୁ ବୃଦ୍ଧି ସହ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଏହାର ସମ୍ମାନ ବଢ଼ିପାରିବ। ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂ କହିଛନ୍ତି, ପାଇକ ବିଦ୍ରୋହ ସହ ଖୋର୍ଦ୍ଧାଗଡ ଅଙ୍ଗାଙ୍ଗୀଭାବେ ଜଡିତ। ଏହାର ପୁନରୁଦ୍ଧାର କରାଗଲେ ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମକୁ ଆଗାମୀ ପିଢ଼ି ଜାଣିବାର ସୁଯୋଗ ପାଇବ। ଏହାର ପୁନରୁଦ୍ଧାର କରାଗଲେ ଓଡ଼ିଶାର ଗୌରବ ବଢ଼ିବ। ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ପାଇକବୀରଙ୍କ ପାଇଁ ଉପଯୁକ୍ତ ସମ୍ମାନ ହେବ। ସାମାଜିକ କର୍ମୀ ରାମ ନାରାୟଣ ଦାଶ କହିଛନ୍ତି, ଏହି ଖୋର୍ଦ୍ଧାଗଡରୁ ପାଇକ ବୀରମାନେ ଯୁଦ୍ଧ ରଣକୌଶଳ ବିଷୟରେ ଆଲୋଚନା କରି ପରବର୍ତ୍ତୀ ସମୟରେ ସଂଗ୍ରାମରେ ଯାଶ ଦେଇଥିଲେ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ଼ ସହ ଜଡିତ। ଏହାର ପୁନରୁଦ୍ଧାର ଜରୁରି ହୋଇପଡ଼ିଛି। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ, ୧୫୬୮ ମସିହାରେ ଗଜପତି ମୁକୁନ୍ଦଦେବଙ୍କ ନିହତ ପରେ ରାଜ୍ୟରେ ଅରାଜକତା ଦେଖାଯାଇଥିଲା। କଳାପାହଡ଼ ଉତ୍କଳରେ ଧ୍ୱଂସ ତାଣ୍ଡବ ରଚିବା ଆରମ୍ଭ କରିଥିଲା। ଅନେକ ମଠ, ମନ୍ଦିର ଧ୍ୱଂସ ପାଇଲା। ରମେଇ ରାଉତରାୟ ବରୁଣେଇ ପାଦଦେଶରେ ଜଗନ୍ନାଥପୁର-କଟକ ନାମରେ ୧୫୬୮ରେ ଏକ ନୂତନ ଗଡ଼ ନିର୍ମାଣ କରିଥିଲେ। ରମେଇ ରାଉତରାୟ ଗଜପତି ରାମଚନ୍ଦ୍ର ଦେବଭାବେ ପରିଚିତ ହେଲେ। ଗଡ଼ର ପୂର୍ବ ଦିଗରେ ଥିବା ବର୍ତ୍ତମାନର ବଡ଼ତୋଟା ହାଇସ୍କୁଲ ରାଜାଙ୍କର ଅସ୍ତ୍ରଗାର ବୋଲି ଅନୁମାନ କରାଯାଉଥିବା ଐତିହାସିକ ମାନେ କୁହନ୍ତି । ଗଡ଼ ମଧ୍ୟରେ ୧୫ଏକର ପରିମିତ ସ୍ଥାନରେ ରହିଥିବା ରାଣୀ ପୋଖରୀ ରହିଛି। ଏଥିସହିତ ଗଡ଼ ମଧ୍ୟରେ ହନ୍ତେଶ୍ୱରୀ ମନ୍ଦିର ରହିଥିଲା। ଯାହା ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି।

## ପ୍ରସ୍ତର କହୁଛି ବୀରତ୍ୱର ଗାଥା

ଖୋର୍ଦ୍ଧାଗଡ଼ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଚାରିଆଡ଼େ ଅନାବନା ଗଛଲତା ମାଡ଼ି ଲୁଚିଗଲାଣି। ନିଜ ବକ୍ଷରେ ସ୍ମୃତିକୁ ଉଜ୍ଜୀବୀତ କରି ରଖିଥିବା ଏହି ଗଡ଼ ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଭାବେ ପରିଚିତ। ଏହି ଗଡ଼ର ପ୍ରତ୍ୟେକ ପ୍ରସ୍ତର କହୁଛି ଦୁର୍ଗର ବୀରତ୍ୱର କାହାଣୀ। ଅତୀତର ବୀରତ୍ୱକୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସିଛି ଖୋର୍ଦ୍ଧାଗଡ଼।

## ଗଡ଼ର ବିକାଶକୁ ଅଣଦେଖା

ରାଜ୍ୟ ସରକାର ଐତିହ୍ୟସ୍ଥଳୀ, ମଠ, ମନ୍ଦିର ରପାନ୍ତରିତ କରୁଛନ୍ତି। ସରକାରଙ୍କ ଏହି ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଆନ୍ତରିକତା ଅଭାବ ରହିଥିବା ସାଧାରଣରେ ଆଲୋଚନା ହେଉଛି। ସରକାର ଗତ ବର୍ଷ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ ବିଧାନସଭାରେ ଶ୍ୱେତପତ୍ର ଜାରି କରିଥିବା ବେଳେ ଏହାର ଅସ୍ତିତ୍ୱ ସହ ଜଡିତ ଖୋର୍ଦ୍ଧାଗଡର ବିକାଶକୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି ସ୍ଥାନୀୟ ଜିଲା ପ୍ରଶାସନର ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଗଡ଼ର ପୁନରୁଦ୍ଧାର ହୋଇପାରୁନି ବୋଲି କେତେଜଣ ବୁଦ୍ଧିଜୀବୀ, ଗବେଷକ କହିଛନ୍ତି।

## ଉଦାସୀନତାରୁ ଅସ୍ତିତ୍ୱ ହରାଉଛି

ସରକାରଙ୍କ ଉଦାସୀନାତା ଯୋଗୁ ଏହି ଗଡ଼ ଲୁପ୍ତ ହେବାକୁ ବସିଛି। ଏହି ଦୁର୍ଗ ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ସମାଜର ଆଢୁଆଳରେ ନିଜ ସ୍ଥିତି, ଅସ୍ତିତ୍ୱକୁ ନେଇ ଏହି ଗଡ ବିଲୁପ୍ତର ଦ୍ୱାରଦେଶରେ ରହିଛି। ୧୯୭୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧାଦୁର୍ଗର ଉନ୍ନତି ହାତକୁ ନେଇଥିଲେ। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ତେବେ ଏହି ଗଡ଼ର ଜରାଜୀର୍ଣ୍ଣ କାରଣରୁ ଏଠାରେ କୌଣସି ପର୍ଯ୍ୟଟକଙ୍କ ପାଦ ପଡିନଥିବା ଜଣାପଡିଛି।

### 'ଭାଷାରେ ଶାଳୀନତା ବ୍ୟକ୍ତିତ୍ୱର ପରିଚୟ ଦିଏ'

ବୋଲଗଡ଼,୨୦।୧(ଦେବବ୍ରତ ହୋତା)

ଶ୍ରୀରାଧା ମାଧବ ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବୋଲଗଡ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ବଟକୃଷ୍ଣ ସାହୁ ସ୍ୱାଗତ ଭାଷଣ ଓ ନୋଡାଲ ଅଫିସର ମାଧବ ମହାରଣା ଅତିଥି ପରିଚୟ ପ୍ରଦାନ କରିବା ସହିତ ଛାତ୍ରୀଛାତ୍ରଙ୍କ ସୃଜନଶକ୍ତି ବିକାଶ କରିବା ଏହି ସାହିତ୍ୟ ପ୍ରତିଯୋଗିତାର ଲକ୍ଷ୍ୟ ବୋଲି କହିଥିଲେ। ପରେ ମୁଖ୍ୟ ବକ୍ତା ଅନୁଷ୍ଠାନର ପ୍ରତିଷ୍ଠାତା ଭାଗୀରଥି ସାହୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କିତ ଏବଂ ଓଡ଼ିଆ ସାହିତ୍ୟ ବାବଦରେ ଆଲୋଚନା କରିଥିଲେ। ଭାଷାରେ ଶାଳୀନତା ବ୍ୟକ୍ତିତ୍ୱର ପରିଚୟ ଦିଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ଗୀତ, ଓଡ଼ିଆ ଭଜନ, ଓଡ଼ିଆ ବ୍ୟାକରଣ, ଓଡ଼ିଆ ହସ୍ତାକ୍ଷର ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଦୈତାରୀ ଦାଶ, ପ୍ରଦୀପ କୁମାର ସାହୁ, ବ୍ରହ୍ମାନନ୍ଦ ନାୟକ, ଅଧ୍ୟାପିକା ଆହୁତି ରଥ, ସସ୍ମିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ୧୦ ସୁସଜ୍ଜିତ ରଥ ସହ ବାଇକ୍ ଶୋଭାଯାତ୍ରା



ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପରିବାର ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୨ ତାରିଖରେ ପ୍ରଭୁ ଶ୍ରୀରାମଲାଲାଙ୍କ ଭବ୍ୟ ରାମମନ୍ଦିର ପ୍ରତିଷ୍ଠା ହେବ। ୭ଶହ ବର୍ଷ ପରେ ଶ୍ରୀରାମ ଭବ୍ୟ ମନ୍ଦିରରେ ପୂଜା ପାଇବେ। ଏନେଇ ଦେଶରେ ଉତ୍ସାହର ମାହୋଲ ରହିଛି। କିଏ ଚାଲି ଚାଲି ଅଯୋଧ୍ୟା ଯାଉଛି ତ' ଆଉ କେଉଁଠି ପୂଜାପାଠ, ହୋମଯଜ୍ଞ, ନାମ ସଂକୀର୍ତ୍ତନ ଚାଲିଛି। ଖୋର୍ଦ୍ଧା ସହରର ସାହି, ଗଳି କନ୍ଦି, ଦୋକାନ ବଜାର, ଘର ଛାତ ସବୁଠି ଶ୍ରୀରାମଙ୍କ ପତାକା ଉଡୁଛି। ଶ୍ରୀରାମମୟ ହୋଇ ଉଠିଛି ଖୋର୍ଦ୍ଧା ସହର। ଏହି ପ୍ରରିପେକ୍ଷୀରେ ସ୍ଥାନୀୟ ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପରିବାର ପକ୍ଷରୁ ଗତ ୯ତାରିଖରୁ ଆରମ୍ଭ ହୋଇଛି ଆନନ୍ଦ ଉତ୍ସବ। ଶନିବାର ପୂର୍ବାହ୍ନରେ ଅନୁଷ୍ଠାନ ପକ୍ଷରୁ ଗୁରୁଜଙ୍ଗ ମେଲଣ ପଡିଆରୁ ୧୦ ସୁସଜ୍ଜିତ ଶ୍ରୀରାମଙ୍କ ରଥ ସହ ଶହେରୁ ଊର୍ଦ୍ଧ୍ୱ କର୍ମୀ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀରଘୁନାଥ ମନ୍ଦିରଠାରେ ପହଞ୍ଚିଥିଲେ। ସେଠାରେ ଶ୍ରୀରାମଲାଲାଙ୍କ ଆଳତି, ବନ୍ଦନା, ହନୁମାନ ଚାଳିଶା, ଚୌପାଇ ପାଠ କରିଥିଲେ। ଏହି ଅବସରରେ ଆସନ୍ତା ୨୨ ତାରିଖରେ ଘର ଆଗରେ କୁମ୍ଭ କଳସ ବାଢ଼ିବା ସହ ଦୀପ ଜାଳିବାକୁ ନିବେଦନ କରିଥିଲେ। ଏଥିସହିତ ଉକ୍ତ ଦିନ ଖୋର୍ଦ୍ଧା ସହରରେ ଆମିଷ ଦୋକାନ ବନ୍ଦ ରଖିବା ଏବଂ ଲୋକେମାନେ ଆମିଷ ଗ୍ରହଣ ନ କରିବାକୁ ଅନୁରୋଧ କରାଯାଇଛି। ପରିବାରରେ ପୂଜାପାଠ, ହନୁମାନ ଚାଳିଶା ପାଠ, ଶ୍ରୀରାମଙ୍କ ସ୍ତୁତିଗାନ, ସାତ୍ୱିକ ଆହର ଗ୍ରହଣ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ସହରରେ ଏକ ଆଧ୍ୟାତ୍ମିକ ବାତାବରଣ ରହିଛି।

### ୨୨ରେ ଆମିଷ ନ ଖାଇବାକୁ ଆହ୍ୱାନ

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ନିରାକାରପୁର,୨୦।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଓଳସିଂହ ପଞ୍ଚାୟତ ଅନ୍ତର୍ଗତ ରଘୁନାଥ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟର ନୋଡାଲ ଅଧିକାରୀ ସୁରେନ୍ଦ୍ର ପ୍ରଧାନ ଓ ଅଧ୍ୟାପିକା, ଅଧ୍ୟାପକମାନେ ଓଡ଼ିଆ ଭାଷା ଓ ଜଗନ୍ନାଥ ଚେତନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଜନ ପ୍ରତିଯୋଗିତା ହୋଇଥିଲା। ଶେଷରେ ଅଧ୍ୟାପକ ନିରଞ୍ଜନ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ସେହିପରି ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିବା ବେଳେ ପ୍ରାଣେଶ୍ୱର ଜୟସିଂହ ମଞ୍ଚ ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କ ସୁରକ୍ଷା ଆଇନ, ପେନ୍‌ସନ୍ ଦାବି



ଓୟୁଜେ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସାମ୍ବାଦିକ ୟୁନିଅନ(ଓୟୁଜେ) ଖୋର୍ଦ୍ଧା ଜିଲା ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ବ୍ୟବସ୍ଥା ଲାଗୁ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରିଥିଲେ। ଜିଲା ସଭାପତି ତପନ କୁମାର ନାୟକଙ୍କ ନେତୃତ୍ୱରେ ପ୍ରସନ୍ନ କୁମାର ପାଇକରାୟ, ଲୋହିତ ନାରାୟଣ ମହାପାତ୍ର, ସୟଦ ଅମ୍ବର ଅଲ୍ଲୀ, ସନତ ପଟ୍ଟନାୟକ, ଜୟନ୍ତ ରାୟ, ଅଜିତ ମିଶ୍ର, ସୁଶାନ୍ତ କୁମାର ବିଶ୍ୱାଳ, ରାଜେଶ କୁମାର ମହାନ୍ତି, ଶୁଭଲକ୍ଷ୍ମୀ ସାମନ୍ତରାୟ, ଗୋପାଳ କୃଷ୍ଣ ପ୍ରଧାନ, ଚନ୍ଦନ ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଅୟସ ମହାନ୍ତି, ସନ୍ଦୀପ କୁମାର ବର୍ମନ, ମହମ୍ମଦ ଖାଁ, ରାକେଶ କୁମାର ଦାସ, ସେକ ଅନୁଅର୍ ଅଲ୍ଲୀ, ଶିବ ଚରଣ ସିଂ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଟାଙ୍ଗୀ,୨୦।୧(ରଘୁନାଥ ସାହୁ)

ଚାନ୍ଦପୁର ମୋହନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲିଛି। ଅଧ୍ୟକ୍ଷା ଝରଣା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷା ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପିକା ସବିତା ମଞ୍ଜରୀ ମହାପାତ୍ର ଓ ଅଧ୍ୟାପିକା ଶିବ ପ୍ରିୟା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ କ୍ଷୁଦ୍ରଗଳ୍ପ ଲିଖନ ଓ ପଠନ, ଓଡ଼ିଆ କୁଇଜ ଓ ଓଡିଆ ସ୍ଲୋଗାନ ଲିଖନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ଜିତେନ୍ଦ୍ର କୁମାର ସିଂ ଧନ୍ୟବାଦ ଦେଇଥିଲେ।

# ବିଜେଡି ନେତ୍ରୀଙ୍କ ସାଙ୍ଗଠନିକ ବୈଠକ

ଟାଙ୍ଗୀ/ନିରାକାରପୁର,୨୦।୧
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)



ବିଜୁ ଜନତା ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ପ୍ରତି ପଞ୍ଚାୟତ ଭଳି ଭୂଷଣ୍ଡପୁର ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବରିଷ୍ଠ, ଯୁବ ଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ମା'ପାଦୁକିଙ୍କ ପୀଠ ରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ, ପୀଡ଼ିତ ରୋଗୀ, ଅସହାୟ ବ୍ୟକ୍ତିଙ୍କୁ ନିଜସ୍ୱ ପାଣ୍ଠିରୁ ସାହାର୍ଯ୍ୟର ହାତ ବଢ଼ାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେଉଥିବା ମହାପାତ୍ରଙ୍କ ନେତୃତ୍ୱ ପଛରେ ସମସ୍ତେ ସଙ୍ଗଠିତ ହେବା ପାଇଁ ଶପଥ ନେଇଥିଲେ। ଅକ୍ଷୟ ବେହେରା, ପ୍ରଦୀପ ବେହେରା, ବିଭୁନା ବେହେରା, ବିଭୁତି ବେହେରା, କାହ୍ନୁ ବେହେରା, ମଥୁରା ବେହେରା, ସନ୍ତୋଷ ବେହେରା ଏବଂ ଦୀନବନ୍ଧୁ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜଟଣୀ/ଗମ୍ଭାରୀମୁଣ୍ଡା,୨୦।୧
(ରବୀନ୍ଦ୍ରନାଥ ମହାକୁଡ଼/ଦିଲୀପ ସ୍ୱାଇଁ)

ଜଟଣୀ ବ୍ଲକ ଅନ୍ତର୍ଗତ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତି ସଭାପତିତ୍ୱରେ ଶିବିର ଶୁଭାରମ୍ଭ ହୋଇଥିଲା। ମାଷ୍ଟର ଟ୍ରେନର ବୈଶାଖୀ ସାହୁ ଏବଂ ସୋନାଲି ସମାନ୍ତସିଂହାର ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା କୌଶଳ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ଅଧ୍ୟାପକ ମନୋଜ ମହାପାତ୍ର, ପ୍ରଶାନ୍ତ ଦାସ, ରବୀନ୍ଦ୍ର ମାର୍ଥା ଓ ଅଧ୍ୟାପିକା ପ୍ରମୋଦିନି ସାମନ୍ତରାୟ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂ ପରିଚାଳନା କରିଥିଲେ। କଳ୍ପଶ୍ରୀ ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା କୌଶଳ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଶୋକ ସ୍ୱାଇଁ, ସିଦ୍ଧେଶ୍ୱର ନରେନ୍ଦ୍ରସିଂହଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀମାନେ।

# ଫାଇନାଲରେ ନୋତର କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ବୋଲଗଡ଼,୨୦।୧(ଦେବବ୍ରତ ହୋତା)

### ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମଣିକାଗୋଡ଼ା ଗ୍ରାମର ଦିବଂଗତ ସେନା କର୍ମଚାରୀ ଜୟକୃଷ୍ଣ ଦଳାଇଙ୍କ ସ୍ମୃତିରେ ହୀରାଧର ଖେଳପଡ଼ିଆରେ ଚାଲିଥିବା ପ୍ରଥମ ବାର୍ଷିକ ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ଦୁଇଟି କ୍ୱାର୍ଟର ଫାଇନାଲ ସହ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ଘୋରଡ଼ିଆ କ୍ରିକେଟ କ୍ଲବକୁ ୫ ଉଇକେଟରେ ହରାଇ ନୋତର କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କାଦୁଆ କ୍ରିକେଟ କ୍ଲବକୁ ୪ ଉଇକେଟରେ ହରାଇ ଲାଠିପଡ଼ା କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ଅପରାହ୍ନରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ନୋତର କ୍ରିକେଟ କ୍ଲବ ଓ ଲାଠିପଡ଼ା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଲାଠିପଡ଼ା କ୍ଲବକୁ ୨୩ ରନରେ ହରାଇ ନୋତର କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ନାରାୟଣ ବିଶ୍ୱାଳ, ଜୟ ପ୍ରକାଶ ମହାପାତ୍ର ଏବଂ କୃଷ୍ଣଚନ୍ଦ୍ର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ଜୟଶ୍ରୀ ପଟ୍ଟନାୟକ, ସରପଞ୍ଚ ସତ୍ୟଭାମା ଦେଈ, ସମିତିସଭ୍ୟା ମନସ୍ମିତା ଦଳେଇ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଭିମନ୍ୟୁ ଦଳାଇ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ହାଟସାହିର ବେଳବାୟାଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସଦସ୍ୟ ଅଜିତ ମହାପାତ୍ର, ପ୍ରକାଶ ମହାପାତ୍ର, ଆଦିତ୍ୟ ପଟ୍ଟନାୟକ, ପାର୍ଥସାରଥୀ ପ୍ରଧାନ, ପ୍ରତାପ ମାର୍ଥା, ପ୍ରଭାତ ପ୍ରଧାନ, ଟୁଟୁ ଦଳାଇ ଓ ଚଗ ପଟ୍ଟନାୟକ ସହଯୋଗ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ସାଲୁଣି ଓ ନୋତର କ୍ରିକେଟ ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଟାଙ୍ଗୀ,୨୦।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲାର ବ୍ୟାଡ୍‌ମିଣ୍ଟନ କ୍ଲବ ଭାଗ ନେଇଛନ୍ତି। ମୁଖ୍ୟ ଅତିଥିଭାବେ ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ରୁଦ୍ର ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଭୀଷ୍ମ ନାରାୟଣ ମହାପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର, ଗଙ୍ଗାଧର ପ୍ରଧାନ, ଅଜୟ କୁମାର ରାୟ, ସୁରେଶ ଚନ୍ଦ୍ର ପଣ୍ଡା, ପୀତବାସ ନାୟକ, ଅମରେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନ ଦିବସରେ କଟକ, ଭୁବନେଶ୍ୱର, ବାଲୁଗାଁ, ରଣପୁର, ଟାଙ୍ଗୀ ଏବଂ ଛଣଗିରି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। କଟକ ଏବଂ ଭୁବନେଶ୍ୱର ଟିମ୍ ସେମିଫାଇନାଲରେ ପ୍ରବେଶ କରିଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବାଲକାଟୀ ସତ୍‌ସଙ୍ଗ ମନ୍ଦିରର ଉଦ୍‌ବୋଧନୀ ତଥା ପ୍ରତିଷ୍ଠା ଉତ୍ସବ, ମନ୍ଦିର ପରିସର, ସକାଳ ୯ଟା।
- ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ବ୍ରହ୍ମାକୁମାରୀର ବାର୍ଷିକୋତ୍ସବ, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା।
- ଇଲେକ୍ଟ୍ରୋ ହୋମିଓପାଥିର ପ୍ରତିଷ୍ଠାତା ସିସାରେ ମାଟେଇଙ୍କ ଜନ୍ମୋତ୍ସବ, ଗୀତଗୋବିନ୍ଦ ସଦନ, ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ଆଲୋଚନାଚକ୍ର, ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସନ୍ଧ୍ୟା ୬ଟା।
- ରାଜଧାନୀ କଳା ସଂସଦର ୬୫ତମ ବାର୍ଷିକୋତ୍ସବ, ସଂସଦ ପ୍ରେକ୍ଷାଳୟ, ଖାରବେଳ ନଗର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଗୀତା ଆହୁତି, କୁଶଗାଡ଼ିଆ ମଠ ପରିସର, ପୂର୍ବାହ୍ନ ୧୦ଟା।

# ଚାଖି ଖୁଣ୍ଟିଆ ସିପାହି ବିଦ୍ରୋହର ଅବଦମିତ ବୀରପୁଙ୍ଗବ ଥିଲେ

### ବିପ୍ଳବୀ ଚନ୍ଦନ ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

୧୮୫୭ ସିପାହି ବିଦ୍ରୋହରେ ଯେଉଁ କେତେଜଣ ବୀରପୁରୁଷ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରେ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ନାମ ଉଲ୍ଲେଖନୀୟ। ଇଂରେଜ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇ ସେ ସାରା ଦେଶରେ ଚର୍ଚ୍ଚିତ ହୋଇଥିଲେ। ବ୍ରିଟିଶ ବିରୋଧରେ ରାଣୀ ଲକ୍ଷ୍ମୀବାଈଙ୍କୁ ଉତ୍ସାହିତ କରିବା ସହ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇଥିଲେ। ବାସ୍ତବରେ ଚାଖି ଖୁଣ୍ଟିଆ ସିପାହି ବିଦ୍ରୋହର ଅବଦମିତ ବୀରପୁଙ୍ଗବ ଥିଲେ ବୋଲି ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମତ ଦେଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି ଭୁବନେଶ୍ୱର ପକ୍ଷରୁ ଶନିବାର ସୂଚନା ଭବନରେ ଆୟୋଜିତ ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀ(ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ଦାଶ କହିଲେ, ଇଂରେଜଙ୍କ ବିରୋଧରେ ସେ ବିଦ୍ରୋହର ମଞ୍ଜି ପୋତିଥିଲେ। ଜୀବନରେ କେବେ ପଛଘୁଞ୍ଚା ନ ଦେଇ ସିପାହୀ ବିଦ୍ରୋହରେ ବୀର ପରି ଲଢ଼ି ସେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ। ଏକନିଷ୍ଠ ସାଧନା, ବଳିଷ୍ଠ ନେତୃତ୍ୱ, ଅନନ୍ୟ ଦେଶପ୍ରେମ, ଅସୀମ ତ୍ୟାଗ, ଅସାଧାରଣ ବ୍ୟକ୍ତିତ୍ୱ ଏବଂ ପ୍ରଚଣ୍ଡ ଧୀଶକ୍ତି ପାଇଁ ଚାଖି ଖୁଣ୍ଟିଆ ପ୍ରତିଟି ଓଡ଼ିଆ ପ୍ରାଣରେ ଚିର ସ୍ମରଣୀୟ ଓ ଚିରନମସ୍ୟ ହୋଇ ରହିବେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି କହିଲେ, ଚାଖି ଖୁଣ୍ଟିଆ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ। ଜନ୍ମଭୂମିର ମାନ ରଖିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଉତ୍ତରପିଢ଼ିଙ୍କ ନିମନ୍ତେ ତାଙ୍କ ଜୀବନ ଗାଥା ପ୍ରେରଣାପ୍ରଦ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ କସ୍ତୁରୀ ମହାପାତ୍ର କହିଲେ, ବ୍ରିଟିଶମାନଙ୍କ ବିରୋଧରେ ସେ ବୀରତ୍ୱର ସହ ଲଢ଼ିଥିଲେ। ଅସ୍ତମିତ ପାଇକ ବିଦ୍ରୋହର ପାଉଁଶ ନେଇ ସେ ସିପାହି ବିଦ୍ରୋହର ଅନ୍ୟତମ ସେନାପତି ହୋଇ ପାରିଥିଲେ। ଏଥିସହ ଜଗନ୍ନାଥ ଭାବନାକୁ ସେ ଜାତୀୟ ମହାସ୍ରୋତରେ ସାମିଲ କରିପାରିଥିଲେ। ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଚାଖି ଖୁଣ୍ଟିଆଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଉପସ୍ଥିତ ଥିଲେ। ଚାଖି ଖୁଣ୍ଟିଆ ସ୍ମୃତି ସମିତି ଭୁବନେଶ୍ୱରର ସମ୍ପାଦକ ପ୍ରଭାତ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ। ପରେ ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ଭକ୍ତିସଙ୍ଗୀତ ଓ ଦେବଦାସୀ ନୃତ୍ୟ ପରିବେଷିତ ହୋଇଥିଲା।



ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

# ଚାଖି ଖୁଣ୍ଟିଆଙ୍କ ତ୍ୟାଗ ଯୁବ ସମାଜକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ଚାଖି ଖୁଣ୍ଟିଆ ଶ୍ରୀଜଗନ୍ନାଥ ଚେତନାକୁ ଓଡ଼ିଶା ବାହାରେ ପ୍ରଚାର ଓ ପ୍ରସାର କରୁଥିଲେ। ସିପାହି ବିଦ୍ରୋହ ସମୟରେ ସେ ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ସାମରିକ ପରାମର୍ଶଦାତା ଭାବରେ ଯୁଦ୍ଧ ପରିଚାଳନା କରିଥିଲେ। ଲକ୍ଷ୍ମୀବାଈ ଯୁଦ୍ଧରେ ନିହତ ହେବା ପରେ ସେ ଶ୍ରୀକ୍ଷେତ୍ର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଜୀବନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ପୂଜା ସହିତ ଅସଂଖ୍ୟ ଜଗନ୍ନାଥ ଜଣାଣ ରଚନା କରି ଆଧ୍ୟାତ୍ମିକ ଚେତନାକୁ ଜନମାନସରେ ଜାଗ୍ରତ କରିଥିଲେ। ତାଙ୍କ ସାମଗ୍ରିକ ଜୀବନର ତ୍ୟାଗ ଯୁବ ସମାଜକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ମତପ୍ରକାଶ ପାଇଛି। ଶନିବାର ସାମରିକ ଗୁରୁ ଚାଖି ଖୁଣ୍ଟିଆଙ୍କ ୧୯୭ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କଳ୍ପନାଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିବାବେଳେ ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ଡ. ମିହିର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ଚାଖି ଖୁଣ୍ଟିଆଙ୍କ ଜୟନ୍ତୀରେ କଳ୍ପନା ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ୱି ଫର୍ ଭୁବନେଶ୍ୱର ଓ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଡା. ଭୁବନାନନ୍ଦ ମହାରଣା ଗୁରୁତର

କଟକ,୨୦।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ଜରୁରୀକାଳିନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଗୁରୁତର ହୋଇଛନ୍ତି। ସେ ପୁନର୍ବାର ମସ୍ତିଷ୍କାଘାତର ଶିକାର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରୀ ଆଇସିୟୁରେ ଶନିବାର ଭର୍ତ୍ତି କରାଯାଇଛି। ଏସ୍‌ସିବି ଅଧୀକ୍ଷକ ତଥା ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ୟୁନିଟ୍‌ରେ ତାଙ୍କୁ ରଖାଯାଇଛି। ଡା. ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାରଣାଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବିଶେଷ ଦୃଷ୍ଟି ଦିଆଯାଇଛି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଜଣାଇଛନ୍ତି।

## ବତ୍ରିଶସିଂହାସନ ବରିଷ୍ଠ ନାଗରିକ ମଞ୍ଚର ଡେ-କେୟାର ସେଣ୍ଟର ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୨୦।୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗି ଫେଜ-୧ ରେ ବତ୍ରିଶସିଂହାସନ ବରିଷ୍ଠ ନାଗରିକ ମଞ୍ଚର ଡେ-କେୟାର ସେଣ୍ଟର ଗୃହ ଉଦ୍‌ଘାଟିତ ହେବା ସହିତ ମଞ୍ଚର ପ୍ରଥମ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ସ୍ଥାନୀୟ କର୍ପୋରେଟର ଶିବନାରାୟଣ ରାୟ ଯୋଗଦେଇ ମଞ୍ଚର ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠମାନଙ୍କର ଚିତ୍ତବିନୋଦନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗଣେଶ ପ୍ରଧାନ, କାମଦେବ ରଣସିଂହ, ବସନ୍ତ ନାୟକ, ପଦ୍ମନାଭ ଷଡଙ୍ଗୀ, ଶଙ୍କର ସାହୁ, ଶଙ୍କର ମହାପାତ୍ର, ମାନସ ପଟ୍ଟନାୟକ, ମହାଦେବ ଗରାବଡ଼ୁ, କୃଷ୍ଣ ଚନ୍ଦ୍ର ବଡ଼ୁ, ଗୋଲକ ବିହାରୀ ନାୟକ ଓ ମଧୁସୂଦନ ସାଇଁ ପ୍ରମୁଖ ସଭା ପରିଚାଳନା କରିଥିଲେ।



ଜାତୀୟ ଉଠାଦୋକାନୀ ଦିବସରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକରୁ ୟୁନିଟ୍-୧ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।

# 'ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯିବ'

### ଜାତୀୟ ଉଠାଦୋକାନୀ ଦିବସ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ରାଜ୍ୟର ସହରଗୁଡ଼ିକର ମେରୁଦଣ୍ଡ ହେଉଛନ୍ତି ଉଠାଦୋକାନୀ। ସେମାନେ ସହରଗୁଡ଼ିକରେ ମୌଳିକ ସେବା ଯୋଗାଇଥାନ୍ତି। ତେଣୁ ସେମାନଙ୍କୁ ଆଉ ଉଚ୍ଛେଦ କରାଯିବ ନାହିଁ। କୌଣସି କାରଣରୁ ଉଚ୍ଛେଦ କରାଗଲେ ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ସୁରକ୍ଷା ଟ୍ରଷ୍ଟ, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ଜାତୀୟ ଉଠାଦୋକାନୀ ମହାସଂଘ ପକ୍ଷରୁ ଶନିବାର ଜାତୀୟ ଉଠାଦୋକାନୀ ଦିବସ ପାଳନ ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଉଠାଦୋକାନୀମାନେ ରାଜମହଲ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଦେଇ ୟୁନିଟ୍-୧ସ୍ଥିତ ଫଳ ଭେଣ୍ଡିଂ ଜୋନ୍ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥଲା। ମହାସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଏବେ ଭୁବନେଶ୍ୱରର ବହୁ ୱାର୍ଡ଼ରେ ଭେଣ୍ଡିଂ ଜୋନ୍ ଗଠନ କରାଯିବ। ଉଠାଦୋକାନୀଙ୍କ ସମସ୍ତ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ମେୟର ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ସିଂ ଯୋଗଦେଇ ଉଠାଦୋକାନୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ ବୋଲି କହିଥିଲେ। ମହାସଂଘ ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ସାମାଜିକ କର୍ମୀ କବିରାଜ ସ୍ୱାଇଁଙ୍କ ସମେତ ୩୦ରୁ ଅଧିକ କର୍ପୋରେଟର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲଲାଟ କୁମାର ଓଝା, ନିରଞ୍ଜନ ପାଣ୍ଡେ, ଶୁଭଲକ୍ଷ୍ମୀ ମହାନ୍ତି, ସୂର୍ଯ୍ୟମଣି ସାହୁ, ବିପିନ ଜେନାଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ସଂଗଠନର କମକର୍ତ୍ତା, ସଭ୍ୟ ଯୋଗଦେଇଥିଲେ। ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଅତିଥିମାନେ।

## ଫାର୍ମହାଉସରୁ ଚୋରିକରି ଧରାପଡ଼ିଲେ

ବାରଙ୍ଗ,୨୦।୧(ଲିଙ୍ଗରାଜ ରାଉତ)

ଡେରାସ ଡ୍ୟାମ ସାମ୍ନା ଫାର୍ମହାଉସରୁ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗରେ ମେଣ୍ଢାଶାଳ ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭଗବତୀପୁରର ଅନାମ ବେହେରା(୩୦)। ପୋଲିସ ତାଙ୍କଠାରୁ ଚୋରି ପାଣି ପମ୍ପ ଜବତ କରିଛି। ପ୍ରକାସ ଯେ, ଗତ ୧୬ତାରିଖରେ ଅନାମ ଫାର୍ମହାଉସରେ କେହି ନ ଥିବା ସୁଯୋଗରେ ଗେଟ୍‌ର ତାଲା ଭାଙ୍ଗି ପାଣି ପମ୍ପ, ତାର ଜାଲି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରି ନେଇ ଯାଇଥିଲେ। ଏ ବିଷୟରେ ଶରତ ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୨୧/୨୪ରେ ଏକ ମାମଲା ରୁଜୁ କରି ମେଣ୍ଢାଶାଳ ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ରାତିରେ ଅନାମ ଚୋରି ପାଣିପମ୍ପକୁ ବିକ୍ରି ଉଦ୍ଦେଶ୍ୟରେ କଣ୍ଟାବାଡ଼ ଛକରେ ଛିଡ଼ା ହୋଇଥିବାବେଳେ ପୋଲିସ ତାଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୦।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୨ସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ବେଆଇନ ଭାବେ ଲୋକଙ୍କୁ ବ୍ରାଉନସୁଗାର ବେପାର କରୁଥିବାବେଳେ ଅବକାରୀ ଟିମ୍ ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫକରି ଶନିବାର କୋର୍ଟ ଚାଲଣ କରିଛି। ସେ ହେଲେ ଜଗତ୍‌ସିଂପୁର ତିର୍ତ୍ତୋଲ ଥାନା ଅଞ୍ଚଳର ପ୍ରଦ୍ୟୁମ୍ନ ପ୍ରଧାନ(୩୬)। ତାଙ୍କଠାରୁ ୩୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ସାଢେ ୩ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ଟିମ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅଭିଯୁକ୍ତ କାହାଠାରୁ ନିଶାଦ୍ରବ୍ୟ ଆଣି ଏଠାରେ ବିକ୍ରି କରୁଥିଲେ ତାହାର ତଥ୍ୟ ଜାଣିବା ପାଇଁ ଅବକାରୀ ଟିମ୍ ଅଧିକ ଖୋଳତାଡ ଚଳାଇଛି ।

# ୨୫ରୁ 'ଡାଇବେଟିସ୍ ଇଣ୍ଡିଆ ୨୦୨୪'

ଭୁବନେଶ୍ୱର, ୨୦।୧(ଅସମାପିକା ସାହୁ)

### ଯୋଗଦେବେ ୩ହଜାର ଡାକ୍ତର

ବିଙ୍ଗ୍ ଇଣ୍ଡିଆ ଓ ବିଏନ୍ ରିସର୍ଚ୍ଚ ଫାଉଣ୍ଡେଶନ ସହଭାଗିତାରେ ଆସନ୍ତା ୨୫ରୁ ଚାରି ଦିନିଆ ୧୪ ତମ 'ଡାଇବେଟିସ୍ ଇଣ୍ଡିଆ ୨୦୨୪' ଅନୁଷ୍ଠିତ ହେବ। ଏହି ଜାତୀୟ ସମ୍ମିଳନୀକୁ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଉଦ୍‌ଘାଟନ କରିବେ ବୋଲି 'ଡାଇବେଟିସ୍ ଇଣ୍ଡିଆ ୨୦୨୪'ର କାର୍ଯ୍ୟକାରୀ ସମ୍ପାଦକ ଡା. ଅଭୟ ସାହୁ ସୂଚନା ଦେଇଛନ୍ତି। ଶନିବାର ଆଇଏମ୍‌ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସାହୁ କହିଛନ୍ତି, ଏହି ସମ୍ମିଳନୀରେ ୨୦ରୁ ଅଧିକ ଆନ୍ତର୍ଜାତିକ ମଧୁମେହ ବିଶେଷଜ୍ଞ ଯୋଗ ଦେବେ। ୩୫୦ରୁ ଅଧିକ ଗବେଷଣା ସନ୍ଦର୍ଭ ସମ୍ପର୍କରେ ଆଲୋଚନା ହେବ। ଭାରତରୁ ୩ହଜାର ଡାକ୍ତର ଯୋଗ ଦେବେ। ଓଡ଼ିଶାରୁ ୧୩ଶହ ପାଖାପାଖି ଡାକ୍ତର ମଧ୍ୟ ଯୋଗ ଦେବେ। ବର୍ତ୍ତମାନ ଚାଇନା ପରେ ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ମଧୁମେହ ରୋଗୀ ଅଛନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୭.୭ କୋଟିରୁ ଅଧିକ ହେବ। ମଧୁମେହ ଏକ ପ୍ରକାର ମହାମାରୀ ଭାବେ ଭାରତରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ଲୋକଙ୍କୁ କବଳିତ କରିବାକୁ ବସିଛି। ତେଣୁ ଏହି ସମ୍ମିଳନୀ ଓଡ଼ିଶାରେ ମଧୁମେହ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବ। ଆଉ ତୃଣମୂଳସ୍ତରରେ ଅତ୍ୟାଧୁନିକ ମଧୁମେହ ଚିକିତ୍ସା ପହଞ୍ଚାଇପାରିବ। ରାଜ୍ୟରେ ମଧୁମେହ ରୋଗ ବାବଦରେ ଗବେଷଣା କରାଯାଇ ନୂଆ ଚିକିତ୍ସା ପ୍ରଣାଳୀ ଓ ଔଷଧ ବାହାର କରାଯାଉଛି। ଏସବୁ ବାବଦରେ ଓଡ଼ିଶାର ଚିକିତ୍ସକଙ୍କୁ ସମ୍ମିଳନୀରେ ସୂଚନା ଦିଆଯିବ। ଏହି ଅବସରରେ ଡାଇବେଟିସ୍ ରୋଗ ଉପରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ସମ୍ମିଳନୀରେ ବିଏନ୍ ରିସର୍ଚ୍ଚ ଫାଉଣ୍ଡେଶନ ପ୍ରତିଷ୍ଠାତା ସଭାପତି ଡା. ଅଭୟ କୁମାର ସାହୁ, ଡା. ରିତେଶ କୁମାର ଅଗ୍ରୱାଲ, ଡା. ସତ୍ୟଜିତ ତ୍ରିପାଠୀ, ଡା. ସ୍ୱୟଂସିଦ୍ଧ ମଙ୍ଗରାଜ, ଉତ୍କଳ କେଶରୀ ଖାଡ଼ାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡାଇବେଟିସ୍ ଇଣ୍ଡିଆ କନ୍‌କ୍ଲେଭ୍ ସମ୍ପର୍କରେ ସୂଚନା ଦିଆଯାଉଛି।

# ଆଇଏଏସ୍ ଅଧିକାରୀଙ୍କ ସହ ଛାତ୍ରୀଛାତ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୨୦।୧(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ପକ୍ଷରୁ ଉଚ୍ଚ ମାଧ୍ୟମିକ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରସଙ୍ଗରେ ୱେବିନାର ସିରିଜ୍ ଗତ ସେପ୍ଟେମ୍ବରରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୫୦ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୨୩୧ଟି ଧନ୍ଦାମୂଳକ ଓ ୧୧୦ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଖ୍ୟାତନାମା ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦିଗ୍‌ଦର୍ଶନ ଦିଆଯାଉଛି। ଶନିବାର ଅଧିବେଶନରେ ନୂତନ ଭାବେ ନିଯୁକ୍ତ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ସହିତ 'କଥାବାର୍ତ୍ତା' ଶୀର୍ଷକ ଆଲୋଚନା କରାଯାଇଥିଲା। ଦୁଇଜଣ ନବନିଯୁକ୍ତ ଆଇଏଏସ୍ ଅଧିକାରୀ ସମୀର ଜେନା ଓ ସୌମ୍ୟରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ଆମନ୍ତ୍ରିତ ଅତିଥିଙ୍କ ପରିଚୟ ଦେବା ସହିତ ଛାତ୍ରୀଛାତ୍ରଙ୍କୁ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଏହି ବୃତ୍ତି ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତ୍ତର ଅତିଥିମାନଙ୍କଠାରୁ ବୁଝିବା ପାଇଁ ପରାମର୍ଶ ଦେଇଥିଲେ। ଆଇଡେଣ୍ଟିଟି ଫାଉଣ୍ଡେଶନର ନିର୍ଦ୍ଦେଶକ ଯଶୋବନ୍ତ ସିଙ୍ଘଲାଲ ଏହି ଅଧିବେଶନକୁ ପରିଚାଳନା କରିଥିଲେ। ଅତିଥିମାନେ ନିଜ ପ୍ରଚେଷ୍ଟା ଓ ଅଭିଜ୍ଞତା ଆଧାରରେ ଏହି ବୃତ୍ତି ପାଇଁ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବା କ୍ଷେତ୍ରରେ କ୍ୟାରିଅର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର କିପରି ପ୍ରସ୍ତୁତି ଆରମ୍ଭ କରିବେ, ଏହାର ସର୍ବୋତ୍ତମ ସମୟ, ପାଠପଢ଼ା ମାଧ୍ୟମ, ଅଧ୍ୟୟନ ସାମଗ୍ରୀ, ଆବଶ୍ୟକ କୌଶଳ, ସମୟ ପରିଚାଳନା, କୋଚିଂର ଆବଶ୍ୟକତା, ସାଧାରଣଜ୍ଞାନ ପାଇଁ ପ୍ରସ୍ତୁତି, ପରୀକ୍ଷା ପଦକ୍ଷେପ, ଆବଶ୍ୟକ ମାର୍କ, ସମୟ ଚାପକୁ ନିୟନ୍ତ୍ରଣ କରିବାର ଉପାୟ, ପ୍ରସ୍ତୁତି ସମୟରେ ଆହ୍ୱାନ କ'ଣ ଥାଏ ଓ ସେଗୁଡ଼ିକ କିପରି ଦୂରୀଭୂତ କରିବେ, ସାକ୍ଷାତ୍‌କାର ଯୋଗ୍ୟତାଗୁଡ଼ିକ କ'ଣ ଏବଂ ପ୍ରତିଯୋଗିତାରେ ବିଫଳତାର ଭୟକୁ କିପରି ମୁକାବିଲା କରିବେ ଇତ୍ୟାଦି ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ଶେଷରେ ଏହି ଅତିଥିଦ୍ୱୟ ଛାତ୍ରୀଛାତ୍ରଙ୍କ ନିମନ୍ତେ କେତୋଟି ସଫଳତାର ସୂତ୍ର କହିଥିଲେ। ଗଣଶିକ୍ଷା ବିଭାଗ ଉପଶାସନ ସଚିବ ରଞ୍ଜିତା ମେରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଶାନ୍ତ ନନ୍ଦଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୪୯ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ଅବସରରେ ଶନିବାର ଅଭିନେତା ତଥା ଏମ୍‌ପି ପ୍ରଶାନ୍ତ ନନ୍ଦଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରାଯାଇଛି। ଓଡ଼ିଆ ଚଳଚ୍ଚିତ୍ରର ସମୃଦ୍ଧି ତଥା କ୍ରମବିକାଶରେ ଯୋଗଦାନ, ଭାରତୀୟ ଚଳଚ୍ଚିତ୍ର ଜଗତରେ ୬୦ବର୍ଷର ଅବଦାନ ତଥା ଜୀବନବ୍ୟାପୀ ସାଧନା ପାଇଁ ସେ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ରାଜ୍ୟ ଅର୍ଥ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଭାଷାବିତ୍ ତଥା ସମାଜବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରମୋଦ ପତି ଭାରତୀୟ ଚଳଚ୍ଚିତ୍ର ଧାରାକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ପ୍ରାମାଣିକ ଚଳଚ୍ଚିତ୍ରର ପରିଭାଷାକୁ ବଦଳାଇ ଦେଇଥିଲେ ବୋଲି ସେ ମତ ଦେଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ (କୁନା) ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରମୋଦ ପତିଙ୍କ କାଳଜୟୀ କୃତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସକ ମଧୁସୂଦନ ଦାସ ଯୋଗଦେଇ, ସ୍ୱର୍ଗତ ପତିଙ୍କ ବୌଦ୍ଧିକ ଉତ୍ତରଣ ସମ୍ବଳିତ ନବଚେତନାତ୍ମକ ଚଳଚ୍ଚିତ୍ର ଆଜି ବି ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥାଏ ବୋଲି କହିଥିଲେ। ସ୍ୱର୍ଗତ ପତିଙ୍କ କୃତିକୁ ସ୍ମରଣୀୟ କରିବା ସହ ନୂତନ ପିଢ଼ିଙ୍କୁ ଅନୁପ୍ରେରିତ କରିବା ପାଇଁ ସରକାରଙ୍କ ପକ୍ଷରୁ ତାଙ୍କର ଜନ୍ମବାର୍ଷିକୀ ପ୍ରତି ବର୍ଷ ପାଳନ କରିବା ନିମନ୍ତେ ଅତିଥିମାନେ ପ୍ରସ୍ତାବ ରଖିଥିଲେ। ଭାରତୀୟ ଫିଲ୍ମ ସେନ୍‌ସର ବୋର୍ଡର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର, ସାମାଜିକ କର୍ମୀ ସୀତା ବଲ୍ଲଭ ମହାପାତ୍ର, ଡା. ମୀରା ପତି ପ୍ରମୁଖ ପ୍ରମୋଦଙ୍କ ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ମହାପାତ୍ର ସ୍ୱାଗତ ଭାଷଣ, ସମ୍ପାଦକ ଗୋଲକ ବିହାରୀ ସିଂହ ପ୍ରାରମ୍ଭିକ ସୂଚନା ଓ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅଭିନେତା ତଥା ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦଙ୍କୁ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।

**ଠକେଇ, ଅଭିଯୁକ୍ତ ଗିରଫ**

କଟକ ସଦର,(ସୁଶାନ୍ତ କୁମାର ଜେନା): ଠକେଇ ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୂଳକଳପଡା ଗ୍ରାମର ନୀହାର ରଞ୍ଜନ ପରିଡ଼ା। ଅଭିଯୁକ୍ତ ଜଣକ ଜମି ବିକ୍ରି କରିବାକୁ ପ୍ରତିଶ୍ରୁତି ଦେଇ ଶଶିକାନ୍ତ ଦାଶ ନାମକ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ୮୦ ହଜାର ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ଜମି ବିକ୍ରି କରି ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଏ ନେଇ ଶଶିକାନ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

**ସଂକ୍ଷେପରେ**

## ଡା. ଭୁବନାନନ୍ଦ ମହାରଣା ଗୁରୁତର

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଗୁରୁତର ହୋଇଛନ୍ତି। ସେ ପୁନର୍ବାର ମସ୍ତିଷ୍କାଘାତର ଶିକାର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରି ଆଇସିୟୁରେ ଶନିବାର ଭର୍ତ୍ତି କରାଯାଇଛି। ଏସ୍‌ସିବି ଅଧୀକ୍ଷକ ତଥା ନ୍ୟୁରୋସର୍ଜରି ବିଭାଗର ବରିଷ୍ଠ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ୟୁନିଟ୍‌ରେ ତାଙ୍କୁ ରଖାଯାଇଛି। ଡା. ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାରଣାଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବିଶେଷ ଦୃଷ୍ଟି ଦିଆଯାଇଛି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଫେବୃଆରୀରେ ଡା. ମହାରଣା ମସ୍ତିଷ୍କାଘାତର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଦିଲ୍ଲୀର ଏକ ପ୍ରତିଷ୍ଠିତ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ସୁସ୍ଥ ହୋଇ ଫେରିଥିଲେ। ହେଲେ ଦୁଇ ଦିନ ତଳେ ପୁନର୍ବାର ସେ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ଶନିବାର ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଚୌଦ୍ୱାର,୨୦।୧(ଆଶୁତୋଷ ଦାସ)

ଚୌଦ୍ୱାର ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱପ୍ନା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବଚକ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଶିକ୍ଷା ସହିତ ଆଧ୍ୟାତ୍ମିକ ଜ୍ଞାନ ଆହରଣ ଭଲ ମଣିଷ ହୋଇପାରିବେ। ଏଥିରେ ଅନ୍ୟ ଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ଇମ୍ଫାର ଜେନେରାଲ ମ୍ୟାନେଜର ଜି. ଶାରଦା ପ୍ରସାଦ ରାଓ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଯୋଗଦେଇଥିଲେ। ସମ୍ପାଦକ ମାନସ ରଞ୍ଜନ ସାହୁ ସ୍ୱାଗତ ଭାଷଣ, ବରିଷ୍ଠ ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଧାନ ଆଚାର୍ଯ୍ୟା ସ୍ନିଗ୍ଧା ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପୂଜା କମିଟି ନୂତନ କର୍ମକର୍ତ୍ତା ଚୟନ

ଚୌଦ୍ୱାର,୨୦।୧(ଆଶୁତୋଷ ଦାସ)

ଚୌଦ୍ୱାର ମହାଜନ ସାହି ପୂଜା କମିଟିର ସାଧାରଣ ବୈଠକ ସ୍ଥାନୀୟ ରୂପଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରେକୃଷ୍ଣ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ କମିଟିର ପୂର୍ବତନ ସଭାପତି ତୋଫାନୀ ନାୟକଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କମିଟିର ନୂତନ ସଭାପତି ଭାବେ ସୁନୀଲ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏଥିସହ କାର୍ଯ୍ୟକାରୀ କମିଟିରେ ଜଗବନ୍ଧୁ ସାହୁ, ଅନାଦି ଅଚ୍ୟୁତ ଲେଙ୍କା, ଜିତେନ୍ଦ୍ର ପରିଡ଼ା, ପ୍ରକାଶ ସ୍ୱାଇଁ, ଅଶୋକ ଲେଙ୍କା, ଜଗନ୍ନାଥ ସାହୁ, ରବୀନ୍ଦ୍ର କୁମାର ସାହୁ, ଅଶୋକ ସାହୁ, ଅଭିମନ୍ୟୁ ନାୟକ, ମାନସ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ମୋଟ ୨୧ଜଣ ସଦସ୍ୟଙ୍କୁ ଚୟନ କରାଯାଇଥିଲା। ବିଷ୍ଣୁ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

# ନକଲି କାଗଜପତ୍ରରେ ଋଣ ଠକେଇ

କଟକ,୨୦।୧(କାର୍ତ୍ତିକ ସାହୁ)



ଜବତ ସାମଗ୍ରୀ, ଗିରଫ ଅଭିଯୁକ୍ତ।

■ ଡାକ୍ତର ପରିଚୟ ଦେଉଥିବା ଯୁବକ ଗିରଫ
■ ନକଲି କାଗଜପତ୍ର, ବାଇକ୍, ପାନ୍, ଆଧାର କାର୍ଡ ଜବତ

ନକଲି କାଗଜପତ୍ର ଦ୍ୱାରା ବ୍ୟାଙ୍କରୁ ଋଣ ଉଠାଇବା ଅର୍ଥ ଆତ୍ମସାତ୍ କରୁଥିବା ଜଣେ ଯୁବକଙ୍କୁ କଟକ ସଦର ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋପାଳପୁର ପାଇକସାହିର ଶ୍ରୀଧର ରାଉତ(୨୯)। ତାଙ୍କଠାରୁ ନକଲି ଆଧାର କାର୍ଡ, ପାନ୍ କାର୍ଡ, ବିଭିନ୍ନ ହସ୍ପିଟାଲର ରବର ଷ୍ଟାମ୍ପ, ପାସ୍‌ବୁକ୍, ଚେକ୍, ଷ୍ଟେଥୋ, ସାଲାରି ସ୍ଲିପ୍, ବାଇକ୍ ଓ ମୋବାଇଲ୍ ଫୋନ୍ ଆଦି ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୦/୨୪) ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ବ୍ୟାଙ୍କ ଅଧିକାରୀଙ୍କ ନିକଟତର ହେବା ସହ ଋଣ ଆକାରରେ ଲକ୍ଷାଧିକ ଟଙ୍କା ଉଠାଇବାରେ ସକ୍ଷମ ହେଉଥିଲେ।

ସୂଚନାନୁସାରେ, ଅଭିଯୁକ୍ତ ଜଣକ ନିଜକୁ ସନ୍ଦୀପ ନାମରେ ପରିଚୟ ଦେଇ ୟୁକୋ ବ୍ୟାଙ୍କ ଫୁଲନଖରା ଶାଖାରୁ ଋଣ ଉଠାଇବା ନିମନ୍ତେ ଅନେକଥର ଆସିଥିଲେ। ଡାକ୍ତର ଭାବେ ପରିଚୟ ଦେଇ ବ୍ୟାଙ୍କ କର୍ମଚାରୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିଥିଲେ। ସେ ଏକ ବ୍ୟକ୍ତିଗତ ଋଣ ନେବା ନିମନ୍ତେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ମାତ୍ର କାଗଜପତ୍ରଗୁଡ଼ିକୁ ଯାଞ୍ଚ କରିବାରୁ ସେଗୁଡ଼ିକ ନକଲି ବୋଲି ଜଣାପଡ଼ିଥିଲା। ବ୍ୟାଙ୍କ ଶାଖା ପରିଚାଳକ ଅବିନାଶ ସେଠୀ ଏନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତବେଳେ ସମ୍ପୃକ୍ତ ଯୁବକ ସନ୍ଦୀପ ନୁହେଁ ଶ୍ରୀଧର ରାଉତ ବୋଲି ଜାଣିବାକୁ ପାଇଥିଲା। ସେ ଜଣେ ପେସାଧର ଠକ ଭାବେ ବିଭିନ୍ନ ବ୍ୟାଙ୍କ, ଗାଡ଼ି ଶୋରୁମ୍‌ରୁ ଠକେଇ କରିଥାନ୍ତି। ନିଜକୁ ଡା. ସନ୍ଦୀପ, ଡା. ଆଦିତ୍ୟ ଶର୍ମା ଓ ଡା. ସିଦ୍ଧାନ୍ତ ସାର୍ଥକ ନାମରେ ଏମ୍ସ ପାଟନା, ଏମ୍ସ ନୂଆଦିଲ୍ଲୀ ଓ ସଫଦରଜଙ୍ଗ ହସ୍ପିଟାଲର ଡାକ୍ତର ବୋଲି ପରିଚୟ ଦେଇଥାନ୍ତି। ଏଥିପାଇଁ ସେ ଏକାଧିକ ନକଲି ଆଧାର କାର୍ଡ, ପାନ୍ କାର୍ଡ, ସାଲାରି ସ୍ଲିପ୍ ଆଦି ପ୍ରସ୍ତୁତ କରିଛନ୍ତି। ୨୦୨୧ରେ ଜାଲ୍ କାଗଜପତ୍ର ଦେଇ ବଜ୍ରକବାଟି ରୋଡ୍‌ସ୍ଥିତ ୟୁନିୟନ ବ୍ୟାଙ୍କରୁ ୧୬.୫ ଲକ୍ଷ ଟଙ୍କାର ଗାଡ଼ି ଲୋନ୍ ଉଠାଇଥିଲେ। ସେହିପରି ବ୍ୟାଙ୍କ ଅଫ୍ ଇଣ୍ଡିଆର ରାଣୀହାଟ ଶାଖାରେ ଜାଲ୍ କାଗତପତ୍ରରେ ସଞ୍ଚୟ ଖାତା ଖୋଲି ୧୦ ଲକ୍ଷ ଟଙ୍କା ଋଣ ଉଠାଇଥିଲେ। ୨୦୨୩ରେ ଜାଲ କାଗଜପତ୍ର ଦେଇ ଝାଡଖଣ୍ଡ ଆଦିତ୍ୟପୁର ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୨୦ ଲକ୍ଷ ଟଙ୍କାର ଗାଡ଼ି ଲୋନ୍ କରିଥିଲେ। ମାତ୍ର ସଦ୍ୟ ମାମଲାରେ ନିଜକୁ ଡା. ସନ୍ଦୀପ, ପିତା-ବିଜୟ ପାଲ, ଠିକଣା- କ୍ରିଷ୍ଣା ବିହାର, ପାତ୍ରପଡ଼ା ଖଣ୍ଡଗିରିର ବାସିନ୍ଦା ଭାବେ ପରିଚୟ ଦେବା ସହ ନୂଆଦିଲ୍ଲୀସ୍ଥିତ ସଫଦରଜଙ୍ଗ ହସ୍ପିଟାଲର ଜୁନିୟର ରେସିଡେଣ୍ଟ ଭାବେ କାର୍ଯ୍ୟରତ ବୋଲି କହିଥିଲେ। ସେ ପ୍ରଥମେ ଜାଲ୍ କାଗଜପତ୍ର ଦେଇ ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଅଶୋକନଗର ଶାଖାରେ ୧୫ ଲକ୍ଷ ଟଙ୍କା ଋଣ ଆବେଦନ କରିଥିଲେ। ହେଲେ ସେଠି ଋଣ ଦେବାକୁ ମନା କରିଦେବା ପରେ ସେ ଫୁଲନଖରା ଶାଖାରେ ୧୦ ଲକ୍ଷ ଟଙ୍କା ଋଣ ଆବେଦନ କରିଥିଲେ। ପୂର୍ବରୁ ଅଭିଯୁକ୍ତଙ୍କ ନାମରେ କଟକ ଓ ଭୁବନେଶ୍ୱରରେ ୮ଟି ମାମଲା ଥିବା ପୋଲିସ ତଦନ୍ତରୁ ଜାଣିବାକୁ ମିଳିଛି।

## 'ଲକ୍ଷ୍ମୀନାରାୟଣ ଥିଲେ ତ୍ୟାଗର ପ୍ରତୀକ'

କଟକ,୨୦।୧(କାର୍ତ୍ତିକ ସାହୁ)

ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସ୍ମୃତି ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ପାଳିତ ହୋଇଯାଇଛି। ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବକୁ ସାମାଜିକ କର୍ମୀ ରବୀନ୍ଦ୍ର ନାଥ ମହାନ୍ତି ଉଦ୍‌ଘାଟନ କରି କହିଛନ୍ତି, ଲକ୍ଷ୍ମୀନାରାୟଣ ଥିଲେ ସେବା ଓ ତ୍ୟାଗର ପ୍ରତୀକ। ମୁଖ୍ୟ ଅତିଥି ସର୍ବଭାରତୀୟ ହିନ୍ଦ୍ ସେବକ ସଂଘର ସଭାପତି ଦାମୋଦର ସାହୁ କହିଛନ୍ତି, ଲକ୍ଷ୍ମୀନାରାୟଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସାମ୍ପ୍ରତିକ ସମାଜ ବଦଳିଯିବ। ମୁଖ୍ୟବକ୍ତା ଡ. ବନଲତା ଦେବୀ ଓ ସମ୍ମାନିତ ବକ୍ତା ଇଂ. ଅଜୟ କୁମାର ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଟ୍ରଷ୍ଟ ସଭାପତି ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରିଥିଲେ। ଡ. ଅଭୟ କୁମାର ରାଉତ ପ୍ରାରମ୍ଭିକ ସୂଚନା, ଡ. ମନୋରଞ୍ଜନ ବେହୁରା ସ୍ୱାଗତ ଭାଷଣ ଓ ସମ୍ପାଦକ ଗୌତମ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ଅମିତ କୁମାର ସାହୁ, ସଦସ୍ୟ ରବିନାରାୟଣ ସାହୁ ଓ ମୌସମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି, ଭାଷା ସାହିତ୍ୟ ପାଠଚକ୍ର

ମଙ୍ଗୁଳି-ଜଗତପୁର,୨୦।୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କିତ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଗୀତାଞ୍ଜଳି ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଡ. ସୁରେଶ ଚନ୍ଦ୍ର କର ଯୋଗଦେଇ ଶ୍ରୀଜଗନ୍ନାଥ ପୁସ୍ତକ ଓ ପତ୍ରପତ୍ରିକା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଲୋଚକ ଭାବେ ଡ. ଗୋବିନ୍ଦ ଲେଙ୍କା, ଡ. ରବୀନ୍ଦ୍ର ବିହାରୀ, ଡ. ଅଶୋକ କୁମାର ରାଉତ, ଡ. ସୁରେଶ ଚନ୍ଦ୍ର କର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷାରେ ବ୍ୟାକରଣର ପ୍ରୟୋଗ ଉପରେ ଡ. ଲେଙ୍କା ଓ ବିହାରୀ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧ୍ୟାପକ ଉତ୍ତମ ଦାସ, ଅନିଲ କୁମାର ମହାନ୍ତି, ବ୍ରହ୍ମାନନ୍ଦ ମହାରଣା, ସାରଦା ପ୍ରସାଦ ସାହୁ, ଅଧ୍ୟାପିକା ରାଜଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସୁନୀଲ ବରାଳ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ସିଏମ୍‌ସି ୩୬ ନମ୍ବର ୱାର୍ଡ କଂଗ୍ରେସ କମିଟିର ସାଙ୍ଗଠନିକ ପ୍ରସ୍ତୁତି ବୈଠକ। ଜ୍ଞାନ ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ୱାର୍ଡବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ଏହି ଅବସରରେ ୩୬ ନଂ. ୱାର୍ଡ କଂଗ୍ରେସ ସଭାପତି ଭାବେ ସୌମ୍ୟରଞ୍ଜନ ଛାଟୋଇଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ ବିକାଶ ରାଉତ, ସନ୍ତୋଷ ରଣା, ଅଜୟ କୁମାର ବେହେରା, ସୌମ୍ୟରଞ୍ଜନ ବିଶ୍ୱାଳ, କିରଣ କୁମାର ରଣା, ଟୁଟୁନା ରଣା, ମିହିର କୁମାର ଛାଟୋଇ, ପିଙ୍ଗୁସୁ ରାଉତ, ସୌମ୍ୟରଞ୍ଜନ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।




କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଶନିବାର ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲରେ ମହାରାଷ୍ଟ୍ର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଆଇ ଆମ୍ ଷ୍ଟିଲ ଆଲିଭ'ର ଏକ ଦୃଶ୍ୟ।

## 'ଛାତ୍ରୀଛାତ୍ର ସୁନାଗରିକ ହୁଅନ୍ତୁ'



ଡିପିଏସ୍ କଳିଙ୍ଗର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଫୁଲନଖରା,୨୦।୧(ସତ୍ୟରଞ୍ଜନ ଦାସମହାପାତ୍ର)

**ଡିପିଏସ୍ କଳିଙ୍ଗର ବାର୍ଷିକ ଉତ୍ସବ**

କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଅନୁରାଧା ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରମାନେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇଥିଲେ। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନୃସିଂହ ପ୍ରସାଦ ପାଢୀ, ସମ୍ମାନିତ ଅତିଥି ଭାବେ ଉଇଙ୍ଗ କମାଣ୍ଡର ରାଜଲକ୍ଷ୍ମୀ ପୃଥ୍ୱିରାଜ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରୋ ଭାଇସ ଚେୟାରପର୍ସନ ମାଳା ମିଶ୍ର ଯୋଗଦେଇଥିଲେ। ଅଧ୍ୟକ୍ଷା ଦୀକ୍ଷିତ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ କୃତକାର୍ଯ୍ୟ ହୋଇ ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିବା ଗୌରବର ବିଷୟ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'କଳିଙ୍ଗା ଫୁଟପ୍ରିଣ୍ଟସ' ଉନ୍ମୋଚିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସତୀ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ପ୍ରୀତି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆଇସିଏଆର୍ ପୂର୍ବାଞ୍ଚଳ ପେନସନର୍ସ ସଂଘ ସମ୍ମିଳନୀ

କଟକ,୨୦।୧ (କାର୍ତ୍ତିକ ସାହୁ)

କଟକ ବିଦ୍ୟାଧରପୁରସ୍ଥିତ ଆଇସିଏଆର ପୂର୍ବାଞ୍ଚଳ ପେନସନର୍ସ ସଂଘର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ଶରତ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇ ସଂଘ ଗଠନର ଲକ୍ଷ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ସର୍ବଭାରତୀୟ କେନ୍ଦ୍ରୀୟ ପେନସନର ଆସୋସିଏଶନ, ଓଡ଼ିଶା ଶାଖାର ସଭାପତି ଜୟକୃଷ୍ଣ ଆଚାର୍ଯ୍ୟ ପେନସନଭୋଗୀଙ୍କ ସାମ୍ପ୍ରତିକ ଅବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଆଇସିଏଆରର ମୁଖ୍ୟ ବିତ୍ତ ଏବଂ ହିସାବ ଅଧିକାରୀ ଡ. ସୁନୀଲ କୁମାର ଦାସ ପେନସନ୍ ନିୟମ ସମ୍ବନ୍ଧରେ କହିଥିଲେ। ଡ. ଯୋଗେଶ୍ୱର ପାଣି ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଆଇଆଇଡବ୍ଲ୍ୟୁଏମ୍‌ର ନିର୍ଦ୍ଦେଶକ ଡ. ଏ. ଷଡ଼ଙ୍ଗୀ ପେନ୍‌ସନ୍‌ଭୋଗୀଙ୍କର ସମସ୍ତ ଆବଶ୍ୟକତା ପୂରଣରେ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପଦେଷ୍ଟା ଡ. ଏନ୍. ମହାପାତ୍ର, ଗଙ୍ଗାଧର ବେହେରା, ଉପସଭାପତି ଡ. ଶଶାଙ୍କ ପଟ୍ଟନାୟକ, ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ସ୍ୱଚ୍ଛତା ଅଭିଯାନ ଦେଶକୁ ସ୍ୱଚ୍ଛ କରିପାରିବ'

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ପକ୍ଷରୁ ଚହଟାସ୍ଥିତ ଶ୍ରୀରାମ ମନ୍ଦିର ଓ ମା' କଟକ ଚଣ୍ଡୀ ମନ୍ଦିର ପରିସରରେ ଶନିବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଦଳର କର୍ମୀମାନେ ଯୋଗଦେଇ ଉଭୟ ମନ୍ଦିର ପରିସର ସଫେଇ କରିଥିଲେ। ଏହି ଅବସରରେ ଡା. ମହାପାତ୍ର କହିଛନ୍ତି, ଆସନ୍ତା ୨୨ରେ ଅଯୋଧ୍ୟାରେ ରାମମନ୍ଦିରର ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ଦିନ ପ୍ରତ୍ୟେକ ପରିବାର ନିଜ ଘରେ ପୂଜାପାଠ କରିବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ ପାଇଁ ଅନୁରୋଧ କରାଯାଇଛି। ଏହାସହ ସ୍ୱଚ୍ଛତା ଅଭିଯାନ ହିଁ ଦେଶରେ ସ୍ୱଚ୍ଛତା ଆଣିପାରିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଦୀପ ବେହେରା, ପ୍ରତାପ ରାଉତରାୟ, ରଶ୍ମିରେଖା ଦାସ, ମନୋଜ ପତି, କଳ୍ପନା ପଟ୍ଟନାୟକ, ପ୍ରବୋଧ ବଡ଼ପଣ୍ଡା, ସ୍ମୃତି ପଟ୍ଟନାୟକ, ହେମନ୍ତ ବେହେରା, ସନ୍ତୋଷ ମହାନ୍ତି, ପ୍ରବୀଣା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଘରୋଇ ଜାଗାରେ ସୁବିଧା କେନ୍ଦ୍ର ନିର୍ମାଣ ପ୍ରସଙ୍ଗ**

## ତଦନ୍ତକଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

କଟକ ସଦର,୨୦।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ଏକ ଘରୋଇ ଜାଗାରେ ସରକାରୀ ଅନୁଦାନ ୧୦ ଲକ୍ଷ ଟଙ୍କା ବ୍ୟୟରେ ସୁବିଧା କେନ୍ଦ୍ରର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଶନିବାର ଏହାର ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କ ନିର୍ଦ୍ଦେଶରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ ଏହାର ତଦନ୍ତ କରୁଛନ୍ତି। ପଞ୍ଚାୟତ ତରଫରୁ ଏକ ଦସ୍ତାବିଜ ଦାଖଲ କରାଯାଇଛି। ୧୯୮୨-୮୩ ଆର୍ଥିକ ବର୍ଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହଂସନାଥ ପଲ୍ଲୀ ବିକାଶ ସମିତିର ତତ୍କାଳୀନ ସମ୍ପାଦକ ବନମାଳୀ ମହାରଣା ଦଉପତ୍ର କରି ୪ ଡିସିମିଲ ଜମି ତତ୍କାଳୀନ ସରପଞ୍ଚ ସୂର୍ଯ୍ୟମଣି ଦାସଙ୍କୁ ପ୍ରଦାନ କରିଥିଲେ। ଭଗବତୀ ଠାକୁରାଣୀ ପୀଠକୁ ଲାଗି ଉକ୍ତ ଜମି ଉପରେ ପଞ୍ଚାୟତ ଗୃହ ନିର୍ମାଣ କରାଯାଇଛି। ଖାତା ନଂ. ୧୩୭, ପ୍ଲଟ୍ ନଂ. ୧୫୦୩ ମୋଟ ରକବା ୧୪ ଡିସିମିଲ ମଧ୍ୟରୁ ୧୦ ଡିସିମିଲ ଅଦ୍ୟାବଧି ବିକାଶ ସମିତିର ମାଲିକାନାରେ ରହିଛି। ୨୦୦୪ରେ ତତ୍କାଳୀନ ସରପଞ୍ଚ କଟକ ସଦର ତହସିଲଦାରଙ୍କ ନିକଟରେ ଦାଖଲ ଖାରଜ ମାମଲା କରି ଜମିକୁ ପରମହଂସ ପଞ୍ଚାୟତ ନାମରେ ପଟ୍ଟା କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଏହି ଜମିକୁ ଦଉପତ୍ର କରିବାବେଳେ କଟକ ଜିଲାପାଳଙ୍କ ଅନୁମତି ନିଆଯାଇ ନ ଥିବାରୁ ଅତିରିକ୍ତ ତହସିଲଦାର ଏନ୍.ସେନାପତି ଦାଖଲ ଖାରଜ ମାମଲାକୁ ନାକଚ କରିଦେଇଥିଲେ। କାରଣ ସ୍ୱେଚ୍ଛାସେବୀ ସଂସ୍ଥା ପଞ୍ଜୀକରଣ ଆଇନ ୧୮୬୦ର ଧାରା ୨୧ ମୁତାବକ ପଞ୍ଜୀକୃତ ଅନୁଷ୍ଠାନର ସ୍ଥାବର ସମ୍ପତ୍ତିକୁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବାବେଳେ ଜିଲାପାଳଙ୍କ ଅନୁମତି ନିଆଯିବା କଥା। ହେଲେ ଏଠାରେ ତାହାକୁ ପାଳନ କରାଯାଇନାହିଁ। ଏହି ୧୦ ଡିସିମିଲ ଜାଗାରେ ରାଜୀବ ସେବା କେନ୍ଦ୍ର, ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ଏହି ନିର୍ମାଣବେଳେ ବିକାଶ ସମିତିର କେତେଜଣ ଲୋକ ନିଜକୁ ସଭ୍ୟ ବୋଲି ଦର୍ଶାଇ ଏକ ସତ୍ୟପାଠ କରି ପଞ୍ଚାୟତକୁ ଏନ୍‌ଓସି ଦେଇଥିବା ତଦନ୍ତବେଳେ ଜଣାପଡ଼ିଛି। ବିଡିଓ ରୁମାନା ଜାଫ୍ରି ଟ୍ରେନିଂରୁ ଫେରିବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ, ଅତିରିକ୍ତ ବିଡିଓ ମିଳିତ ଭାବେ ବୈଠକ କରି ଯାହାକିଛି ନିଷ୍ପତ୍ତି ନେବେ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ଅଡିଟୋରିୟମରେ ଓଡ଼ିଶା ଇତିହାସ କଂଗ୍ରେସର ୪୩ତମ ବାର୍ଷିକ ଅଧିବେଶନର ଶନିବାର ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



କଟକ ଶତାବ୍ଦୀ ଭବନରେ ଶନିବାର କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧।୨୦୨୪

| | |
|---|---|
| ୪,୯୬,୫୨୪ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ୍ |
| ରୁପା | ୫୯.୦୦ ଗ୍ରାମ୍ |

# 'ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟକୁ ଜାତୀୟ ମାନ୍ୟତା ମିଳୁ'

ପୁରୀ,୨୦।୧(ଅଜିତ୍ ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦର ୭୪ତମ ବାର୍ଷିକୋତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନେୱାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ରବି ନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଅରୁଣ ଦାସ ଏବଂ ଛାତ୍ର ସଂସଦ ପରାମର୍ଶଦାତା ରଞ୍ଜନ କାନ୍ତ, ସଂସଦ ସଭାପତି ଡ. ରାକେଶ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂସଦ ସାଧାରଣ ସମ୍ପାଦକ ପବିତ୍ର ଚୌହାଁର ବାର୍ଷିକ ବିବରଣୀ ପାଠ କରିଥିଲେ। ରଥଯାତ୍ରାରେ ମେଗା ରକ୍ତଦାନ ଶିବିର ଆୟୋଜନ, ମହାବିଦ୍ୟାଳୟରେ ମହର୍ଷି ଚରକ ଓ ମହର୍ଷି ଶୁଶ୍ରୁତଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଛାତ୍ର ସଂସଦ କାର୍ଯ୍ୟାଳୟ ନିର୍ମାଣ, ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ଭଳି ସଫଳତା ସମ୍ପର୍କରେ ସେ ବର୍ଣ୍ଣନା କରିଥିଲେ। କେନ୍ଦ୍ର ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜର ବିକାଶ ପାଇଁ ୮ ଦଫା ଦାବି ଉପସ୍ଥାପନ ହୋଇଥିଲା। ଦାବିରେ ୭୫ ବର୍ଷର ଏହି ମହାବିଦ୍ୟାଳୟକୁ ଜାତୀୟ ମାନ୍ୟତା ଦେବା, ମହାବିଦ୍ୟାଳୟକୁ ଗୋପବନ୍ଧୁ ଆୟୁର୍ବେଦ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଭାବେ ନାମିତ କରିବା,



ଅତିଥିମାନେ ଛାତ୍ର ସଂସଦ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

### ଛାତ୍ର ସଂସଦର ୭୪ତମ ବାର୍ଷିକୋତ୍ସବ

ୟୁପିଏସ୍‌ସି ପରୀକ୍ଷାରେ ଆୟୁର୍ବେଦକୁ ସ୍ଥାନ ଦେବା, ମହାବିଦ୍ୟାଳୟରେ ସେଣ୍ଟ୍ରାଲ ରିସର୍ଚ୍ଚ ଲାବରୋଟୋରୀ ନିର୍ମାଣ, ଆୟୁର୍ବେଦ କଲେଜକୁ ଏନ୍‌ଏବିଏଚ୍ ସାର୍ଟିଫିକେଟ୍ ଦେବା ଆଦି ଛାତ୍ର ସଂସଦ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବି କରାଯାଇଛି। ଦାବିଗୁଡ଼ିକ ପୂରଣ କରିବା ନେଇ ପ୍ରଚେଷ୍ଟା କରିବା ସହ ଆୟୁଷ ବିଭାଗ ପାଇଁ ଯେଉଁ ଯେଉଁ ପ୍ରଦେଶ ପଦକ୍ଷେପ ଗ୍ରହଣ କରିଛନ୍ତି, ସେମାନଙ୍କ ସହ ଆଲୋଚନା କରାଯାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୋନେୱାଲ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ

## ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ସଫଳ ନେଇ ପ୍ରାର୍ଥନା କରିଛି: ସାଧ୍ୱୀ ନିରଞ୍ଜନ ଜ୍ୟୋତି



କେନ୍ଦ୍ର ମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ଶ୍ରୀମନ୍ଦିରକୁ ଯାଉଛନ୍ତି।

ପୁରୀ,୨୦।୧(ଅଜିତ୍ ମହାନ୍ତି)

କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ଶନିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିସାରି ସେ ପ୍ରସ୍ଥାନ କରିଥିଲେ। ପରେ ସେ କହିଥିଲେ, ସୂର୍ଯ୍ୟ ଭଗବାନଙ୍କ ପବିତ୍ର ଆରାଧନା ଦିବସରେ ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଆନନ୍ଦ ଲାଗିଲା। ଶ୍ରୀମନ୍ଦିର ଭଳି ଭବ୍ୟ ଓ ପବିତ୍ର ସ୍ଥାନରୁ ଫେରିବାକୁ ଇଚ୍ଛା ନ ଥିଲେ ମଧ୍ୟ ଫେରିବାକୁ ପଡୁଛି। ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଭଲ ହୋଇଛି। ପୂର୍ବରୁ ବହୁଥର ପୁରୀ ଆସିଛି। କିନ୍ତୁ ଚଳିତଥର ବହୁତ କିଛି ପରିବର୍ତ୍ତନ ହେବା ଭଳି ପ୍ରତ୍ୟୟମାନ ହେଉଛି। ସେହିପରି କିଛିଦିନ ତଳେ ତାଙ୍କୁ ଅପହରଣ ପାଇଁ ହୋଇଥିବା ଯୋଜନାକୁ ନେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ସୌଭାଗ୍ୟବଶତଃ ସେହି ସମୟରେ ସେ ଗାଡ଼ିରେ ନ ଥିଲେ। ତେବେ ଏହି ଘଟଣାର ଅଧିକ ତର୍ଜମା କରିବା ପୋଲିସର କାମ।

## ସଂକ୍ଷେପରେ

### ସୂର୍ଯ୍ୟମନ୍ଦିର ବେଢ଼ା ପରିକ୍ରମା ଜଗମୋହନରେ ସୂର୍ଯ୍ୟପୂଜା

କୋଣାର୍କ,୨୦।୧(ଜ୍ୟୋତିରାଜ ମହାନ୍ତି): ଶାମ୍ବଦଶମୀ ତିଥିରେ ଶନିବାର ସୌର ମହାଯଜ୍ଞ ପରିଚାଳନା ସମିତି ପକ୍ଷରୁ ସୂର୍ଯ୍ୟମନ୍ଦିର ବେଢ଼ା ପରିକ୍ରମା, ଜଗମୋହନରେ ସୂର୍ଯ୍ୟ ପୂଜା କରାଯାଇଛି। ଏହି ଅବସରରେ ତ୍ରିଦିବସୀୟ ସେରମହାଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଛି। ଜଗନ୍ନାଥ ମନ୍ଦିର ସନ୍ନିକଟ ସେରମହାଯଜ୍ଞ ପୀଠରୁ ଶତାଧିକ ଶ୍ରଦ୍ଧାଳୁ ଏକ ବିରାଟ ପଟୁଆରରେ ଘଣ୍ଟ ମର୍ଦ୍ଦଳ ଓ ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ଯାଇ ସୂର୍ଯ୍ୟ ମନ୍ଦିରରେ ପହଞ୍ଚିଥିଲେ। ବେଢ଼ା ପରିକ୍ରମା କରିବା ପରେ ଜଗମୋହନ ଦ୍ୱାରରେ ସୂର୍ଯ୍ୟଙ୍କୁ ରୀତିନୀତି ଅନୁଯାୟୀ ଘଣ୍ଟ, ହୁଳହୁଳି ପକାଇ ପୂଜାର୍ଚ୍ଚନା କରାଯାଇଥିଲା। ସୌର ମହାଯଜ୍ଞ କମିଟି ସଭାପତି ଭାଗୀରଥି ସ୍ୱାଇଁ, ଶରତ ମଲ୍ଲ, ରଘୁନାଥ ମହାପାତ୍ର, ପ୍ରିୟ ରଞ୍ଜନ ରଥ, ନିରଞ୍ଜନ ତ୍ରିପାଠୀ ଓ ପ୍ରତାପ କାଣ୍ଡିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶାମ୍ବଦଶମୀ ଅବସରରେ କୋଣାର୍କରେ ସାଧୁସନ୍ଥଙ୍କ ସମାଗମ ହୋଇଥିଲା।

### ଶ୍ରୀକ୍ଷେତ୍ରରେ ଶାମ୍ବଦଶମୀ ପାଳିତ

ପୁରୀ, ୨୦।୧(ଅଜିତ୍ ମହାନ୍ତି): ପୌଷ ଶୁକ୍ଳ ଦଶମୀ ତିଥି ଅବସରରେ ଶନିବାର ଶ୍ରୀକ୍ଷେତ୍ରରେ ଶାମ୍ବ ଦଶମୀ ପାଳିତ ହୋଇଯାଇଛି। ମା'ମାନେ ସନ୍ତାନ ସନ୍ତତିଙ୍କ ମଙ୍ଗଳ କାମନା କରି ବିଧି ଅନୁଯାୟୀ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଥିଲେ। ସେହିପରି ସୂର୍ଯ୍ୟପୁରାଣ, ନୃସିଂହପୁରାଣ ଓ ଶାମ୍ବପୁରାଣ ପାଠ କରାଯାଇଥିଲା। ଏହି ଅବସରରେ ପ୍ରଥମ ଧୂପରେ ବ୍ରାହ୍ମ ମୁହୂର୍ତ୍ତରେ ମୁଆଁ, ମକର ଚାଉଳ, ଘିଅ ପିଠା ଓ ଫଳମୂଳ ଆଦି ଭୋଗ କରିଥିଲେ। ମଧ୍ୟାହ୍ନରେ ଦ୍ୱିତୀୟ ଧୂପରେ ଖେଚୁଡ଼ି, ଡାଲମା, ଖିରି ଓ ଚକୁଳି ପିଠା ଭୋଗ କରାଯାଇଥିଲା। ସୂର୍ଯ୍ୟାସ୍ତ ସମୟରେ ତୃତୀୟ ଧୂପରେ ଦୋପୁରିଆ ଚକୁଳି ସହ ସୁସ୍ୱାଦୁ ତରକାରୀ ଭୋଗ କରାଯାଇଥିଲା। କିମ୍ବଦନ୍ତୀ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗାକ୍ରାନ୍ତ ହୋଇଥିଲେ। ସୂର୍ଯ୍ୟ ଦେବତାଙ୍କୁ ବାର ବର୍ଷ ପୂଜା କରି ସେ ରୋଗ ମୁକ୍ତ ହୋଇଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ରୂପା ଆଣ୍ଡ ଟ୍ରୁପ୍ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଦର୍ଶକଙ୍କ ମନ ମୋହିଲା ମାହାରୀ ନୃତ୍ୟ

ପୁରୀ, ୨୦।୧(ଅଜିତ ମହାନ୍ତି)

### ଜାତୀୟ ନୃତ୍ୟ ମହୋତ୍ସବ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ମାହାରି ନୃତ୍ୟ, ଚନ୍ଦନ ପଟୁଆରରେ ଗାୟନ ହେଉଥିବା 'ଆଗୋ ସଖୀ ଦେଖ ଗୋ ରାଧା ମାଧବ ଚାଲି' ଇତ୍ୟାଦି ସଙ୍ଗୀତର ତାଳେ ତାଳେ ନୃତ୍ୟ ଶିଳ୍ପୀମାନେ ହୃଦୟରେ ଭରି ଦେଇଥିଲେ ଅପୂର୍ବ ଉନ୍ମାଦନା। ଏଥିସହ ଶିଳ୍ପୀମାନେ ସମ୍ବଲପୁରୀ, ଭଜନ ନୃତ୍ୟ ଓ ମିଲେଟ ମିଶନ ପ୍ରଦର୍ଶନ କରିଥିଲେ।

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ରୂପା ଆଣ୍ଡ ଟ୍ରୁପ୍, ପୁରୀ ଦ୍ୱାରା ଆୟୋଜିତ ଜାତୀୟ ନୃତ୍ୟ ମହୋତ୍ସବ ଅବସରରେ ଉପରୋକ୍ତ ନୃତ୍ୟ ସମେତ ଦାସିଆ ବାଉରୀ ଗୀତିନାଟ୍ୟ ପ୍ରଦର୍ଶିତ ହୋଇଥିଲା। ଗୁରୁ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିକି, ବର୍ଷା, ରଚନା, ମାମା, ରିଆ, ରେଶମା, ଗୁଞ୍ଜା, ରଶ୍ମୀ, ପଦ୍ମିନୀ, ସାନି, ଶୀତଲ, କ୍ୟୁଟି, ରୋଜା, ରୁପସା, ଟାଟୁ, ରିଆ, ଲିପା, ବିରଞ୍ଚି, ଗୁଞ୍ଜୁ, ସ୍ମୃତି, ରାଜେଶ, ଗୋପୀନାଥ, ବାଦଲ, ଦୁର୍ଗା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୩ଦିନ ବ୍ୟାପି ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାକୁ ଶ୍ରୀବିଗ୍ରହମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପୂଜପଣ୍ଡା ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ତଥା ଅଭିନେତା ପ୍ରସନ୍ନ କୁମାର ମିଶ୍ର, ପୁରୀ ପୁସ୍ତକମେଳା କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର, କବିତିଲକ ଆର୍ତ୍ତତ୍ରାଣ ଶତପଥୀ ବିଶିଷ୍ଟ ଅତିଥି ଭାବେ ମଞ୍ଚ ଅଳଙ୍କୃତ କରିଥିଲେ। ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦାଦାବଟି ନ ଦେବାରୁ ଲୁହା ରଡ଼ରେ ଦଳିତ ଯୁବକଙ୍କୁ ଆକ୍ରମଣ

ନିମାପଡା,୨୦।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଦାଦାବଟି ନ ଦେବାରୁ ୨ଜଣ ବ୍ୟକ୍ତିଙ୍କୁ ଅନୁସୂଚିତ ଜାତିର ୨ ଜଣ ଯୁବକ ଗାଁଦାଣ୍ଡରେ ଲୁହାରଡ଼ରେ ଆକ୍ରମଣ କରିଥିବା ନିମାପଡ଼ା ଥାନାରେ ଶନିବାର ଅଭିଯୋଗ ହୋଇଛି। ଉଭୟ ତେରୁଣ୍ଡିଆ ପଞ୍ଚାୟତ ରାଜରାଶି ଗ୍ରାମର ସନ୍ତୋଷ ବେହେରା ଏବଂ ତାଙ୍କ ସମ୍ପର୍କୀୟ ବିଷ୍ଣୁ ବେହେରା ଏଥିରେ ଗୁରୁତର ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପୋଲିସ ଏନେଇ ୨୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ସନ୍ତୋଷ ଏବଂ ବିଷ୍ଣୁ ମଜୁରିଆ ଆଣିବାକୁ ତେରୁଣ୍ଡିଆ ଦଳିତ ସାହିକୁ ବାଇକ୍ ଯୋଗେ ଯାଇଥିଲେ। ଦଳିତ ସାହିର ମିଟୁ ଭୋଇ ସେମାନଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ସନ୍ତୋଷ ଏବଂ ବିଷ୍ଣୁ ଦାଦାବଟି ନ ଦେବାରୁ ମିଟୁ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇ ଏକ ଲୁହାରଡ଼ରେ ବାଇକ୍‌କୁ ପିଟିଥିଲେ। ଏଥିସହ ବିଷ୍ଣୁଙ୍କ ହାତ ଆଙ୍ଗୁଠିକୁ କାମୁଡ଼ି ଦେଇଥିବା ସନ୍ତୋଷ ଅଭିଯୋଗରେ ଦର୍ଶାଇଛନ୍ତି।

# ଗୋପୀନାଥପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

କଣାସ,୨୦।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଗୋପୀନାଥପୁର ଗ୍ରାମ ପଞ୍ଚାୟତର ଗୋପୀନାଥପୁର ଖେଳପଡ଼ିଆରେ ଶନିବାର ଗୋପୀନାଥପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ମା' ଡୋମଣୀ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍‌ରେ ଗଡିଶାଗୋଡା ଥାନା ଏଏସ୍‌ଆଇ ମନୋଜ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ସତ୍ୟେନ୍ଦ୍ର ମହାନ୍ତି, ସାଗର ଚନ୍ଦ୍ର ପ୍ରଧାନ, ଶଶାଙ୍କ ପ୍ରଧାନ, ଖବରଦାତା ହେମନ୍ତ ମହାରଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରିକେଟ୍ ମ୍ୟାଚ୍ ଯୁବକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ଲାଗି ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ସୂଚନା ଦେଇଥିଲେ। ପ୍ରଥମ ମ୍ୟାଚ୍ ଜୋବ୍ରା ଚ୍ୟାଲେଞ୍ଜର ସହିତ କିଙ୍ଗକୋବ୍ରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୋବ୍ରା ଚାଲେଞ୍ଜର ଟସ ଜିତି କିଙ୍ଗକୋବ୍ରାକୁ ବ୍ୟାଟିଂ ପାଇଁ ସୁଯୋଗ ଦେଇଥିଲା। କିଙ୍ଗକୋବ୍ରା ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ଟି ଉଇକେଟ ହରାଇ ୧୧୯ରନ୍ କରିଥିଲା। ବିପକ୍ଷ ଜୋବ୍ରା ଚାଲେଞ୍ଜର ୬ଟି ଉଇକେଟ ହରାଇ ୧୧୦ରନ୍ କରି ପରାଜିତ ହୋଇଥିଲା। ଗଣେଶ ସୁନ୍ଦରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟ ବେହେରା ଓ ତପନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୬ଟି ଦଳ ଭାଗ ନେବେ।

# ବସ୍‌ରେ ପଞ୍ଚାୟତରୁ ଆସୁଥିବା ଭକ୍ତ ପାଇବେ ଶୁଖିଲି ଭୋଗ

ପୁରୀ, ୨୦।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପଣ ହେବା ପରେ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟୁଛି। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରି ସୁଖଦ ଅନୁଭୂତି ନେଇ ଫେରୁଛନ୍ତି। ତେବେ ରାଜ୍ୟର ବିଭିନ୍ନ ପଞ୍ଚାୟତରୁ ଭକ୍ତମାନେ ବସ୍ ଯୋଗେ ଆସି ସମଙ୍ଗ ପାର୍କିଂସ୍ଥଳରେ ଓହ୍ଲାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିର ଯିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବେ। ଏନେଇ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଶୁଖିଲି ଭୋଗ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମା ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଛନ୍ତି। ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଆସନ୍ତା ୨୨ ତାରିଖରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ବିଭିନ୍ନ ପଞ୍ଚାୟତରୁ ବସ୍ ଯୋଗେ ଆସୁଥିବା ଭକ୍ତଙ୍କୁ ଖଜାପେଡ଼ି ଦେବା ସମ୍ପର୍କରେ ଆଲୋଚନା କରାଯାଇଛି। ତେବେ ସାଧାରଣ ଭକ୍ତଙ୍କୁ ମହାପ୍ରଭୁଙ୍କ ଶୁଖିଲି ଭୋଗ ଦିଆଯିବ କି ନାହିଁ ପ୍ରଶ୍ନରେ ମହାସୁଆର କହିଛନ୍ତି, ଏ କଥା ସେ ଜାଣିନାହାନ୍ତି, ପ୍ରଶାସନ ଜାଣିଥିବ। ପ୍ରଶାସନ ଯାହା ନିର୍ଦ୍ଦେଶ ଦେଇଛି ସେହି ଅନୁସାରେ କରାଯାଉଛି। ଅନ୍ୟପକ୍ଷରେ କେତେଜଣ ଭକ୍ତ କହିଛନ୍ତି, ଭଗବାନଙ୍କ ଆଗରେ ସମସ୍ତେ ସମାନ। ତେଣୁ ମହାପ୍ରସାଦ କେବଳ ପରିକ୍ରମା ପ୍ରକଳ୍ପ ଦେଖିବାକୁ ଆସୁଥିବା ଭକ୍ତଙ୍କୁ ନୁହେଁ, ଅନ୍ୟ ଭକ୍ତଙ୍କୁ ମଧ୍ୟ ପ୍ରଦାନ କରାଯିବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି।



ପୁରୀ ଗୌଡବାଡ଼ ସାହି ବଳିଆପଣ୍ଡା ବସ୍ତିର ବାସିନ୍ଦାମାନେ ବସ୍ତି ଉଚ୍ଛେଦ ପ୍ରତିବାଦରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# 'ଏ ଜାତିର ଚିର ନମସ୍ୟ ସଂଗ୍ରାମୀ ଚକରା ବିଶୋଇ'

ପୁରୀ,୨୦।୧(ଅଜିତ୍ ମହାନ୍ତି)

ଦେଶର ସ୍ୱାଧୀନତା ପାଇଁ ଯେଉଁ କେତେଜଣ ବୀର ସଂଗ୍ରାମୀ ନିଜର ସର୍ବସ୍ୱ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ ଘୁମୁସର ସିଂହ ଚକରା ବିଶୋଇ ଅନ୍ୟତମ। ମାତ୍ର ୧୩ ବର୍ଷ ବୟସରେ ମାତୃଭୂମି ପ୍ରତି ତାଙ୍କର ଅଗାଧପ୍ରେମ ଇତିହାସରେ ବିରଳ ବୋଲି ଉପସ୍ଥିତ ବକ୍ତାଗଣ ମତ ପ୍ରକାଶ କରିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳର ବରପୁତ୍ର ଚକରା ବିଶୋଇଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଶନିବାର ସାମାଜିକ ଅନୁଷ୍ଠାନ 'ଶ୍ରଦ୍ଧାଞ୍ଜଳି' ପକ୍ଷରୁ ପୁରୀ ଧ୍ୟାନମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଗୁରୁଚରଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଚକରା ବଶୋଇଙ୍କ ନିଷ୍ଠା ଓ ତ୍ୟାଗ ଆମ ପରପିଢ଼ି ପାଇଁ ଏକ ପ୍ରେରଣା। ବ୍ରିଟିଶ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ୧୦ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ତେବେ ଆଶ୍ଚର୍ଯ୍ୟର କଥା, ଏହି ସଂଗ୍ରାମୀଙ୍କ ନିଧନ ଆଜି ବି ଅସମାହିତ ହୋଇ ରହିଛି। ଏ ନେଇ ସତ୍ୟ ଉନ୍ମୋଚିତ ହୋଇପାରିନାହିଁ ବୋଲି ସେଠୀ କହିଥିଲେ। ଅନ୍ୟତମ ଅତିଥି ଭାବେ ଲେଖକ ସୁରେଶ କୁମାର ପଟ୍ଟନାୟକ, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଯୋଗଦେଇ ଚକରା ବିଶୋଇଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ରାଜେଶ ମହାନ୍ତି, ନାରାୟଣ ମିଶ୍ର, ରତିକାନ୍ତ ପ୍ରତିହାରୀ, ଯଜ୍ଞେଶ୍ୱର ମହାନ୍ତି, ପ୍ରଦୀପ କୁମାର ନାୟକ ଉପସ୍ଥିତ ଥିଲେ। ଭବାନୀ ବଳିଆରସିଂ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚାଖି ଖୁଣ୍ଟିଆଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ



ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ପୁରୀ, ୨୦।୧(ଅଜିତ୍ ମହାନ୍ତି)

ଦେଶର ସୁରକ୍ଷା ଓ ଗୌରବ ପାଇଁ ବୀର ଶହୀଦଙ୍କ ଅବଦାନ ଅତୁଳନୀୟ। ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ ଏପରି ଜଣେ ବୀର, ଯିଏ ଦେଶ ମାତୃକାର ସେବା ସହ ମହାପ୍ରଭୁଙ୍କ ସେବାରେ ମଧ୍ୟ ସମର୍ପିତ ଥିଲେ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଶନିବାର ପୁରୀ ସଂସ୍କୃତି ଭବନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଚାଖି ଖୁଣ୍ଟିଆଙ୍କ ୨୦୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ ଚାଖି ଖୁଣ୍ଟିଆଙ୍କ ଜୀବନୀ, ଆଦର୍ଶ, ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ମହାପୁରୁଷମାନଙ୍କର ସେବା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ିକୁ ଅବଗତ କରାଯିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ ଚାଖି ଖୁଣ୍ଟିଆଙ୍କ ଜନ୍ମ, ନାମର ସାର୍ଥକତା, କର୍ମ, ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା, ତାଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାଖିଙ୍କ ଦାୟାଦ ନୀଳକଣ୍ଠ ଖୁଣ୍ଟିଆ ଯୋଗଦେଇ ଚାଖିଙ୍କ ଜୀବନୀ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଧଷ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା ବୋଲି କହିଥିଲେ। ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ମାୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଧ୍ରୁବଚରଣ କର ସମସ୍ତଙ୍କୁ ସ୍ୱାଗତ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଶ୍ୱମ୍ଭର ବିଦ୍ୟାପୀଠର ଏନ୍‌ସିସି ଟିମ୍ ଏବଂ ଭୋଳାନାଥ ବିଦ୍ୟାପୀଠର ସ୍କାଉଟ ଟିମ୍‌କୁ ପୁରସ୍କାର ଦିଆଯାଇଥିଲା। ଶ୍ରୀପର୍ଣ୍ଣା କଳା ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀତ ଓ ଚାଖିଙ୍କ ରଚିତ ଭଜନ ପରିବେଷଣ ହୋଇଥିଲା। ପ୍ରାରମ୍ଭରେ ସ୍ମୃତି ସମିତିର ସଭାପତି ଦିବଙ୍ଗତ ମହେଶ୍ୱର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଅନାମ ଚନ୍ଦ୍ର ସାହୁ ଓ ଶିବସୁନ୍ଦର ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଠାରେ ଚାଖିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୁରୀ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଅନ୍ୟ ଅତିଥିମାନେ ଯୋଗଦେଇ ଚାଖିଙ୍କ ସ୍ମୃତି ଚାରଣ କରିଥିଲେ।

### ୨୦୨ତମ ଜୟନ୍ତୀ ପାଳିତ



ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରଛାତ୍ରୀ ଏବଂ ଅନ୍ୟମାନେ।

## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବଳରାମ


@ ନୀରୋଦ


@ ସାଗରିକା


@ ଗିରିଜାନନ୍ଦ


@ କୁନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସିଡ୍ୟୁଲ-୨ ବନ୍ୟପ୍ରାଣୀ ବେପାରକୁ ଗ୍ରୀନ୍ ସିଗ୍‌ନାଲ

## ଚିନ୍ତା ପ୍ରକଟ କଲେ ବିଶେଷଜ୍ଞ, ବଢ଼ିବ ଶିକାର

ଭୁବନେଶ୍ୱର, ୨୦।୧(ଅସମାପିକା ସାହୁ)

ଆଇନଗତ ଉପାୟରେ ଏଣିକି ଭାରତୀୟ ବନ୍ୟପ୍ରାଣୀଙ୍କୁ କିଣାବିକା କରି ହେବ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୮ ତାରିଖରେ ଜାରି କରାଯାଇଥିବା ଗେଜେଟ ନଂ. ୪୦ରେ ଏଥିପାଇଁ ଲାଇସେନ୍ସ ପ୍ରଦାନ କରାଯିବା ନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ଏଥିସହ ନୂତନ ୱାଇଲ୍ଡ ଲାଇଫ(ପ୍ରୋଟେକ୍ସନ) ଲାଇସେନ୍ସିଂ (ଆଡିଶନାଲ ମ୍ୟାଟର୍ସ ଫର୍ କନ୍ସିଡେରେଶନ) ରୁଲ୍ସ ୨୦୨୪କୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ତେବେ ଏଥିରୁ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ପ୍ରାଣୀଙ୍କୁ ବାଦ୍ ଦିଆଯାଇଥିବାବେଳେ ଅନ୍ୟସବୁ ପ୍ରାଣୀଙ୍କୁ ଟ୍ରେଡିଂ କରିବା ପାଇଁ ଲାଇସେନ୍ସ ମିଳିବାକୁ ନେଇ ଗ୍ରୀନ୍ ସିଗ୍‌ନାଲ ଦିଆଯାଇଛି। ଏହି ଗେଜେଟ ପ୍ରକାଶ ପାଇବା ପରେ ପୂର୍ବରୁ ପ୍ରଚଳିତ ଥିବା ୧୯୮୩ ମସିହାର ନିୟମ ଅକାମୀ ହୋଇଯାଇଛି। ଉକ୍ତ ନିୟମ ଅନୁସାରେ, ସିଡ୍ୟୁଲ-୧ କିମ୍ବା ସିଡ୍ୟୁଲ-୨ର ପାର୍ଟ ୨ ପ୍ରାଣୀମାନଙ୍କ ଟ୍ରେଡିଂ ପାଇଁ ଲାଇସେନ୍ସ ଦିଆଯାଉ ନ ଥିଲା। ତେବେ ନୂଆ ନିୟମରେ ବନ୍ୟଜୀବ (ସଂରକ୍ଷଣ) ଆଇନ - ୧୯୭୨ର ସେକ୍ସନ ୪୪, କ୍ଲଜ(ବି) ସବ-ସେକ୍ସନ(୪) ଅଧୀନରେ ଲାଇସେନ୍ସ ଦେବା ପାଇଁ ପ୍ରାବଧାନ ସହ କିଛି ସର୍ତ୍ତାବଳୀ ରଖାଯାଇଛି। ରାଜ୍ୟର ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକ କିମ୍ବା ତାଙ୍କ ଅଧିକୃତ ଅଧିକାରୀ ଏହି ଲାଇସେନ୍ସ ପ୍ରଦାନ କରିପାରିପାରିବେ ବୋଲି ନିୟମ ଲାଗୁ କରାଯାଇଛି।

ଏହି ନୂଆ ନିୟମକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଏହାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ଗତବର୍ଷ ଏପ୍ରିଲ ୧ରେ ଦେଶରେ ସଂଶୋଧିତ ବନ୍ୟଜୀବ (ସଂରକ୍ଷଣ) ଆଇନ ୧୯୭୨କୁ ଲାଗୁ କରାଯାଇଥିଲା। ଏଥିରେ ବନ୍ୟପ୍ରାଣୀ, ଉଦ୍ଭିଦ ଓ ବିଦେଶୀ(Exotic) ପ୍ରାଣୀଙ୍କ ପାଇଁ ବ୍ୟାପକ ସଂଶୋଧନ କରାଯାଇଥିଲା। ବିଦେଶୀ(Exotic) ପ୍ରାଣୀଙ୍କୁ ସିଡ୍ୟୁଲ-୪ ତାଲିକାରେ ସ୍ଥାନ ଦିଆଯାଇଥିଲା। ସେହିପରି ଦଣ୍ଡବିଧାନ ବା ଜରିମାନା ପରିମାଣ ୨୫ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏଥିସହ ସମସ୍ତ ବନ୍ୟପ୍ରାଣୀଙ୍କୁ ସିଡ୍ୟୁଲ-୧ ଏବଂ ସିଡ୍ୟୁଲ-୨ରେ ରଖାଯାଇଥିଲା। ଯଦିଓ ସିଡ୍ୟୁଲ-୧ ପ୍ରାଣୀଙ୍କ ଟ୍ରେଡିଂକୁ ଲାଇସେନ୍ସ ପ୍ରକ୍ରିୟାରୁ ବାହାରେ ରଖାଯାଇଛି, କିନ୍ତୁ ସିଡ୍ୟୁଲ-୨ରେ ସର୍ବାଧିକ ପ୍ରାଣୀ ଅଛନ୍ତି। ସିଡ୍ୟୁଲ-୨ ପ୍ରାଣୀ ଭିତରେ ନୀଳଗାଈ, ବାଦୁଡ଼ି, ଚିତ୍ରା ହରିଣ, ଜଙ୍ଗଲି ଠେକୁଆ, ବାର୍ହା, ହନୁ ମାଙ୍କଡ଼ ଇତ୍ୟାଦି ସ୍ତନ୍ୟପାୟୀ, ବାର୍‌ବେଟ(Barbets), ବି ଇଟର(Bee-eater), ବିଟର୍ନ (Bit-tern), ହେରୋନ (Heron), ଇଗ୍ରେଟ (Egret), ବୁଲ୍‌ବୁଲ୍ (Bulbul), କୋଇଲି (Cuckoos), ଅନେକ ପ୍ରଜାତିର ବତକଙ୍କ ସମେତ ମୋଟ ୧,୧୩୪ ଟି ପ୍ରଜାତିର ପକ୍ଷୀ, ୩୦୦ରୁ ଊର୍ଦ୍ଧ୍ୱ ସାପ, ଅନେକ ପ୍ରଜାତିର ବେଙ୍ଗ ଆଦି ଅନ୍ତର୍ଭୁକ୍ତ। ଏବେ ଏସବୁ ପ୍ରାଣୀଙ୍କ ପାଇଁ ଟ୍ରେଡିଂ ଲାଇସେନ୍ସ ଦିଆଯିବା ଦ୍ୱାରା କେନ୍ଦ୍ର ସରକାର ପ୍ରତ୍ୟକ୍ଷ ଭାବରେ ବେପାର ଓ ପରୋକ୍ଷ ଭାବରେ ଶିକାର ପାଇଁ ରାସ୍ତା ଫିଟାଇଦେଲେ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଲେଣି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ସିଡ୍ୟୁଲ-୨ ପ୍ରାଣୀଙ୍କ ପାଇଁ ଟ୍ରେଡିଂ ଲାଇସେନ୍ସ ନିଶ୍ଚୟ ଏକ ଚିନ୍ତାର ବିଷୟ। ଗତ ୪୦ବର୍ଷ ପରେ କେନ୍ଦ୍ର ସରକାର ଏଭଳି ପରିବର୍ତ୍ତନ ଆଣିଛନ୍ତି। ଯେଉଁମାନଙ୍କ ସଂରକ୍ଷଣ ଓ ସୁରକ୍ଷା ପାଇଁ ଚିନ୍ତା କରାଯାଉଥିଲା ଏବେ ସେମାନଙ୍କୁ ଟ୍ରେଡିଂ ପାଇଁ ଅନୁମତି ମିଳିଲା। ପରୋକ୍ଷରେ ଏହାର ଶିକାର ପାଇଁ ସୁଯୋଗ ମିଳିଯିବ। ଏମାନଙ୍କ ଶିକାର ବଢ଼ିଲେ ଆଗକୁ ଏସବୁ ପ୍ରାଣୀ ଲୋପ ପାଇଯିବାର ମଧ୍ୟ ଆଶଙ୍କା ରହୁଛି। ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଟ୍ରେଡିଂର ଅର୍ଥ ବେପାର। ହେଲେ ଘରେ ପୋଷିବା ପାଇଁ ଟ୍ରେଡିଂ ହେବ କି ମାଂସ ଖାଇବା ପାଇଁ ଟ୍ରେଡିଂ ହେବ ସେଇଟା କିଏ କହିବ। ଲାଇସେନ୍ସ ପାଇବା ପରେ ଯାହାର ଯାହା ଇଚ୍ଛା ହେଲା ସିଏ କରିବ। ବନ୍ୟପ୍ରାଣୀଙ୍କୁ ଚୋରା ଶିକାର ଓ ବେପାରରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସଂରକ୍ଷଣ ଦେଇ ସିଡ୍ୟୁଲ୍-୨ ତାଲିକାରେ ରଖିବାର ବର୍ଷେ ନ ପୂରୁଣୁ କେନ୍ଦ୍ର ସରକାରଙ୍କର ଏବେ ଟ୍ରେଡିଂ ଲାଇସେନ୍ସ ଦେବାର କ'ଣ ଦରକାର ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ସେପଟେ ବିଦେଶୀ ପ୍ରାଣୀଙ୍କ ବେପାର କରୁଥିବା ପେଟ୍ ସପ୍ ମାଲିକମାନେ ନୂତନ ନିୟମକୁ ସ୍ୱାଗତ କରିଛନ୍ତି। ଏ ଲାଇସେନ୍ସ ବ୍ୟବସ୍ଥା ଦ୍ୱାରା ବିଦେଶରୁ ବନ୍ୟପ୍ରାଣୀ ଆମଦାନୀ କରିବାର ବାଟ ଫିଟିଯିବ। ଭୁବନେଶ୍ୱରର ଏକ ପେଟ୍‌ସପ୍‌ର ମାଲିକ ସତ୍ୟ ଶଙ୍କର ବିଶ୍ୱାଳ କହିଛନ୍ତି, ସିଡ୍ୟୁଲ-୨ରେ ଥିବା ଭାରତୀୟ ବନ୍ୟପ୍ରାଣୀଙ୍କୁ ଟ୍ରେଡିଂ ଲାଇସେନ୍ସ ଭଲ ହେଲା। କିନ୍ତୁ ସିଡ୍ୟୁଲ-୪ ପ୍ରାଣୀଙ୍କ ପାଇଁ ଲାଇସେନ୍ସ ମିଳିଲେ ଆମକୁ ବିଦେଶରୁ ଭଲ ପ୍ରଜାତିର ଏକଜୋଟିକ ପ୍ରାଣୀ ଆମଦାନୀ କରିବା ପାଇଁ ସୁଯୋଗ ମିଳିବ।

## ବୌଦ୍ଧରୁ ବାଘଛାଲ ଜବତ, ଜଣେ ଗିରଫ


ଅଭିଯୁକ୍ତ ଗୌତମ ବେହେରା ।


ଜବତ ବାଘଛାଲ।

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତବେହେରା)/ ବୌଦ୍ଧ(ଅଜିତ ବାରିକ)୨୦।୧

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ବୌଦ୍ଧ ଜିଲା ପୁରୁଣା କଟକ ଥାନା ରାଣୀପଥର ଗାଁ ନିକଟରେ ଶନିବାର ଚଢାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁରୁଦୁକୁମ୍ପା ନୂଆସାହିରେ ଗୌତମ ବେହେରା (୫୫)। ଗୌତମ ବାଘ ଛାଲ ରଖି ବିକ୍ରି ପାଇଁ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରିଥିଲା। ଜବତ ବାଘ ଛାଲଟିକୁ ବାୟୋଲୋଜିକାଲ ଟେଷ୍ଟ ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆକୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହାସହ ଏସ୍‌ଟିଏଫ୍ ଏକ ମାମଲା (ନଂ.୦୨/୨୪) ରୁଜୁ କରି ଗୌତମଙ୍କୁ ହରଭଙ୍ଗା ଜେଏମ୍‌ଏଫ୍‌ସି କୋର୍ଟକୁ ପଠାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## କୋଣାର୍କରେ ଗଡ଼ିଲା ସୂର୍ଯ୍ୟରଥ

କୋଣାର୍କ,୨୦।୧ (ଜ୍ୟୋତିରାଜ ମହାନ୍ତି)



ପବିତ୍ର ଶାମ୍ବ ଦଶମୀରେ କୋଣାର୍କ ଅବଧୂତ ମଠ ପରିସର ଉତ୍ସବମୁଖର ହୋଇ ଉଠିଥିଲା। ଏହି ତିଥିରେ ରଥରେ ମିତ୍ରାଦିତ୍ୟଙ୍କୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୁନର୍ଜନ୍ମ ଲାଭ କରିବା ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟନାରାୟଣ ଚନ୍ଦ୍ରଭାଗା ତୀର୍ଥକ୍ଷେତ୍ରକୁ ୨୭ ଦିନ ଯାତ୍ରାରେ ବାହାରିଛନ୍ତି। ଏହି ଆଧ୍ୟାତ୍ମିକ ପରିବେଶରେ ଘଣ୍ଟ, ଶଙ୍ଖ, ହୁଳହୁଳି ଓ ହରିବୋଲ ନାଦରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସୂର୍ଯ୍ୟଙ୍କୁ କାକରା ଭୋଗ, ଖେଚୁଡ଼ି, ପୋଡ଼ପିଠା ଭୋଗ ଓ ପୂଜାର୍ଚ୍ଚନା କରାଯାଇ ମଠରୁ ସୂର୍ଯ୍ୟଦେବଙ୍କୁ ରଥାରୂଢ଼ କରାଯାଇଥିଲା। ରଥରେ ଛେରାପହଁରା ନୀତି ଶେଷ ହେଲା ପରେ ପୂର୍ବାହ୍ନ ୧୧ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥକୁ ଚନ୍ଦ୍ରଭାଗା ଅଭିମୁଖେ ଟାଣି ନେଇଥିଲେ। ଚନ୍ଦ୍ରଭାଗା ତୀର୍ଥରେ ୨୭ ଦିନ ଧରି ୨୭ ନକ୍ଷତ୍ରରେ ପୂଜାପାଠ ହେବ। ପବିତ୍ର ମାଘ ସପ୍ତମୀରେ ସୂର୍ଯ୍ୟନାରାୟଣ ରଥରେ ଅବଧୂତ ମଠକୁ ବାହୁଡ଼ି ଆସିବେ। ଏହି ଅବସରରେ ସୈରବ୍ରାହ୍ମଣ ପରିଷଦ ଓଡ଼ିଶା ପକ୍ଷରୁ ୩ ଦିନିଆ ସୌରଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। କାର୍ଯ୍ୟକ୍ରମକୁ ଅର୍କକ୍ଷେତ୍ର ଗାୟତ୍ରୀ ପରିବାର, ସୌର ବ୍ରାହ୍ମଣ ପରିଷଦର କର୍ମକର୍ତ୍ତା ପରିଚାଳନା କରିଥିଲେ।


सत्यमेव जयते

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ବର୍ଷ ୨୦୨୩-୨୪ ପାଇଁ ଏସ୍‌ସି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା ଅଧୀନରେ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ଉପେକ୍ଷିତ ସମୂହ ପାଇଁ ବିଦ୍ୟାଳୟ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ**

**୨୬ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି**

ସମ୍ପର୍କରେ ଘୋଷଣା କରୁଛନ୍ତି

| ଯୋଗ୍ୟତା | ପରିସର | ହକ୍‌ଦାରିତା |
|---|---|---|
| ଉପାଦାନ – ୧<br>• ଏସ୍‌ସି ବର୍ଗର ଛାତ୍ରଛାତ୍ରୀ<br>• ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଶ୍ରେଣୀ ୯ମ ଓ ୧୦ମରେ ପଢୁଥିବା ବିଦ୍ୟାର୍ଥୀ<br>• ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ ରୁ ₹୭୦୦୦ର ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |
| ଉପାଦାନ – ୨<br>• ଏପରି ଛାତ୍ରଛାତ୍ରୀ ଯେଉଁମାନଙ୍କର ପିତାମାତା/ଅଭିଭାବକ ସଫେଇ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଧନ୍ଦାରେ ନିୟୋଜିତ ହୋଇଥିବେ ।<br>• ଆୟ ସମ୍ବନ୍ଧୀୟ କୌଣସି ମାନଦଣ୍ଡ ନାହିଁ । | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ<br>• ଦରଖାସ୍ତଗୁଡ଼ିକ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ ।<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ରୁ ₹୮୦୦୦ ପର୍ଯ୍ୟନ୍ତ ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
**http://socialjustice.gov.in/schemes/23**

cbc 38101/11/0056/2324


## ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ ଚଳଚ୍ଚିତ୍ର

ପୁରୀ,୨୦।୧(ଅଜିତ୍ ମହାନ୍ତି)



ଚଳିତ ମାସ ୨୨ତାରିଖରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସହ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ଏହି ଉପଲକ୍ଷେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଏକ ସ୍ୟାଣ୍ଡ ଆନିମେଶନ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। ଏହାର ଅବଧି ୫ ମିନିଟ୍ ୩୪ ସେକେଣ୍ଡ ହୋଇଥିବାବେଳେ ଏହି ଭିଡିଓ ପ୍ରସ୍ତୁତ କରିବାକୁ ମାନସଙ୍କୁ ୨୦ଘଣ୍ଟା ଲାଗିଥିଲା। ଏହି ଭିଡିଓରେ ଦର୍ଶାଯାଇଛି ଯେ, ମନ୍ଦିର ନିର୍ମାଣ ଖବର ଶୁଣି ଜନସମାଜ ଖୁସିରେ ପୁଲକିତ ହୋଇଯାଉଛନ୍ତି, ସାଧୁସନ୍ଥ, ସନାତନପ୍ରେମୀ ଶୋଭାଯାତ୍ରା କରୁଛନ୍ତି। ୫୦୦ ବର୍ଷର ସ୍ୱପ୍ନ ପୂର୍ଣ୍ଣ ହେବାକୁ ଯାଉଛି। ସେହିପରି ୨୦୨୦ ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂମି ପୂଜନ କରୁଥିବାର ଚିତ୍ରଣ ମଧ୍ୟ ରହିଛି। ମନ୍ଦିର ନିର୍ମାଣ ପରେ ଶୋଭାଯାତ୍ରା, କଳସ ଯାତ୍ରା, ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଅତି ସୁନ୍ଦର ଭାବେ ସ୍ୟାଣ୍ଡ ଆନିମେଶନରେ ଉପସ୍ଥାପନ କରାଯାଇଛି।

## 'ଦୀର୍ଘସ୍ଥାୟୀ ଆସନ୍ତାକାଲି ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ'

### ଆଇଆଇଆଇଟି ଭୁବନେଶ୍ୱର ପକ୍ଷରୁ ରିସର୍ଚ୍ଚ କନ୍‌କ୍ଲେଭ୍

ଭୁବନେଶ୍ୱର,୨୦।୧ (ଅନୁରାଧା ମହାରଣା)


କନ୍‌କ୍ଲେଭ୍‌ରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥି।

ଆଇଆଇଆଇଟି ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ରିସର୍ଚ୍ଚ କନକ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। 'ସ୍ଥାୟୀ ଆସନ୍ତାକାଲି ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ଏହି କନକ୍ଲେଭ୍‌ର ଉଦ୍‌ଘାଟନୀ ସମାରୋହରେ ଆଇଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ଅଧ୍ୟକ୍ଷତା କରିଥିଲେ। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅକ୍ଷୟଶକ୍ତି, ସ୍ଥାୟୀ ଭବିଷ୍ୟତ ଓ ଉଦୀୟମାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆଇଆଇଆଇଟି ଭୁବନେଶ୍ୱର ସହଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆଇଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମାଲକର ଏବଂ ଆଇବିଏମ୍‌ର ନିର୍ଦ୍ଦେଶକ ଦେବେଶ କୁମାର ଯୋଗଦେଇ ଦୀର୍ଘସ୍ଥାୟୀ ଆସନ୍ତାକାଲି ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ରେଜିଷ୍ଟ୍ରାର ପ୍ରଫେସର ଦେବାଶିଷ ଜେନା ଏବଂ କ୍ରୀଡ଼ା ଓ ଯୁବଶକ୍ତି ବିଭାଗର ସଚିବ କୈଳାସ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ସ୍ଥାୟୀ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମ୍ଭାବ୍ୟ ସମସ୍ୟା ଏବଂ ସମାଧାନ ପାଇଁ ନୂତନ ଚିନ୍ତାଧାରା ଉପରେ ବିଶିଷ୍ଟ ଅନୁସନ୍ଧାନକାରୀ ଓ ଶିଳ୍ପ ବିଶେଷଜ୍ଞଙ୍କୁ ନେଇ ଏକ ପ୍ୟାନେଲ୍ ଆଲୋଚନା କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଏମ୍‌ଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାଶ, ଆମେରିକାର ଆଇଟି ବିଶେଷଜ୍ଞ ଗୌତମ ବେହେରା, ଇଙ୍କର୍ ଟେକ୍ନୋଲୋଜିର ଜ୍ୟୋତିର୍ମୟ ରଥ ପ୍ରମୁଖ ଏହି ଆଲୋଚନାରେ ସାମିଲ ହୋଇଥିଲେ। ଏଥିସହ ଯୁବ ଗବେଷକଙ୍କ ଦ୍ୱାରା ଏକ ପୋଷ୍ଟର ପ୍ରଦର୍ଶନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶରୁ ଅନେକ ଛାତ୍ରୀଛାତ୍ର, ଅଧ୍ୟାପକ, ବରିଷ୍ଠ ଅନୁସନ୍ଧାନକାରୀ ଏବଂ ଆଇଟି ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ଡ. ଲିପିକା ଦାଶ ଓ ପ୍ରଫେସର ଭାରତୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବେଳେ ଡ. ଅରୁଣ ସାହୁ, ଡ. ଦୀପକ ରାଉତ ଏବଂ ସାର୍ଥକ ପାଢ଼ୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଫେସର ରାକେଶ ଚନ୍ଦ୍ର ବଳବନ୍ତରାୟ ଏବଂ ପ୍ରଫେସର ପ୍ରଦ୍ୟୁତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂଲଣ୍ଡ ଲାୟନ୍ସ ସହ ଡ୍ର ରଖିଲା ଭାରତ 'ଏ'


କୋନା ଭରତ

## କୋନା ଭରତଙ୍କ ଶତକ

**ଅହମଦାବାଦ, ୨୦।୧(ପି.ଟି.)**

କୋନା ଭରତଙ୍କ ଶତକ ଯୋଗୁ ଏଠାରେ ଅନୁଷ୍ଠିତ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଓପନିଂ ପ୍ରଥମ ଶ୍ରେଣୀ ଗେମ୍‌କୁ ଡ୍ର' ରଖିବାରେ ସମର୍ଥ ହୋଇଛି ଭାରତ 'ଏ'। ଘରୋଇ ଦଳ ୪୯୦ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୨୫ ଓଭରରେ ୫ଉଇକେଟ ବିନିମୟରେ ୪୨୬ ରନ କରିଥିଲା। ଫଳରେ ଦଳ ବିଜୟଠାରୁ ୬୪ ରନ ପଛରେ ରହିଯାଇଥିଲା। ଭରତ ୧୬୫ ବଲ୍‌ର ସାମ୍ନା କରି ୧୫ ଚୌକା ସହ ୧୧୬ ରନ କରି ଅପରାଜିତ ରହିଥିଲେ। ତୃତୀୟ ଦିବସ ଖେଳ ଶେଷ ଭାଗରେ ନାଇଟ୍ ୱାଚ୍‌ମ୍ୟାନ ଭାବେ ଖେଳି ଆସିଥିବା ମାନବ ସୁଥର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ସେ ୨୫୪ ବଲ୍ ଖେଳି ୮୯ ରନ କରିବା ସହ ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୧୬ଟି ଚୌକା ସାମିଲ ରହିଥିଲା। ତନ୍ମଧ୍ୟରୁ ୧୦ଟି ସେ ବାମହାତୀ ସ୍ପିନର କାଲମ ପାର୍କିନସନ (୩/୧୮୨)ଙ୍କ ବୋଲିଂରେ ମାରିଥିଲେ। ଭାରତ ଏ'ର ଅନ୍ୟତମ ସଫଳ ବ୍ୟାଟର ବି. ସାଇ ସୁଦର୍ଶନ (୨୦୮ ବଲ୍‌ରୁ ୯୭ରନ) ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଭରତ-ସୁଥର ଯୋଡ଼ି ଫ୍ଲାଟ ପିଚ୍‌ରୁ ଫାଇଦା ଉଠାଇ ୬ଷ୍ଠ ଉଇକେଟରେ ୫୪.୫ ଓଭରରେ ଅପରାଜିତ ୨୦୭ ରନ ଯୋଗ କରିଥିଲେ। ଶନିବାର କେବଳ ଗୋଟିଏ ଉଇକେଟ ସୁଦର୍ଶନଙ୍କର ପତନ ଘଟିଥିଲା। ଅନ୍ତିମ ଦିବସରେ ଇଂଲଣ୍ଡ ଲାୟନ୍ସ ଅଧିନାୟକ ଜୋସ୍ ବୋହାନନ୍ ମୁଖ୍ୟତଃ ସ୍ପିନର ପାର୍କିନସନ ଏବଂ ଅଫ୍-ବ୍ରେକ୍ ବୋଲର ଜ୍ୟାକ୍ କାର୍ସନ (୨୧ ଓଭରରେ ୦/୭୪)ଙ୍କୁ ବ୍ୟବହାର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ: ୫୫୩
ଭାରତ 'ଏ' ପ୍ରଥମ ଇନିଂସ: ୨୨୭
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୬୩/୬, ଘୋଷଣା।
ଭାରତ ଦ୍ୱିତୀୟ ଇନିଂସ: ୧୨୫ ଓଭରରେ ୪୨୫/୬ (କୋନା ଭରତ-୧୧୬*, ମାନବ ସୁଥର-୮୯*)।

# ନାରାଓକାଙ୍କୁ ହରାଇ ଫାଇନାଲରେ ଲି'

## ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ଼ମିଣ୍ଟନ

**ନୂଆଦିଲ୍ଲୀ, ୨୦।୧ (ପି.ଟି.)**

ହଂକଂର ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଜାପାନର କୋଡାଇ ନାରାଓକାଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ହଂକଂର ଲି' ଚେଉକ୍ ୟୁ ଏଠାରେ ଚାଲିଥିବା ଇଣ୍ଡିଆ ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଦ୍ୱାରା ସେ ପ୍ରଥମ ଥର ଏକ ସୁପର ୭୫୦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିପାରିଛନ୍ତି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଶ୍ୱର ୧୮ ନମ୍ବର ମାନ୍ୟତାପ୍ରାପ୍ତ ଲି' ଦ୍ୱିତୀୟ ସିଡ୍ ନାରାଓକାଙ୍କ ବିପକ୍ଷରେ ୨୧-୧୩, ୧୫-୨୧, ୨୧-୧୯ରେ ବିଜୟ ହାସଲ କରିଛନ୍ତି। ହଂକଂର ଏହି ଖେଳାଳି ପୂର୍ବରୁ ହାଇଲୋ ଓପନ ସୁପର ୩୦୦ ଏବଂ ଗତବର୍ଷ ଥାଇଲାଣ୍ଡ ଓପନ ସୁପର ୫୦୦ରେ ଫାଇନାଲକୁ ଉ ଉନ୍ନୀତ ହୋଇପାରିଥିଲେ।

ଅନ୍ୟପକ୍ଷରେ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍ କ୍ରମାଗତ ଦ୍ୱିତୀୟ ବର୍ଷ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସେ ସିଙ୍ଗାପୁରର ତଥା ବିଶ୍ୱର ୨୦ ନମ୍ବର ମାନ୍ୟତାପ୍ରାପ୍ତ ଜିଆ ମିନ୍‌ଙ୍କୁ ୨୧-୧୩, ୨୧-୧୮ ସିଧାସଳଖ ଗେମ୍‌ରେ ପରାସ୍ତ କରିଛନ୍ତି। ପୂର୍ବତନ ବିଶ୍ୱର ନମ୍ବର ୱାନ ତାଇ ଜୁ ଏହି ସିଜନ ପରେ ଖେଳରୁ ଅବସର ନେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗତ ସପ୍ତାହରେ ସେ ମାଲେସିଆ ଓପନ ସୁପର ୧୦୦୦ରେ ରନରଅପ୍ ହୋଇଥିଲେ। ଏଠାରେ ଫାଇନାଲରେ ସେ ଅଲିମ୍ପିକ ଚାମ୍ପିୟନ ଓ ଦ୍ୱିତୀୟ ସିଡ୍ ଚେନ୍ ୟୁ ଫେଇ ଏବଂ ଇଆଙ୍ଗ୍ ଝି ୟିଙ୍କ ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚର ବିଜେତାଙ୍କୁ ଭେଟିବେ।



ଲି' ଚେଉକ୍ ୟୁ

### ସାତ୍ୱିକ୍-ଚିରାଗ ଫାଇନାଲରେ

ପୂର୍ବତନ ଚାମ୍ପିୟନ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି କ୍ରମାଗତ ଦ୍ୱିତୀୟ ଥର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏକ ରୋମାଞ୍ଚକ ସେମିଫାଇନାଲରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ମାଲେସିଆର ଆରୋନ ଚିଆ ଏବଂ ସୋ ଉଇ ଇକ୍‌ଙ୍କୁ ୨୧-୧୮, ୨୧-୧୪ରେ ହରାଇ ଦେଇଛନ୍ତି।

## ରାଇଜା ଧିଲୋଁ, ନାରୁକାଙ୍କୁ ଅଲିମ୍ପିକ କୋଟା

**କୁଏଟ୍ ସିଟି, ୨୦।୧ (ପି.ଟି.)**

ଶଟ୍‌ଗନ୍ ପାଇଁ ଏଠାରେ ଚାଲିଥିବା ଏସିଆ ଅଲିମ୍ପିକ କ୍ୱାଲିଫିକେଶନରେ ଭାରତର ଆଉ ଦୁଇଜଣ ଶୁଟର ରାଇଜା ଧିଲୋଁ ଓ ଅନନ୍ତ ଜିତ୍ ସିଂ ନାରୁକା ଅଲିମ୍ପିକ କୋଟା ହାସଲ କରିପାରିଛନ୍ତି। ଉଭୟ ସେମାନଙ୍କ ସ୍କିଟ୍ ଇଭେଣ୍ଟରେ ରୌପ୍ୟ ଜିତି ଏହି ସଫଳତା ହାସଲ କରିଛନ୍ତି। ଫଳରେ ପ୍ୟାରିସ ଗେମ୍ ପାଇଁ ଭାରତ ୧୯କୋଟା ହାସଲ କରିପାରିଛି। ଧିଲୋଁ ମହିଳା ସ୍କିଟ୍‌ରେ ଦେଶ ପାଇଁ ୧୮ତମ କୋଟା ହାସଲ କରିଥିଲେ। ପରେ ନାରୁକା ପୁରୁଷ ସ୍କିଟ୍ ଫାଇନାଲରେ ମୋଟ ୫୬ ଶଟ୍ ସହ ଗୋଟିଏ ପଏଣ୍ଟ ପାଇ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇ ତାଇପେର ମେଙ୍ଗ୍ ୟୁଆନ୍ ଲି'(୫୭)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୬ଜଣ ମହିଳା ଶୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ୧୯ ବର୍ଷୀୟା ଧିଲୋଁ ଅଧା ବାଟ ପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଥିଲେ।

## ବାଂଲାଦେଶକୁ ହରାଇଲା ଭାରତ

**ବ୍ଲୋଏମଫଣ୍ଟିନ, ୨୦।୧ (ପି.ଟି.)**

ବାମହାତି ସ୍ପିନର ସୌମି କୁମାର ପାଣ୍ଡେ ଓ ମୁଶିର ଖାନ୍‌ଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ଏଠାରେ ୧୯ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱ କପ୍‌ରେ ଏହାର ଉଦ୍‌ଘାଟନୀ ମ୍ୟାଚରେ ବାଂଲାଦେଶକୁ ୮୪ ରନରେ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୫୧ ରନ କରିଥିଲା। ଭାରତୀୟ ସ୍ପିନରଙ୍କ ଟାଇଟ୍ ବୋଲିଂ ଯୋଗୁ ବାଂଲାଦେଶ ୪୫.୫ ଓଭରରେ ୧୬୭ ରନ କରି ଅଲଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଭାରତ: ୫୦ ଓଭରରେ ୨୫୧/୭ (ଆଦର୍ଶ ସିଂ-୭୬, ଉଦୟ ଶରଣ-୬୪ ; ମାରୁଫ ମିର୍ଦ୍ଧା-୫/୪୩)।
୧୯ ବର୍ଷରୁ କମ୍ ବାଂଲାଦେଶ: ୪୫.୫ ଓଭରରେ ୧୬୭/ଅଲଆଉଟ (ମହମଦ ସିହାବ-୫୪, ଅରିଫୁଲ ଇସ୍‌ଲାମ-୪୧ ; ସୌମି ପାଣ୍ଡେ-୪/୨୪, ମୁଶିର ଖାନ୍-୨/୩୫)।

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍**



ଅହରର୍ ଅମିନ୍‌ଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ଅର୍ଶୀନ୍ କୁଲ୍‌କର୍ନି।

**ରାଜ୍ୟ ଖବର**

# ପ୍ରେମିକା, ଦ୍ୱିତୀୟ ପ୍ରେମିକ ଗିରଫ

## ମଦଭାଟି ମାଲିକଙ୍କୁ ହତ୍ୟା ଉଦ୍ୟମ ଘଟଣା

**ଭେଡେନ, ୨୦।୧ (ସୂଦନ ମହାକୁର)**

ବରଗଡ଼ ଜିଲା ଭେଡେନ ଥାନା ସଂକ୍ରୀଡ଼ା ପଞ୍ଚାୟତ ସାରସପାଲି ଗ୍ରାମ ନିକଟସ୍ଥ ମଦଭାଟିରେ ଗତ ୩୦ ତାରିଖ ରାତିରେ ନିଆଁ ଲଗାଇ ଭାଟି ମାଲିକ ହେମନ୍ତ ପଣ୍ଡାଙ୍କୁ ମାରିବାକୁ ଉଦ୍ୟମ କରିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୁଣ୍ଟୁଲିପାଲି ଗ୍ରାମର ଲକ୍ଷ୍ମଣ ଭୁଏ(୨୬) ଏବଂ ଜଣେ ବିବାହିତା ମହିଳା। ତ୍ରିକୋଣୀୟ ପ୍ରେମରୁ ଏହି ଘଟଣା ଘଟିଥିବା ଭେଡେନ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ତ୍ରିପାଠୀ କହିଥିଲେ, ସାରସପାଲି ଗ୍ରାମର ଜଣେ ବିବାହିତା ମହିଳା ଓ ମଦଭାଟି ମାଲିକ ହେମନ୍ତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ କିଛି ମାସ ତଳେ ଉକ୍ତ ମହିଳାଙ୍କ ସହ ଖୁଣ୍ଟୁଲିପାଲି ଗ୍ରାମର ଅଭିଯୁକ୍ତ ଲକ୍ଷ୍ମଣଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେମନ୍ତ ଏହା ଜାଣିବା ପରେ ଉଭୟଙ୍କ ପ୍ରେମରେ ବାଧା ଦେଇଥିଲେ। ଫଳରେ ଉକ୍ତ ମହିଳା ଓ ତାଙ୍କ ଦ୍ୱିତୀୟ ପ୍ରେମିକ ଲକ୍ଷ୍ମଣ ମିଶି ହେମନ୍ତଙ୍କୁ ମାରିବାକୁ ଯୋଜନା କରିଥିଲେ। ଗତ ୩୦ ତାରିଖ ରାତିରେ ହେମନ୍ତ ମଦଭାଟିରେ ଶୋଇଥିବା ବେଳେ ଉକ୍ତ ମହିଳା ଓ ଲକ୍ଷ୍ମଣ ଏକ ବାଇକ୍‌ରେ ଆସି ଭାଟିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଫେରାର ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେମନ୍ତ ଗତ ୨ଦିନ ତଳେ ସୁସ୍ଥ ହୋଇ ଘରକୁ ଫେରିବା ପରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପ୍ରେମଜିତ ଦାଶ ଉପସ୍ଥିତ ଥିଲେ।

# ଏଠିକାର ସରକାରଙ୍କୁ ସେବା ନୁହେଁ, ଭୋଟ ଦରକାର: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୦।୧ (ଅନିଲ ଦାସ)**

ଓଡ଼ିଶାରେ ଶିକ୍ଷକ ନିଯୁକ୍ତି ଓ ରୋଜଗାର କ୍ଷେତ୍ରରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଇ-ଆଡ୍‌ମିଟ୍ କାର୍ଡରେ ବିଚିତ୍ର ବିଚିତ୍ର ନାଁ ଆସିଥିବା ଖବରକାଗଜରେ ପ୍ରକାଶ ପାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି।

ଶନିବାର ଭୁବନେଶ୍ୱରଠାରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ଏସ୍‌ଏଚ୍‌ଜି ଏବଂ ଏନ୍‌ଜିଓ ସମ୍ପର୍କ ଅଭିଯାନ ଶକ୍ତି ବନ୍ଦନ କର୍ମଶାଳାରେ ଯୋଗଦେଇ ସେ କହିଛନ୍ତି ରାଜ୍ୟରେ ମହିଳାମାନେ ଅପମାନିତ ହେଉଛନ୍ତି। ଶାସକ ଦଳର ଅଧିକରୁ ଅଧିକ ମନ୍ତ୍ରୀ ଓ ବିଧାୟକ ମହିଳା ନିର୍ଯାତନାରେ ସମ୍ପୃକ୍ତି ଥିବା ତାଙ୍କ ଦଳର ମହିଳାମାନେ ଅଭିଯୋଗ କରିଛନ୍ତି। ଆଜି ଓଡ଼ିଶାରେ ମହିଳାମାନେ ରକ୍ତହୀନତାରେ ପୀଡ଼ିତ। ଏହାବ୍ୟତୀତ ଓଡ଼ିଶାରେ ୨୦ ହଜାର ଶିକ୍ଷକ ନିଯୁକ୍ତି ନେଇ ଗଣମାଧ୍ୟମ ସାମ୍ନାକୁ ଆସିଛି। ଏଏସ୍‌ଓ ପରୀକ୍ଷା ହେବା ପରେ ନିୟମ ପରିବର୍ତ୍ତନ କରାଯାଉଛି। ପାରଦର୍ଶିତା, ଟେକ୍ନୋଲୋଜିର ଓକିଲାତି କରୁଥିବା ରାଜ୍ୟ ସରକାର ପିଲାଙ୍କ ଭବିଷ୍ୟତକୁ ନେଇ କ'ଣ କହିବେ। ଗୋଟିଏ ପଟେ ମୋଦି ଗ୍ୟାରେଣ୍ଟି ଦେଉଥିବା ବେଳେ ଅନ୍ୟପଟେ ୨୫ ବର୍ଷ ପ୍ରତାରଣା, ପ୍ରବଞ୍ଚନା ଓ ଛଳନାର କାହାଣୀ ଅଛି। ଏଠିକାର ସରକାରଙ୍କୁ ସେବା ନୁହେଁ ଭୋଟ ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

ମହିଳା ସଶକ୍ତୀକରଣ ଆଜି ମୋଦିଙ୍କ ଗ୍ୟାରେଣ୍ଟି ହୋଇଛି। ବିଧାନସଭା ଓ ଲୋକ ସଭା ନିର୍ବାଚନରେ ମହିଳାଙ୍କ ନେତୃତ୍ୱ ବଢ଼ାଇବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ଆଇନରେ ପରିଣତ ହୋଇଛି। ମୋଦିଙ୍କ ବାର୍ତ୍ତା ଓ ଗ୍ୟାରେଣ୍ଟିକୁ ଓଡ଼ିଶାର ୧ କୋଟି ଘରେ ପହଞ୍ଚାଇବା ପାଇଁ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ପ୍ରଚେଷ୍ଟା ଜାରି ରଖିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।



**ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ଶକ୍ତି ବନ୍ଦନ କର୍ମଶାଳା**

# ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ସବୁ ଜାଣି ଧର୍ମେନ୍ଦ୍ର ଅଜଣା: ପ୍ରଣବ

**ଭୁବନେଶ୍ୱର, ୨୦।୧ (ଅନିଲ ଦାସ)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ସବୁ ଜାଣି ଅଜଣା ହେବାର ନାଟକ କରୁଛନ୍ତି। କେନ୍ଦ୍ରର ମିନି ରତ୍ନ ସଂସ୍ଥା ଶିକ୍ଷକ ନିଯୁକ୍ତି କରିଛି ବୋଲି ଧର୍ମେନ୍ଦ୍ରଙ୍କୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଜବାବ ଦେଇଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

ପ୍ରଣବ କହିଛନ୍ତି, ଶିକ୍ଷକ ନିଯୁକ୍ତିର ପୂରା ପ୍ରକ୍ରିୟା କେନ୍ଦ୍ରୀୟ ସଂସ୍ଥା ଇଡିସିଆଇଏଲ୍ ଜରିଆରେ କରାଯାଇଛି, ଯାହା ଆପଣଙ୍କ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି। ଆପଣ କ'ଣ କହିବାକୁ ଚାହୁଁଛନ୍ତି ଯେ ଆପଣଙ୍କ ନିଜସ୍ୱ ସଂସ୍ଥା ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତି କରିଛି।

ଇଡିସିଆଇଏଲ୍ କେନ୍ଦ୍ରୀୟ ବିଦ୍ୟାଳୟଠାରୁ ଆରମ୍ଭ କରି ଜବାହର ନବୋଦୟ ବିଦ୍ୟାଳୟ, ଏମ୍ସ, ଭାରତୀୟ ସେନା ଏବଂ ଅନ୍ୟାନ୍ୟ ସଂସ୍ଥା ପାଇଁ ହଜାର ହଜାର ସଂଖ୍ୟାରେ ନିଯୁକ୍ତି କରିଥାଏ। ସେଠି ମଧ୍ୟ କ'ଣ ଅନିୟମିତତା ହୋଇଥିବା ଆପଣ କହିବାକୁ ଚାହୁଁଛନ୍ତି। ଆପଣଙ୍କ ନିଜ ସଂସ୍ଥା ନିଯୁକ୍ତି କରିଛି। ହେଲେ କିଛି ନ ବୁଝି ତାହା ମିଛ ଓ ନିରାଧାର କଥା କହିବାରେ ଆପଣଙ୍କ ଅହେତୁକ ଆଗ୍ରହ ଦେଖି ଲୋକେ ହସିବା ଆରମ୍ଭ କଲେଣି। ଲାଗୁଛି, ମାହାଲ ମାଣ୍ଡାକୁ ସୃଷ୍ଟି କରିବାରେ ଆପଣଙ୍କର ବଡ଼ ଭୂମିକା ରହିଛି।

# ଜନତା ଦରବାରରେ ଅଧିକାରୀ ଘାଇଲା

**ମଥୁରାନଗରୀ/ଗୋପପୁର, ୨୦।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ଷଷ୍ଠ ଦିବସ। ମଥୁରାନଗରୀରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଜନତା ଦରବାର ଏବଂ ଗୋପପୁରରେ ବସ୍ତ୍ରହରଣ ପ୍ରମୁଖ ଦୃଶ୍ୟାଭିନୟ ଏହି ଦିବସର ଅନ୍ୟତମ ଆକର୍ଷଣ ରହିଥିଲା। ଏହା ଦେଖିବା ପାଇଁ ଉଭୟ ମଥୁରାନଗରୀ ଏବଂ ଗୋପପୁରରେ ଅନ୍ୟଦିନ ଅପେକ୍ଷା ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା। କଂସ ମହାରାଜ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ। ବାଟରେ ଟାଉନ ଥାନାକୁ ଯାଇ ମଥୁରାନଗରୀର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସେହିପରି ଅପରାଧୀଙ୍କୁ କଂସଙ୍କ ଦଣ୍ଡବିଧାନ ଦୃଶ୍ୟାଭିନୟ ଥାନା ପରିସରରେ ବେଶ୍ ରୋଚକ ଥିଲା। ସେଠାରୁ କଂସ ମହାରାଜ ରଙ୍ଗମହଲକୁ ଯାଇ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ସିନେ ତାରକା ଅନୁ ଚୌଧୁରୀ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ।

ରଙ୍ଗମହଲ ଦୃଶ୍ୟାଭିନୟ ସାରି କଂସ ମହାରାଜ ହାଟପଦାସ୍ଥିତ ରାଜଦରବାରକୁ ଯାଇଥିଲେ। ସେଠାରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଜନତା ଦରବାର ଦୃଶ୍ୟାଭିନୟକୁ ଲୋକେ ମନ ଭରି ଉପଭୋଗ କରିଥିଲେ। ବିଦୂଷକ ଅଭିଯୋଗ ପାଠ କରିବା ପରେ ମହାରାଜ କଂସ ମଥୁରାନଗରୀର ଅତିରିକ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ସୂଚନା ଅଧିକାରୀ, ଡେପୁଟି କଲେକ୍ଟର, ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତାଗିଦ କରିଥିଲେ। କଂସଙ୍କ ପ୍ରଶ୍ନବାଣରେ ଅଧିକାରୀମାନେ ଘାଇଲା ହୋଇ ପଡ଼ିଥିଲେ। ବର୍ଷା ବିପନ୍ନଙ୍କ ପାଖକୁ କ୍ଷତିପୂରଣ ନ ପହଞ୍ଚିବା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସୁଫଳ ହିତାଧିକାରୀଙ୍କୁ ନ ମିଳିବା, ଧାନ କିଣାବିକାରେ ଅବ୍ୟବସ୍ଥା, ଜିଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ପାଉଣା ମିଳୁ ନ ଥିବା, ଆବଶ୍ୟକସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଅଭାବ, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା, ରାଜପଥ ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କଟାଯିବା ଆଦିକୁ ନେଇ ବିଭାଗୀୟ ଅଧିକାରୀଙ୍କୁ କଂସ ପ୍ରଶ୍ନ କରିଥିଲେ ଏବଂ ଆବଶ୍ୟକସ୍ଥଳେ ସେଥିରେ ଅବହେଳା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜରିମାନାରେ ଦଣ୍ଡିତ ମଧ୍ୟ କରିଥିଲେ।


ରାଜଦରବାରରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

**ବରଗଡ଼ ଧନୁଯାତ୍ରା**

# ଏସିଟିଓ, ସ୍ତ୍ରୀଙ୍କୁ ୩ ବର୍ଷ ଜେଲ

## ୧୮ବର୍ଷ ତଳର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ବ୍ରହ୍ମପୁର, ୨୦।୧ (ସୁବାସ ଚନ୍ଦ୍ର ପାଢ଼ୀ)**

୨୦୦୭ରେ ଚିକିଟି ଚେକ୍‌ଗେଟର ତତ୍କାଳୀନ ଅତିରିକ୍ତ ବାଣିଜ୍ୟ କର ଅଧିକାରୀ(ଏସିଟିଓ) ରମେଶ ଚନ୍ଦ୍ର ବେହେରା କାରରେ ୩ ଲକ୍ଷ ଟଙ୍କା ଧରି ଆସୁଥିବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ୧୮ ବର୍ଷ ପରେ ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ରାୟ ଶୁଣାଇଛନ୍ତି। ରମେଶ ଓ ତାଙ୍କ ସ୍ତ୍ରୀ ମମତା ବେହେରାଙ୍କୁ ଦୋଷୀ ସାବ୍ୟସ୍ତକରି ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୧୦ ହଜାର ଲେଖାଏ ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏସିଟିଓଙ୍କ ପେନ୍‌ସନ୍ ବନ୍ଦ ପାଇଁ ଭିଜିଲାନ୍ସ ବିଭାଗ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି।

# ମହାପ୍ରସାଦ କରାଯାଇ ଭକ୍ତଙ୍କୁ ବଣ୍ଟାଯିବ

## ଅର୍ପଣ ରଥ ମାଧ୍ୟମରେ ସଂଗୃହୀତ ହୋଇଛି ଚାଉଳ

**ପୁରୀ, ୨୦।୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତ ୧୭ତାରିଖରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିଥିଲେ। ତେବେ ଲୋକାର୍ପଣ ଉତ୍ସବ ପାଇଁ ସାରା ରାଜ୍ୟରେ ଅର୍ପଣ ରଥ ମାଧ୍ୟମରେ ସଂଗ୍ରହ କରାଯାଇଥିବା ଗୁଆ, ଚାଉଳ ଓ ନଡ଼ିଆକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତତ୍ପର ହୋଇଉଠିଛି।

ଶନିବାର ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ଉପସ୍ଥିତ ଥିଲେ। ବୈଠକ ପରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ସୂଚନା ଦେଇ କହିଛନ୍ତି, ଅର୍ପଣ ରଥରେ ଆସିଥିବା ଗୁଆ ଓ ଚାଉଳ କିପରି ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବ ସେ ନେଇ ପ୍ରାଥମିକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଗୃହୀତ ଚାଉଳ ଓ ଗୁଆକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ହସ୍ତାନ୍ତର ପରେ ଉକ୍ତ ଚାଉଳରେ ମହାପ୍ରସାଦ କରାଯାଇ ମହାପ୍ରଭୁଙ୍କୁ ଭୋଗ ଲଗାଯାଇ ଭକ୍ତମାନଙ୍କୁ ପ୍ରଦାନ କରାଯିବ। ବିଶେଷକରି ରଥଯାତ୍ରା ସମୟରେ ଯେପରି ବହୁଳ ଭାବେ ଭକ୍ତଙ୍କୁ ବଣ୍ଟାଯିବ ସେ ନେଇ ଆଲୋଚନା କରାଯାଇଛି। ଉକ୍ତ ଚାଉଳରେ ଖେଚୁଡ଼ି ଓ କାନିକା ହୋଇପାରିବ। କାନିକା ବହୁ ସମୟ ଧରି ରହିପାରିବ। ସେହିପରି ପ୍ରତ୍ୟେକ ପଞ୍ଚାୟତରୁ ଆସିବାକୁ ଥିବା ଭକ୍ତଙ୍କୁ ଉକ୍ତ ଚାଉଳରେ ମହାପ୍ରସାଦ କରାଯାଇ ବଣ୍ଟାଯିବାକୁ ମଧ୍ୟ ଚିନ୍ତା କରାଯାଉଛି। ଯେଉଁ ପରିମାଣରେ ଚାଉଳ ଆସିବ, ତାହା କୋଇଲି ବୈକୁଣ୍ଠରେ ରଖିବା ସମ୍ଭବପର ନୁହେଁ। ତେଣୁ ସଂଗୃହୀତ ଚାଉଳକୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିବା ନେଇ ଆଲୋଚନା ହୋଇଛି। ଯେପରି ଚାଉଳ ଖରାପ ନ ହେବ, ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରାତି ଅଧରେ ଗଛ କାଟି ଦେଲେ ଦୁର୍ବୃତ୍ତ, ଥାନାରେ ଏତଲା

ଭୁବନେଶ୍ୱର,୨୦।୧(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟନଗର ଓ ଶତାବ୍ଦୀ ନଗର ରାସ୍ତା କଡରେ ଲଗାଯାଇଥିବା ୮ ରୁ ୯ ଟି ଗଛକୁ କେହି ଦୁର୍ବୃତ୍ତ କାଟି ଦେଇଛନ୍ତି । ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାସହ ଏସଂକ୍ରାନ୍ତରେ କିଛି ସ୍ଥାନୀୟ ଲୋକ ଖଣ୍ଡଗିରି ଥାନାର ଏତଲା ଦେଇଛନ୍ତି । ସୂଚନା ଅନୁସାରେ ଉକ୍ତ ରାସ୍ତା କଡରେ ଲୋକଙ୍କ ଦ୍ୱାରା ପଣସ, କଦମ୍ବ ଓ ବାଦାମ ଭଳି ଗଛ ଲଗାଯାଇଥିଲା। ନିଜସ ତତ୍ତ୍ୱାବଧାନରେ କଲୋନୀର ଲୋକମାନେ ଗଛ ଗୁଡିକ ବଡ କରିଥିଲେ। କିନ୍ତୁ ଶୁକ୍ରବାର ରାତିରେ କିଛି ଦୁର୍ବୃତ ଏହି ଗଛ ଗୁଡ଼ିକୁ କାଟି ଦେଇଥିବା ଜଣାପଡ଼ିଛି। ଶନିବାର ସକାଳୁସକାଳୁ ସ୍ଥାନୀୟ ଲୋକ ଗଛଗୁଡ଼ିକ କଟା ହୋଇ ପଡିଥିବା ଦେଖିଥିଲେ। ଏହାପରେ କଲୋନୀ ବାସି ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କିଏ ସେ ଦୁର୍ବୃତ୍ତ କାହିଁକି ଗଛ କାଟି ପକାଇଲା ସେ ନେଇ ତଦନ୍ତ କରିବାକୁ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

### ଗଣ୍ଡଗୋଳ ଘଟଣାର ଆପୋସ ସମାଧାନ

ବାଲିଅନ୍ତା,୨୦।୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ଜୟଦେବ ପୀଠରେ ଜୟଦେବ ଠିକାଦାର ସଂଘର କର୍ମକର୍ତ୍ତା ଏବଂ ଜଣେ ଯୁବକଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାର ଆପୋସ ସମାଧାନ ଶୁକ୍ରବାର ରାତିରେ ହୋଇଯାଇଛି। ସୂଚନା ମୁତାବକ, ଜୟଦେବ ପୀଠରେ ଜଙ୍ଗଲ ବିଭାଗ ପକ୍ଷରୁ ଚାଲିଥିବା ପ୍ରାଚୀର ନିର୍ମାଣ କାର୍ଯ୍ୟର ପରିଦର୍ଶନ କରିବାକୁ ସଂଘର ବିଶ୍ୱ ରଞ୍ଜନ ପାତ୍ର ଓ ଅନ୍ୟ ୬ଜଣ କର୍ମକର୍ତ୍ତା ଯାଇଥିବାବେଳେ ଜଣେ ଯୁବକ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ବିଶ୍ୱ ରଞ୍ଜନଙ୍କ ଉପରେ ଆକ୍ରମଣ ଉଦ୍ୟମ ହୋଇଥିଲା। ଏହି ଘଟଣାକୁ ନେଇ ଠିକାଦାର ସଂଘ ବାଲିଅନ୍ତା ଥାନାର ଦ୍ୱାରସ୍ଥ ହୋଇଥିଲା। ଉଭୟଙ୍କ ସହମତିକ୍ରମେ ବାଲିଅନ୍ତାରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ସମାଧାନ ହୋଇଥିଲା। ଆପୋସ ସମାଧାନ ଅନୁଯାୟୀ, ଆକ୍ରମଣ ଉଦ୍ୟମ କରିଥିବା ଯୁବକ ନିଜର ଭୁଲ ବୁଝିପାରି ଘଟଣା ପାଇଁ ଦୁଃଖପ୍ରକାଶ କରିଥିଲେ। ଠିକାଦାର ଓ ତାଙ୍କ ସହଯୋଗୀ ସଂଘ ସହ ମିଳିମିଶି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ନିର୍ଦ୍ଧାରିତ ବିବରଣୀ ଅନୁଯାୟୀ କାର୍ଯ୍ୟ କରିବାକୁ ଓ ଠିକାଦାର ସଂଘ ଆବଶ୍ୟକ ସ୍ଥଳେ କାର୍ଯ୍ୟ ପରିଦର୍ଶନ କଲେ ସମ୍ପୃକ୍ତ ଠିକାଦାର ଓ କର୍ମଚାରୀଙ୍କୁ କିଛି ନ କହି ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାକୁ ଲିଖିତ ଫଇସଲାନାମା ସ୍ଥିରୀକୃତ ହୋଇଥିଲା।

### ବସ୍‌ରେ ପଞ୍ଚାୟତରୁ ଆସୁଥିବା ଭକ୍ତ ପାଇବେ ଶୁଖିଲି ଭୋଗ

ପୁରୀ, ୨୦।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପଣ ହେବା ପରେ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟୁଛି। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରି ସୁଖଦ ଅନୁଭୂତି ନେଇ ଫେରୁଛନ୍ତି। ତେବେ ରାଜ୍ୟର ବିଭିନ୍ନ ପଞ୍ଚାୟତରୁ ଭକ୍ତମାନେ ବସ୍ ଯୋଗେ ଆସି ସମଙ୍ଗ ପାର୍କିଂସ୍ଥଳରେ ଓହ୍ଲାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିର ଯିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବେ। ଏନେଇ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଶୁଖିଲି ଭୋଗ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମା ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଛନ୍ତି।

# ଶେଷ ପର୍ଯ୍ୟାୟରେ ଓଡ଼ିଶା ପ୍ରଜ୍ଞାପନ ମେଢ଼ ନିର୍ମାଣ

### ନୂଆଦିଲ୍ଲୀରେ ସମୀକ୍ଷା କଲେ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)



ନୂଆଦିଲ୍ଲୀ କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ-୨୦୨୪ ପରେଡ଼ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସାମିଲ ହେବ। ରଘୁରାଜପୁର ଐତିହ୍ୟ ଗ୍ରାମର ପଟ୍ଟଚିତ୍ରକୁ ନେଇ ମହିଳା ଶିଳ୍ପୀମାନେ କିଭଳି ନିଜର ଆର୍ଥିକ ଅଭିବୃଦ୍ଧି କରିବା ସହ ନିଜକୁ ସ୍ୱାବଲମ୍ବୀ ଓ ସଶକ୍ତ କରିପାରିଛନ୍ତି, ତାହାର ଏକ ନିଖୁଣ ଚିତ୍ର ଏହି ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଉପସ୍ଥାପନ କରାଯିବ। ଏବେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଜ୍ଞାପନ ମେଢ଼ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ପ୍ରଜ୍ଞାପନ ମେଢ଼ର ବିଭିନ୍ନ ଅଂଶ, ସେଥିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଆଦି ସମ୍ପର୍କରେ ପଚାରି ବୁଝିବା ସହିତ ସେଗୁଡ଼ିକର ତଦାରଖ କରିଥିଲେ। ଏଥିସହିତ ମେଢ଼ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବର୍ଗର ଶ୍ରମିକ ଓ କାରିଗରଙ୍କ ସହିତ ମତବିନିମୟ କରିଥିଲେ। ସେହିପରି ମେଢ଼ ଉପରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତି କଳାକୌଶଳ ପ୍ରଦର୍ଶନ କରିବାକୁ ଥିବା ମହିଳା କାରିଗର ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବାକୁ ଥିବା ମହିଳା ଶିଳ୍ପୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ସେ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରର ଝଙ୍କାର ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ନୃତ୍ୟ ପ୍ରତିଯୋଗିତା ଏବଂ କର୍ତ୍ତବ୍ୟ ପଥରେ ମେଢ଼ ସହ ନୃତ୍ୟ କରିବାକୁ ଥିବା କଳାକାରଙ୍କ ନୃତ୍ୟ ଦେଖିଥିଲେ। ନିର୍ଦ୍ଦେଶକଙ୍କ ପରିଦର୍ଶନ ସମୟରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ଏବଂ ମେଢ଼ ନିର୍ମାଣର ଦାୟିତ୍ୱ ନେଇଥିବା ଇମାଜେରୀ ସଂସ୍ଥାର କୀର୍ତ୍ତି କିଶୋର ମହାରଣା ଉପସ୍ଥିତ ଥିଲେ। ମେଢ଼ ନିର୍ମାଣରେ କାଷ୍ଠ ଶିଳ୍ପୀ, ମୃତ୍ତିକା ଶିଳ୍ପୀ, ଚିତ୍ର ଶିଳ୍ପୀକୁ ମିଶାଇ ୨୮ଜଣ କାରିଗର ଏବଂ ନୃତ୍ୟ ପାଇଁ ୨୪ଜଣ ନୃତ୍ୟଶିଳ୍ପୀ ଶିବିରରେ ରହି ବିକଶିତ ଭାରତରେ ଓଡ଼ିଶାର ମହିଳା ସଶକ୍ତୀକରଣ ଚିତ୍ରକୁ ସଫଳତାର ସହିତ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ପ୍ରୟାସ କରୁଛନ୍ତି।



ଏକାମ୍ର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ୫୩ ନଂ ୱାର୍ଡରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟମାନେ ଶନିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଲୋକଙ୍କୁ ଭେଟୁଛନ୍ତି।

## ସାଇକେଲ ଚୋରି ର୍ୟାକେଟର ପର୍ଦ୍ଦାଫାଶ, ୫ ଗିରଫ




ଭୁବନେଶ୍ୱର, ୨୦।୧ (ସୂର୍ଯ୍ୟକାନ୍ତବେହେରା)

ବସ୍‌ରେ ଆସନ୍ତି, ଭୁବନେଶ୍ୱରର ବିଭିନ୍ନ ଆପର୍ଟମେଣ୍ଟ,କୋଚିଂ ସେଣ୍ଟର,ମାର୍କେଟ ଅଞ୍ଚଳରୁ ସାଇକେଲ ଚୋରି କରିବା ପରେ ପୁଣି ନିଜ ଅଞ୍ଚଳକୁ ପଳାନ୍ତି। ଆଉ ସେହି ସାଇକେଲଗୁଡ଼ିକୁ ନିଜ ଅଞ୍ଚଳରେ ବିକ୍ରି କରିଦେଇଥାନ୍ତି। ତେବେ ଏଭଳି ତରିକାରେ ଚୋରି କରୁଥିବା ଗ୍ୟାଙ୍ଗକୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମର କାଳିଆ ଗୌଡ,ସନ୍ତୋଷ ପୃଷ୍ଟି,କାଳିଆ ମୁଦୁଲି,ସେକ ଅବଦୁଲ,ଇନ୍ଦ୍ରମଣି ପରିଡା। ସେମାନଙ୍କଠାରୁ ୮ଟି ସାଇକେଲ ଜବତ ହୋଇଛି। ଏନେଇ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ନୟାପଲ୍ଲୀରେ ରହୁଥିବା ବିଭୂତି ପରିଡା ଆଇଡି ମାର୍କେଟକୁ ପରିବା କିଣିବାକୁ ଯାଇଥିଲେ। ସେଠାରେ ଥିବା ପାର୍କିଂରେ ସାଇକେଲକୁ ରଖିଥିଲେ। ପରିବା କିଣିବା ପରେ ସାଇକେଲ ପାଖକୁ ଆସି ଦେଖିବା ବେଳକୁ ସେଠାରେ ନାହିଁ। ଏନେଇ ସାଇକେଲ ଚୋରି ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ ୨୭/୨୪) ରୁଜୁ କରି ଘଟଣାର ଖୋଲତାଡ ପରେ ସମସ୍ତଙ୍କୁ ଚିହ୍ନଟ କରି ଧରିବାରେ ସକ୍ଷମ ହୋଇଥିଲା।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ପୁରୁଣା ଭୁବନେଶ୍ୱର,୨୦।୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୫୩ ରେ ଶନିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। କାରଗିଲ ରୋଡସ୍ଥିତ ବିଜୁ ଆଦର୍ଶ କଲୋନୀ ଠାରୁ ଆରମ୍ଭ ହୋଇ ପଳାସପଲ୍ଲୀ, ଭୀମପୁର, ଝରଣା ସାହି ପର୍ଯ୍ୟନ୍ତ ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଏବଂ କୋଠାବାଡ଼ି ଅନ୍ୟାନ୍ୟ ନର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଅନ୍ୟନମାନଙ୍କ ମଧ୍ୟରେ କୃଷି ଶିଳ୍ପ ନିଗମର ଉପାଧକ୍ଷ ଡ. ସନ୍ତୋଷ ବେଜ, କର୍ପୋରେଟର ମହାମାୟା ସ୍ୱାଇଁ, ଶ୍ରୀଧର ବେହେରା, ଶିବ ପ୍ରସାଦ ବେହେରା, ସନ୍ତୋଷ ସିଂ, ଅଜିତ୍ ବେହେରା, କେ.ଶାନ୍ତି, ପୂର୍ବତନ କର୍ପୋରେଟର ରୁନୁ ଜେନା, ଭୁବନେଶ୍ୱର ବିଜୁ ଯୁବ ଜନତା ଦଳ ସଭାପତି ସମରେଶ ବେଉରା, ପ୍ରସନ୍ନ ପରିଡା, ରାଜେଶ ପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ସମୀର ବେହେରା, ରଞ୍ଜିତ କୁମାର ସାହୁ, ଗୟାଧର ସ୍ୱାଇଁ,ବିଜୟ ଗୋଛାୟତ, ଶିବ ପ୍ରସାଦ ମହାପାତ୍ର, ମମତା ରଥ, ବିଜୟିନୀ ମହାରଣା, ବିଜୟଲକ୍ଷ୍ମୀ ସେଠ, ସୁଜାତା ଦାସ, ରୁନୁବାଳା ପଟ୍ଟନାୟକ, ତେଜସ୍ୱୀ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ବିଭିନ୍ନ ମହିଳା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାଲିଅନ୍ତାରେ ୨ ଆନ୍ତଃନଦୀ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର



ବାଲିଅନ୍ତା,୨୦।୧(ନୀଳମାଧବ ସାହୁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଶନିବାର ୧୩ଟି ଜିଲାର ୧୯ଟି ଆନ୍ତଃନଦୀ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଜଳସେଚନ ଉପଖଣ୍ଡ ଅଧୀନରେ ୨ଟି ପ୍ରକଳ୍ପ, ପାଣ୍ଡରାସ୍ଥିତ କୁଆଖାଇ ନଦୀ ଓ ରାମଚନ୍ଦ୍ରପୁର କାଜ ନିକଟ କୁଶଭଦ୍ରା ନଦୀ ରହିଛି। କୁଆଖାଇ ନଦୀ ପାଇଁ ୧୮୨ କୋଟି ଓ କୁଶଭଦ୍ରା ନଦୀ ପାଇଁ ୧୩୦ କୋଟି ବ୍ୟୟ ଅଟକଳ ରହିଛି। ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅବସରରେ ବାଲିଅନ୍ତା ବ୍ଲକ ସମ୍ମିଳନୀ କକ୍ଷରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ଭିସି ମାଧ୍ୟମରେ ସାମିଲ ହୋଇଥିଲେ। ଏଥିରେ ତହସିଲଦାର ବିମଳ ଲେଙ୍କା, ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ବେହେରା, ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ୨ଟି ନଦୀରେ ଜଳାଶୟ ନିର୍ମାଣ କାର୍ଯ୍ୟ ଶେଷ ହେଲେ ବନ୍ୟାର ବଳକା ପାଣି ଗଚ୍ଛିତ, ଭୂତଳ ଜଳସ୍ତର ବୃଦ୍ଧି, ପାନୀୟ ଜଳ ସଙ୍କଟ ଦୂର, ମାଛ ଚାଷର ଉନ୍ନତି, ବନ୍ୟା ନିୟନ୍ତ୍ରଣ ଓ ପରିବେଶ ମଧ୍ୟ ଭଲ ରହିବ ବୋଲି କୁହାଯାଇଛି।

## ଦାମୀ କାରରେ ଦେଶୀ ମଦ ଚାଲଣ, ୨ ଗିରଫ

ଭୁବନେଶ୍ୱର,୨୦।୧ (ସୂର୍ଯ୍ୟକାନ୍ତବେହେରା)



ଦାମୀ କାରରେ ମୟୂରଭଞ୍ଜରୁ ଭୁବନେଶ୍ୱରକୁ ଦେଶୀ ମଦ ଚୋରା ଚାଲଣ ହେଉଥିବା ବେଳେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ଛକରେ ଅବକାରୀ ଟିମ୍ ଶନିବାର ଭୋର ସମୟରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଗାଡି ମାଲିକ ତଥା ଡ୍ରାଇଭର ବିକ୍ରମ ମାରାଣ୍ଡି ଓ ତାଙ୍କ ସହଯୋଗୀ ସହଦେବ ହସଦ । ଉଭୟଙ୍କଠାରୁ ୫୦୦ ଲିଟର ଦେଶୀ ମଦ ଓ ଅପରାଧରେ ବ୍ୟବହୃତ କାରକୁ ଜବତ କରିଛି । ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟ ଚାଲଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅପରପକ୍ଷେ ଗାଡିର ଆଗ ପଛରେ ଜରି ବସ୍ତାରେ ଦେଶୀ ମଦ ଭର୍ତ୍ତି ରହିବା ପରେ ଏହି ଚୋରା ଚାଲଣ ଦୀର୍ଘଦିନ ଧରି ହୋଇଆସୁଥିବା ସହ କାହାକୁ ଯୋଗାଉଥିଲେ ତାହାର ଖୋଳତାଡ ଚଳାଇଛି ଅବକାରୀ ଟିମ ।

## ୨୨ରୁ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱର,୨୦।୧(ଅନୁରାଧା ମହାରଣା)



ଫିଲ୍ମ ସୋସାଇଟି ଅଫ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ ଆସନ୍ତା ୨୨ ତାରିଖରେ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଯୁବ ଚଳଚ୍ଚିତ୍ର ନିର୍ମାତା ଏହି ଉତ୍ସବରେ ଯୋଗ ଦେବେ। ମାମି, ଆଇଏଫଏଫକେ, ଧର୍ମଶାଳା, ବୁସାନ, ଟାଲିନ୍, ରଟ୍ଟରଡମ, ସାନ ସେବାଷ୍ଟିଆନ୍ ପରି ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ଚଳଚ୍ଚିତ୍ରମାନ ଏଥିରେ ପ୍ରଦର୍ଶିତ ହେବ।

ଭାରତର ବିବିଧତାକୁ ଦର୍ଶାଇବା ପାଇଁ କଶ୍ମୀର ଠାରୁ ଆରମ୍ଭ କରି ନର୍ଥ-ଇଷ୍ଟ ଅଞ୍ଚଳର ଚଳଚ୍ଚିତ୍ର ଏହି ଉତ୍ସବର ଆକର୍ଷଣ ରହିବ। ଏହା ସହିତ ପ୍ରତି ଫିଲ୍ମର ପ୍ରିମିୟର ପରେ ଫିଲଗୁଡିକର ନିର୍ମାତାଙ୍କ ସହ ଏକ ଆଲୋଚକ୍ର ଅନୁଷ୍ଠିତ ହେବ। ପ୍ରବାସ ସମସ୍ୟା, ଲିଙ୍ଗଗତ ସମସ୍ୟା, ଭୌଗୋଳିକ-ରାଜନୈତିକ ସମସ୍ୟା ସହ ଅନ୍ୟାନ୍ୟ ସାମାଜିକ ସମସ୍ୟାକୁ ନେଇ ପ୍ରସ୍ତୁତ ବିଭିନ୍ନ କ୍ଷୁଦ୍ରଚଳଚ୍ଚିତ୍ର ମଧ୍ୟ ମଧ୍ୟ ପ୍ରଦର୍ଶିତ ହେବାର ଯୋଜନା ରହିଛି ।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବା ଭାବନା ଜାଗ୍ରତ କରିବା ଗୁରୁତ୍ୱପୂର୍ଣ୍ଣ

### ଏନ୍‌ଏସ୍‌ଏସ୍ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୦।୧(ଅସମାପିକା ସାହୁ)




ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସମୀକ୍ଷା ବୈଠକ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବାର ଭାବନାକୁ ଜାଗ୍ରତ କରିବା ପାଇଁ ଏନ୍‌ଏସ୍‌ଏସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ସକ୍ରିୟ ରହିଥିବାବେଳେ କାର୍ଯ୍ୟଶୈଳୀ ମଧ୍ୟ ପ୍ରଶଂସନୀୟ। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଏ ଦିଗରେ ଅଧିକ ଧ୍ୟାନ ଦେଲେ ଏହା ଯୁବସମାଜ ମଧ୍ୟରେ ନବସୃଜନ ସୃଷ୍ଟି କରିପାରିବ ବୋଲି କୁଳପତି ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ତଥା ଉଚ୍ଚଶିକ୍ଷା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା କହିଥିଲେ, ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଥିବା ଏନ୍‌ଏସ୍‌ଏସ୍ ଶାଖାଗୁଡ଼ିକ ଭଲ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ସେମାନେ ଆହୁରି ଅଧିକ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବେ। ଏହି ସେବାକାର୍ଯ୍ୟ ନିମନ୍ତେ ଏନ୍‌ଏସ୍‌ଏସ୍ ପାଇଁ ଯୋଗାଇ ଦିଆଯାଉଥିବା ପାଣ୍ଠିର ସମୟୋପଯୋଗୀ ସୁବିନିଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁଶୱାହା ବିଭିନ୍ନ ଜିଲାରୁ ଆସିଥିବା ପ୍ରୋଗ୍ରାମ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ, ରାଜ୍ୟରେ ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ଶିକ୍ଷାନୁଷ୍ଠାନରେ ୧,୨୪୧ ଏନ୍‌ଏସ୍‌ଏସ୍ ୟୁନିଟ୍ ରହିଥିବାବେଳେ ୧,୨୪,୦୦୦ରୁ ଅଧିକ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ଅଧିକ କ୍ରିୟାଶୀଳ କରିପାରିଲେ ଓଡ଼ିଶା ଜାତୀୟ ସ୍ତରରେ ଶ୍ରେଷ୍ଠତ୍ୱ ହାସଲ କରିପାରିବ। ଭଲ ପ୍ରଦର୍ଶନ କରିଥିବା କଲେଜଗୁଡ଼ିକୁ ପ୍ରଶଂସା କରି ଗତ କିଛିଦିନ ମଧ୍ୟରେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟବୃଦ୍ଧି ପାଇଛି ଏବଂ ଆଗାମୀ ଦିନରେ ଏହାର କାର୍ଯ୍ୟମାର୍ଗ ଆହୁରି ପ୍ରଶସ୍ତ ଓ ସୁଦୂରପ୍ରସାରୀ ହେବ ବୋଲି କହିଥିଲେ। ଏହି ବୈଠକରେ ରାଜ୍ୟର ୨୨ଟି ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଫିସର, ଜିଲା ପ୍ରୋଗ୍ରାମ ଅଫିସର, ବିଶ୍ୱବିଦ୍ୟାଳୟର ଅଫିସ ଆସିଷ୍ଟାଣ୍ଟ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କାଜଲ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ।






ଭୁବନେଶ୍ୱର ବୃଦ୍ଧ ମନ୍ଦିର ପରିସରରେ ଶିନବାର ରାଷ୍ଟ୍ରୀୟ ଶୁଭାଷ ଉତ୍ସବରେ ଯୋଗଦେଇଥିବା ଅତିଥି। ଉତ୍କଳ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

## ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ବାଲିପାଟଣା,୨୦।୧(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ଅଭିମନ୍ୟୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କ୍ରୀଡା ଶିଶୁଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶର ଏକ ପ୍ରମୁଖ ଆୟୁଧ। ଏଥିପ୍ରତି ଅଭିଭାବକ ଓ ଶିକ୍ଷକ ଧ୍ୟାନ ଦେବା ଜରୁରୀ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମଧ୍ୟରେ ୮ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚ ହେଇଥିଲା। ଏଥିରେ ୭ମ ଶ୍ରେଣୀ ଛାତ୍ର ୭ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୬ ରନ ସଂଗ୍ରହ କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରମାନେ ୩ ଉଇକେଟ ବିନିମୟରେ ୪୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଅଧକ୍ଷା ପବିତ୍ରା ଦାସ, ନିର୍ଦ୍ଦେଶକ ଗଙ୍ଗାଧର ଓଝା, ଶିକ୍ଷୟିତ୍ରୀ ଓକିଲୁନ ନିଶା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଛବିତା ମହାପାତ୍ର, ଲିପିକା ପ୍ରଧାନ, ରଞ୍ଜିଲତା ସାହୁ, ଉର୍ମିଳା ସେନାପତି, ବନଶ୍ରୀ ରାଉତ, ସବିତା ଲେଙ୍କା, ସବିତା ମୁଖୀ, ସସ୍ମିତା ପ୍ରଧାନ, ରଶ୍ମିତା ପାଳ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ସାଲେପୁର,୨୦।୧(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ବ୍ୟାରେଜ୍ ପୋଲ ଉପରେ ଜଣେ ଟ୍ରକ ଚାଳକଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ତିଗିରିଆ ଅଞ୍ଚଳର ସୁଧୀର ପରିଡ଼ା। ନିଜେ ଚଳାଉଥିବା ଟ୍ରକ୍‌ର ବାମ ପାର୍ଶ୍ୱର ପଛ ଚକ ତଳେ ଚାପି ହୋଇଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ସୁଧୀର ନିଜେ ଗାଡ଼ି ଚଳାଉଥିବାବେଳେ କେଉଁ ପରିସ୍ଥିତିରେ ଟ୍ରକ୍‌ର ବାମ ପାର୍ଶ୍ୱ ପଛଚକ ତଳେ ଚାପି ହୋଇଗଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କୁ ହତ୍ୟା କରାଯିବା ପରେ ଟ୍ରକ୍ ମଡ଼ାଇ ଦୁର୍ଘଟଣାର ରୂପ ଦିଆଯିବାକୁ ଉଦ୍ୟମ କରାଯାଉଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। କିଶୋରନଗର ଓ ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଓ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଗଦାଧରପୁର କ୍ରିକେଟ: ସେମିଫାଇନାଲରେ କିଆଝର

ତିଗିରିଆ,୨୦।୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତସ୍ଥିତ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା'ଭବାନୀ ସ୍ପୋର୍ଟସ ଆନୁକୂଲ୍ୟରେ ୧୦ଟି ଦଳକୁ ନେଇ ଚାଲିଥିବା ୩୩ ତମ ଗଦାଧରପୁର କ୍ରିକେଟ ପ୍ରତିଯୋଗିତାର ଶନିବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନରସିଂହପୁରର ଜଳକେଳି କ୍ରିକେଟ କ୍ଲବକୁ ପରାସ୍ତ କରି ଢେଙ୍କାନାଳର କିଆଝର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଜଳକେଳି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଜବାବରେ କିଆଝର ଦଳ ୧୬.୩ ଓଭରରେ ମାତ୍ର ୫ ଟି ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପରେଶ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ମ୍ୟାଚରେ ମା'ଭବାନୀ ସ୍ପୋର୍ଟସ କ୍ଲବର ସଦସ୍ୟ ପ୍ରଶାନ୍ତ କୁମାର ରାଉତ ଯୋଗଦେଇଥିଲେ।

### ବନ୍ଧୁମିଳନ ଉତ୍ସବରେ ସମସ୍ୟା ବଖାଣିଲେ ବ୍ୟବସାୟୀ

ନିଶ୍ଚିନ୍ତକୋଇଲି,୨୦।୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଠାଯାଇଥିଲା। ଉତ୍ସବରେ ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ କୁମାର ଜେନା ଯୋଗଦେଇ ଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବଜାରରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ୧କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଗୃହ ଓ ଶୌଚାଳୟ ସ୍ଥାପନ କରାଯାଇଥିଲା। ମାତ୍ର ଉଦଘାଟନ ପରଠାରୁ ଏହି ଶୌଚାଳୟରେ ତାଲା ପଡିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାଛଡା ବଜାରରେ ଟ୍ରାଫିକ ଓ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବ୍ୟବସାୟୀ ସଂଘ ସମ୍ପାଦକ ଜୀବନାନନ୍ଦ ଦାଶ, ଗୁରୁଚରଣ ବାରିକ, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ,ବଲ୍ଲଭଚରଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଫୁଟ୍‌ବଲ: ପ୍ରତାପନଗର, କଟକ ବିଜୟୀ

ବଡ଼ମ୍ବା,୨୦।୧(ମାୟାଧର ମଲ୍ଲିକ)

ରାଜା କୃଷ୍ଣଚନ୍ଦ୍ର ଫୁଟ୍‌ବଲ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ, ବଡ଼ମ୍ବା ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଖେଳ ପଡ଼ିଆରେ ଚାଲିଥିବା ରାଜା କୃଷ୍ଣଚନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶନିବାର ପ୍ରତାପ ନଗର (କଟକ ) ଓ ଖୁଣ୍ଟୁକଟା (ଆଠଗଡ ) ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପ ନଗର ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସନ୍ତୋଷ କୁମାର ପଟ୍ଟନାୟକ (ନାଲୁ )ଓ ମହେନ୍ଦ୍ର ପଡ଼ିଆରୀ ଯୋଗ ଦେଇଥିଲେ।

# ଚାଖି ଖୁଣ୍ଟିଆ ସିପାହି ବିଦ୍ରୋହର ଅବଦମିତ ବୀରପୁଙ୍ଗବ ଥିଲେ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

୧୮୫୭ ସିପାହୀ ବିଦ୍ରୋହରେ ଯେଉଁ କେତେଜଣ ବୀରପୁରୁଷ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରେ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ନାମ ଉଲ୍ଲେଖନୀୟ। ଇଂରେଜ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇ ସେ ସାରା ଦେଶରେ ଚର୍ଚ୍ଚିତ ହୋଇଥିଲେ। ବ୍ରିଟିଶ ବିରୋଧରେ ରାଣୀ ଲକ୍ଷ୍ମୀବାଇଙ୍କୁ ଉତ୍ସାହିତ କରିବା ସହ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇଥିଲେ। ବାସ୍ତବରେ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ଅବଦମିତ ବୀରପୁଙ୍ଗବ ଥିଲେ ବୋଲି ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମତ ଦେଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖିଖୁଣ୍ଟିଆ ସ୍ମୃତି ସମିତି ଭୁବନେଶ୍ୱର ପକ୍ଷରୁ ଶନିବାର ସୂଚନା ଭବନରେ ଆୟୋଜିତ ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀ(ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ଦାଶ କହିଲେ, ଇଂରେଜଙ୍କ ବିରୋଧରେ ସେ ବିଦ୍ରୋହର ମଞ୍ଜି ପୋତିଥିଲେ। ଜୀବନରେ କେବେ ପଛଘୁଞ୍ଚା ନ ଦେଇ




ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

## ବିପ୍ଳବୀ ଚନ୍ଦନ ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ସିପାହୀ ବିଦ୍ରୋହରେ ବୀର ପରି ଲଢ଼ି ସେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ। ଏକନିଷ୍ଠ ସାଧନା, ବଳିଷ୍ଠ ନେତୃତ୍ୱ, ଅନନ୍ୟ ଦେଶପ୍ରେମ, ଅସୀମ ତ୍ୟାଗ, ଅସାଧାରଣ ବ୍ୟକ୍ତିତ୍ୱ ଏବଂ ପ୍ରଚଣ୍ଡ ଧୀଶକ୍ତି ପାଇଁ ଚାଖି ଖୁଣ୍ଟିଆ ପ୍ରତିଟି ଓଡ଼ିଆ ପ୍ରାଣରେ ଚିର ସ୍ମରଣୀୟ ଓ ଚିରନମସ୍ୟ ହୋଇ ରହିବେ।

ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି କହିଲେ, ଚାଖି ଖୁଣ୍ଟିଆ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ। ଜନ୍ମଭୂମିର ମାନ ରଖିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଉତ୍ତରପିଢ଼ୀଙ୍କ ନିମନ୍ତେ ତାଙ୍କ ଜୀବନ ଗାଥା ପ୍ରେରଣାପ୍ରଦ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ କସ୍ତୁରୀ ମହାପାତ୍ର କହିଲେ, ବ୍ରିଟିଶମାନଙ୍କ ବିରୋଧରେ ସେ ବୀରତ୍ୱର ସହ ଲଢ଼ିଥିଲେ। ଅସ୍ତମିତ ପାଇକ ବିଦ୍ରୋହର ପାଉଁଶ ନେଇ ସେ ସିପାହୀ ବିଦ୍ରୋହର ଅନ୍ୟତମ ସେନାପତି ହୋଇପାରି ଥିଲେ। ଏଥିସହ ଜଗନ୍ନାଥ ଭାବନାକୁ ସେ ଜାତୀୟ ମହସ୍ରୋତରେ ସାମିଲ କରିପାରିଥିଲେ। ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ଚାଖି ଖୁଣ୍ଟିଆଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଉପସ୍ଥିତ ଥିଲେ। ଚାଖି ଖୁଣ୍ଟିଆ ସ୍ମୃତି ସମିତି ଭୁବନେଶ୍ୱରର ସମ୍ପାଦକ ପ୍ରଭାତ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା

ବାଙ୍କୀ,୨୦।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ଉପଖଣ୍ଡର ଯୁକ୍ତ ୨ ଏବଂ ଯୁକ୍ତ୩ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, କବି କୌଶିକ ନାୟକ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ କଳାପଥର ଧଳାପଥର ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀ ବର୍ଷା ରାଣୀ ସାହୁ ପ୍ରଥମ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରୋଜାଲିନ୍ କର ଏବଂ ସ୍ନେହାଙ୍ଗିନୀ ସ୍ୱାଇଁ ଯୁଗ୍ମ ଦ୍ୱିତୀୟ, ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟର ଆଦିତ୍ୟ ପଣ୍ଡା ତୃତୀୟ ଏବଂ ବୈଦ୍ୟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ସ୍ୱତନ୍ତ୍ର ଭାବେ ସାନ୍ତ୍ୱନାମୂଳକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳିଚରଣ ତ୍ରିପାଠୀ ପରିଚାଳନା କରିଥିଲେ। ପ୍ରତିଯୋଗୀମାନଙ୍କୁ ଚଳିତ ମାସ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା: ନିଶ୍ଚିନ୍ତକୋଇଲି ଉତ୍ସବମୁଖର



ନିଶ୍ଚିନ୍ତକୋଇଲି,୨୦।୧(ଅଶୋକ କୁମାର ମହାପାତ୍ର)

ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବ୍ୟବହିତ ପୂର୍ବରୁ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ନିଶ୍ଚିନ୍ତକୋଇଲି ସଦର ମହକୁମାରେ ହନୁମାନ ବେଶଧାରୀ ଗାଁଗାଁ ବୁଲି ପ୍ରଭୁ ରାମଙ୍କ ମହିମା ପ୍ରଚାର କରିବା ସହ ପ୍ରତି ପରିବାରକୁ ପତାକା ପ୍ରଦାନ କରିଛନ୍ତି। ଏଥିସହ ୨୨ ତାରିଖରେ ସମସ୍ତେ ପ୍ରଭୁଙ୍କ ସାନିଧ୍ୟଲାଭ କରିବା ପାଇଁ ବାର୍ତ୍ତା ଦେଇଛନ୍ତି। କେବଳ ନିଶ୍ଚିନ୍ତକୋଇଲି ନୁହେଁ, ବିଭିନ୍ନ ପଞ୍ଚାୟତରେ ଦେବଦେବୀ ଅନୁଷ୍ଠାନକୁ ସୁସଜ୍ଜିତ କରାଯିବା ସହ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାଠ ଓ ନାମ ସଂକୀର୍ତନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। କିଛି ସ୍ଥାନରେ ଯୁବକମାନଙ୍କ ଦ୍ୱାରା ଶୋଭାଯାତ୍ରା ଆୟୋଜନ କରାଯାଇଛି। ପୂଜା ସାମଗ୍ରୀ ଦୋକାନରେ ରଙ୍ଗବେରଙ୍ଗର ପତାକା, ପ୍ରଭୁଙ୍କ ନାମାବଳୀର ବ୍ୟବସାୟ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳରେ ବହୁ ଉତ୍ସାହୀ ଯୁବକ ହନୁମାନ ବେଶ ଧାରଣ କରି ବିଭିନ୍ନ ସ୍ଥାନରେ ରାମନାମ ନାରା ଦେଇ ନାଚ ଗୀତ କରୁଥିବା ଦେଖିବାକୁ ମିଳିଛି। ନାଚ ଦେଖିବା ନିମନ୍ତେ ପ୍ରତ୍ୟକ ସ୍ଥାନରେ ଲୋକଙ୍କ ଭିଡ ଜମୁଛି। ସୋମବାର ନିଶ୍ଚିନ୍ତକୋଇଲି ହାଟ ପଡ଼ିଆଠାରେ ଉତ୍ସାହୀ ଯୁବକମାନଙ୍କ ତରଫରୁ ଏକ ଧର୍ମସଭା କରାଯିବା ନିମନ୍ତେ ଆୟୋଜନ ଚାଲିଛି। ଏଠାରେ ୫ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

# ସାହିତ୍ୟିକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଅନାଦି



କଟକ,୨୦।୧ (କାର୍ତ୍ତିକ ସାହୁ)

## ଅନାଦିଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘର ଶୋକ

ପୂର୍ବତନ ଆଇଜିପି ଅନାଦି ଚରଣ ସାହୁଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପୋଲିସ ମୁଖ୍ୟାଳୟସ୍ଥିତ ରାମକୃଷ୍ଣ ପାଢ଼ୀ ମେମୋରିଆଲ ହଲ୍‌ଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରି କହିଛନ୍ତି, ଅନାଦି ଜଣେ ଦକ୍ଷ ଆଇପିଏସ୍ ସମେତ ସାହିତ୍ୟିକ, ଲେଖକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଆଇପିଏସ୍ ସଂଘ ସମ୍ପାଦକ ତଥା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ୱର୍ଗତ ସାହୁଙ୍କ ଚାକିରି ଜୀବନ ଉପରେ ଆଲୋକପାତ କରିଥିଲେ । ଏଥିରେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ତରଫରୁ ସ୍ୱର୍ଗତ ସାହୁଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଏସ୍‌ସିଆର୍‌ବି) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍. କେ. ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ୍ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ରାଜେଶ କୁମାର, ଆଇଜିପି(ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜିପି (ପର୍ସୋନେଲ) ପ୍ରବୀଣ କୁମାର, ଆଇଜିପି (କମ୍ୟୁନିକେଶନ) ସତୀଶ ଗଜଭିଏ, ଆଇଜିପି (ଭିଜିଲାନ୍ସ) ସଞ୍ଜୟ କୁମାର କୌଶଲ, ଆଇଜିପି (କେନ୍ଦ୍ରାଞ୍ଚଳ) ଆଶିଷ କୁମାର ସିଂ, ଡିଆଇଜି (ଭିଜିଲାନ୍ସ) ପ୍ରକାଶ ଆର୍ ପ୍ରମୁଖ ଉପସ୍ଥିତ ଥିଲେ।

### ନିଆଁରେ ପୋଡ଼ିଯାଇଥିବା ସହକାରୀ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ମାହାଙ୍ଗା,୨୦।୧(ଯଯାତି ସିଂହ)

ନିଆଁରେ ପୋଡ଼ି ହୋଇ ଚିକିତ୍ସିତ ହେଉଥିବା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପାଇକରାପୁର ପଞ୍ଚାୟତ ବୃନ୍ଦା ଜାଗୁଲାଇ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ରାଉତଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋତାମରାଇ ପଞ୍ଚାୟତ ଅଲିଅରା ଗ୍ରାମର ଅବସରପ୍ରାପ୍ତ ପ୍ରାଧ୍ୟାପକ ଭାଗ୍ୟଧର ରାଉତଙ୍କ ସ୍ତ୍ରୀ। ଗତ ୬ ତାରିଖରେ ବିଦ୍ୟାଳୟ ପରିସରରେ ଅଳିଆ ଆବର୍ଜନା ଜଳାଉଥିବାବେଳେ ଅସାବଧାନତା ବଶତଃ ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶନିବାର ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ବିଦ୍ୟାଳୟ ଓ ଗ୍ରାମ ପରିକ୍ରମା କରାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ପରିଡା, ସମିତିସଭ୍ୟାଙ୍କ ପ୍ରତିନିଧି ସଞ୍ଜୟ ସାମଲ, ନଟବର ରାଉତ, ନଟବର ପରିଡା, ବଂଶୀଧର ପରିଡା, ଦୈତାରୀ ବଳ ଓ ସିଆରସିସି ରବୀନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ସରୋଜିନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ରାଜ୍ୟସ୍ତରୀୟ ଫୁଟ୍‌ବଲ: ପାଞ୍ଚଗାଁ ସେମିଫାଇନାଲରେ

ତିଗିରିଆ,୨୦।୧(ଜାଫର ଖାଁ)

## ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜକ

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ପକ୍ଷରୁ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ୪-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। କଟକର ଏସ୍‌ଏସ୍‌ଏସ୍ କ୍ଲବ ଓ ପାଞ୍ଚଗାଁ ଟିମ୍ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ପାଞ୍ଚଗାଁର ୯ନଂ.ଖେଳାଳି ସୁମନ ବେହେରା, ୧୮ନଂ. ଖେଳାଳି ବୁନୁ ବେହେରା ଗୋଟିଏ ଲେଖାଏଁ ଗୋଲସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୭ନଂ. ଖେଳାଳି ରିକି ବିଜୟ ଓ ୨୧ନଂ. ଖେଳାଳି ଜିତୁ ରାଉତ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ୪-୦ ଗୋଲରେ ବିଜୟୀ କରିଥିଲେ। ପରାଜିତ କଟକ ଦଳ କୌଣସି ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ଦାଶ ଓ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌରହରୀ ପରିଡା ପ୍ରମୁଖ ଯୋଗଦେଇ ଉଭୟ ଦଳ ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଆଶିର୍ବାଦ କାନୁନ୍‌ଗୋ ଏହାକୁ ପରିଚାଳନା କରିଥିବାବେଳେ ଲାଇନରେ ଅରୁଣ ନାୟକ ଓ ଦେବରାଜ ସ୍ୱାଇଁ ସହଯୋଗ କରିଥିଲେ।

# ଜିଲାସ୍ତରୀୟ କ୍ରିକେଟ: ସେମିରେ ଡମଣଗାଡ଼ିଆ

ମାଣିଆବନ୍ଧ,୨୦।୧(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ କ୍ଲବ ଅଫ୍ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ୪ର୍ଥ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡମଣାଗାଡ଼ିଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍ ଡମଣଗାଡ଼ିଆ ଓ ବିଡାନାସୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଡାନାସୀ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଡମଣଗାଡ଼ିଆ ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ବିଡାନାସୀ ୨୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନ କରି ପରାଜିତ ହୋଇଥିଲା। ଡମଣଗାଡ଼ିଆ ପକ୍ଷରୁ ଦିଲୀପ ରାଉତ ୩୮ ବଲରେ ୫୫ ରନ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ବବୁଲ ପରିଡା ଓ ଲକ୍ଷ୍ମୀଧର ନାୟକ ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଶିବନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପବିତ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ରବିବାର ପ୍ରଥମ ସେମି ଫାଇନାଲ ମ୍ୟାଚ ବେଲିଆପାଳ ଓ ଡମଣଗାଡ଼ିଆ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ପୁରସ୍କାର ବିତରଣ ଉତ୍ସବ

ସାଲେପୁର,୨୦।୧(ଅରବିନ୍ଦ ଭୂୟାଁ)

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରାୟୋଜିତ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ-ଓ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଲେଜ ଅଧ୍ୟକ୍ଷା ଡ. ସଂଗୀତା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ଶ୍ରୀ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ ଜୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଉପରେ ଗବେଷଣାତ୍ମକ ଆଲୋଚନା କରିଥିଲେ। କୁନି ପ୍ରବଚକ କେଶବ ଦାଶ ଦ୍ୱିତିକୃଷ୍ଣ ଯୋଗଦେଇ ଜଗନ୍ନାଥଙ୍କ ଭକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମନୋରଞ୍ଜନ ଦାଶ, ସଦସ୍ୟ ଅବତନ ଷଡ଼ଙ୍ଗୀ, ଜୟଦେବ ଶତପଥୀ ଯୋଗଦେଇଥିଲେ। ଏଥିରେ ନିମନ୍ତ୍ରିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିବାବେଳେ ନୂଆ-ଓ ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମର ନୋଡାଲ ଅଫିସର ଓଡ଼ିଆ ବିଭାଗର ମୁଖ୍ୟ ସୁଷମାରାଣୀ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ସହକାରୀ ଉପଦେଷ୍ଟା ତୁଷାର କୁମାର ମହାନ୍ତି, ସୁଶାନ୍ତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ଶାରଦା ପ୍ରସାଦ ମହାନ୍ତି ଓ ଅଧ୍ୟାପିକା ବୈଜୟନ୍ତୀ ନାୟକ ମ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଜେନା, କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ଲେଙ୍କା, ନୂଆ ଓ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତାର ସଦସ୍ୟ ସୁପ୍ରଭା ସେଠୀ, କସ୍ତୁରୀ ମଲ୍ଲିକ, ମ[ନ କୁମାର ବେହେରା, ସ୍ୱାତି ତନୟାଆଚାରୀ, ତପସ୍ୱିନୀ ମହାପାତ୍ର, ମାନସୀ ପ୍ରିୟଦର୍ଶିନୀ ମଲ୍ଲିକ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପିକ, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଶିଶିର କୁମାର ଦାଶ, ଯଯାତି ଲେଙ୍କା, ସଂଜୟ କୁମାର ନାୟକ ପ୍ରମୁଖ ସଫଳ କରିଥିଲେ। ଶେଷରେ ଅଧ୍ୟାପକ ହୃଷିକେଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# 'ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯିବ'

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

ରାଜ୍ୟର ସହରଗୁଡ଼ିକର ମେରୁଦଣ୍ଡ ହେଉଛନ୍ତି ଉଠାଦୋକାନୀ। ସେମାନେ ସହରଗୁଡ଼ିକରେ ମୌଳିକ ସେବା ଯୋଗାଇଥାନ୍ତି। ତେଣୁ ସେମାନଙ୍କୁ ଆଉ ଉଚ୍ଛେଦ କରାଯିବ ନାହିଁ। କୌଣସି କାରଣରୁ ଉଚ୍ଛେଦ କରାଗଲେ ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ଜାତୀୟ ଉଠାଦୋକାନୀ ମହାସଂଘ ପକ୍ଷରୁ ଶନିବାର ଜାତୀୟ ଉଠାଦୋକାନୀ ଦିବସ ପାଳନ ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଉଠାଦୋକାନୀମାନେ ରାଜମହଲ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଦେଇ ୟୁନିଟ୍-୧ସ୍ଥିତ ଫଳ ଭେଣ୍ଡିଂଜୋନ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥଲା।




ଜାତୀୟ ଉଠାଦୋକାନୀ ଦିବସରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକରୁ ୟୁନିଟ୍-୧ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।

## ଜାତୀୟ ଉଠାଦୋକାନୀ ଦିବସ

ମହାସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଏବେ ଭୁବନେଶ୍ୱରର ବହୁ ୱାର୍ଡ଼ରେ ଭେଣ୍ଡିଂଜୋନ୍ ଗଠନ କରାଯିବ। ଉଠାଦୋକାନୀଙ୍କ ସମସ୍ତ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ମେୟର ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ସିଂ ଯୋଗଦେଇ ଉଠାଦୋକାନୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ ବୋଲି କହିଥିଲେ। ମହାସଂଘ ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ସାମାଜିକ କର୍ମୀ କବିରାଜ ସ୍ୱାଇଁଙ୍କ ସମେତ ୩୦ରୁ ଅଧିକ କର୍ପୋରେଟର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲଲାଟ କୁମାର ଓଝା, ନିରଞ୍ଜନ ପାଣ୍ଡେ, ଶୁଭଲକ୍ଷ୍ମୀ ମହାନ୍ତି, ସୂର୍ଯ୍ୟମଣି ସାହୁ, ବିପିନ ଜେନାଙ୍କ ସମେତ ୧୫୦ରୁ ଉର୍ଦ୍ଧ୍ୱ ସଂଗଠନର କମକର୍ତ୍ତା, ସଭ୍ୟ ଯୋଗଦେଇଥିଲେ। ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ‘ସାହିତ୍ୟ ବିନା ମାଟି, ଜାତିର ପ୍ରଗତି ଅସମ୍ଭବ’

ବେଗୁନିଆ,୨୦।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଛତ୍ରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଭାଷା ସାହିତ୍ୟ ଓ ସୃଜନଶୀଳତାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକ ନିରଞ୍ଜନ ଦାସ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାଶ, ସମ୍ମାନିତ ଅତିଥି ଚିତ୍ତରଞ୍ଜନ ଚମ୍ପତି, ଶ୍ରୀନିବାସ ବାଘସିଂହ, ସୁନୀଲ କୁମାର ସୁନ୍ଦରାୟ, ଅକ୍ଷୟ କୁମାର ଚମ୍ପତି, କବିତା ତାଡ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ତ୍ରିଲୋଚନ ବାଘସିଂହ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ୪ଟି କ୍ଲବରେ ପରିଚାଳିତ ହୋଇଥିବା ସାହିତ୍ୟ ଓ ସୃଜଶୀଳତା, କୌଶଳୀ, କ୍ରୀଡାଙ୍ଗନା ଏବଂ ଜିଜ୍ଞାସା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସାହିତ୍ୟ ବିନା ମାଟି ଓ ଜାତିର ପ୍ରଗତି ଅସମ୍ଭବ ବୋଲି ଅତିଥି ଦାସ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ରଶ୍ମିତା ମଲ୍ଲିକ ମନୋରଞ୍ଜନ ନୃତ୍ୟ ପରିବେଷଣ କରିଥିବା ବେଳେ ସ୍ୱପ୍ନାମୟୀ ରାଉତରାୟ ଏବଂ ଶୁଭଲକ୍ଷ୍ମୀ ଦଳସିଂହାର ଭଜନ ଗାନ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସରିତା ଓ ମନ୍ଦାକିନୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରୀତିଶ ବେଉରା ଧନ୍ୟବାଦ ଦେଇଥିଲେ।

### ‘ହୃଦୟର ଦେବତା ଶ୍ରୀଜଗନ୍ନାଥ’ ଆଲୋଚନାଚକ୍ର

ବୋଲଗଡ଼,୨୦।୧(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ସଦର ମହକୁମାରେ ଥିବା ବାଣିଶ୍ରୀ କଳା ନିକେତନ ଆନୁକୂଲ୍ୟରେ ‘ହୃଦୟର ଦେବତା ଶ୍ରୀ ଜଗନ୍ନାଥ’ ଶୀର୍ଷକ ଏକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଧାକାନ୍ତ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥା ପୌରୋହିତ୍ୟ କରିଥିଲେ। ଗାୟକ ବସନ୍ତ ଦାସଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଶିକ୍ଷାବିତ୍ ବାଲ୍ମୀକି ବଳିୟାରସିଂହଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତିମୂଳକ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ନାଟ୍ୟକାର ବନବିହାରୀ ମହାପାତ୍ର, ଡା.ଅମରେନ୍ଦ୍ର ନାଥ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କବି ପ୍ରସନ୍ନ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ କବି ଲକ୍ଷ୍ମୀଧର ମହାରଣା, ଗଙ୍ଗାଧର ଓଝା, ଲକ୍ଷ୍ମୀଧର ମହାପାତ୍ର, କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ବସନ୍ତ ସାହୁ, ଅଶ୍ୱିନୀ ପଟ୍ଟନାୟକ, ଭାଗବତ ମହାପାତ୍ର, ବିଜୟ ମହାପାତ୍ର, ବସନ୍ତ ହୋତା, ଚକ୍ରଧର ଦେବତା, ଜମ୍ବେଶର ମଙ୍ଗରାଜ ଅଂଶଗ୍ରହଣ କରିଥିଲେ। ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟର ଉନ୍ନତୀକରଣ ଉପରେ ଗୁରୁତ୍ୱ

ନିରାକାରପୁର,୨୦।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ ଚିତ୍ରକୂଟ ବିହାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିଥିଲା। ଫଳରେ ଶିକ୍ଷାଦାନ ସହ ସ୍କୁଲର ଉନ୍ନତି ଦିଗରେ ବାଧା ସୃଷ୍ଟି ହେଉଥିଲା। ଏନେଇ ବାରମ୍ବାର ଅଭିଯୋଗ, ରାସ୍ତାରୋକୋ ହେବା ପରେ ଶିକ୍ଷା ବିଭାଗ ପକ୍ଷରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏପରିକି ଅଚ୍ୟୁତପୁର ପଞ୍ଚାୟତ ଅଧୀନ ରାଉଳସାହି ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସଚିତ୍ର ପାଇକରାୟଙ୍କୁ ଏଠାରେ ପ୍ରଧାନ ଶିକ୍ଷକଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପାଇକରାୟଙ୍କୁ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁଙ୍କୁ ମଧ୍ୟ ସ୍କୁଲ ପକ୍ଷରୁ କୃତଜ୍ଞତା ଦିଆଯାଇଛି।

# ଚାଖି ଖୁଣ୍ଟିଆ ସିପାହି ବିଦ୍ରୋହର ଅବଦମିତ ବୀରପୁଙ୍ଗବ ଥିଲେ

ଭୁବନେଶ୍ୱର, ୨୦।୧ (ବନ୍ଦନା ସେଠୀ)

**ବିପ୍ଲବୀ ଚନ୍ଦନ ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**



ସମାରୋହରେ ମଞ୍ଚାସୀନ ଅତିଥିମାନେ।

୧୮୫୭ ସିପାହୀ ବିଦ୍ରୋହରେ ଯେଉଁ କେତେଜଣ ବୀରପୁରୁଷ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରେ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ନାମ ଉଲ୍ଲେଖନୀୟ। ଇଂରେଜ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇ ସେ ସାରା ଦେଶରେ ଚର୍ଚ୍ଚିତ ହୋଇଥିଲେ। ବ୍ରିଟିଶ ବିରୋଧରେ ରାଣୀ ଲକ୍ଷ୍ମୀବାଈଙ୍କୁ ଉତ୍ସାହିତ କରିବା ସହ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇଥିଲେ। ବାସ୍ତବରେ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ଅବଦମିତ ବୀରପୁଙ୍ଗବ ଥିଲେ ବୋଲି ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମତ ଦେଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖିଖୁଣ୍ଟିଆ ସ୍ମୃତି ସମିତି ଭୁବନେଶ୍ୱର ପକ୍ଷରୁ ଶନିବାର ସୂଚନା ଭବନରେ ଆୟୋଜିତ ମହାନ୍ ବିପ୍ଲବୀ ଚନ୍ଦନ ହଜୁରୀ(ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ଦାଶ କହିଲେ, ଇଂରେଜଙ୍କ ବିରୋଧରେ ସେ ବିଦ୍ରୋହର ମଞ୍ଜି ପୋତିଥିଲେ। ଜୀବନରେ କେବେ ପଛଘୁଞ୍ଚା ନ ଦେଇ ସିପାହୀ ବିଦ୍ରୋହରେ ବୀର ପରି ଲଢ଼ି ସେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ। ଏକନିଷ୍ଠ ସାଧନା, ବଳିଷ୍ଠ ନେତୃତ୍ୱ, ଅନନ୍ୟ ଦେଶପ୍ରେମ, ଅସୀମ ତ୍ୟାଗ, ଅସାଧାରଣ ବ୍ୟକ୍ତିତ୍ୱ ଏବଂ ପ୍ରଚଣ୍ଡ ଧୀଶକ୍ତି ପାଇଁ ଚାଖି ଖୁଣ୍ଟିଆ ପ୍ରତିଟି ଓଡ଼ିଆ ପ୍ରାଣରେ ଚିର ସ୍ମରଣୀୟ ଓ ଚିରନମସ୍ୟ ହୋଇ ରହିବେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି କହିଲେ, ଚାଖି ଖୁଣ୍ଟିଆ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ। ଜନ୍ମଭୂମିର ମାନ ରଖିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଉତ୍ତରପିଢ଼ୀଙ୍କ ନିମନ୍ତେ ତାଙ୍କ ଜୀବନ ଗାଥା ପ୍ରେରଣାପ୍ରଦ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ କସ୍ତୁରୀ ମହାପାତ୍ର କହିଲେ, ବ୍ରିଟିଶମାନଙ୍କ ବିରୋଧରେ ସେ ବୀରତ୍ୱର ସହ ଲଢ଼ିଥିଲେ। ଅସ୍ତମିତ ପାଇକ ବିଦ୍ରୋହର ପାଉଁଶ ନେଇ ସେ ସିପାହୀ ବିଦ୍ରୋହର ଅନ୍ୟତମ ସେନାପତି ହୋଇପାରି ଥିଲେ। ଏଥିସହ ଜଗନ୍ନାଥ ଭାବନାକୁ ସେ ଜାତୀୟ ମହସ୍ରୋତରେ ସାମିଲ କରିପାରିଥିଲେ। ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଚାଖି ଖୁଣ୍ଟିଆଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଉପସ୍ଥିତ ଥିଲେ। ଚାଖି ଖୁଣ୍ଟିଆ ସ୍ମୃତି ସମିତି ଭୁବନେଶ୍ୱରର ସମ୍ପାଦକ ପ୍ରଭାତ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ। ପରେ ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ଭକ୍ତି ସଙ୍ଗୀତ ଓ ଦେବଦାସୀ ନୃତ୍ୟ ପରିବେଷିତ ହୋଇଥିଲା।

# ୭୯ ଗୋରୁ ଉଦ୍ଧାର, ୨ କଣ୍ଟେନର ଜବତ

ବେଗୁନିଆ,୨୦।୧(ହର ପ୍ରସନ୍ନ ପଣ୍ଡା)

**ଚଢ଼ାଉ ପୂର୍ବରୁ ବ୍ୟବସାୟୀ, ଡ୍ରାଇଭର ଚମ୍ପଟ**



ବେଗୁନିଆ ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ପୃଥକ୍ ସ୍ଥାନରେ ଚଢ଼ାଉ କରି ୭୯ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ୨ଟି କଣ୍ଟେନର ଜବତ କରିଛି। ତେବେ ଘଟଣାସ୍ଥଳରୁ ଗୋଚାଲାଣକାରୀ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଦୁଇଟି ମାମଲା (ନଂ.୩୩, ୩୪/୨୪) ରୁଜୁ ହୋଇଛି। ଉଦ୍ଧାର ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ବୋଲଗଡ଼ସ୍ଥିତ ଏକ ଗୋଶାଳାରେ ଜିମା ଦିଆଯାଇଛି। ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ସାଢେ ୧ଟାରେ ଏହି ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମରେ ଗୋଚାଲାଣ ହେଉଥିବା ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ସୂଚନା ମିଳିଥିଲା। ଏହା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହିତ ଅନ୍ୟ କର୍ମଚାରୀ ମିଳିତ ଭାବେ ଉକ୍ତ ଗ୍ରାମରେ ଚଢ଼ାଉ କରି ବୋଝେଇ ହୋଇଥିବା ଏକ କଣ୍ଟେନରରୁ ୪୯ ଗୋରୁଙ୍କୁ ଉଦ୍ଧାର କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନରେ ଏହି ଟିମ୍ ଚଢ଼ାଉ କରି ୩୦ ଗୋରୁଙ୍କୁ ଉଦ୍ଧାର କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ବ୍ୟବସାୟୀ ଏବଂ ଚାଳକମାନେ ଚମ୍ପଟ ମାରିଥିଲେ। ପୋଲିସ ଦୁଇଟି କଣ୍ଟେନରକୁ ଜବତ କରି ଥାନାକୁ ଆଣିବା ସହ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛଡ଼ାଯାଇଛି। ତେବେ ଚଢ଼ାଉ ପୂର୍ବରୁ ବ୍ୟବସାୟୀ ଓ ଗାଡ଼ି ଚାଳକ କିପରି ଚମ୍ପଟ ମାରିଲେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଗତ ୬ମାସ ମଧ୍ୟରେ ବେଗୁନିଆ ଓ ବାଘମାରୀ ଥାନା ପକ୍ଷରୁ ୬ଟି ଗାଡି ଜବତ କରାଯିବା ସହ ୧୪୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଉଭୟ ଥାନାରେ ମାମଲା ରୁଜୁ ହୋଇଛି। ହେଲେ ତଦନ୍ତ ଆଳରେ ପୋଲିସର ହାତ ଖାଲି ପଡିଛି। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ତଦନ୍ତ ଚାଲିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

# ନିରାକାରପୁର ଷ୍ଟେଶନରେ ଉନ୍ନତିମୂଳକ କାର୍ଯ୍ୟ ନିମ୍ନମାନର

ନିରାକାରପୁର,୨୦।୧(ମାନସ ଚନ୍ଦ୍ର ପଟ୍ଟନାୟକ)

**କାର୍ଯ୍ୟ ବନ୍ଦ କଲା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି**



ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଧ୍ୟାନ କରାଯାଉଛି।

ନିରାକାରପୁର ରେଲୱେ ଷ୍ଟେଶନ ପରିସରରେ ଉନ୍ନତୀକରଣ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ଖବରପାଇ ଶନିବାର ସ୍ଥାନୀୟ ଅଞ୍ଚଳର ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଅନୁଧ୍ୟାନ କରିବା ସହିତ କାମ ବନ୍ଦ କରିଛି। ସୂଚନା ମୁତାବକ, ଉକ୍ତ ଷ୍ଟେଶନର ପ୍ଲାଟଫର୍ମରେ ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ତେବେ ଶନିବାର କୌଣସି ଅଧିକାରୀ କିମ୍ବା ଠିକାଦାର କାର୍ଯ୍ୟ ସମୟରେ ଉପସ୍ଥିତ ନ ଥିଲେ। ନିମ୍ନମାନର କାର୍ଯ୍ୟ ହେଉଥିବା ଖବରପାଇ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ପହଞ୍ଚି ଚିପ୍ସ, ବାଲି, ସିମେଣ୍ଟର ଭାଗମାପ ପଚାରି ବୁଝିଥିଲେ। କାର୍ଯ୍ୟରତ ଶ୍ରମିକମାନେ ଠିକ୍‌ରେ ନ କହିବାରୁ କାର୍ଯ୍ୟ ବନ୍ଦ କରିଥିଲେ। ଏପରିକି ଯାତ୍ରୀମାନଙ୍କ ପାଇଁ ତିଆରି ହୋଇଥିବା ପିଇବା ପାଣି ଷ୍ଟାଣ୍ଡପୋଷ୍ଟକୁ ବନ୍ଦକରି ପାଇପ ଲଗାଇ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଫଳରେ ଯାତ୍ରୀମାନେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଏନେଇ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ସଭାପତି ଶ୍ୟାମସୁନ୍ଦର ପଟ୍ଟନାୟକ କହିଛନ୍ତି, ଷ୍ଟେଶନରେ ବିନା ଟିକେଟଧାରୀଙ୍କୁ ସଚେତନ କରାଇ ଫେରୁଥିବା ବେଳେ ପ୍ଲାଟଫର୍ମରେ ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖି ଠିକାଦାର ଓ ଯନ୍ତ୍ରୀଙ୍କୁ ଅବଗତ କରାଇଛୁ। ସେହିପରି ସମ୍ପାଦକ ବିଜୟ କୁମାର ଜୟସିଂହ କହିଛନ୍ତି, ନିମ୍ନମାନର ହେଉଥିବା ଦେଖିବା ପରେ କାର୍ଯ୍ୟ ବନ୍ଦ କରାଯାଇଛି। ରବିବାର ଯନ୍ତ୍ରୀ ଓ ଠାକାଦାର ଘଟଣାସ୍ଥଳକୁ ଆସିଲେ କାର୍ଯ୍ୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା

ବୋଲଗଡ଼,୨୦।୧(ଦେବବ୍ରତ ହୋତା)

ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା ଶନିବାର ବୋଲଗଡର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ସଂକୀର୍ତ୍ତନ କଳାକାରଙ୍କ ସାମାଜିକ, ଆର୍ଥିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ସୁରକ୍ଷା ପାଇଁ ଏହି ଯାତ୍ରା ଆରମ୍ଭ ହୋଇଛି। ବୋଲଗଡ଼ର ବଡ଼ନୂଆପାଲି, ସାନ ନୂଆପଲ୍ଲୀ, ଛାମୁଣ୍ଡିଆପଲ୍ଲୀ, ଗୌଡ଼ ନୂଆଗାଁ, ଅସରଳା, ବାଙ୍କୋଇ, ଖାଉରୁଣୀ, ବଡ଼କୁମାରୀ, ସାନକୁମାରୀ, ହାଟବସ୍ତ, ମାଣିକପୁର ଆଦି ଗ୍ରାମ ପରିକ୍ରମା କରିଥିଲା। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ବୌଦ୍ଧ ଜିଲ୍ଲା ଓ ସୁନ୍ଦରଗଡ଼ରେ ସ୍ୱାଭିମାନ ଯାତ୍ରା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସଂକୀର୍ତ୍ତନ କଳାକାରଙ୍କ ଉପସ୍ଥିତିରେ ସଙ୍ଗଠନର ସଭାପତି ବାସୁଦେବ ଭଞ୍ଜଙ୍କ ସଭାପତିତ୍ୱରେ ଏହି ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା ଗତ ଗୁରୁବାର ଗୋଡ଼ା ଲୋକନାଥ ମନ୍ଦିରଠାରୁ ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଓଡ଼ିଶାର ଲକ୍ଷ ଲକ୍ଷ ସଂକୀର୍ତ୍ତନ କଳାକାର ନିଜର ସବୁ ଅଭାବ ଅସୁବିଧା ଭୁଲି ବିଭିନ୍ନ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ପରିବେଷଣ କରିଆସୁଛନ୍ତି । ହେଲେ ବର୍ତ୍ତମାନ ସୁଦ୍ଧା ସରକାର ସେମାନଙ୍କୁ କଳାକାରର ମାନ୍ୟତା ପ୍ରଦାନ କରିନାହାନ୍ତି । ତେଣୁ ସେହି ପରିପ୍ରେକ୍ଷୀରେ ୫ ଦଫା ଦାବି ପୂରଣ ହେଲେ କଳାକାରମାନେ ସ୍ୱାଭିମାନର ସହ କୀର୍ତ୍ତନ କରିବାକୁ ସକ୍ଷମ ହେବେ। ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଶୋୟୀ, ସମ୍ପାଦକ ସୁଦର୍ଶନ ଚମ୍ପତି, କାର୍ଯ୍ୟକାରୀ ସଭାପତି ଲାବଣ୍ୟ ଜୟସିଂ, ବୋଲଗଡ଼ ବ୍ଲକ ସଭାପତି ମାୟାଧର ହୋତା, ରାଜ୍ୟ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଏହି ଯାତ୍ରାରେ ଗ୍ରାମ ପରିଭ୍ରମଣ କରୁଛନ୍ତି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ



ଗମ୍ଭାରୀମୁଣ୍ଡା,୨୦।୧(ଦିଲୀପ ସ୍ୱାଇଁ)

ନାଚୁଣୀ ମହାବିଦ୍ୟାଳୟରେ ଗତ ୧୨ତାରିଖରୁ ଚାଲିଥିବା ‘ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ’ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ବଳିୟାରସିଂହଙ୍କ ଅଧ୍ୟକ୍ଷତା ଏବଂ ସାଂସ୍କୃତିକ ବିଭାଗ ନୋଡାଲ ଅଧିକାରୀ ଅଧ୍ୟାପକ ରାଜ କିଶୋର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ.ସବିତା ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟ ବକ୍ତା କିଟ୍ ବିଶ୍ୱବିଦ୍ୟାଳୟର ଡ.ରବି ନାରାୟଣ ସୁବୁଦ୍ଧି, ଅତିଥି ଭାବେ ପରିଚାଳନା କମିଟି ସଭାପତି ଅରୁଣ ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ପରେ ସମବେତ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ଯୁକ୍ତ ୨ ଓ ଯୁକ୍ତ ୩ ବର୍ଗରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଲୀନା ନନ୍ଦୀଜା ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ସନ୍ତୋଷିନୀ ସାହୁ ଏବଂ ଡ. ସି.ମଞ୍ଜୁଲତା ସହଯୋଗ କରିଥିଲେ। ଡ.ସୁଭଦ୍ରା ଭୋଳ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ କଳା, ସାହିତ୍ୟ, ଇତିହାସ ଓ ସଂସ୍କୃତି ଆଲୋଚନାଚକ୍ର

ଗମ୍ଭାରୀମୁଣ୍ଡା,୨୦।୧(ଦିଲୀପ ସ୍ୱାଇଁ)

ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଶନିବାର ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ କଳା, ସାହିତ୍ୟ, ଇତିହାସ ଓ ସଂସ୍କୃତି ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ. ନୀଳିମା ପ୍ରିୟଦର୍ଶିନୀ ଓଡ଼ିଆ କଳା ସାହିତ୍ୟ ସଂସ୍କୃତି ଓ ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ପାର୍ଥ ସାରଥୀ ସାମନ୍ତରାୟ, ନୋଡାଲ ଅଫିସର ଅଧ୍ୟାପିକା ତୃପ୍ତି ରାଣୀ ସ୍ୱାଇଁ, ଅଧ୍ୟାପକ ଚିତ୍ତ ରଞ୍ଜନ ବେହେରା, ଯଯାତି କେଶରୀ ବଡ଼ଜେନା, ସୁଶିଲ କୁମାର ମିଶ୍ର ଓ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଭାଗ ନେଇ ବକ୍ତବ୍ୟ ପ୍ରଦାନ ଓ ପ୍ରବନ୍ଧ ପାଠ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଫିସର ଡ.ସୁର ପ୍ରତାପ ନରେନ୍ଦ୍ରସିଂହବର୍ମା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିଙ୍କୁ ସ୍ୱାଗତ ଜଣାଇବା ପାଇଁ ରେବତୀ, ମାଗୁଣିର ଶଗଡ଼, ଶିକାର ଗଳ୍ପ ଉପରେ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ପ୍ରଶାନ୍ତ ହୋତା, ପୁଳିନ ବିହାରୀ ଜେନା, ଗୋଲଖ ବେହେରା, ଅଶ୍ୱିନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ‘ଉପେନ୍ଦ୍ର ଭଞ୍ଜ ଥିଲେ ଜାତୀୟ ସ୍ତରୀୟ କବି’

ଖୋର୍ଦ୍ଧା,୨୦।୧ (ପ୍ରଭାତ ପାଣିଗ୍ରାହୀ)




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଶନିବାର ଶ୍ୟାମଦଶମୀରେ କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ ସାହିତ୍ୟ, ଜୀବନାବଳୀ ଓ କାବ୍ୟକୃତି ଉପରେ ଏକ ଆଲୋଚନାଚକ୍ର ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଭଞ୍ଜ ଜଣେ ଉଚ୍ଚକୋଟୀର କବି ଓ ସାହିତ୍ୟିକ। ମହାକବି କାଳିଦାସ, କବି ତୁଳସୀ ଦାସ, କବିର, ସୁର ଦାସଙ୍କ ପରି ଜଣେ ପ୍ରଖ୍ୟାତ ସର୍ବଭାରତୀୟ ସ୍ତରର କବି। ତାଙ୍କ ଉପରେ ଆଲୋଚନା ଓ ଗବେଷଣାର ଆବଶ୍ୟକ ରହିଛି। ଆଧୁନିକ ଗବେଷକ ପ୍ରଫେସର ଡ. ଶରତ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଡ.ପ୍ରମୋଦ ଚନ୍ଦ୍ର ଦାଶ, ଡ.ବୃନ୍ଦାବନ ପଣ୍ଡା, ପ୍ରାବନ୍ଧିକା ସୌଦାମିନୀ ପଟ୍ଟନାୟକ, କବି ଜ୍ଞାନରଞ୍ଜନ ଦାଶ, ଆଇନଜୀବୀ ଶିବ ସୁନ୍ଦର ପଟ୍ଟନାୟକ, ଲକ୍ଷ୍ମୀଧର ସାମନ୍ତରାୟ, ଡ.ସୁରେଶ ଚନ୍ଦ୍ର ଛୋଟରାୟ, ଡ.ଚପଳା ପଣ୍ଡା ପ୍ରମୁଖ ଭଞ୍ଜ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ତାଙ୍କ ରଚିତ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ, ବୈଦେହିଶ ବିଳାସ, ରସ ପଞ୍ଚକ, ରସିକ ହାରାବଳୀ, ଲାବଣ୍ୟନିଧି ଆଦି ପାଠକଙ୍କ ମହଲରେ ସ୍ମୃତି ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଜ୍ୟୋତିପ୍ରଭା ପଟ୍ଟନାୟକ ଓ ଶାନ୍ତିଲତା ଦେବୀଙ୍କ ସଂଯୋଜନାରେ ଏକାଧିକ କବି କବୟିତ୍ରୀ କବିତା ପାଠ କରିଥିଲେ। ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ସଂସଦର ସମ୍ପାଦକ କବି ନାରାୟଣ ଦାସ ଅତିଥି ପରିଚୟ, ଦିବ୍ୟଲୋଚନ ଭାରିମଲ୍ଲ ସ୍ୱାଗତ ଭାଷଣ ଓ ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଗୟା ପ୍ରସାଦ ମିଶ୍ର, କୈଳାସ ପୃଷ୍ଟି ଓ ଜ୍ୟୋତିରଞ୍ଜନ ସାହୁ ପରିଚାଳନା କରିଥିଲେ।

# ସାମନ୍ତରାପୁର-ବରୁଣେଇ ରାସ୍ତା ପାଲଟିଛି ମୁକ୍ତ ବାର୍

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ସାମନ୍ତରାପୁର-ବରୁଣେଇ ସଂଯୋଗ କରୁଥିବା ରାସ୍ତା ମୁକ୍ତ ବାର୍ ପାଲଟିଛି। ଦିନ ଦ୍ୱିପହରରେ ଲୋକେ ରାସ୍ତାପାର୍ଶ୍ୱରେ ମଦ ପିଉଥିବା ଅଭିଯୋଗ ହେଉଛି।ରାସ୍ତାରେ ଆଡ୍ଡା ଜମାଇବାରୁ ଲୋକେ ଭୟରେ ଏହି ରାସ୍ତା ଦେଇ ଯିବା ପାଇଁ ଭୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ଏବଂ ପୋଲିସର ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ସାମନ୍ତରାପୁର-ବରୁଣେଇ ରାସ୍ତାରେ ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ରହିଛି। ଏହି ମଦ ଦୋକାନ ଆଗରେ ସବୁ ସମୟ ଭିଡ ରହୁଛି। ଏଠାରୁ ଲୋକେ ମଦ କିଣିବା ପରେ ଦୋକାନ ଆଗରେ ଏବଂ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇ ମଦ ପିଉଥିବା ଦେଖିବାକୁ ମିଳିଛି। ଅବକାରୀ ଏବଂ ପୋଲିସର ଅବହେଳାରୁ ଏହି ରାସ୍ତା ଏବେ ମୁକ୍ତ ମଦ୍ୟପାନ କେନ୍ଦ୍ର ପାଲଟିଛି। ଏହାର ନିକଟରେ ମୁକ୍ତ ଆଶ୍ରୟସ୍ଥଳୀ ଏବଂ ଏକ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ଏଥିସହିତ ବଧା ପୋଖରୀରେ ବୋଟିଂ ପ୍ରକଳ୍ପ ନିର୍ମାଣ ମଧ୍ୟ ଚାଲିଛି। ଏହି ରାସ୍ତା ବରୁଣେଇ ଏବଂ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏଠାରେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ଜମିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂ କହିଛନ୍ତି, ଅଭିଯୋଗ ପାଇବା ପରେ ରାସ୍ତା ଉପରେ ମଦ ନ ପିଇବା ଲାଗି ତାଗିଦ୍ କରାଯାଇଛି। ରାସ୍ତା ପାର୍ଶ୍ୱରେ ବସି ମଦ୍ୟପାନ କଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଅବକାରୀ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହି ଅଞ୍ଚଳ ମୁକ୍ତ ମଦ୍ୟପାନ କେନ୍ଦ୍ର ପାଲଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ମହୋତ୍ସବ ଆଳରେ ଦଳୀୟ ପ୍ରଚାର ଅଭିଯୋଗ

ଖୋର୍ଦ୍ଧା,୨୦।୧(ପ୍ରଭାତ ପାଣିଗ୍ରାହୀ)

**ଶୌଚାଳୟ ଯିବା ପାଇଁ ୧୦ଟଙ୍କା ଆଦାୟ ଅଭିଯୋଗ**




ମକର ସଂକ୍ରାନ୍ତିଠାରୁ ଅତ୍ରିସ୍ଥିତ ଉଷ୍ଣ ପ୍ରସ୍ରବଣରେ ଚାଲିଥିବା ମହୋତ୍ସବର ଶନିବାର ଥିଲା ଉଦ୍‌ଯାପନୀ ଉତ୍ସବ। ତେବେ ଏହି ମହୋତ୍ସବର ଅବଧି ଆଉ ଦୁଇଦିନ ବଢିଛି। କାହା ଅନୁମତିରେ ମହୋତ୍ସବ ଦୁଇ ଦିନ ବଢ଼ିଛି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ମହୋତ୍ସବରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିବା ଦେଖିବାକୁ ମିଳିଛି। ମହୋତ୍ସବରେ ବେଗୁନିଆ ବ୍ଲକର ଏକାଧିକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଷ୍ଟଲ ପଡିଛି। ତେବେ ସେମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସହଯୋଗ କରାଯାଉ ନ ଥିବା କେତେଜଣ ମହିଳା କହିଛନ୍ତି। ରହିବା, ଖାଇବାରେ ଅବ୍ୟବସ୍ଥା ରହିଥିବା ବେଳେ ଶୌଚାଳୟ ଯିବା ପାଇଁ ୧୦ଟଙ୍କା ନ ଦେଲେ ଛଡ଼ାଯାଉ ନ ଥିବା କେତେଜଣ ମହିଳା କହିଛନ୍ତି। ସ୍ଥାନୀୟ କଳାକାର, ପ୍ରତିଭା, ଲୋକକଳା,ପାରମ୍ପରିକ ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ଏହି ମହୋତ୍ସବ ଏବେ ରାଜନୈତିକ ଦଳ ନେତାଙ୍କ ନିଜସ୍ୱ ପ୍ରଚାର ପେଣ୍ଠସ୍ଥଳୀ ପାଲଟିଛି। ଆଗକୁ ନିର୍ବାଚନ ଥିବାରୁ ମହୋତ୍ସବ ଆଳରେ ପ୍ରଚାର ଉଦ୍ଦେଶ୍ୟରେ ଅତ୍ରି ଭିତର, ବାହାର ଓ ପ୍ରବେଶ ପଥରେ ନେତା, କର୍ମୀଙ୍କ ହୋର୍ଡିଂ ଲଗାଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଦୀର୍ଘ ବର୍ଷ ଧରି ଶ୍ରୀହଟକେଶ୍ୱରଙ୍କ ପୀଠରେ ମକର ମେଳା ଆୟୋଜିତ ହୋଇଆସୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଏକ କିମି ବ୍ୟାପୀ ବିଭିନ୍ନ ଷ୍ଟଲ ପଡିଥାଏ। ଏବେ କିଛି ବର୍ଷ ହେବ ସ୍ଥାନୀୟ ପ୍ରଶାସନର ସହଯୋଗରେ ମକର ମହୋତ୍ସବ ଆରମ୍ଭ ହୋଇଛି। ତେବେ ସ୍ଥାନୀୟ କଳା, ପ୍ରତିଭାଙ୍କୁ ସୁଯୋଗ ଦେବା ପରିବର୍ତ୍ତେ ବାହାର କଳାକାରଙ୍କୁ ସୁଯୋଗ ଦିଆଯାଉଥିବା ଅଭିଯୋଗ ହେଉଛି। ମହୋତ୍ସବ ପରିସରରେ ୫୪ଟି ଷ୍ଟଲ ପଡିଛି। ସେଥିମଧ୍ୟରୁ ୨୦ଟି ସରକାରୀ ଷ୍ଟଲ ପଡିଥିବା ବେଳେ ୩୪ଟି ଷ୍ଟଲ ଘରୋଇ ବ୍ୟବସାୟୀଙ୍କୁ ଦିଆଯାଇଛି। ବେସରକାରୀ ଷ୍ଟଲ ପିଛା ୩ରୁ ୫ହଜାର ଟଙ୍କା ଏବଂ ଉଠାଦୋକାନୀ, ଫୁଟପାଥ ବେପାରୀଙ୍କଠାରୁ ମନଇଚ୍ଛା ଟଙ୍କା ଆଦାୟ କରାଯାଉଥିବା ଚର୍ଚ୍ଚା ହେଉଛି। ଏହି ମହୋତ୍ସବ ଆୟୋଜନ ହେଉଥିବା ବେଳେ କେବଳ ଶାସକ ଦଳର ବେଗୁନିଆ ଓ ବୋଲଗଡ ବ୍ଲକର ଜନପ୍ରତିନିଧି, ନେତାଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ବେଗୁନିଆ ବ୍ଲକ ଆପ୍ ପ୍ରତିନିଧି କଳ୍ପତରୁ ପଣ୍ଡା କହିଛନ୍ତି। କେବଳ ସେମାନଙ୍କ ଲୋକ, ସମର୍ଥକଙ୍କ ବ୍ୟତୀତ ସନ୍ଧ୍ୟା ହେଲେ ଏଠି ଅନ୍ୟ କାହାରିକୁ ଦେଖିବାକୁ ମିଳନାହିଁ। ବ୍ୟାପକ ଅବ୍ୟବସ୍ଥା ରହିଥିବାରୁ ବାହାର ପର୍ଯ୍ୟଟକ ମୁହଁ ଫେରାଉଛନ୍ତି। ଏପରିକି ମହୋତ୍ସବ ପାଇଁ ଛପା ଯାଇଥିବା ନିମନ୍ତ୍ରଣ ପତ୍ର କେବଳ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଦଳ କର୍ମୀଙ୍କୁ ଦିଆଯାଇଥିବା ବେଳେ ମହୋତ୍ସବ ପ୍ରବେଶ ପାଇଁ ରହିଥିବା ପାସ୍ ମଧ୍ୟ ଦଳୀୟ କର୍ମୀଙ୍କ ହାତରେ ରହିଥିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ତେବେ ଜିଲ୍ଲା ପ୍ରଶାସନର ଏଦିଗରେ ନୀରବତାକୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଏବଂ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଫୋନ ଉଠାଇ ନ ଥିଲେ।

## ସଂକ୍ଷେପରେ

### ଶିକ୍ଷକଙ୍କ ଘର ଭାଙ୍ଗିବା ଘଟଣାର ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ



ନିମାପଡା, ୨୦।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ): ନିମାପଡ଼ା ଥାନା ଅଧୀନ ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପ ଲେନ୍ ଅଞ୍ଚଳରେ ରହୁଥିବା ଶିକ୍ଷକଙ୍କ ଘର ଜେସିବି ସାହାଯ୍ୟରେ ଭାଙ୍ଗିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ନକୁଳ ଲେଙ୍କା। ଏହି ଘଟଣାରେ ସମ୍ପୃକ୍ତ ନକୁଳଙ୍କ ଭାଇ ଗଗନ ଲେଙ୍କା ଏବଂ ଅନ୍ୟ ଦୁର୍ବୃତ୍ତମାନେ ଫେରାର ଅଛନ୍ତି। ପୋଲିସ ଘର ଭାଙ୍ଗିବାରେ ବ୍ୟବହାର ଜେସିବିକୁ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ପୋଲିସ ନକୁଳଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛି।

ସୂଚନା ମୁତାବକ, ଶିକ୍ଷକ ଅରୁଣ ପରିବାର ବର୍ଗଙ୍କ ସହିତ ଗତ ୧୭ ତାରିଖ ରାତିରେ ଶୋଇଥିଲେ। ମାତ୍ର ପୂର୍ବ ଶତ୍ରୁତାକୁ ନେଇ ନକୁଳ ଓ ତାଙ୍କ ଭାଇ ଗଗନଙ୍କ ସମେତ ୨୦-୨୫ ଜଣ ଦୁର୍ବୃତ୍ତ ହାତରେ ମାରଣାସ୍ତ୍ର ଧରି ସଂଘବଦ୍ଧ ଭାବେ ଅରୁଣଙ୍କ ୩ ବଖରା ଘରକୁ ଜେସିବି ଲଗାଇ ଭାଙ୍ଗିଥିଲେ। ଏଥିସହ ଅରୁଣ ଏବଂ ତାଙ୍କୁ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଭଙ୍ଗାରୁଜାରେ ଅରୁଣଙ୍କ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତିଗ୍ରସ୍ତ ହୋଇଥିବା ତାଙ୍କ ସ୍ତ୍ରୀ ପିଙ୍କି ମହାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି।

### ଜନ ଜାଗରଣ ଯାତ୍ରା ସହ ଭାଜପାରେ ମିଶିଲେ ବିଜେଡି କର୍ମୀ

ପିପିଲି, ୨୦।୧ (ପ୍ରଭାତ ମହାପାତ୍ର): ପିପିଲିରେ ଭାଜପା ପକ୍ଷରୁ ଜନଜାଗରଣ ଅଭିଯାନ ଯାତ୍ରା ସହ ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ୨୨ନଂ. ଜୋନ୍ ପିପିଲି ପୁବା ଶାସନ ପଞ୍ଚାୟତ ଏକତାଳିଆ ଗ୍ରାମରୁ ଜନ ଜାଗରଣ ଅଭିଯାନ ଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ଏକତାଳିଆ ଗ୍ରାମରେ ବିଜେଡିର ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଥିବା ବିଜୟ ନାୟକ, ଜିତେନ୍ଦ୍ର ନାୟକ, ରାଜେନ୍ଦ୍ର ବେହେରା, ଅଜୟ ବେହେରା, ସରୋଜ ବେହେରା ଓ ଗୋପାଳ ବେହେରାଙ୍କ ସହ ୧୦ରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଏମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତି ଶୁଭାଶିଷ ରଥ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ସୁବୋଧ ମହାନ୍ତି, ଦୟାନିଧି ମହାପାତ୍ର, ଅଭୟ ସାମନ୍ତରାୟ, ୱାର୍ଡ ସଭ୍ୟ ଶ୍ୟାମସୁନ୍ଦର ସାହୁ ଓ କାଳନ୍ଦୀ ପ୍ରଧାନ ପ୍ରମୁଖ ଏହି ଜନ ଜାଗରଣ ଅଭିଯାନ ଯାତ୍ରାରେ ସାମିଲ ହୋଇଥିଲେ। ତେବେ ଏହି ଯାତ୍ରାରେ ଆଶ୍ରିତଙ୍କ ସହ ସମସ୍ତ ନେତୃବୃନ୍ଦ ଗାଁ ଗାଁ ବୁଲି ପ୍ରଧାନମନ୍ତ୍ରୀଙ୍କ କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବା ସହ ଆଗାମୀ ଦିନରେ ଡବଲ ଇଞ୍ଜିନର ସରକାର ଆସିଲେ ପିପିଲି ପାଇଁ ପ୍ରଗତି ଆଣିବ ବୋଲି କହିଥିଲେ।

# ଖେଲାରରେ ଫାଣ୍ଡି ପ୍ରତିଷ୍ଠା ଆଶା ମଉଳୁଛି

ନିମାପଡ଼ା, ୨୦।୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକର ଖେଲାର ବଜାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ଆଶା ଧିରେ ଧରେ ମଉଳି ଯିବାକୁ ବସିଛି। ଶାନ୍ତିଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ଖେଲାର ବଜାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି। ୨୦୦୫ ଜୁନ୍ ୨୩ରେ ତତ୍କାଳୀନ ବିଧାୟକ ବାଇଧର ମଲ୍ଲିକ, ପୋଲିସ ଡିଜି ଏବଂ ଆଇଜି ବି. ବି ମିଶ୍ର, ଡିଆଇଜି ସନ୍ତୋଷ ଉପାଧ୍ୟାୟ, ଏସ୍‌ପି ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖଙ୍କ ଉପସ୍ଥିତିରେ ନିମାପଡ଼ାଠାରେ ନୂତନ ଡିପିଓଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ଏହି ଉତ୍ସବରେ ଉପସ୍ଥିତ ପୋଲିସ ବିଭାଗର ପଦସ୍ଥ ଅଧିକାରୀମାନେ ଖୁବ୍‌ଶୀଘ୍ର ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ପ୍ରତିଶ୍ରୁତିକୁ ପ୍ରାୟ ୧୯ ବର୍ଷ ବିତିଯାଇଥିଲେ ମଧ୍ୟ ଫାଣ୍ଡି ପ୍ରତିଷ୍ଠାର ନାଁ ଗନ୍ଧ ନାହିଁ। ପୋଲିସ ଉଚ୍ଚ କର୍ତ୍ତୃପକ୍ଷ, ନିର୍ବାଚିତ ଲୋକପ୍ରତିନିଧି ଏବଂ ରାଜନେତାଙ୍କ ଉଦ୍ୟମ ଓ ଦୃଢ଼ ଇଚ୍ଛାଶକ୍ତିର ଅଭାବ ତଥା ଖାମଖିଆଲି ନୀତି ଯୋଗୁ ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ହୋଇପାରୁ ନ ଥିବା ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ରାକେଶ ବାରିକ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ ପ୍ରମୁଖ ଅଭିଯୋଗ କରିଛନ୍ତି। ପୋଲିସ ପ୍ରଶାସନ, ରାଜନେତାମାନଙ୍କ ପ୍ରତିଶ୍ରୁତି ଏବେ ଖେଲାର ଅଞ୍ଚଳବାସୀଙ୍କ ପାଇଁ ପ୍ରତାରଣା ପାଲଟିଛି ବୋଲି ସମାଜସେବୀ ତପନଜ୍ୟୋତି ବରିହା, ଆଦିତ୍ୟ ନାରାୟଣ ସାହୁ, ବରିଷ୍ଠ ଭାଜପା ନେତା ଦିଲୀପ ନାୟକ, ପ୍ରଦୀପ ନାୟକ, ଯୁବନେତା ସନ୍ତୋଷ ପରିଡ଼ା ପ୍ରମୁଖ କହିଛନ୍ତି।

ଖେଲାର ବଜାର ହେଉଛି ନିମାପଡ଼ା, ବଳଙ୍ଗା ଓ ପିପିଲି ଅଞ୍ଚଳର କେନ୍ଦ୍ରସ୍ଥଳୀ। ଏହା ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର। ଏଠାରେ କଅଁରପୁର କଲେଜ, ଚିନ୍ତାମଣି ବିଦ୍ୟାପୀଠ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ଅନେକ ସରକାରୀ ବେସରକାରୀ ଅନୁଷ୍ଠାନ ରହିଛି। ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ଆୟତନ, ଜନସଂଖ୍ୟା, ପରିସୀମା, ଭୌଗୋଳିକ ପରିବେଶ ଦୃଷ୍ଟିରୁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଖେଲାର ବଜାରରେ ଦୈନିକ ୧୦/୧୫ ହଜାର ଲୋକଙ୍କ ସମାଗମ ହୋଇଥାଏ। ଖେଲାର ବଜାର ଦେଇ ଦୈନିକ ଯାତ୍ରୀବାହୀ ବସ୍, ଟ୍ରକ୍, କାର୍ ସମେତ ଶତାଧିକ ଯାନବାହନ ପୁରୀ, ଭୁବନେଶ୍ୱର, କଟକ, ବାଲିପାଟଣା, ପିପିଲି, କାକଟପୁର, ଅସ୍ତରଙ୍ଗ, ନିମାପଡ଼ା, ବଳଙ୍ଗା ଅଦି ଅଞ୍ଚଳକୁ ଯାତାୟତ କରିଥାଏ। ଏଥିଯୋଗୁ ଟ୍ରାଫିକ ସମସ୍ୟା, ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଚୋରି, ଡକାୟତି, ରାହାଜାନି, ଚୋରି ମାଦକ ଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ଗତ କିଛି ବର୍ଷ ତଳେ ଖେଲାରଠାରେ ନିମାପଡ଼ା ଥାନା ପକ୍ଷରୁ ଏକ ଅସ୍ଥାୟୀ ଏଡ୍ ପୋଷ୍ଟ (ପୋଲିସ ସହାୟତା କେନ୍ଦ୍ର) ଖୋଲାଯାଇଥିଲା। ସେଠାରେ ନିମାପଡ଼ା ଥାନାର କର୍ମଚାରୀ ଡ୍ୟୁଟି କରୁଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ କେତେକାଂଶରେ ଉପକୃତ ହେଉଥିଲେ। ହେଲେ ଏହି ସହାୟତା କେନ୍ଦ୍ରଟି ଗତ କିଛିବର୍ଷ ହେଲା ପରିତ୍ୟକ୍ତ ସ୍ଥାନରେ ଜରାଜୀର୍ଣ୍ଣ ଅବସ୍ଥାରେ ବନ୍ଦ ହୋଇ ପଡ଼ରହିଛି। କିଛିମାସ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିମାପଡ଼ା ବ୍ଲକର ଚାରିଛକ ଫାଣ୍ଡିକୁ ନୂତନ ଥାନାର ମାନ୍ୟତା ପ୍ରଦାନ କରିଥିବା ବେଳେ ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିମାପଡ଼ା ବ୍ଲକର ଶାଇଁସ ଶାସନ, ହରିପୁର, ଗଡ଼ପଦନପୁର, ରେଞ୍ଚ, ଶଗଡ଼ା, ବଡ଼ମାଛପୁର ଓ ବାଲିପାଟଣା ବ୍ଲକର ରାଜସ ଆଦି ପଞ୍ଚାୟତବାସୀଙ୍କ ଧନଜୀବନର ସୁରକ୍ଷା, ଟ୍ରାଫିକ ସମସ୍ୟା, ଚୋରା ମାଦକ ଦ୍ରବ୍ୟ କାରବାରକୁ ପ୍ରତିହତ କରାଯିବା, ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଖେଲାର ଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯିବାକୁ ସରପଞ୍ଚ ମଧୁସ୍ମିତା ସାହୁ, ଦେବାଶିଷ ଆଚାର୍ଯ୍ୟ, ରାକେଶ ବାରିକ ପ୍ରମୁଖ ମୁଖ୍ୟମନ୍ତ୍ରୀ, ଗୃହ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ, ପୋଲିସ ଡିଜି, ଏସ୍‌ପି ପ୍ରମୁଖଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକଙ୍କୁ ପଚାରିବାରେ କହିଛନ୍ତି, ଖେଲାରଠାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ବହୁ ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଫାଣ୍ଡି ପ୍ରତିଷ୍ଠା କରାଗଲେ ନିମାପଡ଼ା ଓ ବାଲିପାଟଣା ବ୍ଲକର ୭ଟି ପଞ୍ଚାୟତବାସୀ ଉପକୃତ ହେବା ସହ ତ୍ୱରିତ ପୋଲିସ ସେବା ପାଇପାରିବେ ବୋଲି ମଲ୍ଲିକ ପ୍ରକାଶ କରିଛନ୍ତି।

**୧୯ ବର୍ଷ ବିତିଲା: ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର**



ପରିତ୍ୟକ୍ତ ସ୍ଥାନରେ ଜରାଜୀର୍ଣ୍ଣ ଅବସ୍ଥାରେ ପୋଲିସ ସହାୟତା କେନ୍ଦ୍ର ।

## ସମନ୍ୱିତ ଶିଶୁ ବିକାଶ ସେବା ପକ୍ଷରୁ କିଶୋରୀ ମେଳା

ଡେଲାଙ୍ଗ, ୨୦।୧ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ସମନ୍ୱିତ ଶିଶୁ ବିକାଶ ସେବା ପକ୍ଷରୁ କିଶୋରୀ ମେଳା ଡେଲାଙ୍ଗ -କୋଠବାଡ଼ ଗ୍ରାମ ପଞ୍ଚାୟତରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୀପକ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଜାପାନୀ କୁମାରୀ ମିତ୍ର, ସ୍ୱାସ୍ଥ୍ୟକର୍ମୀ ସ୍ନେହାଞ୍ଜଳୀ ପଣ୍ଡା, ଶିଶୁ ବିକାଶର ସୁପରଭାଇଜର ସଂଘମିତ୍ରା ବେହେରା, ଅଞ୍ଜନା ପାଲ, ଏଏନ୍‌ଏମ୍ ରେଖା ସ୍ୱାଇଁଙ୍କ ସମେତ ସଖାବନ୍ଧୁ, ସଖୀ ସହେଲି ଓ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ୧୦ରୁ ୧୯ ବର୍ଷ ମଧ୍ୟରେ କିଶୋର, କିଶୋରୀଙ୍କ ଶାରୀରିକ ମାନସିକ ପରିବର୍ତ୍ତନ ଘଟିଥାଏ। ଏହି ସମୟରେ ପିଲାଙ୍କର ଯତ୍ନ ନେବା ନିହାତି ଆବଶ୍ୟକତା। ଅଭିଭାବକମାନେ ପିଲାଙ୍କ ସହିତ ବନ୍ଧୁତ୍ୱର ସମ୍ପର୍କ ରଖି ଭଲମନ୍ଦ ବାବଦରେ ସଚେତନ କରିବା ଜରୁରୀ ବୋଲି ଶିଶୁ ବିକାଶ ଅଧିକାରିଣୀ ମିତ୍ର ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ୬୦ରୁ ଊର୍ଦ୍ଧ୍ୱ କିଶୋର ଓ କିଶୋରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ୍, ମ୍ୟୁଜିକ୍ ଚେୟାର ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସେହିପରି କିଶୋରୀ ବୈଜୟନ୍ତୀ ପ୍ରଧାନଙ୍କ ଦ୍ୱାରା ଆକର୍ଷଣୀୟ ଝୋଟି ପ୍ରଦର୍ଶିତ କରାଯାଇଥିଲା।




ପୁରୀ: ଥଇଥାନ ଦାବିରେ ଉଠାଦୋକାନୀମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଥଇଥାନ ନ ହେଲେ ପୁଣି ବଡ଼ଦାଣ୍ଡରେ ବସିବେ ଉଠାଦୋକାନୀ

ପୁରୀ, ୨୦।୧ (ଅଜିତ୍ ମହାନ୍ତି)

ପୁରୀ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉପୁଜୁଥିବା ଦର୍ଶାଇ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ବ୍ୟବସାୟ କରୁଥିବା ଉଠାଦୋକାନୀମାନଙ୍କୁ ବିସ୍ଥାପିତ କରାଯାଇଛି। ତେବେ ବିସ୍ଥାପନକୁ ପ୍ରାୟ ୧ମାସ ପୂରିବାକୁ ଯାଉଥିବା ବେଳେ ପ୍ରଶାସନ ଏପର୍ଯ୍ୟନ୍ତ ସମ୍ପୃକ୍ତ ଉଠାଦୋକାନୀମାନଙ୍କୁ ଥଇଥାନ କରିନାହିଁ। ତୁରନ୍ତ ଥଇଥାନ ଦାବିରେ ଉଠାଦୋକାନୀମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ପରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଚକ୍ରତୀର୍ଥ ବେଳାଭୂମିଠାରେ ରାଜ୍ୟସ୍ତରୀୟ ଜାତୀୟ ଉଠାଦୋକାନୀ ଦିବସ ପାଳନ କରାଯାଇଥିଲା। ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ମହେଶ୍ୱର ବଳ, ଆଡଭୋକେଟ ପ୍ରିୟଦର୍ଶୀ ପଟ୍ଟନାୟକ, ଭୁବନେଶ୍ୱର ଉଠାଦୋକାନୀ ମହାସଂଘ ଉପଦେଷ୍ଟା ସୁମନ୍ତ ସ୍ୱାଇଁ, ସମ୍ପାଦକ ହେମନ୍ତ ନାୟକ, ଯାଜପୁରର ବିଦ୍ୟାଧର ମହାନ୍ତି, କଟକର ଅମରେନ୍ଦୁ ମହାନ୍ତି, ଆସ୍‌ଭି ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୨୦୧୪ ମସିହା ଉଠାଦୋକାନୀ ସୁରକ୍ଷା ଓ ଥଇଥାନ ଆଇନ କାର୍ଯ୍ୟକାରୀ ଓ ସ୍ୱାଭିମାନର ସହ ବ୍ୟବସାୟ ସୁଯୋଗ ଦେବା ପାଇଁ ଦାବି କରିଥିଲେ। ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ସମ୍ପାଦକ ମାନସ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ସଭାପତି ଅନନ୍ତ ରାଓ ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବିଭିନ୍ନ ମାର୍କେଟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ଉଠାଦୋକାନୀ ଦିବସ ଉତ୍ସବରେ ଯୋଗଦେଇଥିବା ମହିଳା ନେତ୍ରୀମାନେ କେକ୍ କାଟିଥିଲେ। ମାସକ ମଧ୍ୟରେ ଉପଯୁକ୍ତ ସ୍ଥାନରେ ଥଇଥାନ କରା ନ ଗଲେ ଉଠାଦୋକାନୀମାନେ ବଡ଼ଦାଣ୍ଡରେ ପୁଣି ବେପାର ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଭାଜପା ପୁରୀ ଶାଖା ପକ୍ଷରୁ ଉଠାଦୋକାନୀଙ୍କୁ ଥଇଥାନ ଦାବି କରି ବଡ଼ଦାଣ୍ଡସ୍ଥିତ ନାୟକ ପ୍ଲାଜାଠାରେ ଦିଆଯାଇଥିବା ଅହୋରାତ୍ର ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଉଠାଦୋକାନୀମାନଙ୍କୁ ମେଡିକାଲ ଛକଠାରୁ ମାର୍କେଟଛକ ପର୍ଯ୍ୟନ୍ତ ଥଇଥାନ କରିବାକୁ ଭାଜପା ଦାବି କରିଛି।

**ରାଜ୍ୟସ୍ତରୀୟ ଜାତୀୟ ଉଠାଦୋକାନୀ ଦିବସ ପାଳିତ**

## ମହିଳା ସଭାନେତ୍ରୀଙ୍କ ବିଦେଶ ଯାତ୍ରାକାଳୀନ ସମ୍ବର୍ଦ୍ଧନା ସଭା

ଡେଲାଙ୍ଗ, ୨୦।୧ (ରଶ୍ମିରଞ୍ଜନ ପ୍ରଧାନ)

ମହିଳା ମହାସଂଘର ସଭାନେତ୍ରୀ ବିଦୁ୍ୟଲତା ସ୍ୱାଇଁଙ୍କ ବିଦେଶ ଯାତ୍ରା ନେଇ ସମ୍ବର୍ଦ୍ଧନା ସଭା ବ୍ଲକସ୍ଥିତ ମିଶନ ଶକ୍ତି ଗୃହ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାବେଶରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ବିପିଏମ୍ ମମତା ନାୟକ, ବିପିସି ନନ୍ଦିତା ସ୍ୱାଇଁ, ସମ୍ପାଦିକା ପ୍ରତିମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ମହିଳା ସଶକ୍ତୀକରଣ ଦ୍ୱାରା ଗ୍ରାମାଞ୍ଚଳରେ ମହିଳାଙ୍କ ସ୍ୱାବଲମ୍ବୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଦୁବାଇରେ ମହିଳାଙ୍କ ଆର୍ଥିକ ସ୍ଥିତି ଓ ସ୍ୱାବଲମ୍ବିତାର ବିଭିନ୍ନ ଦିଗ ସମ୍ପର୍କରେ ଅନୁଧ୍ୟାନ କରିବାକୁ ସଭାନେତ୍ରୀ ବିଦୁ୍ୟଲତା ଶନିବାର ତାଙ୍କ ଯାତ୍ରା ଆରମ୍ଭ କରିଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ପଞ୍ଚାୟତର ମହିଳାମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ। ବିଦେଶ ଯାତ୍ରାରୁ ଫେରିବା ପରେ ବ୍ଲକର ମହିଳାଙ୍କୁ ନୂତନ ସ୍ୱାବଲମ୍ବିତାର ମାର୍ଗ ଦେଖାଇବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମହିଳା ମହାସଂଘ ସଦସ୍ୟା ସ୍ୱର୍ଣ୍ଣମୟୀ ଜେନା, ଶୁଭଲକ୍ଷ୍ମୀ ସ୍ୱାଇଁ, ଉଷାରାଣୀ ପାଇକରାୟ, ଭାରତୀ ଚମ୍ପତି, ସୁମିତା ଦାସ, ବନିତା ଦାଶ, ମୀନାକ୍ଷୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚନ୍ଦ୍ରଭାଗାରେ ବିଶ୍ୱଶାନ୍ତି ଗ୍ରହଯଜ୍ଞ

କୋଣାର୍କ, ୨୦।୧ (ଜ୍ୟୋତିରାଜ ମହାନ୍ତି): ଚନ୍ଦ୍ରଭାଗା ବେଳାଭୂମି ସୂର୍ଯ୍ୟ ନାରାୟଣ ମନ୍ଦିର ପରିସରରେ ରାଜ୍ୟ ଶାକଦ୍ୱୀପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘ ପକ୍ଷରୁ ୨ଦିନିଆ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶାମ୍ବଦଶମୀରେ ବିଶ୍ୱଶାନ୍ତି ଗ୍ରହଯଜ୍ଞର ପୂଜାର୍ଚ୍ଚନା, ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା, ବିଶ୍ୱଶାନ୍ତି ଗ୍ରହଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ରାଜ୍ୟ ଶାକଦ୍ୱୀପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘର ପଣ୍ଡିତ ଗଦାଧର ଆଚାର୍ଯ୍ୟ, ସନ୍ତୋଷ ମହାପାତ୍ର, ହୃଦାନନ୍ଦ ନାୟକ, ରମାକାନ୍ତ ମହାପାତ୍ର, ସୁଧାଂଶୁ ନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ଶିକ୍ଷକ ହାରାଧନ ଚମ୍ପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ପିପିଲି, ୨୦।୧ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ପୋପରଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହାରାଧନ ଚମ୍ପତି ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଚମ୍ପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ଚମ୍ପତି କହିଥିଲେ, ଛାତ୍ରୀଛାତ୍ର ହେଉଛନ୍ତି ମୋର ସମ୍ପତ୍ତି। ମୁଁ ସରକାରୀ ଭାବେ ଶିକ୍ଷକତାରୁ ଅବସର ନେଇଛି, କିନ୍ତୁ ଶିକ୍ଷା ପ୍ରଦାନ ଦାୟିତ୍ୱ ଓ କର୍ତ୍ତବ୍ୟରୁ କେବେ ଅବସର ନେବି ନାହିଁ। ସେ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସଭାରେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଶଶିଭୂଷଣ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଶିକ୍ଷକ ହାରାଧନ ଚମ୍ପତିଙ୍କ ଗୁଣଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ଓଡ଼ିଶୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଶଶାଙ୍କ ଚୂଡ଼ାମଣି, ପୂର୍ବତନ ବିଦ୍ୟାଳୟ କମିଟି ସଭାପତି ଲିଙ୍ଗରାଜ ପ୍ରଧାନ, ପୂର୍ବତନ ପିପିଲି ବ୍ଲକ ଅଧ୍ୟକ୍ଷ ତଥା ପୂର୍ବତନ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସଦସ୍ୟ ସୁଧୀର କୁମାର ପ୍ରଧାନ, ଶିକ୍ଷାବିତ ଭାଗୀରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଚିତ 'ଅସୀମ ପଥର ଯାତ୍ରୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭା ପୂର୍ବରୁ ପୂର୍ବତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚମ୍ପତିଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ।

## ସତ୍ୟବାଦୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ସାକ୍ଷୀଗୋପାଳ, ୨୦।୧ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସତ୍ୟବାଦୀର ବାର୍ଷିକୋତ୍ସବ ତଥା ଭାଷା, ସାହିତ୍ୟ, ସୃଜନଶୀଳତାର ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗଗନୀ ଦେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ସହ ଶିକ୍ଷାଅଧିକାରୀ କୁମୁଦିନୀ ମିଶ୍ର, ମୁଖ୍ୟବକ୍ତା ଭାବେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ପଣ୍ଡା ଏବଂ ମୋ ସ୍କୁଲ କମିଟି ସଭାପତି ଅମ୍ଲାନ ଅଭିଜିତ୍ ଶତପଥୀ, ସତ୍ୟବାଦୀ କ୍ଲଷ୍ଟର ସଂଯୋଜକ ପାର୍ଥସାରଥି ଦାଶ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଶାଖା ଦେବୀ ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କୁ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନବମ, ଦଶମ ଶ୍ରେଣୀ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତକଳା ପ୍ରୋଜେକ୍ଟ ଏବଂ ନିଜସ୍ୱ ଲିଖିତ ପାଣ୍ଡୁଲିପି 'ମୋ କଥା ମୋ କାହାଣୀ'କୁ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ସୀତା ମହାରଣା, ମୀନତି ମାଝୀ, ସସ୍ମିତା ସେଠୀ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ବିଭୂତିରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ଦାଶ, ସୁମିତାମୟୀ ମହାପାତ୍ର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଦ୍ୱାରା ଉପଢୌକନ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଚିରସ୍ମିତା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସତ୍ୟବାଦୀର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

## ପିଲାଙ୍କୁ ଶିକ୍ଷା ଦେବାରେ ମା' ବାପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଆର୍ତ୍ତତ୍ରାଣ ବିଦ୍ୟାପୀଠର ରଜତ ଜୟନ୍ତୀ**

ଅସ୍ତରଙ୍ଗ, ୨୦।୧ (ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଆର୍ତ୍ତତ୍ରାଣ ବିଦ୍ୟାପୀଠର ରଜତ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବଣିକ ପ୍ରତିଷ୍ଠାତା ସୁବ୍ରତ ଛାଟୋଇ, ୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବନିତା ବେହେରା, ଆଳସାହି ସରପଞ୍ଚ ଶ୍ରୀୟା ବରାଳ, ସମିତି ସଭ୍ୟା ଟିକିନା ଜେନା ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନଙ୍କୁ ଶିକ୍ଷା ଦେବାରେ ମା'ବାପାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ବିଦ୍ୟାପୀଠର ସୁନାମକୁ ରାଜ୍ୟ ଏବଂ ରାଜ୍ୟ ବାହାରେ ବଢାଇବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଆହୁରି ଅଧିକ ଅଧ୍ୟବସାୟ କରିବାକୁ ପଡ଼ିବ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଅତିଥିମାନେ 'ନବକଳିକା' ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ଅସ୍ତରଙ୍ଗ ଗାନ୍ଧୀ ଉପାଧିରେ ସୁରେନ୍ଦ୍ର ନାଥ ନାୟକଙ୍କୁ ପୁଅ ସ୍ୱାଧୀନ ନାୟକଙ୍କ ଜରିଆରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ପଞ୍ଚାନନ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରାଜା ମଧୁସୂଦନ ଦାସ ମହାବିଦ୍ୟାଳୟ ପ୍ରାଧ୍ୟାପକ ପ୍ରମୋଦ କିଶୋର ବିଶ୍ୱାଳ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁକଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ରଜତ୍ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ରାମମନ୍ଦିରକୁ ନେଇ ବିଭ୍ରାନ୍ତ କରନାହିଁ

## ଗଣମାଧ୍ୟମ, ସୋସିଆଲ ମିଡିଆକୁ ସତର୍କ କରାଇଲା କେନ୍ଦ୍ର

ନୂଆଦିଲ୍ଲୀ,୨୦।୧(ପି.ଟି.)

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ କେତେକ ବିଭ୍ରାନ୍ତିକର ଖବର ପ୍ରସାରିତ ହେଉଥିବା ଜଣାପଡ଼ିଛି। ଏଭଳି ଖବର ପ୍ରସାରଣରୁ ଦୂରେଇ ରହିବାକୁ କେନ୍ଦ୍ର ସରକାର ଶନିବାର ଗଣମାଧ୍ୟମ ପ୍ରତିଷ୍ଠାନ ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ସତର୍କ କରାଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏନେଇ ଏକ ଆଡଭାଇଜରି ଜାରି କରିଛି। ଯାଞ୍ଚ ହୋଇ ନ ଥିବା ତଥା ଉତ୍ତେଜନା ସୃଷ୍ଟିକାରୀ ମିଛ ଖବର କେତେକ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିଛି। ଏହା ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଆଇନ ଶୃଙ୍ଖଳା ସ୍ଥିତି ବିଗାଡ଼ିପାରେ ବୋଲି ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି। ୨୨ ତାରିଖ ପ୍ରାଣପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କଲା ଭଳି ମିଛ ଖବର ପ୍ରକାଶ ଓ ପ୍ରସାରଣରୁ ବିଭିନ୍ନ ଖବରକାଗଜ, ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ ଏବଂ ଡିଜିଟାଲ ମିଡିଆର ପ୍ରକାଶକମାନେ ଦୂରେଇ ରହିବା ଲାଗି ଆଡଭାଇଜରିରେ କୁହାଯାଇଛି। ଏଭଳି ମିଥ୍ୟା ଖବର ଯେପରି ପ୍ରଦର୍ଶିତ ନ ହେବ, ସେ ଦିଗରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।


ପ୍ରାଣ ପ୍ରତିଷ୍ଠା ପୂର୍ବରୁ ଅଯୋଧ୍ୟା ରାମମନ୍ଦିର ପରିସରକୁ ସଜାଯାଉଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖରୁ ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ବିଭିନ୍ନ ରୀତିନୀତି ଆରମ୍ଭ ହୋଇଥିବାବେଳେ ଭିଆଇପି ଟିକେଟ, ରାମମନ୍ଦିର ପ୍ରସାଦ ବଣ୍ଟନକୁ ନେଇ ମିଛ ଖବର ସୋସିଆଲ ମିଡିଆରେ ଘୂରି ବୁଲୁଛି। ଇ-କମର୍ସ ସାଇଟ୍ ଆମାଜନରେ ସାଧାରଣ ମିଠାକୁ 'ଶ୍ରୀରାମ ମନ୍ଦିର ଅଯୋଧ୍ୟା ପ୍ରସାଦ' ତାଲିକାରେ ସ୍ଥାନ ଦିଆଯାଇଥିବାରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାକୁ ନୋଟିସ ପଠାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ନିମନ୍ତେ ତତ୍କାଳ ଭିଆଇପି ଟକେଟର ପ୍ରତିଶ୍ରୁତି ଦିଆଯାଇ ଏକ ଜାଲ୍ କ୍ୟୁଆର୍ କୋଡ୍ ସହ ହ୍ୱାଟ୍ସଆପ୍ ବାର୍ତ୍ତା ଶେୟାର କରାଯାଇ ଅର୍ଥ ଆଦାୟ କରାଯାଉଥିଲା। ଏହା ଜାଲ୍ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।

## ଅଗ୍ନିକାଣ୍ଡରେ ୨୧ ମୃତ

**ବେଜିଂ,୨୦।୧:** ଚାଇନାରେ ଦୁଇଟି ଅଗ୍ନିକାଣ୍ଡରେ ସ୍କୁଲ୍ ଛାତ୍ରଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ହାନାନ ପ୍ରଦେଶର ୟାନ୍‌ଶାନ୍‌ପୁ ଗ୍ରାମରେ ଥିବା ଏକ ବିଦ୍ୟାଳୟରେ ନିଆଁ ଲାଗିବାରୁ ୧୩ ଛାତ୍ରୀଛାତ୍ରଙ୍କ ଜୀବନ ଯାଇଛି। ଜଣେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକମାନେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି। ସେହିପରି ଜିଆଙ୍ଗକ୍ସି ପ୍ରଦେଶର ଚାଙ୍ଗଝୋଉ ସହରରେ ଥିବା ଏକ ୱାର୍କଶପ୍‌ରେ ଶନିବାର ସକାଳେ ନିଆଁ ଲାଗି ୮ ଜଣଙ୍କ ମୃତ୍ୟୁ ହୋଇଛି। ୱାର୍କଶପ୍‌ରେ ବିସ୍ଫୋରଣରୁ ଅଗ୍ନିକାଣ୍ଡ ଘଟିଥିଲା।

**ପନ୍ନୁନ୍ ହତ୍ୟା ଉଦ୍ୟମ ମାମଲା**

## ଭାରତୀୟ ଅଭିଯୁକ୍ତଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଇପାରିବ

ନୂଆଦିଲ୍ଲୀ,୨୦।୧

ଆମେରିକା ମାଟିରେ ଖଲିସ୍ତାନୀ ଆତଙ୍କବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ୫୨ ବର୍ଷୀୟ ଭାରତୀୟ ଅଭିଯୁକ୍ତ ନିଖିଲ ଗୁପ୍ତାଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ଚେକ୍ ଗଣରାଜ୍ୟର ଏକ ଅଦାଲତ କହିଛନ୍ତି। ଚେକ୍ ନ୍ୟାୟିକ ମନ୍ତ୍ରଣାଳୟ ଶୁକ୍ରବାର ଉକ୍ତ ରାୟ ଘୋଷଣା କରିଛି। ମାମଲାର ସବୁ ପକ୍ଷଙ୍କୁ ରାୟ ଜଣାଇଦିଆଯିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନ୍ୟାୟ ମନ୍ତ୍ରୀ ପାଭେଲ ବ୍ଲାଜେକ୍‌ଙ୍କ ହାତରେ ରହିବ। ଆମେରିକା ଓ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଶିଖ୍ ବିଚ୍ଛିନ୍ନତାବାଦୀ ନେତା ପନ୍ନୁନଙ୍କୁ ହତ୍ୟା କରିବା ଲାଗି ଭାରତ ସରକାରଙ୍କ ଅଧିକାରୀଙ୍କ ସହ ମିଶି ଗୁପ୍ତା ଯୋଜନା ଚଳାଇଥିଲେ ବୋଲି ଆମେରିକା ସଂଘୀୟ ତଦନ୍ତକାରୀ ସଂସ୍ଥା ଅଭିଯୋଗ ଆଣିଥିଲା। ଗତବର୍ଷ ଜୁନ୍‌ରେ ଗୁପ୍ତାଙ୍କୁ ଚେକ୍ କର୍ତ୍ତୃପକ୍ଷ ପ୍ରାଗ୍‌ରୁ ଗିରଫ କରିଥିଲେ। ଆମେରିକା ଯାହାଙ୍କୁ ଖୋଜୁଛି, ସେହି ବ୍ୟକ୍ତି ସେ ନୁହନ୍ତି ବୋଲି ଗୁପ୍ତା ଶୁଣାଣି ବେଳେ କୋର୍ଟଙ୍କୁ କହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଅଭିଯୁକ୍ତ କରାଯାଇଥିବା ସେ ଦର୍ଶାଇଥିଲେ। ଚେକ୍ ନ୍ୟାୟିକ ମନ୍ତ୍ରୀ ୩ ମାସ ମଧ୍ୟରେ ପ୍ରତ୍ୟର୍ପଣ ସମ୍ପର୍କିତ ନିଷ୍ପତ୍ତି ନେବେ। ଏଥିପାଇଁ ଆବଶ୍ୟକ ପଡ଼ିଲେ ସେ ସୁପ୍ରିମକୋର୍ଟଙ୍କ ମତାମତ ନେଇପାରିବେ।

## ପ୍ରାଣପ୍ରତିଷ୍ଠା ପୂର୍ବରୁ ଅଯୋଧ୍ୟା ରାମମୟ

ଅଯୋଧ୍ୟା,୨୦।୧(ପି.ଟି.)

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ଆଉ ମାତ୍ର ଦିନେ ବାକି ଥିବାବେଳେ ସାରା ସହର ଧର୍ମୀୟ ଭାବାବେଗରେ ତଲ୍ଲୀନ ହୋଇଯାଇଛି। ଚାରିଆଡ଼ ରାମମୟ ଦେଖିବାକୁ ମିଳିଛି। ଗୁରୁବାର ରାମପଥରେ ଖୋଲିଥିବା ଏକ ନୂଆ ବ୍ୟାଙ୍କ ଶାଖାର ନାଁ ରାମଜନ୍ମଭୂମି ବ୍ରାଞ୍ଚ୍ ରଖାଯାଇଛି। ସେହିପରି ରାମମନ୍ଦିରକୁ ସଂଯୋଗ କରୁଥିବା ପୁନଃ ବିକଶିତ ମାର୍ଗର ନାଁ ରାମଜନ୍ମଭୂମି ପଥ ରହିଛି। ମନ୍ଦିର ନିକଟରେ ଖୋଲିଥିବା ବ୍ୟାଙ୍କ ଶାଖାକୁ ରଙ୍ଗିନ ଆଲୋକମାଳା ଚାନ୍ଦୁଆରେ ସଜାଯାଇଛି। ସାରା ସହର ପୋଷ୍ଟର ବ୍ୟାନର ଏବଂ ୱାଲ୍‌ପେଣ୍ଟିଂରେ ଛାଇଯାଇଛି। ଅଯୋଧ୍ୟା ଧାମ ରେଲଷ୍ଟେଶନ ନିକଟରେ ଥିବା ଅନ୍ୟ ଏକ ବ୍ୟାଙ୍କରେ ବିଶାଳ ହୋର୍ଡିଂ ଲାଗିଛି, ଯେଉଁଥିରେ 'ଅଯୋଧ୍ୟା ନଗରୀକୁ ଆପଣଙ୍କୁ ସ୍ୱାଗତ' ବୋଲି ଲେଖାଯାଇଛି। ଭିଜିଟିଂ କାର୍ଡ, ପୋଷ୍ଟର, କ୍ୟାଲେଣ୍ଡର ଏପରିକି ସିଗ୍‌ନାଲଗୁଡ଼ିକରେ ମଧ୍ୟ ଭବ୍ୟ ରାମମନ୍ଦିରର ଫଟୋ ରହିଛି। ସହରରେ ପ୍ରତ୍ୟେକ କମ୍ପାନୀ ଲଗାଇଥିବା ପୋଷ୍ଟରରେ ରାମମନ୍ଦିର ଫଟୋ ରହିଛି। ସମଗ୍ର ଅଯୋଧ୍ୟାରେ ଥିବା ସମସ୍ତ ମନ୍ଦିର, ବସ୍, ରାସ୍ତା ଏବଂ ମୋବାଇଲ ଫୋନ୍ କଲର ଟ୍ୟୁନ୍‌ରେ 'ରାମାୟ' ଗୀତ ବାଜୁଛି। ରାମ ଜନ୍ମଭୂମି ପଥ ନିକଟରେ ସରକାରୀ ଉଦ୍ୟୋଗ ବିଏସ୍‌ଏନ୍‌ଏଲ୍ ଲଗାଇଥିବା ଏକ ସ୍ୱାଗତ ପୋଷ୍ଟରରେ 'ପ୍ରଭୁ ଶ୍ରୀରାମଙ୍କ ପବିତ୍ର ନଗରୀ ଅଯୋଧ୍ୟା' ବୋଲି ଲେଖାଯାଇଛି। ସମସ୍ତ ଦୋକାନ ଏବଂ ହୋଟେଲ ଓ ଲଜ୍‌ର ଲବି ସ୍ଥାନରେ ରାମମନ୍ଦିର ପ୍ରତିକୃତି ରଖାଯାଇଛି।

## ୪୦%କୁ କମିବ ଶ୍ରମ ଉତ୍ପାଦକତା



**ଜଳବାୟୁ ପରିବର୍ତ୍ତନର ପ୍ରଭାବ**

ନୂଆଦିଲ୍ଲୀ, ୨୦।୧ (ପିଟି)

ଜଳବାୟୁ ପରିବର୍ତ୍ତନ ଯୋଗୁ ଚଳିତ ଶତାବ୍ଦୀର ଶେଷ ବେଳକୁ ଭାରତ ଓ ପାକିସ୍ତାନ ପରି ଦେଶରେ ଶ୍ରମ ଉତ୍ପାଦକତା ୪୦ ପ୍ରତିଶତକୁ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଫଳରେ ବିଶ୍ୱ ଖାଦ୍ୟ ଉତ୍ପାଦନ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ଗ୍ଲୋବାଲ ଚେଞ୍ଜ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ଅନୁଯାୟୀ ଚଳିତ ଶତାବ୍ଦୀର ଶେଷ ବେଳକୁ ଦକ୍ଷିଣ ପୂର୍ବ ଓ ଦକ୍ଷିଣ ଏସିଆ, ପଶ୍ଚିମ ଓ ମଧ୍ୟ ଆଫ୍ରିକାର ବିଭିନ୍ନ ପ୍ରାନ୍ତରେ ଜଳବାୟୁ ପରିବର୍ତ୍ତନ କାରଣରୁ ଶ୍ରମିକମାନଙ୍କର ଶାରୀରିକ କାର୍ଯ୍ୟ କ୍ଷମତା ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବାର ଆକଳନ ହୋଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ କୃଷି ଉତ୍ପାଦନ କମିବା ସହ ଏହା ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜକୁ ଆହୁରି ଜଟିଳ କରିଦେବା ନେଇ ଆକଳନ କରିଛି ଏହି ଅଧ୍ୟୟନ। ଅଧିକ ଉତ୍ତାପ ସହ୍ୟ ନ କରିପାରି କୃଷକଙ୍କ ଚାଷ ଜମିରେ କାମ କରିବାର କ୍ଷମତା ହ୍ରାସ ପାଇଛି। ବ୍ରିଟେନର ଲଫବରୋ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ମଡେଲରେ ଅତ୍ୟଧିକ ଉତ୍ତାପ ଓ ଗୁଳୁଗୁଳି ସହ ବିଭିନ୍ନ ପ୍ରକାର ଜଳବାୟୁରେ କାମ କରୁଥିବା ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ତେବେ ଶୀତଳ ଜଳବାୟୁ କାମ କରିବା ପାଇଁ ଉପଯୁକ୍ତ ହୋଇଥିବାବେଳେ ଗତ କିଛିବର୍ଷ ମଧ୍ୟରେ ଅତ୍ୟଧିକ ଉତ୍ତାପ ଯୋଗୁ ବିଶ୍ୱର ପ୍ରାୟ ଅଧା କୃଷିଜମିରେ ୮୬ ପ୍ରତିଶତରୁ କମ୍ ଶାରୀରିକ କ୍ଷମତା ସହ କୃଷକମାନେ କୃଷିକାର୍ଯ୍ୟ କରୁଥିବା ପ୍ରକାଶ ପାଇଛି।

## ମ୍ୟାନ୍‌ମାର ସୀମାରେ ହେବ ତାରବାଡ଼

**ଭାରତକୁ ଅବାଧ ପ୍ରବେଶ ବନ୍ଦହେବ: ଶାହା**

ନୂଆଦିଲ୍ଲୀ,୨୦।୧

ଭାରତକୁ ମ୍ୟାନ୍‌ମାର ଲୋକଙ୍କ ଅବାଧ ପ୍ରବେଶ ରୋକିବା ଲାଗି ସୀମାରେ ତାରବାଡ଼ କରାଯିବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର ଏହା ଘୋଷଣା କରିଛନ୍ତି। ଜାତିଆଣ ସଂଘର୍ଷରୁ ବର୍ତ୍ତିବା ଲାଗି ବହୁସଂଖ୍ୟାରେ ମ୍ୟାନ୍‌ମାର ସୈନ୍ୟ ଭାରତ ମଧ୍ୟକୁ ପଶିଆସୁଥିବାରୁ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି। ବାଂଲାଦେଶ ସୀମା ଭଳି ମ୍ୟାନ୍‌ମାର ସୀମାକୁ ସୁରକ୍ଷିତ କରାଯିବ ବୋଲି ଆସାମ ପୋଲିସ କମାଣ୍ଡୋମାନଙ୍କ ପାସିଂ ଆଉଟ୍ ପରେଡ୍‌ରେ ଭାଗନେବା ଅବସରରେ ଶାହା କହିଛନ୍ତି।

ଗତ ୩ ମାସ ମଧ୍ୟରେ ମ୍ୟାନ୍‌ମାରର ପାଖାପାଖି ୬୦୦ ସୈନ୍ୟ ଭାରତରେ ପ୍ରବେଶ କରି ମିଜୋରାମର ଲଙ୍ଗଟଲାଇ ଜିଲାରେ ଶରଣ ନେଇଛନ୍ତି। ମ୍ୟାନ୍‌ମାରର ରାଖିନ ରାଜ୍ୟରେ ସକ୍ରିୟ ଥିବା ସଶସ୍ତ୍ର ଆରାକନ୍ ଆର୍ମି ଉଗ୍ରପନ୍ଥୀମାନେ ସେମାନଙ୍କ କ୍ୟାମ୍ପକୁ ଅକ୍ତିଆର କରିନେବାରୁ ସୈନ୍ୟମାନେ ଭାରତ ଭିତରକୁ ଚାଲିଆସିଥିଲେ। ସୀମାରେ ତାରବାଡ଼ ଲାଗିବା ସହ ଦୁଇ ଦେଶ ମଧ୍ୟରେ ରହିଥିବା ଅବାଧ ଯାତାୟାତ ବ୍ୟବସ୍ଥା (ଏଫ୍‌ଏମ୍‌ଆର୍)କୁ ଭାରତ ରଦ୍ଦ କରିବାକୁ ଯାଉଛି। ଫଳରେ ଦୁଇଦେଶର ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକମାନେ ଅନ୍ୟ ଦେଶକୁ ଯିବା ପାଇଁ ଭିଜା ଆବଶ୍ୟକ ପଡ଼ିବ। ଭାରତ ଏବଂ ମ୍ୟାନ୍‌ମାର ସୀମାନ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ତମ ଜାତିଗତ ସମ୍ପର୍କ ରହିଥିବାରୁ ୭୦ ଦଶକରେ ଏଫ୍‌ଏମ୍‌ଆର୍ କାର୍ଯ୍ୟକାରୀ କରାଯାଇଥିଲା। ଫଳରେ ସୀମାନ୍ତ ଲୋକମାନେ ବିନା ଭିଜାରେ ଅନ୍ୟ ଦେଶର ୧୬ କିଲୋମିଟର ପର୍ଯ୍ୟନ୍ତ ଭିତରକୁ ଯାଇପାରୁଥିଲେ। ଭାରତରେ ଆଶ୍ରୟ ନେଇଥିବା ମ୍ୟାନ୍‌ମାର ସୈନ୍ୟଙ୍କୁ ତୁରନ୍ତ ଫେରାଇଦେବା ଲାଗି ମିଜୋରାମ ସରକାର କେନ୍ଦ୍ରକୁ ନିବେଦନ କରିଛନ୍ତି।




## ସିରିଆରେ ଇସ୍ରାଏଲର ମିଶାଇଲ ମାଡ଼: ୫ ନିହତ

ବେରୁଟ, ୨୦।୧

ସିରିଆ ଉପରେ ପୁଣି ଆକ୍ରମଣ କରିଛି ଇସ୍ରାଏଲ। ଡାମାସ୍କସ୍‌ରେ ଇସ୍ରାଏଲର ମିଶାଇଲ ମାଡ଼ରେ ୫ ଜଣ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ଡାମାସ୍କସ୍‌ର ଏକ ୪ ମହଲା କୋଠାରେ ଇରାନ ସହ ଜଡ଼ିତ ନେତାମାନେ ବୈଠକ କରୁଥିଲେ। ଏହି ସମୟରେ ଇସ୍ରାଏଲ ମିଶାଇଲ ମାଡ କରିବାରୁ କୋଠା ଧ୍ୱଂସ ହୋଇଯାଇଥିବା ସହ ୫ ଜଣ ନିହତ ହୋଇଥିବା ନେଇ ସୂଚନା ଦେଇଛନ୍ତି ସିରିଆର ମାନବାଧିକାର ପର୍ଯ୍ୟବେକ୍ଷକ। ଇସ୍ରାଏଲ ଓ ହମାସ୍ ମଧ୍ୟରେ ହୋଇଥିବା ଯୁଦ୍ଧକୁ ନେଇ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ, ସିରିଆ ଉପରେ ପୁଣି ଇସ୍ରାଏଲ ମିଶାଇଲ ମାଡ଼ କରିଛି।

## ୨୨ରେ ଅଧାଦିନ ବନ୍ଦ ରହିବ ଦିଲ୍ଲୀ ଏମ୍ସ

ନୂଆଦିଲ୍ଲୀ,୨୦।୧

ଆସନ୍ତା ୨୨ ତାରିଖ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ଦିଲ୍ଲୀର ଏମ୍ସ, ସଫଦରଜଙ୍ଗ ହସ୍ପିଟାଲ ସମେତ ୪ଟି କେନ୍ଦ୍ରୀୟ ହସ୍ପିଟାଲ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ସେବା ଜାରି ରହିବ ବୋଲି ଏମ୍ସ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସନ୍ଧ୍ୟାରେ ଓପିଡି ଚାଲିବ। ସଫଦରଜଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ଅନୁରୂପ ବିଜ୍ଞପ୍ତି ଜାରି କରିଛନ୍ତି। ସେଦିନ ଓପିଡି ପଞ୍ଜୀକରଣ ସମୟ ସକାଳ ୮ଟାରୁ ୧୦ଟା ରଖାଯାଇଛି। ଲାବରେଟୋରି ଏବଂ ରେଡିଓଲୋଜିକାଲ ସେବା ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଏବଂ ଫାର୍ମାସି ସେବା ମଧ୍ୟାହ୍ନ ପର୍ଯ୍ୟନ୍ତ ଉପଲବ୍ଧ ହେବ।

## ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଇଡି ଜେରା

## ୧୪୪ ଧାରା ଜାରି

ରାଞ୍ଚି,୨୦।୧

ଜମି ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଜେରା କରିଛି। ଇଡି ଅଧିକାରୀମାନେ ପହଞ୍ଚିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଚାରିପଟେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଜିଲା ପ୍ରଶାସନ ପକ୍ଷରୁ ରାତି ୧୧ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି ହୋଇଥିଲା। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ହେମନ୍ତ ପୂର୍ବରୁ ଇଡିର ୭ଟି ସମନକୁ ଏଡ଼ାଇ ଯାଇଥିଲେ। ଅଷ୍ଟମ ଥର ସମନ ପରେ ସେ ତଦନ୍ତ ପାଇଁ ଅନୁମତି ଦେଇଥିଲେ। ଅପରାହ୍ନ ୧ଟା ସମୟରେ ଇଡି ଅଧିକାରୀମାନେ ପହଞ୍ଚି ହେମନ୍ତଙ୍କୁ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜେରା କରିଥିଲେ। ନିକଟରେ ପଶ୍ଚିମବଙ୍ଗରେ ଚଢ଼ାଉ ବେଳେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଥିବାରୁ ଶନିବାର ରାଞ୍ଚିରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପଶୁପକ୍ଷୀ ଚିହ୍ନଟ କରିବ ସ୍ମାର୍ଟ ବାଇନୋକୁଲାର



ନୂଆଦିଲ୍ଲୀ,୨୦।୧

ପ୍ରକୃତିକୁ ଅନୁଧ୍ୟାନ କରିବାରେ ଏକ ପ୍ରଭାବଶାଳୀ ଉପକ୍ରମ ସ୍ୱାରୋଭସ୍କି ଅପ୍‌ଟିକ୍ ଏଏକ୍ସ ଭିସିଓ ସ୍ମାର୍ଟ ବାଇନୋକୁଲାର ଆଣିଛନ୍ତି। ପ୍ରଥମେ ଅଣାଯାଇଥିବା ଏହି ଦୂରବୀକ୍ଷଣ ଯନ୍ତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବସ୍ଥା ରହିଛି, ଯାହା ବନ୍ୟପ୍ରାଣୀ କୈନ୍ଦ୍ରିକ। ଏହି ଅତ୍ୟାଧୁନିକ ପ୍ରଯୁକ୍ତି ବନ୍ୟପ୍ରାଣୀଙ୍କ ଉପରେ ଅଧିକ ଆଗ୍ରହ ରଖୁଥିବା ଲୋକମାନଙ୍କୁ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ସେମାନଙ୍କ ଅଭିଜ୍ଞତା ବଢ଼ାଇବ। ଦୀର୍ଘ ୫ ବର୍ଷର ବିକାଶ ପ୍ରକ୍ରିୟାର ଫଳ ସ୍ୱରୂପ ଏଏକ୍ସ ଭିସିଓ ବାଇନୋକୁଲାର ମିଳିଛି। ଏଥିପାଇଁ ସ୍ୱାରୋଭସ୍କି ଅପ୍‌ଟିକ୍ ଏବଂ ଖ୍ୟାତନାମା ଡିଜାଇନର ମାର୍କ ନିଉସନ ମିଳିତ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଦୂରବୀକ୍ଷଣ ଯନ୍ତ୍ରରେ ୧୦x ୩୩ ଅପ୍‌ଟିକ୍ ସିଷ୍ଟମ ସମେତ ୩୯୦ଟି ହାର୍ଡୱେର ଯନ୍ତ୍ରାଂଶ ରହିଛି। ତେବେ ଉକ୍ତ ଉପକରଣର ବାସ୍ତବ ସ୍ୱାତନ୍ତ୍ର୍ୟ ହେଲା ଇନ୍-ଲେନ୍ସ ସିଷ୍ଟମ, ଯାହା ୯,୦୦୦ରୁ ଉର୍ଦ୍ଧ୍ୱ ପକ୍ଷୀ ପ୍ରଜାତି ଓ ଅନେକ ଅନ୍ୟ ପ୍ରାଣୀଙ୍କୁ ଚିହ୍ନଟ କରିଥାଏ। ବନ୍ୟ ଜୀବଜନ୍ତୁଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ ଲାଗି ଏଏକ୍ସ ଭିସିଓ ସ୍ମାର୍ଟ ବାଇନୋକୁଲାର ସହ କ୍ୟାମେରା ସଂଯୋଗ କରାଯାଇଛି। ଉକ୍ତ ଦୃଶ୍ୟ ଭଣ୍ଡାରକୁ ଏକ ଆପ୍ ଜରିଆରେ ସ୍ମାର୍ଟଫୋନ୍‌ରେ ସହଜରେ ଶେୟାର କରାଯାଇପାରିବ। ସ୍ମାର୍ଟ ବାଇନୋକୁଲାର ୟୁଜରଙ୍କୁ ଅନ୍ୟ ଏଏକ୍ସ ଭିସିଓ ଆଗ୍ରହୀଙ୍କ ସହ ସ୍ଥାନ ଟ୍ୟାଗ୍ ଓ ଶେୟାର କରିବାର ସୁଯୋଗ ଦେବ।

## ପଞ୍ଜୁରିରୁ ଖସି ଭିସ୍‌ଟେକ୍ସ ସିଇଓଙ୍କ ମୃତ୍ୟୁ


ସଞ୍ଜୟ ଶାହା

ହାଇଦ୍ରାବାଦ, ୨୦।୧

ଆମେରିକା ଘରୋଇ କମ୍ପାନୀ 'ଭିସଟେକ୍ସ'ର ରୌପ୍ୟ ଜୟନ୍ତୀ ପାଳନ ବେଳେ ଲୁହା ପଞ୍ଜୁରିରୁ ଓହ୍ଲାଉଥିବା କମ୍ପାନୀ ସିଇଓ ସଞ୍ଜୟ ଶାହାଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରାମୋଜୀ ଫିଲ୍ମ ସିଟିରେ ରୌପ୍ୟ ଜୟନ୍ତୀ ସମାରୋହର କାର୍ଯ୍ୟକ୍ରମକୁ ଅଧିକ ରଙ୍ଗାରଙ୍ଗ କରିବା ପାଇଁ ସିଇଓ ସଞ୍ଜୟ ଓ ସଭାପତି ରାଜୁ ଦାତ୍‌ଲା ଏକ ଲୁହା ପଞ୍ଜୁରି ଦ୍ୱାରା ମଞ୍ଚକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ସମୟରେ ପଞ୍ଜୁରିରେ ଲାଗିଥିବା ଚେନ୍ ଛିଡ଼ିଯିବାରୁ ଏହା ୨୦ ଫୁଟ୍ ଉଚ୍ଚରୁ କଂକ୍ରିଟ୍ ଡାଏସ୍ ଉପରେ ଖସି ପଡ଼ିଥିଲା। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ସଞ୍ଜୟଙ୍କର ମୃତ୍ୟୁ ଘଟିଥିଲା।

## ରଶ୍ମିକାଙ୍କ ଡିପ୍ ଫେକ୍: ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ, ୨୦।୧ (ପିଟି)

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଡିପ୍‌ଫେକ୍ ଭିଡିଓ କରିଥିବା ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି । ଅଭିଯୁକ୍ତଙ୍କୁ ଦକ୍ଷିଣ ଭାରତରୁ ଗିରଫ କରାଯାଇ ଅଧିକ ପଚରାଉଚରା ପାଇଁ ଦିଲ୍ଲୀ ଅଣାଯାଇଥିବା ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ଗତ ନଭେମ୍ବର ୧୦ରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଦ୍ୱାରା ଆଇପିସିର ଧାରା ୪୬୫ ଓ ୪୬୯ ଏବଂ ଆଇଟି ଆକ୍ଟର ସେକ୍ସନ ୬୬ସି ଓ ୬୬ଇ ଅଧୀନରେ ଏତଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପ୍ରକାଶଯେ, ଗତ ନଭେମ୍ବରରେ ରଶ୍ମିକା ସ୍ୱଳ୍ପ ବସ୍ତ୍ର ପରିଧାନ କରି ଲିଫ୍ଟକୁ ଚଢୁଥିବାବେଳର ଭିଡିଓ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବଳରେ ରଶ୍ମିକାଙ୍କ ସ୍ଥାନରେ ବ୍ରିଟିଶ ଇନ୍‌ଫ୍ଲୁଏନ୍ସର ଜାରା ପଟେଲଙ୍କ ମୁହଁ ରହିଥିଲା।



## ସାଉଦିରେ ୪,୦୦୦ ବର୍ଷ ପୁରୁଣା ପ୍ରାଚୀର

ରିୟାଧ,୨୦।୧

ସାଉଦି ଆରବର ଉତ୍ତର-ପୂର୍ବାଞ୍ଚଳରେ ଥିବା ମରୁଦ୍ୟାନ ଚାରିପଟେ ୧୪.୫ କିଲୋମିଟର ଦୀର୍ଘ ସୁରକ୍ଷା ପାଚେରି ଠାବ ହୋଇଛି। ଏହା କାଂସ୍ୟ ଯୁଗରେ ନିର୍ମାଣ ହୋଇଥିବା ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଖାଇବର ଓଏସିସ୍ ଚାରିପଟେ ଥିବା ଏହି ପାଚେରି ୪,୦୦୦ ବର୍ଷର ପୁରୁଣା ହେବ। ସୁରକ୍ଷା ଏବଂ ଶକ୍ତି ପ୍ରଦର୍ଶନ ନିମନ୍ତେ ଖ୍ରୀଷ୍ଟପୂର୍ବ ୨୨୫୦ରୁ ୧୯୫୦ ମଧ୍ୟରେ ଉକ୍ତ ପାଚେରି ନିର୍ମାଣ କରାଯାଇଥିଲା ବୋଲି ବିଶ୍ୱାସ କରାଯାଉଛି।

ଉକ୍ତ ପାଚେରି ଦ୍ୱାରା ଆବଦ୍ଧ ହୋଇ ଅନ୍ୟୂନ ଏକ ବସ୍ତି ଓ କୃଷିଜମି ରହିଛି। ଏହାର ବହୁତ ବର୍ଷ ପରେ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୬୨୮ ବେଳକୁ ଉକ୍ତ ସ୍ଥାନ ପ୍ରଫେଟ୍ ମହମ୍ମଦଙ୍କ ସାମରିକ ବିଜୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିଲା ଏବଂ ଇସ୍‌ଲାମୀୟ ଇତିହାସରେ ଏହା ଏକ ପ୍ରମୁଖ ସ୍ଥଳର ମାନ୍ୟତା ପାଇଥିଲା। ଉକ୍ତ ମରୁଦ୍ୟାନର ସବିଶେଷ ସର୍ଭେ କରାଯାଇ ନ ଥିବାରୁ ପାଚେରୀଟି ଆଜି ପର୍ଯ୍ୟନ୍ତ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ଉକ୍ତ ଜମିକୁ ଏକ ପାଚେରୀ ଘେରି ରହିଥିଲା ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ପାଚେରିର ଓସାର ୧.୭ରୁ ୨.୪ ମିଟର। ଉକ୍ତ ମରୁଦ୍ୟାନ ବହୁ ସ୍ମାରକୀୟ ବାସ୍ତୁକଳାରେ ସମୃଦ୍ଧ ବୋଲି ଆର୍କିଓଲୋଜିକାଲ ସାଇନ୍ସ: ରିପୋର୍ଟସ ପତ୍ରିକାରେ ପ୍ରକାଶିତ ନୂଆ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବ୍ରୋଞ୍ଜ ଯୁଗରେ ଉତ୍ତର-ପଶ୍ଚିମ ଆରବରେ ପାଚେରିଘେରା ଓଏସିସ୍ କମ୍ପ୍ଲେକ୍ସ ଦେଖିବାକୁ ମିଳିପାରିବ, ଯାହା ଅତ୍ୟନ୍ତ କୌତୂହଳପ୍ରଦ ବୋଲି ଫ୍ରେଞ୍ଚ ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚର ଡ. ଗୁଇଲାଉମ୍ ଚାର୍ଲକ୍ସ କହିଛନ୍ତି।



# ଟାଙ୍ଗିଆରେ ପିଟି ମହିଳାଙ୍କୁ ହତ୍ୟା

**ଉମରକୋଟ, ୨୦।୧(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ରାଜପୁର ପଞ୍ଚାୟତ ସଦର ଗାଁର ଜଣେ ମହିଳାଙ୍କୁ ଟାଙ୍ଗିଆରେ ପିଟି ହତ୍ୟା କରାଯାଇଥିବା ନେଇ ସିଂସାରି ଫାଣ୍ଡିରେ ଅଭିଯୋଗ ହୋଇଛି। ମୃତକ ହେଲେ ଗାଁର ସୁମନି ଜାନି(୩୫)। କିଛି ବର୍ଷ ତଳେ ତାଙ୍କ ସ୍ୱାମୀ ଜିତୁଙ୍କ ମୃତ୍ୟୁ ହୋଇଯାଇଛି। ଏହି ଘଟଣାରେ ପୋଲିସ ଗାଁର ଧନସିଂ ଜାନି(୪୫)ଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ସୁମନି ଓ ଧନସିଂ ଗୁରୁବାର ସନ୍ଧ୍ୟାରେ ଗ୍ରାମ ପାଖ ପୋଖରୀ ନିକଟରେ ବୁଲୁଥିବା ଗ୍ରାମବାସୀ ଦେଖିଥିଲେ। ଏହାପରେ କିନ୍ତୁ ସୁମନି ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତା ମିଳି ନ ଥିଲା। ଶୁକ୍ରବାର ସନ୍ଧ୍ୟାରେ ସୁମନିଙ୍କ ମୃତଦେହ ପାଖ ଜମିରେ ପଡ଼ିଥିବା କେତେଜଣ ଗାଇ ଚରାଳି ଦେଖି ଗ୍ରାମବାସୀ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଘରକୁ ଆଣିଥିଲେ। ଶନିବାର ସକାଳୁ ସୁମନିଙ୍କ ସମ୍ପର୍କୀୟ ଖେମରାଜ ସିଂସାରୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଧନସିଂ ସୁମନିଙ୍କୁ ଟାଙ୍ଗିଆରେ ପିଟି ହତ୍ୟା କରିଥିବା ଏତଲାରେ ଉଲ୍ଲେଖ ରହିଛି। ପୋଲିସ ୨୪/୨୪ରେ ମାମଲା ରୁଜୁ କରିଛି। ଖବରପାଇ ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ, ଏସ୍‌ଆଇ ଚନ୍ଦନ କୁମାର ସାହୁ, ଏସ୍‌ଆଇ ବିଜୁରାମ ବାଗ, ଏଏସ୍‌ଆଇ ଶଶୀକାନ୍ତ ଘୋଷ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ପୋଲିସ ଏସ୍‌ଆଇ ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।

---


## BHUBANESWAR MUNICIPAL CORPORATION

Notice No.3327/2023-24 Dt.19.01.2024

**REQUEST FOR PROPOSAL FOR SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES AT VARIOUS PROPERTIES OF BHUBANESWAR MUNICIPAL CORPORATION**

No.C-2395:- Bhubaneswar Municipal Corporation (BMC) invites proposals from reputed Agencies for providing Comprehensive Facility Management Services at various properties of Bhubaneswar Municipal Corporation. Interested agencies may participate in this tender and submit their proposal in conformity with the terms and conditions of this Advertisement and the Request For Proposal (RFP). The detailed Request For Proposal (RFP) document can be downloaded from BMC website i.e. bmc.gov.in from **11.00 A.M. of 24.01.2024 to 04.00 P.M. of 16.02.2024.** The last date of receipt of technical and financial bids is **16.02.2024 till 4.00 P.M.** and the same would be opened on **16.02.2024 at 5.00 P.M. The Pre-bid meeting** is scheduled on **02.02.2024 at 03.00 P.M.** in the Conference Hall at BMC Office, Please refer to the RFP documents for further details.

BMC reserves the right to cancel this invitation and / or invite fresh Bid /RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Environment Officer, Bhubaneswar Municipal Corporation**

OIPR-13002/11/0250/2324

## OFFICE OF THE NOTIFIED AREA COUNCIL, BHUBAN

**E-Mail: bhubann.hud@nic.in**

Letter No.47 Date: 18.01.2024

**QUOTATION CALL NOTICE**

No.C-2397:- Sealed quotations are invited from the Authorized Firms / Dealers / Suppliers / Manufacturer for "Supply of Laboratory Chemicals and Glassware for Fecal Sludge Treatment Plant of Bhuban NAC". The rate to be quoted shall be inclusive of the installation, handling and transportation delivery charges (Exclusive of GST) as per list attached in Annexure-1. The quotationers are essentially required to enclose their GST Registratin Certificate, PAN Card, Firm Registration Certificate etc. The quotationer shall be required to produce the original copy of the required document before the undersigned at time of opening of quotation. The sealed quotation should be superscribed on the cover as "Quotations for Supply of Laboratory Chemicals and Glassware for Faecal Sludge Treatment Plant of Bhuban NAC".

The quotation will be received on or before dt.30.01.2024 at 12.00 P.M. on Speed Post / Registered Post / By Hand and the same will be opened on dt.30.01.2024 at 03.00 P.M. in presence of respective quotationers or their authorized representatives.

The authority reserves the right to reject any or all the quotations without assigning any reason thereof.

**Sd./- Executive Officer, Bhuban NAC**

OIPR-13096/11/0005/2324

## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

**ବିଜ୍ଞାପନ**

**No.JJ-56:-** ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡ଼ିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ ପ୍ରାଧିକରଣଙ୍କର website:- http://odishatransport.gov.in ଏବଂ http://opms.odishatransport.gov.inରେ ଉପଲବ୍ଧ । ନୂତନ ଦରଖାସ୍ତ ୨୦.୦୧.୨୦୨୪ ପର୍ଯ୍ୟନ୍ତ onlineରେ ଗ୍ରହଣ କରାଯିବ । ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତ୍ତି ଥାଏ ତାହେଲେ Odisha Permit Management System ଏବଂ ori_stalaw@yahoo.co.inରେ ବସ୍ ମାଲିକମାନେ ୨୨.୦୧.୨୦୨୪ ସୁଦ୍ଧା ଆପତ୍ତି ଦାଖଲ କରିପାରିବେ । ଏହାଛଡ଼ା ଶୁଣାଣି ଦିନ ମଧ୍ୟ ଆପତ୍ତି ଦାଖଲ କରିପାରିବେ । ଧାର୍ଯ୍ୟ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ ଦରଖାସ୍ତଗୁଡ଼ିକର ଶୁଣାଣି ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୬ଷ୍ଠ ମହଲା, ରାଜସ୍ୱପର୍ଷଦ ଭବନ, କଟକଠାରେ Video Conferencing ମାଧ୍ୟମରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ରୁ ୧୦୦ | ୨୯.୦୧.୨୦୨୪ | ୧୧.୩୦ ଘଟିକା |
| ୧୦୧ରୁ till end | ୩୦.୦୧.୨୦୨୪ | ୧୧.୩୦ ଘଟିକା |

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତ୍ତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟରେ Video Conferencing Link (http://odishatransport.gov.in)ରେ ଉପଲବ୍ଧ) ମାଧ୍ୟମରେ ନିଜ ଘରେ ଉପସ୍ଥିତ ରହି ନିଜର ପକ୍ଷ ମୌଖିକ ଭାବେ ରଖିପାରିବେ ।

ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ

OIPR-38003/11/0041/2324

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

No.B-1647

Email- eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B) 49/2023-24**
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Road Works (1 No.) |
| 3. | No. of work | : | 01 No. |
| 4. | Bid Cost | : | ₹ 10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 AM of 24.01.2024 to 5.00 PM of 08.02.2024 |
| 7. | Date of Opening of Bid | : | Dt.09.02.2024 at 11.00 A.M. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Dhenkanal (R&B) Division, Dhenkanal**

OIPR-34016/11/0038/2324

## ODISHA PUBLIC SERVICE COMMISSION

No. D-209:

No. 376/PSC Dt.19.01.24
(1E-36-2023/24) DR-II

**3rd Corrigendum to Advertisement No. 19 of 2023-24 for recruitment to the Posts of Assistant Executive Engineer (Civil & Mechanical), under the Department of Water Resources, Govt. of Odisha**

1. In pursuance of Govt. of Odisha in Department of Water Resources, Letter No. 1486/WR, Dtd. 16.01.2024, below **Para-4** of both long and short advertisement relating to **Educational Qualification**, the following NOTE is inserted:
   **"NOTE: The equivalent qualification for the post of Assistant Executive Engineer (Civil) and Assistant Executive Engineer (Mechanical) must be on the subject of Civil Engineering and Mechanical Engineering respectively".**
2. NOTE (a) of **Para-5** of Long Advertisement relating to **Method of Selection** stands deleted.
3. Instead, **NOTE(a)** may be read as follows:
   **"The candidates applying for the post of Assistant Executive Engineer (Civil) & Assistant Executive Engineer (Mechanical) must have valid GATE Score on the subject (GATE Paper) of Civil Engineering & Mechanical Engineering respectively, valid GATE Scores on the subjects equivalent to Civil Engineering & Mechanical Engineering are not acceptable".**
   **Candidates are to upload their certificates showing valid GATE Score in CIVIL ENGINEERING/MECHANICAL ENGINEERING, whichever applicable, along with online application.**
4. Clause(v) of Para-9 stating "Certificate showing valid GATE Score" relating to **Certificates/Documents to be Attached** of Long Advertisement stands deleted.
5. Instead, Clause(v) of Para-9 may be read as follows:
   "Certificate showing **valid GATE Score on the subject (GATE Paper) of Civil Engineering/Mechanical Engineering, whichever applicable**".
6. The works "Certificate showing valid GATE Score" in **NOTE-3** of Para-9 of Long Advertisement stands deleted.
7. Instead, it may be read as follows:
   "Certificate showing **valid GATE Score on the subject (GATE Paper) of Civil Engineering/Mechanical Engineering, whichever applicable**".
8. All other terms and conditions of the Advertisement remain unchanged.

OIPR-12002/11/0136/2324 **Sd./- Secretary**

## DISTRICT PROJECT OFFICE SAMAGRA SHIKSHA, KANDHAMAL

No.1571/ 2024 Dated 19.01.2024

**NOTICE INVITING TENDER (NIT)**

No.n-264:- Sealed tenders under two bid systems are invited from the reputed & credible printing firms / agencies having valid PAN, GST & IT Clearance, registration of firm etc. for printing & supply of Holistic Report Card for Class -I to VIII Students under SS Scheme. The tender papers (Bid documents) containing detailed specification with term and conditions, application of technical bid & application of financial bid etc. is available inthe website www.kandhamal.nic.in, www.osepa.odisha.gov.in. Interested and eligible printing firms may download BID DOCUMENT from the above website and apply accordingly. The bidders are required to submit DD amounting Rs.1000/- (Rupees one thousands only) drawn in favour of District Project Coordinator, SS, Kandhamal towards cost of the tender paper along with the application of technical bid. The last date of tender paper is on dtd.05.02.2024 at 5 P.M. and will be opened on dtd.06.02.2024 at 11 A.M. in presence of tenderers or their authorized representatives. Corrigendum / addendum, if required, wil be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By order of Collector-cum-Chairman
**Sd./- District Project Coordinator, SS, KANDHAMAL**

OIPR-27059/11/0006/2324

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୩ **ବିଜ୍ଞାପନ** ତା:୧୦।୦୧।୨୪

No. CAD-3801: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ସୁନ୍ଦର ଭାଗଚନ୍ଦାନୀ, ପିତା: ୰ଯୁମଟମାଲ ଚନ୍ଦାନୀ, କ୍ୱାର୍ଟର ନଂ. ଏ-୧୮୦ (A-180), ପୋ: କୋଏଲନଗର, ଜିଲ୍ଲା: ସୁନ୍ଦରଗଡ଼ | ଘର ନଂ.- ଏମ୍.ଆଇ.ଜି.-୧-୨୪୪ (MIG-I-244) ଛେଣ୍ଡ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା, ଜି.: ସୁନ୍ଦରଗଡ଼ | ୧. ବୀଣା ଏସ୍.ଭାଗଚନ୍ଦାନୀ (ସ୍ତ୍ରୀ) ୨. ନରେଶ ଭାଗଚନ୍ଦାନୀ (ବି. ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0629/2324

## Odisha State Legal Services Authority

"Aain Seva Bhawan", Sector-I , CDA, Cuttack

**Advertisement No.01/2024 Dated.19.01.2024**

**For the post of Chairperson of Permanent Lok Adalat (Public Utility Services)**

No. W-51:- Applications are hereby invited from the retired Judicial Officers (on Superannuation) in the rank of District Judge /Addl. District Judge below the age of 65 years and the Judicial Officers in the rank of District Judge / Addl. District Judge, who have already retired from the service on superannuation by 31.12.2023 for being appointed as the Chairperson of Permanent Lok Adalat (PUS) in the cluster of PLAs (PUS).

Last date for submission of the application is **09.02.2024**.

For further details, please visit our official website **www.oslsa.nic.in**

**Sd./ - Member Secretary,**
**Odisha State Legal Services Authority,**
**Cuttack**

OIPR-18008/11/0017/2324

## OFFICE OF THE SUPERINTENDING ENGINEER MINOR IRRIGATION DIVISION, NABARANGPUR

Letter No. 55 No. A-1277 Dt.16.01.2024

**GOVERNMENT OF ODISHA e-Procurement Notice**
**Bid Identification No. SEMIDNGPUR-06/2023-24**
**E-mail ID: mingpur@yahoo.in, Ph. No.: 06858-222130**

1. Name of Work : Improvement to different MIPs under different Blocks of Nabarangpur District under IDF Scheme 2023-24.
2. Total Number of Work : 03 (Three)
3. Estimated Cost : Rs.24.92 lakhs
4. Class of Contractor : "C" & "B" Class Contractor
5. Tender Paper Cost (Online) : Rs.6,000/-
6. Bid Security (Online) : Rs.25,000/- as per DTCN
7. Period of Completion : 02 (Two) Calenar Months
8. Availability of Bid Document : From 25.01.2024, 10.00 A.M. to 31.01.2024, 5.00 P.M. in website **(www.tendersorissa.gov.in)**
9. Last date & time of receipt of Bid : 31.01.2024 at 5.00 P.M. through online
10. Date of opening of Technical Bid documents : 01.02.2024 at 11.00 A.M. in the Office of the S.E., M.I. Division, Nabarangpur
11. Name and address of the OIT : Superintending Engineer, M.I. Division, Nabarangpur, At/P.O.: Nabarangpur, District: Nabarangpur, PIN CODE - 764059
12. Further details can be seen from the Government of Odisha Website : **www.tendersorissa.gov.in**

**Sd./- Superintending Engineer,**
**M.I. Division, Nabarangpur**

OIPR-32294/11/0015/2324

## WORKS DEPARTMENT

No.B-1649

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

**E-Mail Id- eepwdrkl@gmail.com**

**Government of Orissa 'e' Procurement Notice**
**Bid Identification No.:121 / 2023-24 Dated: 18.01.2024**

| | | | |
|---|---|---|---|
| 1 | Number of works | : | 01 (One) number of work |
| 2 | Estimated cost | : | Rs.19.47 lakhs |
| 3 | Period of completion | : | 1(One) calendar month |
| 4 | Date & time of availability of bid document in the portal | : | Dt.22.01.2024 at 11.00 A.M. |
| 5 | Last date / time for receipt of bids in the portal | : | Dt.05.02.2024 upto 05.00 P.M. |
| 6 | Date of opening of bid | : | Dt.06.02.2024 at 11.00 A.M. |
| 7 | Name and address of the officer inviting bid | : | Superintending Engineer (R&B) Division, Rourkela, Udit Nagar |

Further details can be seen from the e-procurement portal http//tendersorissa.gov.in

**Sd./- Superintending Engineer**
**Rourkela (R&B) Division**

OIPR-34068/11/0034/2324

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

No. B-1646 Email: eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B), 50/2023-24**
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Single Cover System in ONLINE MODE only for construction of Building Works as detailed below. | | |
| 2. | Nature of Work | : | Roads Works (1 No.) |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 A.M. of 25.01.2024 to 5.00 P.M. of 08.02.2024 |
| 7. | Date of Opening of Bid | : | Dt.09.02.2024 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Dhenkanal (R&B) Division, Dhenkanal**

OIPR-34016/11/0039/2324

## OFFICE OF THE REGULATED MARKET COMMITTEE, KAMAKHYANAGAR

No. H-85

At/P.O.: Kamakhyanagar, Dist.: Dhenkanal (Odisha), PIN - 759018
E-mail: rmckama@nic.in

**INVITATIONS FOR BID THROUGH e-PROCUREMENT**
**Bid Identification No. 01/2023-24**
**e-Procurement Notice No. 01 of 2023-24**
**TENDER CALL NOTICE No. 83/RMC, Kamakhyanagar Dated: 19.01.2023**

1. Name of the Work : Construction of Farmers' Information Centre-cum-Farmers' Rest Shed, GCI Cover Shed, Toilet Block with Water Supply arrangement and repair & renovation of Boundary Wall at Jiramalia Market Yard under RMC, Kamakhyanagar.
2. Estimate Cost : Rs.93,36,776.00
3. Period of Completion : 6 Months only
4. Date and time of availability of Bid documents in the portal : From 5 P.M. 20.01.2024 to 5 P.M. 03.02.2024
5. Last date and time of the receipt of the Bid in the portal : 5 P.M. 03.02.2024
6. Date and time of the opening of the Technical Bid : 11 A.M. 05.02.2024
7. Further detail can be seen from the E-Procurement portal **https://tenderodisha.gov.in**.
8. Any addednum/corrigendum/cancellation of tender can be seen on the same website only.

**Sd./- Sub-Collector, Kamakhyanagar-cum-Chairman, RMC, Kamakhyanagar**

OIPR-07040/11/0002/2324

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA

Phone No. 0661-2664637, Fax No. 0661-2664638, e mail: dforourkela.od@gov.in

Order No. 14 Dtd.19.01.2024
No. MM-419

**INVITATION FOR BIDS (IFB)**
**E-Procurement Bid Identification No. RKL-FE&CC-26/2023-24 Dtd.19.01.2024**

1. Name of Work : Construction of RCC Check Dam at Kudabeda of Biramitrapur Forest Range, Rourkela Forest Division
2. No. of Works : 01 No.
3. No. of Covers : Single Cover
4. Estimated Cost : Rs.16,76,577.00
5. Period of Completion : 01 Calendar Month
6. Date & Time of availability of bid documents in portal : From 11.00 A.M. of dated 20.01.2024 to 05.00 P.M. of dated 01.02.2024
7. Last date/time for receipt of bid in the portal : Upto 05.00 P.M. of dated 01.02.2024
8. Date of opening of bid documents : At 11.00 A.M. of dated 02.02.2024
9. Class of Contractor : "C" & "B" Class Contractor
10. Name and address of Officer Inviting Bid : Divisional Forest Officer, Rourkela Forest Division

Further details can be seen from the e-Procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

**Sd./- Divisional Forest Officer**
**Rourkela Forest Division**

OIPR-08044/11/0019/2324

## GOVERNMENT OF ODISHA

No.B-1643

**e-Procurement Notice, ANGUL (R&B) DIVISION**
**Bid Identification No. 35 of 2023-24**
**e-mail ID- angulrbdivision@yahoo.co.in**

| | | | |
|---|---|---|---|
| 1 | Number wor work | : | 03 (Three) number fo building works |
| 2 | Approximate estimated cost | : | Varies from Rs.13.00 Lakh to Rs.99.00 Lakh |
| 3 | Period of completion | : | 02 (Two) to 04 (Four) calendar months |
| 4 | Date & time of availability of bid document in the portal | : | Dt.25.01.2024 at 10.00 A.M. |
| 5 | Last date / time for receipt of bid in the portal | : | Dt.08.02.2024 upto 5.00 P.M. |
| 6 | Date of opening of bid | : | Dt. 09.02.2024 at 11.00 A.M. |
| 7 | Name and address of the office inviting bid | : | Superintending Engineer, Angul (R&B) Division, Angul |
| 8 | The bidders hav to participate in **ONLINE** bidding only | | |

Further details can be seen from the e-procurement portal https:/tendersodisha.gov.in

**Sd./- Superintending Engineer,**
**Angul (R&B) Division**

OIPR-34074/11/0018/2324

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL

**INVITATION FOR BIDS (IFB)**
**Email ID-ee.hwd.samal@gmail.com**
**'e' -Procurement Notice No. SE-HWD-12/2023-24**

No.- A-1272:- The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single/double cover system to be received in ONLINE MODE from eligible contractors registered with the State Government, contractors of equivalent Grade/Class Registered with Central Government/ MES/Railways/CPWD for execution of civil works mentioned as detailed below:

| | | | | |
|---|---|---|---|---|
| 1 | Name of the work | : | Sl. No. 1 | **Repair and maintenance of Samal Barrage carriageway and its adjacent area.** |
| | | | Sl. No. 2 | **Improvement to left bank canal from RD 0.75 Km to 6.00 Km.** |
| | | | Sl. No. 3 | **Renovation of Govt. quarter No.CR-3, D-15/1, D-4/1, D-3/3, D-1/1 and E-5/14 at SBTS.** |
| | | | Sl. No. 4 | **Renovation of Govt. quarter No.CR-3, D-15/1, D-4/1, D-3/3, D-1/1 and E-5/14 at SBTS.** |
| 2 | Estimated Cost | : | **Approximately 6.26 lakh to 54.48 lakh** | |
| 3 | Cost of tender paper | : | **Rs.4000.00 & Rs.10000.00 (Non-refundable)** | |
| 4 | EMD/ Bid Security | : | **Rs. 6300.00 to Rs.54,500.00 (Refundable)** | |
| 5 | Class of contractor | : | **'D' and 'C', 'C' and 'B' and 'B' Class** | |
| 6 | Period of Completion of work | : | **60 days to 150 days** | |
| 7 | Date and time of availability of bid Document in the website | : | For Sl. No. 1 | **From 11.00 A.M of Dt. 22.01.2024 to 5.00 P.M. of Dt.05.02.2024** in the website (www.tendersodisha.gov.in) |
| | | | For Sl. No. 2 to 4 | **From 11.00 A.M of Dt. 22.01.2024 to 5.00 P.M. of Dt.31.01.2024** in the website (www.tendersodisha.gov.in) |
| 8 | Date, time and place of opening of online tender | : | **Dt.06.02.2023 at 11.30 A.M. (Cover I)** for Sl. No.1 and **Dt.01.02.2024 at 11.30 A.M.** for Sl. No.2 to 4 in O/o the Superintending Engineer, Head Works Division, Samal | |
| | Date, time and place of opening of financial cover for Sl. No.1 | : | **Dt.07.02.2024 at 11.30 A.M. (Cover II)** in O/o the Superintending Engineer, Head Works Division, Samal | |
| 9 | Date, time and place for finalization of tender through Transparent Lottery System (if required) | : | **Dt.12.02.2023 at 3.00 PM** onwards for Sl. No.1 and **Dt.05.02.2024 at 3.00 PM** onwards for Sl. No.2 to 4 in O/o the Superintending Engineer, Head Works Division, Samal **(If the Lottery date happens to be holiday or declared holiday, it will be done in the next working day.** | |
| 10 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III | |
| 11 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township, Dist: Angul, Odisha, PIN-759037. Email ID- ee.hwd.samal@gmail.com | |

**The bidders have to participate in ONLINE biding only, further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.**

**Sd./- Superintending Engineer**
**Head Works Division, Samal**

OIPR-32020/11/0011/2324

## OFFICE OF THE EXECUTIVE ENGINEER P.H. DIVISION, ANGUL

No.C-2387

Ph. (06764)296431, Email- eephangul@yahoo.in

**GOVERNMENT OF ODISHA**
**e-Procurement Notice for PH Works**
**Bid Identification No. SE PH Division Angul-23/2023-24 dt.16.01.2024**

| | | | |
|---|---|---|---|
| 1. | Name of the work | : | P.H. Works |
| 2. | Nos. of work | : | 01 (one) no. two bid system |
| 3. | Estimated Cost | : | **₹ 752.01 lakhs** |
| 4. | Period of completion | : | 02 (two) calendar months |
| 5. | Date & time of availability of bid document | : | From 11.00 AM of 22.01.2024 to 5.00 PM of 05.02.2024 |
| 6. | Last date/time of receipt of bids in the portal | : | 5.00 PM of 05.02.2024 |
| 7. | Date & time of opening of bid | : | At 11.00 AM of 06.02.2024 |
| 8. | Name & address of the Officer inviting Bid. | : | **Superintending Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

**(Er. Prasanta Behera)**
**Superintending Engineer**
**P.H. Division, Angul**

OIPR-13056/11/0009/2324

## OFFICE OF THE ADDITIONAL CHIEF ENGINEER ANGUL MINOR IRRIGATION CIRCLE, DHENKANAL

No.18/Dt.18.01.2024

**e-Procurement Notice**
**Bid Identification No. - AMIC / 01 / 2023-24**
**e-mail ID: ace.dkl2023@gmail.com**

No.A-1165:- The Additional Chief Engineer, Angul Minor Irrigation Circle, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | **Civil works in Different Block of Dhenkanal & Angul District for the year 2023-24 under CLSRP Scheme.** |
| No. of Works: | 02 (Two) Only |
| Estimated Cost: | **Varies from 202.18 lakh to 291.37 lakh** (Approximately) |
| Cost of Tender Paper: | 10000/- |
| Period of Completion: | **09 (Nine) Calendar months** |
| Availability of bid documents for sale and receipt through on-line | From dt.25.01.2024, 10.00 A.M, to dt.08.02.2024, up to 5.00 P.M. |
| Last date / time of receipt of bids in the portal | 08.02.2024 (5.00PM) |
| Date of Technical bid opening through online | On dt.09.02.2024 at 11.00 A.M in the Office of the Addl C.E., Angul M.I. Circle, Dhenkanal. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR website **http:/dowrorissa.gov.in** | |
| Name & Address of the OIT: | Additional Chief Engineer, Angul Minor Irrigation Circle, Dhenkanal. At / P.O / District - Dhenkanal. Email ID: ace.dkl2023@gmail.com |
| Further details can be seen from the e-Procurement market place http://tendersorissa.gov.in | |

**Sd./- Additional Chief Engineer,**
**Angul M.I. Circle, Dhenkanal**

OIPR-32522/11/0001/2324

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER ANGUL IRRIGATION CIRCLE, ANGUL, ODISHA

No.A-1264

**Pin- 759143; email: seangulirrigation@gmail.com**
**Government of Odisha "e" PROCUREMENT NOTICE**
**Bid Identification No. ACEAIC-03/2023-24**

No. 190 Dt. 19.01.2024

**CORRIGENDUM NO.-I**

| Sl. No. | Name of work | Date and Time of availability/ receipt of bid document in the portal |
|---|---|---|
| 01 | Construction of C.C Lining in between RD 0.0m. to RD 6650m. of Tentalabahal Distributary under Left Main Canal of GIP for the year 2023-24. | The date and time of availability of Bid Documents in the portal is **30.01.2024 at 10 AM to 15.02.2024 upto 5.30 PM** instead of 22.01.2024 at 10.00 AM to 06.02.2024 up to 5.30 PM. |
| 02 | Construction of C.C Lining in between RD 0.0m. to RD 7814m. of Bijabereini Distributary under Right Main Canal of GIP for the year 2023-24 | |
| 03 | Construction of C.C Lining in between RD 0.0m. to RD6000m. of Reamal Distributary under Right Main Canal of GIP for the year 2023-24. | |

Further details can be seen from the e-Procurement Portal http://tendersodisha.gov.in. Any corrigendum/ addendum/cancellation will be displayed in the **Govt.Website only**.

**Sd./- Additional Chief Engineer, Angul Irrigation Circle, Angul**

OIPR-32081/11/0008/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧ ହଜାର ବର୍ଷର ଲମ୍ବା ଫଟୋ ନେବ କ୍ୟାମେରା

**ୱାଶିଂଟନ**

ଆମେରିକାରେ ଏପରି ଏକ କ୍ୟାମେରା ରହିଛି, ଯାହା ଆଗାମୀ ୧ ହଜାର ବର୍ଷର ଫଟୋ ନେବ। ଏହାକୁ ୩୦୨୩ରେ ଦେଖିହେବ। ମିଲେନିୟମ ନାମକ ଏହି ଖାସ୍ ପ୍ରୋଜେକ୍ଟରେ ଟୁକ୍ସନ ସହରର ଏକ ସ୍ଥାନରେ ଏହି କ୍ୟାମେରା ଲଗାଯାଇଛି, ଯାହା କାମ କରିବା ଆରମ୍ଭ କରିଦେଇଛି। ଆଗାମୀ ୧ ହଜାର ବର୍ଷର ଫଟୋ ନେଇ ସେ ଦେଖାଇବ। ଏରିଜୋନା ୟୁନିଭର୍ସିଟି ଫାଇନ ଆର୍ଟସର ଏକ୍ସପେରିମେଣ୍ଟାଲ ଫିଲୋସୋଫର ୫୨ ବର୍ଷୀୟ ଜୋନାଥନ କିଟ୍ ଏହି କ୍ୟାମେରାକୁ ତିଆରି କରିଛନ୍ତି। ମିଲେନିୟମ କ୍ୟାମେରା ଏକ ଖାସ୍ ପ୍ରକାରର ପ୍ରୟୋଗ ପାଇଁ ପ୍ରସ୍ତୁତ କରାଯାଇଛି। ଏହି କ୍ୟାମେରା ଦୁନିଆର ସବୁଠୁ ଧୀର ଫଟୋ ନେବ, ଯେଉଁଥିପାଇଁ ତାକୁ ୧ ହଜାର ବର୍ଷ ସମୟ ଲାଗିବ। ଏଥିରେ ଟୁସ୍କନ ଏବଂ ଏରିଜୋନାର




ବାସିନ୍ଦାଙ୍କ ଫଟୋ ଦେଖିବାକୁ ମିଳିବ। ଏହା ଏକପ୍ରକାର ଟାଇମ କ୍ୟାପ୍‌ସୁଲ ହେବ। ଏହି ମିଲେନିୟମ କ୍ୟାମେରା ପିନ୍‌ହୋଲ କ୍ୟାମେରା ଭଳି। ଏଭଳି କ୍ୟାମେରା ୧ ହଜାର ବର୍ଷ ପୂର୍ବେ ତିଆରି ହୋଇଥିଲା। ଏଥିରେ ଏକ ତମ୍ବା ସିଲିଣ୍ଡରରେ ୨୪ କ୍ୟାରେଟ୍ ସୁନାର ଶିଟ୍ ରହିଛି। ଯେଉଁଥିରେ ଏକ ଛୋଟ କଣା ହୋଇଛି। ଏହି କଣାରେ ସୂର୍ଯ୍ୟକିରଣ ଆସିବା ପରେ କ୍ୟାମେରା ତା' କାମ କରିବା ଆରମ୍ଭ କରିବ। ମିଲେନିୟମ କ୍ୟାମେରା ଏକ ଷ୍ଟିଲ୍ ଖମ୍ବରେ ଲଗାଯାଇଥିବାବେଳେ ଏହା ଟୁକ୍ସନ ସହରରେ ଥିବା ମରୁଭୂମି ଆଡ଼କୁ ମୁହଁ କରି ରଖାଯାଇଛି। ଯଦି ଯୋଜନା ମୁତାବକ ଏହା କାମ କରେ, ତେବେ ମିଲେନିୟମ କ୍ୟାମେରା ଫଟୋ ନେବାରେ ସଫଳ ହେବ। କିଟ୍‌ଙ୍କ କହିବା କଥା, ଯଦି ଆସନ୍ତା ୫୦୦ ବର୍ଷରେ ସମସ୍ତ ଘର ହଟିଯିବ, ତେବେ ପାହାଡ଼ ଏବଂ ରାସ୍ତା ସମ୍ପୂର୍ଣ୍ଣ ଭାବେ ଦେଖାଯିବ।

# ନୀରବତା ଭାଙ୍ଗିଲେ ବିଜୟ



ବିଜୟ ଦେବରକୋଣ୍ଡା

**ମୁମ୍ବାଇ**

ଗତ କିଛିଦିନ ହେବ ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ବିବାହ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ବର୍ତ୍ତମାନ ଅଭିନେତା ଏହି ଗୁଜବ ଖବର ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ବିଜୟ କହିଛନ୍ତି, ସେମାନେ ବିବାହ କରିପାରନ୍ତି। ହେଲେ ସେ ଏବେ ବିବାହ କରୁନାହାନ୍ତି, ତାଙ୍କ ବିବାହ ପାଇଁ ସମୟ ଅଛି। ସୂଚନା ମୁତାବକ, କିଛିଦିନ ପୂର୍ବରୁ ବିଜୟ ଏବଂ ରଶ୍ମିକା ମାଳଦ୍ୱୀପରେ ଛୁଟି ଉପଭୋଗ କରୁଥିବା ନଜର ଆସିଥିଲେ। ଏହା ସହ ଉଭୟ ସୋସିଆଲ ମିଡିଆରେ ସେଠିକାର ଅଲଗା ଅଲଗା କିଛି ଫଟୋ ଶେୟାର କରିଥିଲେ। ବିଜୟ ୨୦୧୧ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଖୁବ୍‌ଶୀଘ୍ର ଫିଲ୍ମ 'ଫ୍ୟାମିଲି ଷ୍ଟାର'ରେ ସେ ନଜର ଆସିବାକୁ ଯାଉଛନ୍ତି। ଶେଷ ଥର ପାଇଁ ସେ ଫିଲ୍ମ 'ଖୁସି'ରେ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କ ସହିତ ନଜରକୁ ଆସିଥିଲେ।

# ୨ ଇଞ୍ଚ ଉଚ୍ଚତା ବଢ଼ାଇ ଭୋଗୁଛନ୍ତି ଯନ୍ତ୍ରଣା

**ବୋଗୋଟା**

ବର୍ତ୍ତମାନ ସମୟରେ ଲୋକେ ସୁନ୍ଦର ଦେଖାଯିବା ପାଇଁ ବିଭିନ୍ନ ପ୍ରକାର ସର୍ଜରି କରୁଛନ୍ତି। ସର୍ଜରି ମଧ୍ୟରେ ଉଚ୍ଚତା ବୃଦ୍ଧି ପାଇଁ କରୁଥିବା ସର୍ଜରିର ଚାହିଦା ବଢ଼ିବାରେ ଲାଗିଛି। ଏହା ଯନ୍ତ୍ରଣାଦାୟକ କୁହାଯାଉଥିଲେ ମଧ୍ୟ ସୁନ୍ଦର ଦେଖାଯିବାର ନିଶା ମଣିଷକୁ ଏପରି କରିବାକୁ ବାଧ୍ୟ କରିଥାଏ। ନିକଟରେ ୨୯ବର୍ଷୀୟ ଇନ୍‌ଫ୍ଲୁଏନ୍‌ସର କଲମ୍ବିଆ ବାସିନ୍ଦା ଯେଫରସନ କୋସିଆ ସର୍ଜରି କରି ନିଜର ଉଚ୍ଚତା ୨ ଇଞ୍ଚ ବୃଦ୍ଧି କରାଇଛନ୍ତି। ହେଲେ ସୁନ୍ଦର ଦେଖାଯିବାକୁ କରିଥିବା ଏହି ସର୍ଜରି ଏବେ ତାଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଏଥିପାଇଁ ସେ ଠିକ୍ ଭାବେ ଶୋଇପାରୁ ନାହାନ୍ତି। ଫଳରେ ତାଙ୍କୁ ନିଦ ଔଷଧ ମଧ୍ୟ ଖାଇବାକୁ ପଡୁଛି। କୋସିଆଙ୍କ ଉଚ୍ଚତା ପୂର୍ବରୁ ୫.୮ ଫୁଟ ଥିବାବେଳେ ସେ ସର୍ଜରି କରି ୬ ଫୁଟ ଉଚ୍ଚତା ଧାରଣ କରିଛନ୍ତି। ଏହି ସର୍ଜରି ପାଇଁ ତାଙ୍କୁ ୧.୪୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଏହା ପରେ ସେ ଆସନ୍ତା ୨୫ ତାରିଖରେ ମାଂସପେଶୀକୁ ହାଡ଼ ସହ ଯୋଡୁଥିବା ଟିସୁ ସର୍ଜରି କରିବାକୁ ଯାଉଛନ୍ତି। ଏହା ଦ୍ୱାରା ତାଙ୍କ କଷ୍ଟ କିଛିଟା କମିପାରେ ବୋଲି ଜଣାପଡ଼ିଛି।



# ୨ହଜାର ବର୍ଷର ବୁଲେଟ୍



**ମାଡ୍ରିଡ**

ରୋମାନ ଏମ୍ପେରିୟର ଜୁଲିଅସ୍ ସିସାରେଙ୍କ ନାମ ଲେଖାଥିବା ଏକ ୨ ହଜାର ବର୍ଷ ପୁରୁଣା ସୀସା ବୁଲେଟ୍ ସ୍ପେନରୁ ସନ୍ଧାନ କରାଯାଇଛି। ଯାହା କି ସେ ସମୟର ଗୃହଯୁଦ୍ଧର କାହାଣୀ ବଖାଣୁଛି। ଅନୁସନ୍ଧାନକାରୀଙ୍କ ମୁତାବକ, ଯୁଦ୍ଧ ସମୟରେ କେସରଙ୍କୁ ସମର୍ଥନ କରୁଥିବା ସ୍ପେନ୍‌ର ଆଦିବାସୀମାନେ ଏହି ପ୍ରୋଜେକ୍ଟରକୁ ବ୍ୟବହାର କରୁଥିଲେ। ଜେଫାଇରସ୍ ନାମକ ଏକ ପତ୍ରିକାରେ ପ୍ରକାଶିତ ୨୦୨୩ ଜୁନ୍‌ର ଅନୁଧ୍ୟାନ ଅନୁଯାୟୀ, ଏହି ସୀସା ବୁଲେଟ୍, ଯାହାକୁ ବୈଜ୍ଞାନିକମାନେ 'ଗ୍ଲାନ୍ସ ଇନ୍‌ସ୍କ୍ରିପଟା' ଅର୍ଥାତ୍ 'ଲେଖା ହୋଇଥିବା ବୁଲେଟ' ବୋଲି କହିଥିଲେ। ଏହି ପ୍ରୋଜେକ୍ଟରର ମାପ ୪.୫ରୁ ୨.୫ ସେ.ମି. ଏବଂ ଓଜନ ୭୧ ଗ୍ରାମ। ବୁଲେଟ୍‌ର ଗୋଟିଏ ପାର୍ଶ୍ୱରେ 'ଆଇପିଏସ୍‌ସିଏ' ଏବଂ ଅନ୍ୟ ପାର୍ଶ୍ୱରେ 'ସିଏଇଏସ୍' ଲେଖାହୋଇଛି। ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି, 'ଆଇପିଏସ୍‌ସିଏ' ଦକ୍ଷିଣ ସ୍ପେନର ଏକ ପ୍ରାଚୀନ ସହରକୁ ବୁଝାଏ, ଯାହା ଯୁଦ୍ଧରେ ଜଡ଼ିତ ଥିଲା। 'ସିଏଇଏସ୍' ଏକଚ୍ଛତ୍ରବାଦୀ ଶାସକଙ୍କ ପାଇଁ ଏକ ନୋଡ୍ ବୋଲି ଚିନ୍ତା କରାଯାଏ। ରୋମାନ ଗୃହଯୁଦ୍ଧ ଖ୍ରୀଷ୍ଟପୂର୍ବ ୪୯ରୁ ୪୫ ପର୍ଯ୍ୟନ୍ତ କେସର ଏବଂ ପମ୍ପି ମଧ୍ୟରେ ଚାଲିଥିଲା। ପରେ ଏହି ଯୁଦ୍ଧ ଇଟାଲୀ, ଇଜିପ୍ଟ, ଆଫ୍ରିକା, ସ୍ପେନ୍, ବାଲକାନ୍ ଉପଦ୍ୱୀପକୁ ବିସ୍ତାର କରିଥିଲା। ଖ୍ରୀଷ୍ଟପୂର୍ବ ୪୫ ମାର୍ଚ୍ଚ ୧୭ ମୁଣ୍ଡା ଯୁଦ୍ଧ ପରେ ଏହି ଯୁଦ୍ଧ ସମାପ୍ତ ହୋଇଥିଲା। ଯେଉଁଠାରେ କେସରର ହଜାର ହଜାର ସୈନ୍ୟ ପମ୍ପି ସୈନ୍ୟଙ୍କୁ ହତ୍ୟା କରି ରୋମ୍‌କୁ ବିଜୟୀ ହୋଇ ଫେରିଥିଲେ। ଅନୁସନ୍ଧାନକାରୀମାନେ କହିଛନ୍ତି, ଏହି ଗୁଳି ମୋଣ୍ଟିଲା ସହର ନିକଟରେ ମିଳିଥିଲା, ଯେଉଁଠାରେ ମୁଣ୍ଡା ଯୁଦ୍ଧ ହୋଇଥିବାର ଅନୁମାନ କରାଯାଉଛି।

# Classified Everyday 0674-2580101, 2549949



MATRIMONIAL

## GROOM WANTED

62 ବୟସ୍କା Retd. ହୋଇଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077871702. D-2326

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316



REAL ESTATE

## SALE

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

4Bhk Duplex Rera approved at Hansapal. 3/2BHK flats near RTO Patia. 8847887273. D-2318

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75703

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

**2BHK Readymade new flat sale at Prime location near Ravi Talkies Chhak. Railway Station and Airport are just 10 minutes away. Bank Finance available. Only Buyer please call for details: 9438220432/ 8144658008.** D-2313

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

## ACCOMMODATION

Required Building for Office: Independent duplex building is required on rent for Office for a TRUST at Kalinganagar, Ghatikia. Interested landlord may contact to Mob: 9937786833 for price and term of agreement. D-75702

Free Accommodation for senior citizens and mentally ill persons with all facilities. Contact: 9337160036, 7325991853. D-2279

Free Accommodation for Drug Addict persons with all facilities. Contact: 9439928693, 9692303517. D-2280



FOR RENT

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295



Healthcare

Newly health benefited SPA expert therapist at Mastercanteen. Contact: 7749034655. D-75185

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

**Newly open SPA positively health benefits with expert therapist. 9938843929.** D-75190

Newly open SPA positively health benefits (Expert therapist). Contact: 9124527170. D-75191

## AFFIDAVIT

I, Balakrishna Mohapatra, S/o- Late Biswanath Mohapatra, resident of Temple road, P.O.- Sakhigopal, P.S.- Satyabadi, Dist.- Puri-752014, Odisha declare by this affidavit No.-43, dt.16.01.2024 that now onwards I shall be known as BALAKRUSHNA MOHAPATRA for all future purposes. D-67671

I Shri Dhruba Charan Malik, S/o. Late Arjun Mallick, Resident of Pegarpada, P.O.-Pegarpara, P.S.-Rajkanika, Dist.- Kendrapara, Odisha-754227 declare by this affidavit No.-68AA636270 date-16 Jan. 2024, that from now onwards I shall be known as Dhruba Charan Mallick for all future purposes. D-2325

I Shri Kedar Nath Malik, S/o. Dhruba Charan Mallick, resident of plot No.-335, Jharpada, near Divine Public School, Bhubaneswar, Dist.- Khurda, Odisha-751006 declare by this affidavit No-68AA911223 date-02 Jan. 2024, that from now onwards I shall be known as Kedar Nath Mallick for all future purposes. D-2323

I, Thota Devi, W/o Dugana Duryadhan, At/ P.O- Jayantipur, Dist.- Ganjam, PIN-761004 declare by this affidavit No.- 249 dtd 19.01.2024 that now onwards I shall be known as DUGANA DEVI for all future purposes. D-2320

I, SUNITA KUMARI SAMANTARAY, W/o. Sabyasachi Mahapatra, resident of plot No.61/394, Kalinga Ashok Bihar, Dhauli, Bhubaneswar, Dist.- Khorda, Odisha PIN-751002, declare by this affidavit No.1748 dated 19.01.2024 that now onwards I shall be known as SUNITA MAHAPATRA for all future purposes. D-2319

I Shaikh Nasiruddin, S/o Sek Islauddin, At-Rajpur, P.O.-Jaleswar, P.S.- Balasore, Odisha, PIN-756032, declare by this affidavit No-117/20.1.24. Dated 20.1.2024 onwards I shall be known as Sek Nasiruddin for all purpose. D-2329

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଦଶର୍ମିଷ୍ଠା ମହାନ୍ତି**

ଆବିର୍ଭାବ: ୨୫।୦୫।୧୯୬୩
ତିରୋଧାନ: ୦୨।୦୧।୨୦୨୩

ଆଜିର ଏହି ପୁଣ୍ୟ ତିଥିରେ ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।

ଧ-୨୨୫୯

### ୨୦ତମ ଶ୍ରାଦ୍ଧବାର୍ଷିକୀ



**ଦରଶ୍ମିରେଖା ମଲ୍ଲିକ**

ସ୍ୱା- ଶ୍ୟାମସୁନ୍ଦର ମଲ୍ଲିକ,
ସା- ଶ୍ରରଡିହା, ପୋ- ନନ୍ଦିପୁର, ଜିଲ୍ଲା- ଯାଜପୁର

ଆବିର୍ଭାବ-୦୩।୦୮।୧୯୪୪
ତିରୋଧାନ- ୦୪।୦୧।୨୦୦୪

ବୋଉ, ଆଜିକୁ ୧୧ବର୍ଷ ହେଲା ଆମକୁ ଛାଡ଼ିଗଲୁଣି। ତୋର ଅଭୁଲା ସ୍ମୃତି ଆମ ମନରେ ଏବେ ବି ସାଇତି ହୋଇରହିଛି, ସବୁଦିନ ରହିଥିବ। ତୋର ଆତ୍ମା ଶାନ୍ତି ପାଉ, ଭଗବାନଙ୍କ ନିକଟରେ ଏତିକି କାମନା ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୨୩୧୭

# ବିଜେଡି ଓ ଭାଜପାର ଯୋଜନା ଟକ୍କର, କଂଗ୍ରେସର ଶୁଭେଚ୍ଛା



ରାଉରକେଲା ମେନ୍‌ରୋଡ୍ ନୂଆକୋର୍ଟ ନିକଟରେ ଶାସକ ଦଳ ପକ୍ଷରୁ ଲାଗିଥିବା ହୋର୍ଡିଂ।

## ରାଉରକେଲାରେ ପୋଷ୍ଟର ରାଜନୀତି

**ରାଉରକେଲା,୨୦।୧(ଦିନେଶ ମିଶ୍ର)**

ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ସଜବାଜ ଆରମ୍ଭ କରିଦେଲେଣି। ଶାସକ ବିଜେଡି ରାଜ୍ୟ ସରକାର ଓ ବିରୋଧୀ ଭାଜପା କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ସହର ସାରା ପୋଷ୍ଟର ମାରିଥିବା ବେଳେ କଂଗ୍ରେସ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଚାଲିଛି।

ସହରର ବିଭିନ୍ନ ପ୍ରମୁଖ ଛକରେ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ବର୍ଷ ଶାସନ କାଳ ଭିତରେ କରିଥିବା ବିଜୁ ଆବାସ, ମୁକ୍ତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ନିରାମୟ, ମିଶନ ଶକ୍ତି ଭଳି ବହୁ ଯୋଜନାର ପୋଷ୍ଟର ଲଗାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛି। ଏଭଳି ଦୃଶ୍ୟ ସହରର ପ୍ରବେଶ ପଥ ବେଦବ୍ୟାସ ଛକଠାରୁ ଆରମ୍ଭକରି ରାଉରକେଲା ମେନ୍‌ରୋଡ, ଉଦିତନଗର ଆମ୍ବେଡକର ଛକ, ବାସନ୍ତୀ କଲୋନି ଛକ, ରେଲୱେ ଷ୍ଟେଶନ ଛକ ଭଳି ରାସ୍ତାକଡ଼ରେ ଲଗାଯାଇ ଦଳୀୟ ପ୍ରଚାର ପ୍ରସାର କରାଯାଉଥିବା ଦେଖିବାକୁ ମିଳିଛି। ରାଉରକେଲା ବିଧାୟକ ତଥା ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଆସନ୍ତା ନିର୍ବାଚନରେ ଦଳୀୟ ଟିକେଟ ଆଶାୟୀ ଥିବାରୁ ନୂଆବର୍ଷ ଆରମ୍ଭରୁ କେଉଁଠି ରାସ୍ତାଠାରୁ ଶୌଚାଳୟ ତ ଅନ୍ୟ କେଉଁଠି ଡ୍ରେନେଜ୍ ବ୍ୟବସ୍ଥାର ଶିଳାନ୍ୟାସ କରୁଛନ୍ତି। ସହରୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜନଗହଳି ଷ୍ଟେଶନ ଛକ, ସରକାରୀ ଡାକ୍ତରଖାନା, ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ କଲେଜ ସମ୍ମୁଖରେ ନିଜର ବଡ଼ ବଡ଼ ପୋଷ୍ଟର ମଧ ମାରିଛନ୍ତି। ଆଲୋଚନା ହେଉଛି ସାରଦା ଯେଭଳି ଭାବେ ନିଜକୁ ପ୍ରୋଜେକ୍ଟ କରୁଛନ୍ତି ତାହା ଦ୍ୱାରା ଅନ୍ୟ ଆଶାୟୀ ଆଗକୁ ଆସୁ ନ ଥିବା ପରିଲକ୍ଷିତ ହେଉଛି।

ବିଜେଡିର ପୋଷ୍ଟରମରାକୁ ଦେଖି ଭାଜପା ମଧ ପଛରେ ନାହିଁ। ସହରରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନାର ପୋଷ୍ଟର ଲଗାଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା, ରାଶନ କାର୍ଡ, ବେଟୀ ବଚାଓ ବେଟୀ ପଢ଼ାଓ ଭଳି ଯୋଜନାର ପୋଷ୍ଟର ସହରର ପ୍ରମୁଖ ଛକଗୁଡ଼ିକରେ ଲଗାଇ ଭାଜପା ଦଳୀୟ ପ୍ରଚାର କରୁଛି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପାର ଆଶାୟୀ ପ୍ରାର୍ଥୀ ନିହାର ରାୟ, ଧୀରେନ ସେନାପତି, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ସହରରେ ହେଉଥିବା ଛୋଟବଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକସମ୍ପର୍କ ବଢ଼ାଉଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷେ କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀମାନେ ଦଳୀୟ ପୋଷ୍ଟରରେ କେବଳ ନୂତନ ବର୍ଷ ଓ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। କଂଗ୍ରେସରେ ରବି ରାୟ ଓ ବୀରେନ୍ ସେନାପତି ଆଶାୟୀ ଦୌଡ଼ରେ ରହି ନିଜ ଢଙ୍ଗରେ ପ୍ରଚାର କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ରାଉରକେଲାରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଭାଜପା ପ୍ରାର୍ଥୀ ନିହାର ରାୟଙ୍କୁ ୧୦ ହଜାର ଭୋଟ ବ୍ୟବଧାନରେ ପରାସ୍ତକରି ବିଜୟୀ ହୋଇଥିଲେ। ତେବେ ୨୦୨୪ ନିର୍ବାଚନ ପୂର୍ବରୁ ପୋଷ୍ଟର ରାଜନୀତିରୁ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ସରଗରମ ହୋଇ ଆଗକୁ କିଭଳି ଗତି କରୁଛି ଦେଖିବାର ଅଛି।



ଉଦିତ୍‌ନଗର ମେନ୍‌ରୋଡ୍‌ରେ ଭାଜପା ହୋର୍ଡିଂ।



ରିଂରୋଡ୍‌ରେ କଂଗ୍ରେସ ହୋର୍ଡିଂ।

## ଜିଲା ପରିଷଦ ସଦସ୍ୟ ଜଗନ୍ନାଥଙ୍କ ବିଜେଡିରୁ ଇସ୍ତଫା

**ବାରିପଦା, ୨୦।୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନମଣ୍ଡଳୀ ଅଧୀନ ୨୪ନଂ. ଜିଲାପରିଷଦ ଜୋନ୍‌ର ସଦସ୍ୟ ଜଗନ୍ନାଥ ମଲିକ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଦଳର ମୁଖ୍ୟ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିବା ବେଳେ ତା'ର ଏକକିତା ନକଲ ବିଜେଡି ଜିଲା ସଭାପତି ଓ ବ୍ଲକ ସଭାପତିଙ୍କୁ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ବ୍ଲକ ବିଜେଡି ସଭାପତି ତପନ ପତିଙ୍କ କହିବା ଅନୁଯାୟୀ, ଦଳ ଯେଉଁ ଆସ୍ଥା ରଖି ତାଙ୍କୁ ପ୍ରାର୍ଥୀ କରିଥିଲା, ସେଥିରେ ସେ ବିଶ୍ୱାସଘାତ କରିଛନ୍ତି। ଜିଲା ପରିଷଦ ଭାବେ ଏହା କେବଳ ତାଙ୍କର ବିଜୟ ନ ଥିଲା, ତାହା ବିଜୁ ଜନତା ଦଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଜୟ ଥିଲା ବୋଲି ତପନ କହିଛନ୍ତି। ତେବେ ଏନେଇ ଜଗନ୍ନାଥଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସୀମା ପ୍ରସଙ୍ଗରେ ଭାଜପା ଉପରେ ବର୍ଷିଲା କଂଗ୍ରେସ

### ଅରୁଣାଚଳରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

**ଇଟାନଗର,୨୦।୧(ପି.ଟି.)**

କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଶନିବାର ଅରୁଣାଚଳ ପ୍ରଦେଶରେ ପ୍ରବେଶ କରିଛି। ଏହି ଅବସରରେ ଚାଇନା ସହ ସୀମା ପ୍ରସଙ୍ଗକୁ ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଉପରେ କଂଗ୍ରେସ ବର୍ଷିଛି। ଭାରତରେ କେହି ପ୍ରବେଶ କରିନାହାନ୍ତି କିମ୍ବା ଭାରତୀୟ ଘାଟିକୁ କେହି ଅକ୍ତିଆର କରି ନାହାନ୍ତିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବିବୃତିରୁ ଭାରତର ଦୁର୍ବଳତା ପ୍ରକାଶ ପାଇଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଦେଶର ୨୦ ଶହୀଦ ଯବାନଙ୍କ ପ୍ରତି କେବଳ ଅପମାନ ନୁହେଁ, ବରଂ ଲଦାଖ ଏବଂ ଅରୁଣାଚଳପ୍ରଦେଶରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଉଥିବା ଚାଇନାକୁ କ୍ଲିନ୍‌ଚିଟ୍ ବୋଲି ଜୟରାମ କହିଛନ୍ତି। ଚାଇନାରୁ ଶସ୍ତା ସାମଗ୍ରୀ ଆମଦାନୀ ଯୋଗୁ ୯୦ ପ୍ରତିଶତ ନିଯୁକ୍ତି ଯୋଗାଉଥିବା ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ବନ୍ଦ ହୋଇଯାଇଛି। ଫଳରେ ପ୍ରତି ଅଧଘଣ୍ଟାରେ ଜଣେ ବେରୋଜଗାରୀ ଆତ୍ମହତ୍ୟା କରୁଥିବା କଂଗ୍ରେସ ଅଭିଯୋଗ କରିଛି।

ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ମୁମ୍ବାଇ ଭାରତ ଯୋଡ଼ୋ ନ୍ୟାୟଯାତ୍ରା ଶନିବାର ଅପରାହ୍ନରେ ଆସାମରୁ ଅରୁଣାଚଳପ୍ରଦେଶରେ ପ୍ରବେଶ କରିଥିଲା। ଆସାମରେ ନ୍ୟାୟ ଯାତ୍ରା ଉପରେ ଆକ୍ରମଣକୁ କଂଗ୍ରେସ ନିନ୍ଦା କରିଛି। ଭାଜପାର ଗୁଣ୍ଡାମାନେ ଏହି ଆକ୍ରମଣ କରିଥିବା ଦଳ ଅଭିଯୋଗ କରିଛି।



ଅରୁଣାଚଳ ପ୍ରଦେଶରେ ଶନିବାର ରାହୁଲ ଗାନ୍ଧୀଙ୍କୁ ସ୍ୱାଗତ କରାଯାଉଛି।

## ଭର୍ତ୍ତୃହରିଙ୍କ ଗତିବିଧିକୁ ନେଇ ଚର୍ଚ୍ଚା

**କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)**

ସାଧାରଣ ନିର୍ବାଚନ ପୂର୍ବରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ରାଜନୈତିକ ଗତିବିଧିକୁ ନେଇ ଚର୍ଚ୍ଚା ଚାଲିଛି। ବିଜେଡିର ଏହି ବରିଷ୍ଠ ନେତା ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବାର ଫଟୋ ଭାଇରାଲ ହେବା ପରଠାରୁ ସେ ଭାଜପା ଆଡ଼କୁ ଢଳୁଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। କେନ୍ଦ୍ରମନ୍ତ୍ରୀଙ୍କୁ ସେ ସାକ୍ଷାତ୍ କରିବାର ଦୁଇଦିନ ପୂର୍ବରୁ ବିଜେଡିର ଦଳୀୟ କାର୍ଯ୍ୟକ୍ରମ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ସେହିପରି ତାହାର କିଛିଦିନ ପୂର୍ବରୁ ତ୍ରିଶୁଳିଆଠାରେ ମୁଖ୍ୟମନ୍ତ୍ରୀ ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। କଟକରେ ଥାଇ ମଧ ଦୁଇଟି କାର୍ଯ୍ୟକ୍ରମରେ ଭର୍ତ୍ତୃହରିଙ୍କୁ ଦେଖିବାକୁ ନ ମିଳିବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଏସବୁକୁ ଦେଖିଲେ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତି ଭର୍ତ୍ତୃହରିଙ୍କ ହାବଭାବକୁ ନେଇ ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ, ସେ ଆଗାମୀ ନିର୍ବାଚନରେ ଭିନ୍ନ ରଣନୀତି ଆପଣାଇ ହୁଏତ ଭାଜପାରେ ଯୋଗଦେଇପାରନ୍ତି। ହେଲେ ଭର୍ତ୍ତୃହରି ଏଭଳି ଆଲୋଚନାକୁ ଗୁଜବ ସ୍ତରରେ ରଖିବାକୁ ପସନ୍ଦ କରିଛନ୍ତି।

ଭର୍ତ୍ତୃହରି ୧୯୯୮ ମସିହାରୁ ଅଦ୍ୟାବଧି କଟକ ଲୋକ ସଭା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ସଂସଦରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ସେ ଆଉଟ୍‌ଷ୍ଟାଣ୍ଡିଂ ପାର୍ଲାମେଣ୍ଟାରିଆନ୍ ଆୱାର୍ଡ ମଧ ପାଇଛନ୍ତି। ତେବେ ପରିବର୍ତ୍ତିତ ରାଜନୈତିକ ବାତାବରଣକୁ ଦେଖିଲେ ସେ ଅତୀତରେ ଦଳୀୟ ବ୍ୟାପାର ସଂକ୍ରାନ୍ତୀୟ କେତେକ ମତ ଦେଇ ଚର୍ଚ୍ଚାରେ ରହିଥିଲେ। ତେଣୁ ରାଜନୈତିକ ସମୀକ୍ଷକମାନେ ତାଙ୍କ ରାଜନୈତିକ କ୍ୟାରିୟରରେ କିଛିଟା ପରିବର୍ତ୍ତନ ଦେଖାଦେଇପାରେ ବୋଲି ଭବିଷ୍ୟବାଣୀ କରୁଛନ୍ତି। କଟକରେ ଥାଇ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଏହି ଆଶଙ୍କାକୁ ବଢ଼ାଇ ଦେଇଛି। ଏଥିସହିତ ଭର୍ତ୍ତୃହରିଙ୍କ ପାଇଁ କଟକ ରାଜନୀତି ଚଳଚଞ୍ଚଳ ହେଉଥିବା କୁହାଯାଉଛି। ଗୋଟିଏ ପଟେ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଓ ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ସାକ୍ଷାତ୍‌କୁ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଗତ ୭ ତାରିଖରେ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଭେଟିଥିଲେ ମଧ ସେହି ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। କେତେକେ କହିଲେଣି ଯଦି ସେ ଭାଜପାକୁ ଢଳୁଛନ୍ତି ତା' ହେଲେ ସାଧାରଣରେ ସ୍ପଷ୍ଟ କରିଦେବା ଦରକାର। ଆଉ ଗୋଟିଏ ଘଟଣା ଉପରେ ନଜର ପକାଯାଇପାରେ। ଗତ ରବିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ହେଲେ ସେଠାରେ ଭର୍ତ୍ତୃହରି ଉପସ୍ଥିତ ନ ଥିଲେ। ଏପରିକି ୩୧ ଡିସେମ୍ବର ୨୦୨୩ରେ କଟକ ରେଳ ଷ୍ଟେଶନଠାରେ ଅମୃତ ଭାରତ ଏକ୍ସପ୍ରେସ୍‌ର କାର୍ଯ୍ୟକ୍ରମରେ ମଧ ସ୍ଥାନୀୟ ଏମ୍‌ପି ଭାବେ ସେ ଉପସ୍ଥିତ ରହି ନ ଥିଲେ। ତେବେ ପୂର୍ବରୁ ସଂସଦରେ ଭର୍ତ୍ତୃହରି ବହୁବାର କଟକ ରେଳ ଷ୍ଟେଶନର ବିକାଶ ପ୍ରସଙ୍ଗ ଉଠାଇଥିବାବେଳେ ରେଳମନ୍ତ୍ରୀଙ୍କ ଗସ୍ତ ବେଳେ ତାଙ୍କୁ ଦେଖିବାକୁ ନ ମିଳିବାର ରହସ୍ୟ ସାଧାରଣରେ ବୁଝିବା କଷ୍ଟକର ବୋଲି କୁହାଯାଇପାରେ।


ଭର୍ତ୍ତୃହରି ମହତାବ

ଭର୍ତ୍ତୃହରି ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହିବା ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ନେଇ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ବିଜେଡି ପ୍ରତିଷ୍ଠା ଦିବସରେ ଏମ୍‌ପି ଉପସ୍ଥିତ ରହିଥିଲେ। ଦଳୀୟ କାର୍ଯ୍ୟକ୍ରମରେ ବ୍ୟକ୍ତିଗତ କାରଣ ଯୋଗୁ ସେ ରହିପାରି ନ ଥିଲେ। ହେଲେ ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏମ୍‌ପିଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ କ'ଣ ପାଇଁ ସେ ଉପସ୍ଥିତ ନ ଥିଲେ ତାହା ସ୍ପଷ୍ଟ ଜଣାନାହିଁ ବୋଲି ଦେବାଶିଷ କହିଛନ୍ତି। ସେହିପରି ମେୟର ସୁବାସ ସିଂଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଛନ୍ତି, ଭର୍ତ୍ତୃହରି ନେତାଜୀ ବସ୍ ଟର୍ମିନାଲ ଉଦ୍‌ଘାଟନ ଓ ବିଜେଡି ପ୍ରତିଷ୍ଠା ଦିବସରେ ଉପସ୍ଥିତ ରହିଥିଲେ। ସେଭଳି କୌଣସି କାରଣ ନାହିଁ ଯେଉଁଥିପାଇଁ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନାହାନ୍ତି। ଯେଉଁ ଦୁଇଟି କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିନାହାନ୍ତି ସେଥିରେ ତାଙ୍କର ବ୍ୟକ୍ତିଗତ ସମସ୍ୟା କିଛି ଥାଇପାରେ ବୋଲି ସିଂ କହିଛନ୍ତି। ଅନ୍ୟପଟେ ଭର୍ତ୍ତୃହରିଙ୍କୁ ଉକ୍ତ ପ୍ରସଙ୍ଗରେ ପଚାଯିବାରୁ ସେ କହିଛନ୍ତି, ଶଙ୍ଖଭବନଠାରେ ନିକଟରେ ହୋଇଥିବା ଦୁଇଟି ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହାସହ ବିଜେଡି ପ୍ରତିଷ୍ଠା ଦିବସରେ ମଧ ସେ ଯୋଗଦେଇଥିଲେ। ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ସେତେବେଳେ ସେ ସେଠାକୁ ଯାଇପାରି ନ ଥିଲେ ବୋଲି କହିଛନ୍ତି। ହେଲେ ବାଲିଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅବଗତ ନ ଥିଲେ। କେବଳ ଶୁଣିବାକୁ ପାଇଥିଲେ ଯେ, ସେଠାରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷଙ୍କ କାର୍ଯ୍ୟକ୍ରମ ରହିଥିଲା। ତେବେ ସେହି ସମୟରେ ସେ କଟକରେ ଉପସ୍ଥିତ ନ ଥିଲେ ବୋଲି ଭର୍ତ୍ତୃହରି କହିଛନ୍ତି।

### ଅନ୍ୟାନ୍ୟ ଖବର

## ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

### ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଆହତ

**ମାଲକାନଗିରି,୨୦।୧**
**(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୩ ମାଓବାଦୀ ନିହତ ହୋଇଥିବା ବେଳେ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲା ଅନ୍ତର୍ଗତ ବେଲମଗୁଣ୍ଡା ପାହାଡରେ ୨୦ରୁ ୨୫ ସଶସ୍ତ୍ର ମାଓବାଦୀ ଥିବା ଖବର ପାଇବା ପରେ ଡିଆର୍‌ଜି ଓ କୋବ୍ରା ୨୧୦ ବାଟାଲିୟନ ଯବାନମାନେ ମିଳିତ ଭାବେ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ଏହି ସମୟରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିବା ବେଳେ ଯବାନମାନେ ଗୁଳି ଚାଳାଇଥିଲେ। ଯବାନଙ୍କ ଗୁଳିରେ ମାଓବାଦୀମାନେ ଜଙ୍ଗଲରେ ଛତ୍ରଭଙ୍ଗ ଦେଇ ପଳାଇଯାଇଥିଲେ। ଏହା ପରେ ଯବାନମାନେ ଅଞ୍ଚଳରେ ତଲାସି କରିବା ବେଳେ ୨ ମହିଳା ଓ ଜଣେ ପୁରୁଷ ମାଓବାଦୀଙ୍କ ମୃତଦେହ ଓ ବହୁପରିମାଣର ମାଓବାଦୀ ସାମଗ୍ରୀକୁ ଯବାନମାନେ ଜବତ କରିଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ବିଜାପୁର ଜିଲା ଗୁଣ୍ଡେମର ତୋୟାନାଳ ଅଞ୍ଚଳରେ ଏସ୍‌ଟିଏଫ୍ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଓବାଦୀମାନେ ସେହି ଅଞ୍ଚଳରେ ଖଞ୍ଜିଥିବା ଗୋଟିଏ ଆଇଇଡି ବୋମା ଉପରେ ଏସ୍‌ଟିଏଫ୍ ଯବାନ ପ୍ରମୋଦ ଶର୍ମାଙ୍କ ପାଦ ପଡ଼ିଯିବାରୁ ତାହା ବିସ୍ଫୋରଣ ଘଟିବାରୁ ପ୍ରମୋଦ ଗୁରୁତର ହୋଇ ପଡ଼ିଥିଲେ। ତେବେ ତୁରନ୍ତ ଅନ୍ୟ ସାଥୀ ଯବାନମାନେ ତାଙ୍କୁ ବିଜାପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାୟପୁର ଚିକିତ୍ସାଳୟରେ ଭର୍ତ୍ତି କରାଇଥିବା ଜଣାପଡ଼ିଛି।

## ଜେଲ ଗଲେ ପ୍ରଧାନ ଶିକ୍ଷକ

### ୨ ଛାତ୍ରୀଙ୍କୁ ବିଦ୍ୟାଳୟରେ ବଳାତ୍କାର ଘଟଣା

**ରାଜନଗର,୨୦।୧(ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଧୀନ ଘଡିଆମାଳସ୍ଥିତ ଏକ ଘରୋଇ ସ୍କୁଲର ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟର ମାଲିକ ପ୍ରଦୀପ କୁମାର ପ୍ରଧାନ ଶ୍ରେଣୀଗୃହରେ ୨ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ । ଏ ସଂକ୍ରାନ୍ତରେ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ଏହି ଲଜ୍ଜିତ ଘଟଣା ସାମ୍‌ନାକୁ ଆସିଥିଲା । ଏ ନେଇ ରାଜନଗର ଥାନାରେ ଦଫା ୩୭୬ (୨) (ଏଫ), ୩୫୪ (ଏ), ୫୦୬ ଆଇପିସି ଓ ସେକ୍ସନ ୪ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୩୧/୨୦୨୪) ରୁଜୁହେବା ସହିତ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ପୋଲିସ ଗିରଫ କରି ଶନିବାର ରାଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା । ଜାମିନ ଆବେଦନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏଥିସହିତ ଥାନାରେ ୨ ପୀଡ଼ିତାଙ୍କ ୧୬୧ରେ ବୟାନ ରେକର୍ଡ କରାଯାଇଛି । ଏହି ଘଟଣାକୁ ଦେଖିଥିବା ୨ ନାବାଳିକା ଛାତ୍ରୀ ମଧ୍ୟ ସାକ୍ଷୀ ଦେଇଛନ୍ତି। ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କ ଡାକ୍ତରୀ ମାଇନା କରାଯାଇଛି ।

ସୂଚନାଯୋଗ୍ୟ, ବଳାତ୍କାର ଶିକାର ହୋଇଥିବା ୨ ନାବାଳିକା ଛାତ୍ରୀଙ୍କ ବାପା ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଧାନ ଅନେକ ଥର ଆମ ପିଲାମାନଙ୍କ ସହିତ ଖରାପ କାର୍ଯ୍ୟ କରି ଆସୁଥିଲେ । ହେଲେ ପିଲାମାନେ ଭୟରେ କାହାରିକୁ କିଛି ନ କହି ଶିକ୍ଷକଙ୍କ ଅତ୍ୟାଚାରକୁ ସହି ଆସୁଥିଲେ। ଗତ ୧୬ ତାରିଖରେ ୬ଷ୍ଠ ଶ୍ରେଣୀର ଜଣେ ଛାତ୍ରୀ ଓ ୭ମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଅନ୍ୟ ଶ୍ରେଣୀଗୃହରେ ନେଇ ବସାଇଥିଲେ। ସେହି ଶ୍ରେଣୀଗୃହରେ ପ୍ରଧାନ ଶିକ୍ଷକ ପ୍ରଧାନ ପହଞ୍ଚି ଆମ ଝିଅଙ୍କ ସମ୍ବେଦନଶୀଳ ସ୍ଥାନରେ ହାତ ମାରିବା ସହ ଡ୍ରେସ୍ ଖୋଲି ଖରାପ କାମ କରିଥିବା ଏତଲାରେ ଦର୍ଶାଇଛନ୍ତି। ଆମ ଝିଅ ଏହାକୁ ବିରୋଧ କଲେ ଅଭିଯୁକ୍ତ ବିଭିନ୍ନ ଧମକ ଚମକ ଦିଅନ୍ତି। ୧୬ ତାରିଖ ଦିନ ଆମ ଦୁଇ ଝିଅଙ୍କ ସହ ପ୍ରଧାନ ଶିକ୍ଷକ କରିଥିବା ଏହି ଲଜ୍ଜାଜନକ ଓ ଅମାନୁଷିକ ଘଟଣାକୁ ବିଦ୍ୟାଳୟର ଅନ୍ୟ ୨ ଛାତ୍ରୀ ନିଜ ଆଖିରେ ଦେଖିଛନ୍ତି ବୋଲି ସେ ଦର୍ଶାଇଛନ୍ତି। ୧୬ ତାରିଖ ଅପରାହ୍ନରେ ଘରକୁ ଫେରି ବଳାତ୍କାରର ଶିକାର ହୋଇଥିବା ୨ ଛାତ୍ରୀ ଘରେ ନ ଖାଇ କାନ୍ଦିଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ୧୭ ତାରିଖ ଦିନ ଗାଁର ଅନ୍ୟ ଅଭିଭାବକଙ୍କ ସହିତ ଅଭିଯୋଗ କରିବାକୁ ଥାନାକୁ ଆସିଥିଲେ। ଥାନାରେ ପହଞ୍ଚିବା ପୂର୍ବରୁ ସେହି ପଞ୍ଚାୟତର କେତେଜଣ ରାଜନେତା ସବୁ ଅଭିଭାବକ ମିଶି ଏତଲା ଦେବାକୁ କହି ସେମାନଙ୍କୁ ଫେରାଇ ନେବାରେ ସକ୍ଷମ ହୋଇଥିଲେ। ପୀଡ଼ିତା ଛାତ୍ରୀଙ୍କ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧିଙ୍କ ନେତୃତ୍ୱରେ କେତେଜଣ ଅଭିଭାବକ ବୈଠକରେ ସାମିଲ ହୋଇଥିଲେ। ବୈଠକରେ ପ୍ରଧାନ ଶିକ୍ଷକ ଭୁଲ୍ ସ୍ୱୀକାର କରିଥିଲେ। ଏହାପରେ ନାବାଳିକା ପରିବାର ୨ ପୀଡ଼ିତା ଓ ସେମାନଙ୍କ ଅଭିଭାବକ ରାଜନଗର ଥାନାରେ ପହଞ୍ଚି ଏ ନେଇ ଲିଖିତ ଅଭିଯୋଗ କରିଥିଲେ।


ଗିରଫ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ।

## ନିଶାସକ୍ତ ସ୍ୱାମୀଙ୍କ ଛୁରା ମାଡ଼ରେ ସ୍ତ୍ରୀ ମୃତ

**ମାଲକାନଗିରି,୨୦।୧**
**(ଦୁର୍ଯ୍ୟୋଧନ ପାତ୍ର)**

ମଦ ନିଶାରେ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ନିଶାସକ୍ତ ସ୍ୱାମୀ। ଏଭଳି ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ମାଡକାପଦର ପଞ୍ଚାୟତ ଅନ୍ତର୍ଗତ ସିନ୍ଧିଗୁଡା ଗ୍ରାମରେ ଘଟିଛି। ସ୍ତ୍ରୀ ଦନେଇ ମାଝି (୫୭)ଙ୍କୁ ସ୍ୱାମୀ ମଙ୍ଗିଲି ମାଝି ଛୁରି ଭୁଷି ହତ୍ୟା କରିଛନ୍ତି। ମୁଦୁଲିପଡା ଥାନା ବଡ ଲଡୁରାଲ ପଞ୍ଚାୟତ ସାନଡୁରାଲ ଗ୍ରାମର ମୃତ ଦନେଇଙ୍କ ସମ୍ପର୍କୀୟ ମଙ୍ଗଳା ମୁଦୁଲି ମାଥିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୫/୨୪ ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାରୀ ସ୍ୱାମୀ ମଙ୍ଗିଲି ମାଝିଙ୍କୁ ଶନିବାର ଗିରଫ କରିଛନ୍ତି।

ପ୍ରକାଶ ଯେ, ବୁଧବାର ଗାଁରେ ପରବ ଚାଲିଥିବା ବେଳେ ଭୋଜି ଖାଇ ସ୍ୱାମୀ ମଙ୍ଗିଲି ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। କୌଣସି କାରଣରୁ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ମଙ୍ଗିଲି ରାଗିଯାଇ ଘରେ ଥିବା ଛୁରିରେ ସ୍ତ୍ରୀ ଦନେଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଦନେଇଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଜାଣିବା ପରେ ଦନେଇଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପରେ ମାଥିଲି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ଗ୍ରାମବାସୀ ଅଟକ ରଖିଥିବା ହତ୍ୟାକାରୀ ସ୍ୱାମୀ ମଙ୍ଗିଲିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ।


ମଙ୍ଗିଲି ମାଝି

# ହାରିବା ନୁହେଁ ସମାଧାନ

**ଗୋଟିଏ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ମାନସିକତାର ଲୋକ କାମ କରନ୍ତି। କେବେକେବେ ଏମିତି କୌଣସି ସହକର୍ମୀ କିମ୍ବା ବସ୍‌ଙ୍କ ସହିତ କାମ କରିବାକୁ ପଡ଼ିଥାଏ, ଯେଉଁମାନେ ସ୍ୱଭାବରେ ଟକ୍ସିକ୍ ବା ଏଭଳି ମାରାତ୍ମକ, ଯାହାଙ୍କ ସହ କାର୍ଯ୍ୟ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ଏମିତିରେ କେହି କେହି ଜବ୍ ପରିବର୍ତ୍ତନ କରିଦେଉଥିବା ବେଳେ ଆଉ କେହି ହତାଶ ହୋଇ ଜବ୍ ଛାଡ଼ି ମଧ ଦେଇଥା'ନ୍ତି। ହେଲେ ଯେଉଁମାନେ ଦୃଢ଼ ମନୋବଳ ରଖି ଏହି ପରିସ୍ଥିତି ସହ ଖାପଖୁଆଇ ଆଗେଇ ଚାଲନ୍ତି, ସେମାନେ ହିଁ ଭବିଷ୍ୟତରେ କ୍ୟାରିୟରରେ ସଫଳତାର ସ୍ୱାଦ ଚାଖିପାରନ୍ତି...**



ଜଣେ କର୍ମଜୀବୀଙ୍କୁ ଘର ବ୍ୟତୀତ ନିଜ କର୍ମକ୍ଷେତ୍ରରେ ସବୁଠୁ ଅଧିକ ସମୟ ବିତେଇବାକୁ ପଡ଼ିଥାଏ। ତେଣୁ ଅଫିସର ପରିବେଶ ସହ ସହକର୍ମୀ ଏବଂ ବସ୍‌ଙ୍କ ଆଚରଣ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ପ୍ରଭାବ ପକାଇଥାଏ। କେବେକେବେ ଅଫିସ୍‌ରେ ଏଭଳି କୌଣସି ବ୍ୟକ୍ତିଙ୍କ ସହ କାମ କରିବାକୁ ହୁଏ, ଯାହାକି କଷ୍ଟକର ହୋଇପଡ଼େ। ଆମେରିକାର ଏକ ମ୍ୟାନେଜ୍‌ମେଣ୍ଟ କନ୍‌ସଲ୍‌ଟିଂ ଫାର୍ମ – ଦି କୁପର ଷ୍ଟ୍ରାଟେଜିକ୍ ଗ୍ରୁପ୍‌ର ଫାଉଣ୍ଡର ଏମି କୁପର୍ ହକିମ୍‌ଙ୍କ ଏକ ପୁସ୍ତକ ରହିଛି ୱର୍କିଂ ୱିଥ୍ ଡିଫିକଲ୍ଟ ପିପୁଲ୍। ଯେଉଁଥିରେ ସେ ଲେଖିଛନ୍ତି, ବସ୍ ଅବା ସହକର୍ମୀଙ୍କର ଯଦି ଆଟିଟ୍ୟୁଡ୍ ନେଗେଟିଭ୍ ଅବା ଟକ୍ସିକ୍ ହୁଏ, ତେବେ ହତାଶ ନ ହୋଇ, ବିରକ୍ତ ହୋଇ ନିଜର ଆଚରଣ ଖରାପ କରିବା କିମ୍ବା ଜବ୍ ଛାଡ଼ିଦେବା ବଦଳରେ ତାଙ୍କ ସହ ବିଭିନ୍ନ ଉପାୟରେ ଆଡ୍‌ଜଷ୍ଟ କରିବା ଆବଶ୍ୟକ। ବିଶେଷକରି ଟିମ୍ ୱର୍କ କରୁଥିଲେ, ଯଦି ଆପଣ ଉକ୍ତ ଟିମ୍‌ର ଲିଡର ଥାଆନ୍ତି, ତେବେ ଏଭଳି ପରିସ୍ଥିତିରେ ନିଜ ପ୍ରଫେଶନାଲ୍ କ୍ୟାରିୟରକୁ ନେଇ ସଜାଗ ରହିବା ଦରକାର।

**କିପରି କରିବେ ସମାଧାନ:**

**ପ୍ରମାଣିତ କରନ୍ତୁ ନିଜ ଦକ୍ଷତା:** ଯେକୌଣସି କାର୍ଯ୍ୟ ପାଇଁ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ ଆହରଣ କରନ୍ତୁ, ବାରମ୍ବାର ଅଭ୍ୟାସ ଜାରି ରଖନ୍ତୁ। ଅଫିସ୍ ପଲିଟିକ୍ସରୁ ଦୂରେଇ ରୁହନ୍ତୁ। କାହା କଥାରେ ମନକୁ ପ୍ରଭାବିତ ହେବାକୁ ଦିଅନ୍ତୁ ନାହିଁ। ଥରେ ବିଫଳ ହେଲେ ଆଉ ଆଗକୁ ବଢ଼ିପାରିବି କି ନାହିଁ କିମ୍ବା ଏହା ମୋ ପାଇଁ କଠିନ ବ୍ୟାପାର ଆଦି ଭଳି ନକାରାତ୍ମକ ଚିନ୍ତା କରି ଚୁପ୍ ମଧ ରହିଯାଆନ୍ତୁ ନାହିଁ। ବାରମ୍ବାର ଚେଷ୍ଟା କରନ୍ତୁ ଏବଂ ପ୍ରତିଥର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କ ଦକ୍ଷତା ବୃଦ୍ଧି ହେବା ସହ ଆପଣ ନିଜର ବେଷ୍ଟ ଦେଇପାରିବେ।

**ଦିଅନ୍ତୁନି ପଛଘୁଞ୍ଚା:** ଗୋପବନ୍ଧୁଙ୍କ ଭାଷାରେ, ପଛଘୁଞ୍ଚା ନାହିଁ ବୀରର ଜାତକେ। ଯଦି କୌଣସି ଲକ୍ଷ୍ୟ ହାସଲ ନେଇ ମନରେ ସଂକଳ୍ପ କରିଛନ୍ତି, ତେବେ ତାକୁ ହାସଲ କରିବାକୁ ଚେଷ୍ଟା କଲେ ସଫଳ ନିଶ୍ଚୟ ହେବେ। କେବେକେବେ ମନ ମୁତାବକ ଜବ୍ ମିଳି ନ ଥାଏ, ତେଣୁ ଯେଉଁ ଜବ୍ ମିଳିଛି, ତାକୁ ଭଲ ଭାବେ କରିବାକୁ ଚେଷ୍ଟା କରନ୍ତୁ। କାର୍ଯ୍ୟକ୍ଷେତ୍ରରେ କାହାର ନକାରାତ୍ମକ କଥାକୁ ଗୁରୁତ୍ୱ ନ ଦେଇ ଅବା ଅସଫଳ ହେବା ଭୟରେ ପଛଘୁଞ୍ଚା ଦେଇ ରହିଯିବା ବଦଳରେ ବାରମ୍ବାର ପ୍ରୟାସ କରନ୍ତୁ। ନିଜ ମନୋବଳ ଦୃଢ଼ କରି ଉଦ୍ୟମ ଜାରି ରଖିଲେ ଲକ୍ଷ୍ୟପଥରେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବେ, ଏଥିରେ ସନ୍ଦେହ ନାହିଁ।







**ଆତ୍ମବିଶ୍ୱାସ ବଢାନ୍ତୁ:** ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ। ଯାହାକି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ।

**କ୍ରନିକ ୱର୍କପ୍ଲେସ୍ ଷ୍ଟ୍ରେସ୍:** କେବେକେବେ କାର୍ଯ୍ୟକ୍ଷେତ୍ରରେ ମାନସିକ ଚାପ ବଢ଼ିଯାଏ, ଯାହାକୁ କ୍ରନିକ ୱର୍କପ୍ଲେସ୍ ଷ୍ଟ୍ରେସ୍ କୁହାଯାଏ। ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍ ପକ୍ଷରୁ ହୋଇଥିବା ଏକ ଗବେଷଣା ମୁତାବକ ଏଭଳି ସମସ୍ୟାର ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ପ୍ରଭାବ କରାଇଥାଏ। ଜାଣିବା ସେ ସମ୍ପର୍କରେ...

– କାମର ଚାପ କିମ୍ବା ବସ୍‌ଙ୍କ ଭୟ ମନ ଭିତରେ ଏଭଳି ବସା କରିଯାଇଥାଏ ଯେ, ମସ୍ତିଷ୍କ ସବୁବେଳେ ଆଲର୍ଟ ମୋଡ଼ରେ ରହିଥାଏ। ଫଳରେ ଅନ୍ୟ କାର୍ଯ୍ୟରେ ମନ ନ ଲାଗିବା, ଦିନରେ ଥକା ଲାଗିବା ଭଳି ସମସ୍ୟା ଦେଖାଦେଇଥାଏ।

– ସବୁବେଳେ ଷ୍ଟ୍ରେସ୍‌ରେ ରହିବା ଦ୍ୱାରା ହାର୍ଟ ଉପରେ ଚାପ ପଡ଼ିଥାଏ। ଫଳରେ ରକ୍ତ ସଞ୍ଚାଳନ ପ୍ରଭାବିତ ହେବା ସହ କେବେକେବେ ହୃଦ୍‌ଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

– କ୍ରନିକ ୱର୍କପ୍ଲେସ୍ ଷ୍ଟ୍ରେସ୍‌ର ପ୍ରଭାବରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇଥାଏ। ଫଳରେ ଅନେକ ରୋଗ ହେବାର ଆଶଙ୍କା ବଢ଼ିଥାଏ।

– ଷ୍ଟ୍ରେସ୍ ଯୋଗୁଁ ରାତିରେ ଭଲ ଭାବେ ନିଦ ନ ହେବା ବା ଇନ୍‌ସୋମ୍ନିଆ ସମସ୍ୟା ଦେଖାଯାଏ। ଏଥିପାଇଁ ମାନସିକ ସ୍ତରରେ ପ୍ରଭାବ ପଡ଼ିବା ଯୋଗୁ କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ।

– ଏଥିପାଇଁ ଗଟ୍ ହେଲ୍‌ଥ ବା ପାଚନତନ୍ତ୍ର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ଷ୍ଟ୍ରେସ୍ କାରଣରୁ ଖାଇବାରେ ଅବହେଳା ହେବା ଦ୍ୱାରା ବଦହଜମି, ଗ୍ୟାସ୍, ଏସିଡିଟି ସମସ୍ୟା ଉପୁଜିଥାଏ।

– ଏହି ଷ୍ଟ୍ରେସ୍ ପାଇଁ ଓଜନ ବଢ଼ିବା, ଡାଇବେଟିସ୍, କୋଲେଷ୍ଟରଲ୍ ବଢ଼ିବା ଭଳି ଲକ୍ଷଣ ବି ଦେଖାଦିଏ।

– ଏହାଦ୍ୱାରା ସବୁବେଳେ ଷ୍ଟ୍ରେସ୍ ହର୍ମୋନ୍ କର୍ଟିସଲ୍ ସ୍ତର ଅଧିକ ରହିଥାଏ, ଯାହାକି ଶରୀର ପାଇଁ କ୍ଷତିକାରକ।



## ଏ ସପ୍ତାହର ପ୍ରଶ୍ନ

୧– ପ୍ରବାସୀ ଭାରତୀୟ ଦିବସ.......... ତାରିଖରେ ପାଳନ କରାଯାଏ ?
୨– ଆସାନୁର୍ ପାଇପ୍‌ଲାଇନ୍ ଟର୍ମିନାଲ୍ .......... ରାଜ୍ୟରେ ଅବସ୍ଥିତ ?
୩– ସାବିତ୍ରୀବାଈ ଫୁଲେ ଆମ ଦେଶର ପ୍ରଥମ ମହିଳା ବିଦ୍ୟାଳୟ ......... ମସିହାରେ ପ୍ରତିଷ୍ଠା କରିଥିଲେ ?
୪– ଅରିକ୍ଟୋଲାଗସ୍ କ୍ୟୁନିକୁଲସ୍ ..............ର ବୈଜ୍ଞାନିକ ନାମ ?
୫– ସାଉଥ୍ କୋରିଆର ଜାତୀୟ ପଶୁ ........... ?

## ଗତ ସପ୍ତାହର ଉତ୍ତର

୧ ନାସିକ୍, ମହାରାଷ୍ଟ୍ର
୨ ଶ୍ରୀଲଙ୍କା
୩ ଗାର୍ବିଏଲ୍ ଅତଲ୍
୪ ଚେତନ ଭଗତ
୫ ନିନା ସିଂ

## ଉତ୍ତରଦାତା


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ

୧ ... ଭାରତ
୨ ... ଆମେରିକା
୩ ... ପାକିସ୍ତାନ
୪ ... ଚାଇନା
୫ ... ବ୍ରାଜିଲ
୬ ... ଜର୍ମାନୀ
୭ ... ରୁଷିଆ
୮ ... ଫ୍ରାନ୍ସ
୯ ... ତୁର୍କୀ
୧୦ ... ନ୍ୟୁଜିଲାଣ୍ଡ



## ଜାଣନ୍ତୁ ଦୁନିଆ

# ସିଟି ଅଫ୍ ବ୍ରିଜେସ୍

**ଆମେରିକାର ଫ୍ଲୋରିଡ଼ାରେ ରହିଛି ପିଟର୍ସବର୍ଗ ସହର। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରକାର ଷ୍ଟିଲ୍ ଇଣ୍ଡଷ୍ଟ୍ରି ରହିଥିବାରୁ ଏହାକୁ 'ଦି ଷ୍ଟିଲ୍ ସିଟି' ବୋଲି ମଧ କୁହାଯାଏ। ତେବେ 'ସିଟି ଅଫ୍ ବ୍ରିଜେସ୍' ଭାବେ ମଧ ଏହା ପ୍ରସିଦ୍ଧ। କାରଣ ଏହି ସହରରେ ରହିଛି ୪୪୬ଟି ବ୍ରିଜ୍। ଆସନ୍ତୁ, ଏହି ସହର ସମ୍ପର୍କରେ ଜାଣିବା କିଛି ରୋଚକ ତଥ୍ୟ...**



- ଯଦିଓ ଷ୍ଟିଲ୍ ସିଟି ଭାବେ ଏହା ବେଶ୍ ଜଣାଶୁଣା, ହେଲେ ଷ୍ଟିଲ୍ ବ୍ୟତୀତ ଏଠାରେ ବହୁ ସଂଖ୍ୟାରେ ପେଟ୍ରୋଲିୟମ୍, ଆଲୁମିନିୟମ୍, ଗୋଲ୍ଡ, କମ୍ପ୍ୟୁଟିଂ, ଇଲେକ୍‌ଟ୍ରୋନିକ୍ସ ଗାଜେଟ୍ ଇଣ୍ଡଷ୍ଟ୍ରି ମଧ ରହିଛି।
- ୧୯୫୦ ମସିହାରେ ପ୍ରଥମ ଥର ପାଇଁ ପୋଲିଓ ଭାକ୍ସିନ୍ ପିଟର୍ସବର୍ଗରୁ ହିଁ ଆରମ୍ଭ ହୋଇଥିଲା। ଡା. ଜୋନାସ୍ ସକ୍ ଥିଲେ ଏହାର ଆବିଷ୍କାରକ।
- ଏଠାରେ ରହିଛି ବିଶ୍ୱର ଦ୍ୱିତୀୟ ଉଚ୍ଚତମ ୟୁନିଭରସିଟି 'ଦି କାଥେଡ୍ରାଲ ଅଫ୍ ଲର୍ନିଂ'।
- ଏଠାରେ ଅନେକ ବାର୍ ଶପ୍ ବା ମଦ ଦୋକାନ ରହିଛି। ପ୍ରାୟ ୧୦ ହଜାର ଲୋକରେ ୧୨ଟି ଦୋକାନ ରହିଛି।
- ବାଇସାଇକେଲ୍ ହେଭେନ୍ ନାମରେ ପରିଚିତ ପୃଥିବୀର ସବୁଠୁ ବଡ଼ ବାଇକ୍ ମ୍ୟୁଜିୟମ୍ ଏହି ସହରରେ ରହିଛି।
- ୧୮୯୫ ମସିହାରେ ପୃଥିବୀର ପ୍ରଥମ ମଡର୍ନ ଆର୍ଟ ମ୍ୟୁଜିୟମ୍ ଭାବେ କାର୍‌ନେଗି ମ୍ୟୁଜିୟମ୍ ଅଫ୍ ଆର୍ଟ ଏହି ସହରରେ ଆରମ୍ଭ ହୋଇଥିଲା।
- ପିଲାଙ୍କ ବେଶ୍ ପସନ୍ଦର ଇନ୍‌ଡୋର ଗେମ୍ 'ବିଙ୍ଗୋ' ପ୍ରଥମ ଥର ପାଇଁ ୧୯୨୦ ମସିହାରେ ଏଠାରେ ଆରମ୍ଭ ହୋଇଥିଲା।

## ୟୁଥ୍ ଆଲର୍ଟ

**ଶୋଇବା ବେଳେ ଘୁଙ୍ଗୁଡ଼ି ମାରିବା ଅଭ୍ୟାସ ଅନେକଙ୍କର ରହିଛି। ଏହାଦ୍ୱାରା ନା କେବଳ ପରିବାର ସଦସ୍ୟ ଡିଷ୍ଟର୍ବ ହୋଇଥା'ନ୍ତି ବରଂ ଏଥିପାଇଁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବି ଉପୁଜିଥାଏ। ଯଦି ଆପଣଙ୍କର ଏପରି ଅଭ୍ୟାସ ରହିଛି, ତେବେ ଜାଣିରଖନ୍ତୁ ଘୁଙ୍ଗୁଡ଼ି କମ୍ କରିବାର ଉପାୟ...**

# ଘୁଙ୍ଗୁଡ଼ି ମାରୁଥିଲେ...



- ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଘୁଙ୍ଗୁଡ଼ି ହେବା ଏକ ସାଧାରଣ କଥା ନୁହେଁ। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ ଏହାର ଉପଚାର କରିବା ଆବଶ୍ୟକ। ଭଲ ଭାବେ ନିଦ ହୋଇଯିବା ପରେ ମୁହଁ, ଜିଭ ଏବଂ ବେକର ମାଂସପେଶୀ ନିସ୍ତେଜ ହୋଇପଡେ ଏବଂ ଝୁଲିପଡ଼େ। ଯଦ୍ଦ୍ୱାରା ଶ୍ୱାସ ମାର୍ଗ ଅବରୁଦ୍ଧ ହୋଇପଡ଼େ ଏବଂ ଜୋର ଜୋର ଶବ୍ଦ ଶୁଭିଥାଏ। ଏପରି ନ ହେବା ଲାଗି ଶୋଇବା ବେଳେ ଚିତ୍ ନ ହୋଇ କଡ଼ ମାଡ଼ି ଶୁଅନ୍ତୁ।
- ଅଧିକ ଘୁଙ୍ଗୁଡ଼ି ମାରୁଥିଲେ ସ୍ଲିପ୍ ଅପ୍‌ନିଆ ଭଳି ଭୟଙ୍କର ସମସ୍ୟାର ସଂକେତ ହୋଇପାରେ। ଯେଉଁଥିରେ ରାତିରେ ଶୋଇବାବେଳେ ବାରମ୍ବାର ନିଃଶ୍ୱାସ ଅଟକିବା ବା ଶ୍ୱାସରୁଦ୍ଧ ହେବା ଭଳି ସମସ୍ୟା ଦେଖାଦିଏ। ଫଳରେ ଘୁଙ୍ଗୁଡ଼ିର ଶବ୍ଦ ଆହୁରି ଜୋର ହେବା ସହ ଧଇଁସଇଁ ହେବା, ପର୍ଯ୍ୟାପ୍ତ ଅକ୍ସିଜେନ୍ ଶରୀରକୁ ନ ଯାଇପାରିବାରୁ ଦିନରେ ଥକା ଲାଗିବା, ଚିଡ଼ିଚିଡ଼ା ଲାଗିବା ଭଳି ଲକ୍ଷଣ ଦେଖାଦେଇଥାଏ। ଆମେରିକାନ୍ ଏକାଡେମୀ ଅଫ୍ ସ୍ଲିପ୍ ମେଡିସିନ୍‌ର ତଥ୍ୟ ଅନୁଯାୟୀ, ହାଇ ବ୍ଲଡ୍‌ପ୍ରେସର୍, ହାର୍ଟରୋଗ, ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏପରି ଅଧିକ ହୋଇଥାଏ। ଫଳରେ ଥକାପଣ ଏବଂ ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ।
- ଫ୍ଲୋରିଡ଼ାର କର୍ଣ୍ଣ, ନାସା, ଗଳା ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପିଠି ମାଡ଼ି ବା ଚିତ୍ ହୋଇ ଶୋଇବା ଦ୍ୱାରା ବେକର ମାଂସପେଶୀ ପଛକୁ ଝୁଲିପଡ଼େ ଏବଂ ଶ୍ୱାସନଳୀରେ ଚାପ ପଡ଼ିବାରୁ ଅଧିକ ଶବ୍ଦ ବାହାରିଥାଏ। ତେଣୁ ଏଭଳି ଶୋଇବା ଅଭ୍ୟାସ ଛାଡ଼ନ୍ତୁ। କଡ଼ ମାଡି ୩୦° କୋଣ କରି ଶୋଇଲେ ଭଲ।
- ଶୋଇବା ପୂର୍ବରୁ ଆଲ୍‌କହଲ୍ ଆଦୌ ପିଅନ୍ତୁ ନାହିଁ, ନଚେତ୍ ଘୁଙ୍ଗୁଡ଼ି ଅଧିକ ହେବା ସହ ଅନ୍ୟ ସମସ୍ୟା ବି ବଢ଼ିବାର ଆଶଙ୍କା ରହିଛି।
- ଶୋଇବା ପୂର୍ବରୁ ଉଷୁମ ପାଣିରେ ଗାଧୋଇବା ଏବଂ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଶ୍ୱାସନଳୀ କ୍ଲିଅର୍ ହୋଇଥାଏ ଏବଂ ଘୁଙ୍ଗୁଡ଼ି ସମସ୍ୟା କମିଥାଏ।





**ଅଷ୍ଟ୍ରେଲିଆନ୍ ଓପନ୍**

# ଟପ୍ ସିଡ୍ ଇଗା ସ୍ୱିଟେକ୍‌ଙ୍କ ବିଦାୟ

## ଚତୁର୍ଥ ରାଉଣ୍ଡରେ ଅଲକାରାଜ, ମେଡଭେଡେଭ୍

**ମେଲବୋର୍ନ,୨୦।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନରେ ଶନିବାର ଏକ ବଡ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ଏକ ନମ୍ବର ତଥା ମହିଳା ବର୍ଗରେ ଟପ୍ ସିଡ୍ ମାନ୍ୟତା ପାଇଥିବା ପୋଲାଣ୍ଡର ଇଗା ସ୍ୱିଟେକ୍ ତୃତୀୟ ରାଉଣ୍ଡରୁ ବିଦାୟ ନେଉଛନ୍ତି। ବିଶ୍ୱ ମାନ୍ୟତାର ୫୦ ନମ୍ବର ସ୍ଥାନରେ ଥିବା ଲିଣ୍ଡା ନୋସ୍କୋଭା ୩-୬, ୬-୩ ଓ ୬-୪ ସେଟ୍‌ରେ ସ୍ୱିଟେକଙ୍କୁ ପରାସ୍ତ କରିଛନ୍ତି। ନୋସ୍କୋଭା ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ରରେ ସାମିଲ ହୋଇଥିବା ବେଳେ ଟପ୍ ସିଡ୍ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଶନିବାର ପ୍ରଥମ ରାଉଣ୍ଡରେ ସ୍ୱିଟେକ୍ ବିଜୟ ହାସଲ କରିଥିଲେ। ତେବେ ପରବର୍ତ୍ତୀ ୨ ରାଉଣ୍ଡ ଜିତି ନୋସ୍କୋଭା ବାଜି ମାରି ନେଇଥିଲେ। ଅନ୍ତିମ ସେଟ୍‌ରେ ଆରମ୍ଭରୁ ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପରବର୍ତ୍ତୀ ୪ ବ୍ରେକ୍ ପଏଣ୍ଟ ହାସଲ କରିଥିଲେ ନୋସ୍କୋଭା। ମହିଳା ଖେଳାଳିଙ୍କ ମଧ୍ୟରେ ୟୁକ୍ରେନର ଦାୟନା ୟାସ୍ତ୍ରାମେସ୍କା ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି। ଅଣସିଡେଡ ଦାୟନା ୨୭ ନମ୍ବର ସିଡ୍ ଏମା ନାଭାରୋଙ୍କୁ ୬-୨, ୨-୬ ଓ ୬-୧ରେ ପରାସ୍ତ କରିଥିଲେ। ଆନ୍ନା କଲିନସ୍କାୟା ୭-୬(୧୦), ୧-୬ ଓ ୪-୬ ସେଟ୍‌ରେ ସ୍ଲୋନ୍ ଷ୍ଟିଫେନ୍ସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ଓସିଏନ୍ ଡୋଡିନ୍ ୬-୨, ୬-୪ରେ କ୍ଲାରା ବୁରେଲ୍‌ଙ୍କୁ ହରାଇଛନ୍ତି। କ୍ୱିନୱେନ୍ ଝାଙ୍ଗ ୬-୪, ୨-୬ ଓ ୭-୬(୧୦) ସେଟ୍‌ରେ ୱାଙ୍ଗ ୟାଫାନଙ୍କୁ,ଭିକ୍ଟୋରିଆ ଆଜାରେଙ୍କା ୬-୧ ଓ ୭-୫ ସେଟରେ ଜେଲେନା ଓଷ୍ଟାପେଙ୍କୋଙ୍କୁ. ଏଲିନା ସ୍ୱିତୋଲିନା୬-୨, ୬-୩ ସେଟ୍‌ରେ ଭିକ୍ଟୋରିଜା ଗୋଲୁବିକଙ୍କୁ ପରାସ୍ତ କରିଥିଲେ। ପୁରୁଷ ବର୍ଗରେ ସିଡେଡ୍ ଖେଳାଳିଙ୍କ ମଧ୍ୟରେ କାର୍ଲୋସ୍ ଅଲକାରାଜ, ଡାନିଲ୍ ମେଡଭେଡେଭ ଓ ଆଲେକଜାଣ୍ଡାର ଜେଭରେଭ୍ ସହଜ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ତଥା ସ୍ପେନ୍‌ର ୧୮ ବର୍ଷୀୟ ଅଲକାରାଜ ୬-୧, ୬-୧ ଓ ୧-୦ରେ ଆଗୁଆ ରହିଥିବା ବେଳେ ପ୍ରତିପକ୍ଷ ଖେଳାଳି ଶାଙ୍ଗ ଜୁନଚେଙ୍ଗ ଓହରି ଯାଇଥିଲେ। ଶନିବାର ମିଓମିର ୬-୪, ୩-୬, ୨-୬, ୭-୬(୭) ଓ ୬-୦ରେ ୧୪ ନମ୍ବର ମାନ୍ୟତାପ୍ରାପ୍ତ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ଟମି ୨-୧ସେଟରେ ଆଗୁଆ ଥିବା ବେଳେ ଚତୁର୍ଥ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ ମିଓମିର। ଅନ୍ତିମ ସେଟ୍‌କୁ ୬-୦ରେ ଜିତି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ ମିଓମିର। ସେହିପରି ୩ ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ ମେଡଭେଡେଭ ୬-୩, ୬-୪ ଓ ୬-୩ ସେଟରେ ଫେଲିକ୍ସ ଆଗର ଆଲିଆସିମଙ୍କୁ ହରାଇ ଦେଇଥିଲେ। ୯ ନମ୍ବର ଖେଳାଳି ହୁବର୍ଟ ହୁରକାଜ ୨୧ ନମ୍ବର ଖେଳାଳି ଉଗୋ ହମ୍ବର୍ଟଙ୍କୁ ୩-୬, ୬-୧, ୭-୬(୪), ୬-୩ ସେଟ୍‌ରେ ହରାଇ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ୬ ନମ୍ବର ସିଡ୍ ଆଲେକଜାଣ୍ଡର ଜେଭରେଭ୍ ୬-୨, ୭-୬(୭) ଓ ୬-୨ ସେଟରେ ଆଲେକ୍ସ ମିଚେଲସେନଙ୍କୁ ପରାସ୍ତ କରିଛନ୍ତି। ନୁନୋ ବର୍ଗସ ୭-୬(୭), ୪-୬, ୨-୬ ଓ ୭-୬(୮)ରେ ଗ୍ରିଗୋର ଦିମିତ୍ରୋଭ୍‌ଙ୍କୁ ପରାସ୍ତ କରିଛନ୍ତି । କାମେରନ୍ ନୋରି ୬-୪, ୬-୭(୯), ୬-୪ ଓ ୬-୩ରେ କାସ୍ପର ରୁଡ୍‌ଙ୍କୁ ଓ ଆର୍ଥର କାଜକ୍ସ ୬-୩, ୬-୩ ଓ ୬-୧ ସେଟ୍‌ରେ ଟାଲନ୍ ଗ୍ରିକସ୍ପୁରଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ଲିଣ୍ଡା ନୋସ୍କୋଭା



ଆଲେକଜାଣ୍ଡାର ଜେଭରେଭ

### ବାଲାଜୀ-କୋର୍ନିଆ ପରାସ୍ତ, ବୋପାନ୍ନା-ବାବୋସ ଓହରିଲେ

**ମେଲବୋର୍ନ, ୨୦।୧ (ପି.ଟି.):** ଭାରତର ଏନ୍ ଶ୍ରୀରାମ ବାଲଜୀ ଓ ତାଙ୍କ ରୋମାନିଆନ ପାର୍ଟନର ଭିକ୍ଟର ଭିଲାଡ କୋର୍ନିଆ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ଡବଲ୍ସରେ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଇଣ୍ଡୋ-ରୋମାନିଆ ଯୋଡ଼ି ୧୦ମ ସିଡ୍ ଏଲ୍ ସାଲ୍‌ଭେଡର ଓ କ୍ରୋଏସିଆର ମେଟ୍ ପ୍ୟାଭିକ୍‌ଙ୍କଠାରୁ ୩-୬, ୩-୬ ରେ ହାରିଯାଇଛନ୍ତି। ଯୁକି ଭାମ୍ବ୍ରି ଓ ତାଙ୍କ ଡଚ୍ ପାର୍ଟନର ରବିନ୍ ହାସ୍ ପୂର୍ବରୁ ବିଦାୟ ନେଇସାରିଛନ୍ତି। ଭାରତୀୟ ଯୋଡ଼ି ବିଜୟ ସୁନ୍ଦର ପ୍ରଶାନ୍ତ ଏବଂ ଅନିରୁଦ୍ଧ ଚନ୍ଦ୍ରଶେଖର ଯୋଡ଼ି ମଧ୍ୟ ପରାଜିତ ହୋଇ ସାରିଛନ୍ତି। ଅନ୍ୟପକ୍ଷରେ ରୋହନ ବୋପାନ୍ନା ଏବଂ ତାଙ୍କ ପାର୍ଟନର ଟିମିଆ ବାବସ ମିକ୍ସଡ ଡବଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇସାରିଛନ୍ତି। ମିକ୍ସଡ ଡବଲ୍ସରେ କୌଣସି ଭାରତୀୟ ନ ଥିବା ବେଳେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ପୂର୍ବରୁ ପୁରୁଷ ସିଙ୍ଗଲ୍ସରୁ ସୁମିତ ନାଗାଲ ବିଦାୟ ନେଇଥିଲେ।

## କଳିଙ୍ଗରେ କିଶୋରଙ୍କ ଅଭ୍ୟାସ ଆରମ୍ଭ



**ଭୁବନେଶ୍ୱର,୨୦।୧(ସରୋଜ ଜେନା)**

ଓଡ଼ିଶାର ଜାଭେଲିନ୍ ଥ୍ରୋଇଙ୍ଗ ସେନସେସନ୍ ତଥା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା କିଶୋର ଜେନା ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି। କୋଚ୍ ସମରଜିତ ସିଂ ମଲିଙ୍କ ତତ୍ତ୍ୱାବଧାନରେ କିଶୋର ଶନିବାର ଅଭ୍ୟାସ ଆରମ୍ଭ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ ବୋଲି କହିଛନ୍ତି ସମରଜିତ ସିଂ ମଲି। ଏହା ସହିତ ବର୍ତ୍ତମାନ କଳିଙ୍ଗ ସୁପର କପ୍ ଜାରି ରହିଥିବାରୁ ଏଠିକାର ମାହୋଲ କିଶୋରଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉତ୍ସାହିତ କରୁଛି ବୋଲି ସେ କହିଛନ୍ତି। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଞ୍ଚମ ସ୍ଥାନ ଓ ଏସିଆଡ୍‌ରେ ରୌପ୍ୟ ପଦକ ସହ କିଶୋର ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଏହା ଅଲିମ୍ପିକ୍ସରେ ଭାରତର ପଦକ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି ସେ କହିଛନ୍ତି। କିଶୋର ଭାରତର ଅନ୍ୟତମ ପଦକ ସମ୍ଭାବନା ରହିଥିବା ବେଳେ ଏଥି ନିମନ୍ତେ ପ୍ରସ୍ତୁତି ଜୋରଦାର ରହିଛି ବୋଲି ମଲି କହିଛନ୍ତି। ନିୟମିତ ଭାବରେ ପ୍ରଦର୍ଶନରେ ଉନ୍ନତି ଆଣିବା ଆମର ଏକମାତ୍ର ଲକ୍ଷ୍ୟ ରହିଛି। ୭୬ ମିଟରରୁ ଉନ୍ନତି ଆଣି ୮୭.୫ ମିଟରରେ ପହଞ୍ଚିବା କିଶୋରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଥିଲେ। ଏହା ସହିତ ନିୟମିତ ସହାୟତା କାରଣରୁ ଓଡ଼ିଶା ସରକାର, ସାଇ ଓ ରିଲାଏନ୍ସକୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ କିଶୋରଙ୍କ କୋଚ୍।






## ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜ ଆରମ୍ଭ

**ଭୁବନେଶ୍ୱର, ୨୦।୧ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ୍ ସେଣ୍ଟରରେ ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜ-୨୦୨୩ ଶନିବାରଠାରୁ ଆରମ୍ଭ ହୋଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏବଂ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୮ବର୍ଷରୁ କମ୍ ଏବଂ ୧୫ ବର୍ଷରୁ କମ୍ ବୟସ ବର୍ଗ ଇଭେଟରେ ଓଡ଼ିଶା, ବିହାର, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ରୁ ସନ୍ତରଣ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ ଦ୍ୱାରା ପରିଚାଳିତ ଏହି ଦୁଇ ଦିନିଆ ଇଭେଣ୍ଟରେ ମୋଟ ୬୦ ସନ୍ତରଣକାରୀ ଏବଂ ୩୦ ଟେକ୍ନିକାଲ ଅଫିସର ସାମିଲ ହୋଇଛନ୍ତି। ଆସୋସିଏଶନର ସଭାପତି ପ୍ରଦୀପ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ହକି ପ୍ରମୋଶନ କାଉନ୍‌ସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ। ଇନ୍‌ସ୍ପାୟର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ, ଓଡ଼ିଶା ନିର୍ଦ୍ଦେଶକ ଡଗ୍‌ଲାସ ଇଗାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ୧୦ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଭଦ୍ରା ଶତପଥୀ (୧୮ ବର୍ଷରୁ କମ୍) ୨୦୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଥିଲେ। ବିହାରରର କାତ୍ୟାୟିନୀ ସିଂ (୧୫ ବର୍ଷରୁ କମ୍) ୨୦୦ମିଟର ଫ୍ରିଷ୍ଟାଇଲରେ ପ୍ରଥମ ହୋଇଥିଲେ। ସେହିପରି ଛତିଶଗଡ଼ର ଭୂମି ଗୁପ୍ତା (୧୮ ବର୍ଷରୁ କମ୍) ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରଥମ ପୁରସ୍କାର ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବର୍ଗ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଝାଡ଼ଖଣ୍ଡର ରିଦ୍ଧିମା ପଲ୍ଲଭୀ ତିୱାରୀ ପ୍ରଥମ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ୧୦୦ମିଟର ବଟରଫ୍ଲାଏ ଇଭେଣ୍ଟରେ ଓଡ଼ିଶାର ଦିବ୍ୟାଙ୍କ ଦିବ୍ୟଜ୍ୟୋତି ପ୍ରଧାନ ପ୍ରଥମ ପୁରସ୍କାର ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବିଭାଗରେ ଓଡ଼ିଶାର ଅର୍ପିତା ସାମଲ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୨୦୦ମିଟର ବ୍ୟକ୍ତିଗତ ୨୦୦ମିଟର ମିଡ୍‌ଲେ ଇଭେଣ୍ଟରେ ଓଡ଼ିଶାର ମନ୍ନତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିବାରେ ସଫଳ ହୋଇଛନ୍ତି।



ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜର ଜଣେ ପ୍ରତିଯୋଗୀ।

## ଦିନିକିଆ କରାଟେ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୦।୧ (ବିଜୟ ରଣା):** ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଜାତୀୟ ସ୍ତରୀୟ କରାଟେ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ଅନ୍ୟତମ ବୈଷୟିକ ସଦସ୍ୟ ହାନ୍‌ସୀ ଭରତ ଶର୍ମାଙ୍କ ଦ୍ୱାରା ପରିଚାଳିତ ଶିବିରରେ ଓଡ଼ିଶା ଓ ରାଜ୍ୟ ବାହାରୁ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ବହୁ କରାଟେ ପ୍ରତିଭା ରହିଛନ୍ତି। ରାଜ୍ୟରେ କରାଟେର ପ୍ରସାର କ୍ଷେତ୍ରରେ ଓଡ଼ିଶା ରାଜ୍ୟ କରାଟେ ସଂଘର ବହୁ ଅବଦାନ ରହିଛି। ସଂଘର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ବିଶେଷ ଭୂମିକା ରହିଥିବା ଶିବିର ଶେଷରେ ଭରତ ଶର୍ମା ପ୍ରକାଶ କରିଛନ୍ତି।

## ସେମିରେ ଜାମସେଦପୁର

**ଭୁବନେଶ୍ୱର,୨୦।୧(ସରୋଜ ଜେନା):** କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ୨୦୨୪ର ସେମି ଫାଇନାଲରେ ପ୍ରବେଶ କରିଛି ଜାମସେଦପୁର୍ ଏଫ୍‌ସି। ଶନିବାର ଅପରାହ୍ନରେ ଖେଳା ଯାଇଥିବା ମ୍ୟାଚ୍‌ରେ ଶିଲଙ୍ଗ ଲାଜଙ୍ଗ ଏଫ୍‌ସିକୁ ୨-୦ରେ ହରାଇବା ସହ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛି ଜାମସେଦପୁର। ସନନ ମହମ୍ମଦ(୪୫ ମିନିଟ) ଓ ହାଓକିପ୍ (୭୩ ମିନିଟ୍)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ ବିରେ ସ୍ଥାନ ପାଇଥିବା ଜାମସେଦପୁର ୩ ମ୍ୟାଚ୍‌ରେ ଅପରାଜିତ ଭାବେ ପ୍ରଥମ ସ୍ଥାନରେ ରହି ସେମି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଗ୍ରୁପ୍ ଏର ପ୍ରଥମ ସ୍ଥାନରେ ଥିବା ଇଷ୍ଟବେଙ୍ଗଲ ସହ ଦଳ ପ୍ରଥମ ସେମି ଫାଇନାଲ ଖେଳିବ।

# ରଣଜୀ ଟ୍ରଫି: ଓଡ଼ିଶା ୭୬ ରନ୍‌ରେ ଆଗୁଆ

**ଭୁବନେଶ୍ୱର, ୨୦।୧ (ସରୋଜ ଜେନା)**

କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦୃଢ ସ୍ଥିତିରେ ରହିଛି ଜମ୍ମୁ-କଶ୍ମୀର। ବୋଲରଙ୍କୁ ସୁହାଉଥିବା ଉଇକେଟରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୭ ଉଇକେଟରେ ୧୨୬ ରନ୍ କରିଛି। ହାତରେ ୩ ଉଇକେଟ ରହିଥିବା ବେଳେ ଦଳ ମାତ୍ର ୭୬ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଦିନରେ ୧୪ଟି ଉଇକେଟର ପତନ ଘଟିଥିବା ବେଳେ ଦ୍ୱିତୀୟ ଦିନରେ ୧୩ ଜଣ ଖେଳାଳି ଆଉଟ ହୋଇଥିଲେ। ପ୍ରଥମ ଦିନର ଅସମାପ୍ତ ସ୍କୋର ୪୫/୪ରୁ ଖେଳ ଆରମ୍ଭ କରି ଜମ୍ମୁ କଶ୍ମୀର ୧୮୦ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୧୨୬ ରନରେ ୭ ଉଇକେଟ ହରାଇଛି।

**ରାଜେଶଙ୍କ ୫ ଉଇକେଟ**

ଜମ୍ମୁ କଶ୍ମୀର ଏହାର ଅସମାପ୍ତ ଇନିଂସ ଆରମ୍ଭ କରିଥିବା ବେଳେ ପୂର୍ବ ଦିନର ସ୍କୋରରେ ୮ ରନ୍ ଯୋଡି ପ୍ରଥମ ଉଇକେଟ ହରାଇଥିଲା। ୮୫ ରନ୍‌ରେ ଦଳ ଷଷ୍ଠ ଉଇକେଟ ହରାଇଥିଲେ ମଧ୍ୟ ଆବିଦ୍ ମୁସ୍ତାକ ୫୦ ଓ ଉମର ନାଜିର ୨୫ ରନ୍ କରି ଦଳକୁ ମହତ୍ତ୍ୱପୂର୍ଣ୍ଣ ୫୦ ରନ୍‌ର ଅଗ୍ରଣୀ ପ୍ରଦାନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ୫ ଉଇକେଟ ନେଇଥିବା ବେଳେ ସୁନୀଲ ରାଉଳ ୩ଟି ଓ ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ଓଡ଼ିଶାର ବିପର୍ଯ୍ୟୟ**

୫୦ ରନ୍‌ରେ ପଛୁଆ ରହି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶାର ଆରମ୍ଭ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ଦଳର ଟପ୍ ଅର୍ଡର ବ୍ୟାଟିଂ ପୁନର୍ବାର ଫେଲ ମାରିଥିଲା। ଓପନର ଶାନ୍ତନୁ ମିଶ୍ର(୭) ଓ ଅନୁରାଗ ଷଡଙ୍ଗୀ(୧୬) ରନ୍ କରଥିବା ବେଳେ ୨୩ ରନ୍‌ରେ ଉଭୟ ପ୍ୟାଭିଲିୟନ୍ ଫେରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି ଖାତା ଖୋଲିପାରି ନ ଥିବା ବେଳେ ଗୋବିନ୍ଦ ପୋଦ୍ଦାର ମାତ୍ର ୮ ରନ୍ କରିଥିଲେ। କାର୍ତ୍ତିକ ବିଶ୍ୱାଳ(୭), ରାଜେଶ ଧୂପର(୧) ଓ ପ୍ରୟାସ ସିଂ(୪) ସହଜରେ ଆଉଟ ହୋଇଥିବା ବେଳେ ଓଡ଼ିଶା ମାତ୍ର ୬୭ ରନ୍‌ରେ ୭ ଉଇକେଟ ହରାଇଥିଲା। ଓଡ଼ିଶା ଏକ ବିପର୍ଯ୍ୟୟ ଆଡକୁ ଅଗ୍ରସର ହେଉଥିବା ବେଳେ ୩ ନମ୍ବର ବ୍ୟାଟର ସନ୍ଦୀପ ପଟ୍ଟନାୟକ(୪୭*) ଓ ସୂର୍ଯ୍ୟକାନ୍ତ ପ୍ରଧାନ(୨୭) ଅଷ୍ଟମ ଉଇକେଟରେ ଅବିଭାଜିତ ୫୯ ରନ୍ ଯୋଡିଥିଲେ। ସନ୍ଦୀପ ୧୦୮ ବଲ୍ ଖେଳି ୬ ଚୌକା ମାରି ବ୍ୟାଟିଂ କରୁଛନ୍ତି। ଅନ୍ୟ ପକ୍ଷରେ ସୂର୍ଯ୍ୟକାନ୍ତ ୨୫ ବଲ୍ ଖେଳି ଗୋଟିଏ ଲେଖାଏ ଛକା ଓ ଚୌକା ମାରିଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ରୋହିତ ଶର୍ମା, ଉମର ନାଜିର ମୀର ଓ ଆକ୍ୱିବ ନବି ଦର ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି।



ଓଡ଼ିଶା ଓ ଜମ୍ମୁ କଶ୍ମୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୦/୧୦ (ଗୋବିନ୍ଦ ପୋଦ୍ଦାର-୫୫, ଶାନ୍ତନୁ ମିଶ୍ର-୨୮, ରୋହିତ ଶର୍ମା-୫/୧୨, ଉମ୍ରାନ ମଲିକ-୨/୩୪, ଉମ୍ରାନ ନାଜିର ମିର-୨/୨୭)।

ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ: ୧୮୦/୧୦ (ଆବିଦ୍ ମୁସ୍ତାକ-୫୦, ଉମର ନାଜିର-୨୫, ଶୁଭମ୍ ପୁନ୍ଦିର-୩୪, ରାଜେଶ ମହାନ୍ତି-୫/୬୪, ସୁନୀଲ ରାଉଳ-୩/୩୨, ସୂର୍ଯ୍ୟକାନ୍ତ ପ୍ରଧାନ-୧/୪୨, ପ୍ରୟାସ ସିଂ-୧/୩୦)।

ଓଡ଼ିଶା ଦ୍ୱିତୀୟ ଇନିଂସ: ୧୨୬/୭(ସନ୍ଦୀପ ପଟ୍ଟନାୟକ-୪୭*, ସୂର୍ଯ୍ୟକାନ୍ତ ପ୍ରଧାନ-୨୭*, ଅନୁରାଗ ଷଡଙ୍ଗୀ-୧୬*, ରୋହିତ ଶର୍ମା-୨/୨୩, ଉମର ନାଜିର ମୀର-୨/୨୭, ଆକ୍ୱିବ ନବି ଦର-୨/୪୪)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ